
# ସମାରୋହ

ଫେବୃୟାରୀ ୨୦୨୬ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


THE NO.1 OUTDOOR MEDIA HOUSE
IN THE STATE OF ODISHA
NO.1
ପଞ୍ଚାଶିଷ Mohapatra
torrent
ADVERTISERS
R. SHED NO. 37, RASULGARH IND.
ESTATE BHUBANESWAR - 751010, ODISHA
torrentadv4@gmail.com
9238321015, 9114152665, 9438840801
Deals In :- Hoarding, Bulletin, Kiosk, Backlit, Ete.

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚ୍ଛଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 35 Issue - 5**
**February - 2026**
**Price- Rs. 25/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*

## ସୂଚୀପତ୍ର

### ପ୍ରବନ୍ଧ

**ବଟଂବ୍ରହ୍ମ ପରମେଶ୍ୱରଙ୍କ ପଦ୍ମ ବେଶ**
ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ............ ୭
**ଲକ୍ଷ୍ମୀ ଭଗିନୀ ଅଲକ୍ଷ୍ମୀ** ଗିରିଜା ମଞ୍ଜରୀ ପାଢ଼ୀ.................୧୦

### କଥା ଓ କାହାଣୀ

**ଭରତ କକା** ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ.... ୧୨
**ଅବଧାନେ** କ୍ଷୀରୋଦ ଦାସ.......................୧୬
**ଗରିବଙ୍କ ଆଖିରେ ଭଲ ବାବୁ** ରଞ୍ଜନ ସାହୁ...............୨୧
**ନିଃସଙ୍ଗ ବିହଙ୍ଗ** ବିଷ୍ଣୁ ଚରଣ ଚୌଧୁରୀ................ ୨୪
**ଭାଢ଼ି** ଭାନୁମତୀ ସାହୁ....................... ୨୮
**କପେ ଚା** ବିଜନବାଳା ପାଟଯୋଷୀ............. ୩୪
**କୁନ୍ଦନାନୀ** ସୁଜାତା ମହାପାତ୍ର.....................୩୭
**ଆକ୍ୱାରିୟମ** ବିନୋଦ.............................. ୪୧
**ତିନୋଟି ମିନି ଗଳ୍ପ** ସୀମାଂଚଳ ଦାଶ...................... ୪୪
**ଅବସୋସ** ଆଭା ମିଶ୍ର............................ ୪୬
**ସେପ୍‌ଟି ପିନ୍** ଲିପସା ପଟେଲ.......................୫୦
**ଭୁଲି ହୁଏନା** ଉମାଶଙ୍କର ଷଡଙ୍ଗୀ.................... ୫୨

### କବିତା

**ଫେରିଯାଅ** ଭଗବାନ ଜୟସିଂହ...................୫୫
**ମନସ୍ତତ୍ତ୍ୱ** କୃଷ୍ଣ ମିଶ୍ର............................. ୫୫
**ମୋ ଗାଁ ନେଲି ଆକାଶ ତଳେ** ଡଃ. ଗୋପବନ୍ଧୁ ଦାଶ.......୫୬
**ଅନୁଭବରେ ବାପା** ଡକ୍ଟର ନାରାୟଣ ପଣ୍ଡା.................୫୬
ସନେଟ୍ ନୁହେଁ ସନେଟ୍ ପରି ଭିକାରୀ ଧଳ.............. ୫୭
**ପ୍ରାକ୍ତନ** ଦେବାଶିଷ ଚକ୍ରବର୍ତ୍ତୀ................. ୫୭
ପାଂଚଜନ୍ୟ ଡଃ ସରୋଜିନୀ ଷଡ଼ଙ୍ଗୀ.............. ୫୮
**ଚାଳିଶି ବର୍ଷର ସମୟ** ମନୋରଞ୍ଜନ ପାଣିଗ୍ରାହୀ.............. ୫୮
**ପ୍ରତାରକ ନର** ପାଣ୍ଡବ ନାୟକ (ଶିଶୁ)................ ୫୯
**ଲୋହିତ ନିଦ୍ରା** ଇଂରାଜୀ : ଲୁଇସ୍ ଗ୍ଲୁକ୍
ଅନୁସୃଜନ: ଡ. ବିଦ୍ୟୁତ୍ ପ୍ରଭା ଗନ୍ତାୟତ...........୬୦
**ମିଛ ତୁମ ରତ୍ନ ସିଂହାସନ** ଡାଃ ମନୋରଞ୍ଜନ ଦାଶ.... ୬୦
**ନା ମା ଅଛି ନା ଗାଆଁ ଅଛି** ବାସନ୍ତୀ ଦାସ..............୬୧
**ଦେହ ବ୍ୟାପାର..** ମନୋଜ କୁମାର ବେହେରା.......... ୬୧
**ଋତୁ ରାଜ ବସନ୍ତ** କାଳିନ୍ଦୀ ଚରଣ ଭଞ୍ଜ................. ୬୨
**ଝିଅ** ପ୍ରଦ୍ୟୁମ୍ନ ପଟ୍ଟନାୟକ...................୬୩
**ନବଜାତକ** ଶର୍ମିଷ୍ଠା ପାଣିଗ୍ରାହୀ.....................୬୪
**ଗଣତି ମଣତି** ଶ୍ରୀ ଭୁବନେଶ୍ୱର ବିଶି................ ୬୪

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**


**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଡା. ଅମରେନ୍ଦ୍ରନାଥ ଦାସ**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

## ତନ୍ମାତ୍ର

**ବର୍ବର - ୨** ........................................................ ୬୫

## ଖେଳ ଓ ଖେଳାଳୀ

**ସନ୍ଧିକ୍ଷଣରେ ଭାରତୀୟ କ୍ରୀକେଟ** .............................. ୬୬



ସମାରୋହରେ ପ୍ରତ୍ୟେକ ମାସର ଜ୍ୟୋତିଷ ବିଚାର ପୃଷ୍ଠା ଚଳିତ ମାସରେ ସ୍ଥାନିତ ହୋଇପାରିନାହିଁ କାରଣ ଅପ୍ରତ୍ୟାଶିତ ଏହି ବିଚାର ଲେଖୁଥିବା ଜ୍ୟୋତିଷଙ୍କର ତିରୋଧାନ ହୋଇଯାଇଛି ।

ଜ୍ୟୋତିର୍ବିଦ ଶ୍ରୀ ବିଶ୍ୱନାଥ ନାୟକଙ୍କ ଦିବଂଗତ ଆତ୍ମା ପ୍ରତି ସମାରୋହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।




**ଯୋଗାଯୋଗ ଠିକଣା**
**ସହଯୋଗୀ ସଂପାଦକ : ସମାରୋହ**
**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**
**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**
E-mail: thesamaroha@gmail.com

| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ...............ଟ. ୬୦୦.୦୦ |
|---|---|---|
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂପାଦକୀୟ

ଦୁଇ ହଜାର ଛବିଶ ମସିହାର ପ୍ରଥମ ମାସ ଜାନୁୟାରୀ ବାଇଶି ଗୁରୁବାର ଦିନ ଫେବୃୟାରୀ ମାସ ପାଇଁ ଲେଖିବାକୁ ଆରମ୍ଭ କରୁଛି। ପୂର୍ବରୁ ଆଉ କେତେ କ'ଣ ଲେଖିଦେବି ଭାବି କରୁଛି। ପୂର୍ବରୁ ଆଲଯେମାର ରୋଗୀ ପରି ଦୃଶ୍ୟପଟ୍ଟରୁ ଅନ୍ତଃର୍ହିତ ହୋଇଗଲାଣି। ବର୍ତ୍ତମାନର ଅଧମ ଉଦ୍ଧାରଣ ପନ୍ଥା ସମାଜର ପ୍ରଥମ ପୃଷ୍ଠା। (ସୁଧୁରି ଯାଅ, ନଚେତ୍ କଡ଼ା କାର୍ଯ୍ୟାନୁଷ୍ଠାନ।) ଗୋ-ଚାଲାଣକାରିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ। ଗୋ ମାତାଙ୍କ ସୁରକ୍ଷା ପାଇଁ ନିର୍ମାଣ ହେବ ଗୋଶାଳା। ଶୁଭ ସମ୍ବାଦ ସ୍ୱପ୍ନଭଙ୍ଗ ହେଲା କିନ୍ତୁ ପ୍ରକୃତ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗୋ-ମାତାଙ୍କ ପାଇଁ ସୁରକ୍ଷା ମିଳିବ ସେଥିପାଇଁ ଅପେକ୍ଷା କରିବାକୁ ହେବ। ଶୁଭସ୍ୟ ଶିଘ୍ରମ୍।

ଆଜି ମିଳିବ "ସୁଭଦ୍ରା" ଟଙ୍କା ଭୁବନେଶ୍ୱର। ମହିଳା ଓ ଶିଶୁ ବିକାଶ ବିଭାଗର ପୂର୍ବ ଘୋଷଣା ମୁତାବକ ଏହି ଟଙ୍କା ଗୁରୁବାର ଦିନ ମିଳିବ। ପୂର୍ବାହ୍ନ ସାଢ଼େ ଦଶଟାରେ ଓ.ୟୁ.ଟି. ର କୃଷିଶିକ୍ଷା ସଦନରେ ଏହା ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ହୋଇ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ କିସ୍ତି ଟଙ୍କା ଛାଡ଼ିବେ। ଦେଖାଯାଉ ଏହା କେତେଦୂର ସଫଳ କାର୍ଯ୍ୟକାରୀ ହେଉଛି। ରେଭେନ୍‌ସାରେ ଅଧ୍ୟାପକ ପଦୋନ୍ନତିରେ ଜାଲିଆତି। ତଦନ୍ତ ପାଇଁ ପାଞ୍ଚଜଣିଆ କମିଟି ଗଠିତ। ପୂର୍ବ ଭଳି ସୁନାମଧନ୍ୟ କଲେଜରେ ଅଧ୍ୟାପକଙ୍କ ଜାଲିଆତି ବିଷୟଟି ପଢ଼ିବାରେ ବହୁତ କଷ୍ଟ ହୁଏ। ଏ ଯୁଗର ଲୋକମାନଙ୍କୁ ଏଭଳି ସମ୍ବାଦମାନ ସହ୍ୟ କରିବାକୁ ସହଜ ହୁଏ। କିନ୍ତୁ ବୟସ୍କମାନେ ମୋ ମତରେ ଏହା କଦାପି ସହ୍ୟ କରି ପାରୁନଥିବେ। ଯଦି ଏହି ମହାନ୍ କଲେଜରେ ଅଧ୍ୟାପକ ହୋଇ ସେମାନେ ନିଜ ସ୍ୱାର୍ଥ ପାଇଁ ଏଭଳି ଦୁଷ୍କର୍ମରେ ମାତି ରହନ୍ତି ତେବେ ଆଜିର ଯୁବକ ପିଢ଼ି ଓ ବୟସ୍କ ମଧ୍ୟ ଚରିତ୍ରଗତ ଦୁଷ୍କର୍ମରେ ଲିପ୍ତ ରହିବାରେ ଉତ୍ସାହିତ ହେବେ। ସେଥିପାଇଁ ଆଉ କାହାରିକୁ ଦୋଷ ନଦେଇ ଆମର ଶିକ୍ଷା ବ୍ୟବସ୍ଥାରେ କେବେଠୁ କେଉଁ କେଉଁ ସ୍ଥାନରେ ଘୁଣ ଧରି ସାରିଲାଣି ଏବଂ ସରସ୍ୱତୀ ଦେବୀଙ୍କର ଶିକ୍ଷାର ମାନ୍ୟତାକୁ ନିମ୍ନ ସ୍ତରରେ ପହଞ୍ଚାଇସାରିଲାଣି ତାକୁ ଦେଖିଲେ ଆଜି ଦୁଇଦିନ ପରେ ବାଗ୍‌ଦେବୀଙ୍କ ପୂଜା କରିବାକୁ ଯେଉଁ ଅଯଥା ଅର୍ଥ ବ୍ୟୟ କରି ସମ୍ମାନ ଅର୍ଜନ କରିବାର ଉଦ୍ୟମ ହାସ୍ୟାସ୍ପଦ ମନେହେଉଛି।

ଆମର ସ୍ୱଭାବ ଆଜି ଅମାନିଆ ଷଣ୍ଢପରି ଉଗ୍ରତର। ତେଣୁ ପୁରୀ ଶ୍ରୀମନ୍ଦିର ପରିକ୍ରମା ପରିସରରେ ଆମେ ଡ୍ରୋନ୍ ଉଡ଼ାଇପାରୁ। ପଲ୍ଲୀ ରଘୁନାଥପୁରରେ ଜମି ଜାଲିଆତି ଘଟଣା ଯେଉଁଥିରେ ଦାୟିତ୍ୱବାନ ଅଧିକାରୀ ମାନଙ୍କ ବିରୁଦ୍ଧରେ ମାମଲା ପଢ଼ିବାକୁ ଦେଖିବାକୁ ମିଳୁଛି।

ବେଆଇନ୍ ଖଣି ଖନନ ସିବିଆଇ ତଦନ୍ତ ମାମଲା। ବେଆଇନ୍ ଖଣି ଖନନ ପାଇଁ ସି.ବି.ଆଇ. ତଦନ୍ତ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଶ୍ରବଣ କୁମାର ଦେବ ଏକ ଜନସ୍ୱାର୍ଥ ରୁଜୁ ମାମଲାରେ ଦର୍ଶାଇଛନ୍ତି ଯେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବେଆଇନ୍ ଖଣି ଖନନରେ ସଂମ୍ପୃକ୍ତ ବ୍ୟକ୍ତି ବିଶେଷ ଓ ସଂସ୍ଥାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଆମରାଜ୍ୟର ଅନେକ ଖବର ମଧ୍ୟରୁ ଇଏ ଗୋଟେ ଖବର। ତେଣୁ ଦେଶର ଅବସ୍ଥା କ'ଣ ପ୍ରଭୁ ଜାଣନ୍ତି। ତେଣୁ ଭାରତବର୍ଷ ପାଇଁ ଭଗବାନ ଭରସା। କାରଣ ପୁରୀ ମନ୍ଦିରରେ ତ୍ରିମୂର୍ତ୍ତି ଓ ଚକ୍ର ସୁଦର୍ଶନ ଚକ୍ଷୁରେ କଳାପଟି ବାନ୍ଧି ଅପେକ୍ଷା କରି ରହିଛନ୍ତି।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ



# ✓ ଦୁର୍ଗାମାଧବ ମିଶ୍ର

## ଆବିର୍ଭାବ: ଭାଦ୍ରବ କୃଷ୍ଣପକ୍ଷ ଦଶମୀ ( ୧ ୯ ୨ ୯ )
## ତିରୋଧାନ : ମାଘ କୃଷ୍ଣପକ୍ଷ ଦଶମୀ ( ୧ ୯ ୯ ୭ )

ଓଡ଼ିଆ ସାହିତ୍ୟର ଜଣେ ଅନାଲୋଚିତ କିନ୍ତୁ ପ୍ରଭାବଶାଳୀ ଲେଖକ ଥିଲେ ଶ୍ରୀ ଦୁର୍ଗାମାଧବ ମିଶ୍ର। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ସେ ଥିଲେ ଜଣେ ସୁଦକ୍ଷ ପୋଲିସ ପ୍ରଶାସକ। ସେ କବିତା ଲେଖୁଥିଲେ, ଗଳ୍ପ ଲେଖୁଥିଲେ, ଅନୁବାଦ କରୁଥିଲେ, ଶିଶୁ ସାହିତ୍ୟ ରଚନା କରିଥିଲେ ଏବଂ ତା ସହିତ ମଧ୍ୟ ଥିଲେ ସାହିତ୍ୟ ପତ୍ରିକାର ଜଣେ ସଫଳ ସଂପାଦକ। ତାଙ୍କ ସାହିତ୍ୟ ରଚନା ତାଙ୍କୁ ଚିହ୍ନିଥିବା ପାଠକମାନଙ୍କ ହୃଦୟରେ ଏବେ ବି ବାନ୍ଧି ହୋଇ ରହିଛି। ଏହା ହିଁ ତାଙ୍କ ସାହିତ୍ୟ ସାଧନାର ଉପଲବ୍ଧି, ତାଙ୍କ ପ୍ରାପ୍ୟ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଲେଖକମାନେ ଅନେକାଂଶ ଥିଲେ ପଶ୍ଚିମ ମୁହାଁ। ପ୍ରାଚ୍ୟ ଭୂଖଣ୍ଡରୁ ପାଶ୍ଚାତ୍ୟ ଆଡ଼େ ପାଠକମାନଙ୍କୁ ବୁଲାଇ ନେବାକୁ ଆମେ ସାହିତ୍ୟରେ ଆଧୁନିକ ବୋଲି ଧରି ନେଇଥିଲୁ। ଯେଉଁ ଲେଖକ ଯେତେ ପାଶ୍ଚାତ୍ୟବାଦକୁ ଓଡ଼ିଆର ପାଠକମାନଙ୍କ ଥାଳରେ ପରଶି ପାରିଲା ସେ ହେଲା ସେତେ ସଫଳ ଲେଖକ। ଆମ ଆଲୋଚନାର ଧାରାଗୁଡ଼ିକ ମଧ୍ୟ ସେପରି ହେଲା। ତେଣୁ ସେ ଗହଳି ଭିତରେ ଲୁଚିଗଲେ ଅନେକ ଦୁର୍ଗାମାଧବ ମିଶ୍ର, ଯେଉଁମାନେ କି ଦୃଢ଼ ଭାବେ ବିଶ୍ୱାସ କରୁଥିଲେ ଯେ ଆମ ମାଟିର ସୁଗନ୍ଧକୁ ନେଇ ଆମ ସାହିତ୍ୟ ହେଉ, ଆମ ଜଣାଶୁଣା ମଣିଷମାନେ ଆମ ସାହିତ୍ୟର ପାତ୍ରପାତ୍ରୀ ହୁଅନ୍ତୁ। ଓଡ଼ିଆ ସଂସ୍କୃତିର ନିଜସ୍ୱ ଲକ୍ଷଣଗୁଡ଼ିକ ଆମ ସାହିତ୍ୟରେ ପ୍ରକାଶ ପାଉ। ଆମ ରାଗ ରାଗିଣୀକୁ ନେଇ ଆମ କବିତାର ଶରୀର ପରିପୁଷ୍ଟ ହେଉ। ଏମିତି ଏକ ବିଶ୍ୱାସ ନେଇ ସାହିତ୍ୟ ରଚନା କରୁଥିଲେ ଦୁର୍ଗାମାଧବ ମିଶ୍ର।

ତାଙ୍କ ପ୍ରଥମ କବିତା ପ୍ରକାଶ ପାଇଥିଲା ବ୍ରହ୍ମପୁରରୁ ସେ ସମୟରେ ପ୍ରକାଶ ପାଉଥିବା ନବୀନ ପତ୍ରିକାରେ ୧୯୪୪ ମସିହାରେ। ତା ପରେ ଦୀର୍ଘ ପଚାଶ ବର୍ଷ ଧରି ସେ ସାହିତ୍ୟ ସାଧନା କରି କରିଛନ୍ତି। ୧୯୫୭ ରେ 'ଜଉତିଶେ କହିଛନ୍ତି', ୧୯୬୧ ରେ 'ମନ୍ଦାକ୍ରାନ୍ତା', ୧୯୬୩ ରେ 'ତାରା ଓ ତିମିର', ୧୯୭୬ ରେ 'ଫଲଗୁରେ ବନ୍ୟା', ୧୯୮୧ ରେ ନିଷାଦର ନିଶବ୍ଦ କାରଣ ପରି ଗଳ୍ପ ପୁସ୍ତକ ରଚନା କରିଛନ୍ତି। ସେହିପରି ୧୯୬୧ ରେ ମୁଠାଏ ମାଟି ଚେନାଏ ଆକାଶ, ୧୯୭୭ ରେ 'ବୃତ୍ତ ଆବର୍ତ୍ତ', ୧୯୮୫ ରେ 'ଉଗ୍ରସେନ ଉବାଚ, ୧୯୮୬ ରେ ମୌନ ମୁଖର କବିତା ବହି ପ୍ରକାଶିତ ହୋଇଥିଲା।

ଏ ସବୁ ଭିତରେ ଥିଲା ଓଡ଼ିଶା ଓ ଓଡ଼ିଶାର ଜନତାକୁ ଆଧାର କରି ସାହିତ୍ୟ ରଚନା କରିବାର ନିଆରା ପଣ। ଅନେକ କଂଟା ଗଛ ଭିତରେ ତେଣୁ ଆମ ଓଡ଼ିଆ ସାହିତ୍ୟର ଇତିହାସରେ ଦୁର୍ଗାମାଧବଙ୍କ ପରି ସୁନ୍ଦର ଫୁଲମାନେ କୁଆଡ଼େ ଲୁଚିଗଲେ। ତଥାପି ତାଙ୍କ ଦ୍ୱାରା ପରିପୁଷ୍ଟ 'ସମାରୋହ' ପରି ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ଓଡ଼ିଶାର ପାଠକ ମହଲରେ ତାଙ୍କୁ ଜୀବନ୍ତ କରି ରଖିଛି। ସେ ବଞ୍ଚିଥିବେ ତାଙ୍କ ଭଲ ମଣିଷ ପଣିଆ ପାଇଁ, ଏ ମାଟିର ମଣିଷମାନଙ୍କୁ ତାଙ୍କ ଭଲ ପାଇବାର ଗୁଣ ପାଇଁ।

ସେ ଚାଲିଗଲେ ୧୯୯୭ ମସିହାରେ।

ଆଜି ତାଙ୍କ ଶ୍ରାଦ୍ଧ ଦିବସରେ ତାଙ୍କୁ ପ୍ରଣାମ।

ପ୍ରବନ୍ଧ

# ପରଂବ୍ରହ୍ମ ପରମେଶ୍ୱରଙ୍କ ପଦ୍ମ ବେଶ

## ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ବିଗ୍ରହ ମହାପ୍ରଭୁ ଶ୍ରୀଜଗନ୍ନାଥ । ନୀଳାଦ୍ରୀ ବିହାରୀ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ବେଶଗୁଡିକ ମଧ୍ୟରେ ପଦ୍ମ ବେଶ ଅନନ୍ୟ। ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରା, ପୂଜାପାର୍ବଣ, ରୀତିନୀତି ବେଶ ମହୋତ୍ସବ ଆଦିରେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ତରଙ୍ଗ ଶ୍ରୀକ୍ଷେତ୍ରମଣ୍ଡଳକୁ ଯୁଗପତ ମହିମାମୟ ଓ ମଧୁମୟ କରି ରଖିଥାଏ। ମହାପ୍ରଭୁଙ୍କ ବେଶଗୁଡ଼ିକ ବେଶତତ୍ତ୍ୱ ସଂପନ୍ନ ତଥା ଭାବ ଉଦ୍ରେକକାରୀ । ଭକ୍ତ ନିଜର ପ୍ରାଣ ପ୍ରତିଭୁଙ୍କୁ ବିଭିନ୍ନ ବେଶରେ ସଜାଇ ଆଖିପୁରାଇ ଦେଖିବାରେ ଚରମ ଆନନ୍ଦପ୍ରାପ୍ତ ହୋଇଥାଏ । ଏଇଥିପାଇଁ ହିଁ ଏ ସବୁ ବେଶାବେଶର ପରିକଳ୍ପନା । ତେବେ ବିଭିନ୍ନ ବେଶ ମଧ୍ୟରୁ ରାମଙ୍କର ଦୁଇଟି, ଗୋଟିଏ ବାମନଙ୍କର, ଗୋଟିଏ ଗଣେଶଙ୍କର ଗୋଟିଏ ନୃସିଂହଙ୍କର ଓ ୭ଟି ହେଉଛି କୃଷ୍ଣଙ୍କର। ଏହା ବ୍ୟତୀତ ମହାପ୍ରଭୁଙ୍କର ଅନ୍ୟ ବାରଟିବେଶ ମଧ୍ୟ ରହିଛି। ମାତ୍ର ଲକ୍ଷ କରିବାର କଥା ଯେ ଶ୍ରୀଜଗନ୍ନାଥଙ୍କ ବେଶ ଏକ ନିର୍ଦ୍ଦିଷ୍ଟ ପକ୍ଷରେ ନହୋଇ ଶୁକ୍ଳ ଓ କୃଷ୍ଣ ଉଭୟପକ୍ଷରେ ସଂପାଦିତ ହୋଇଥାଏ । ମହାପ୍ରଭୁଙ୍କର ବିଶେଷ ଆକର୍ଷଣୀୟ ବେଶ ମଧ୍ୟରେ ଚବିଶଟି ବେଶ ଅଗ୍ରଗଣ୍ୟ । ପୁରାଣମତରେ ଅବତାରୀ ଶ୍ରୀ ଜଗନ୍ନାଥଙ୍କ ଅନେକ ଅବତାର ରହିଥିଲେ ହେଁ ତନ୍ମଧ୍ୟରେ ପ୍ରସିଦ୍ଧ ହେଉଛନ୍ତି ଚବିଶ ଅବତାର । କାଳାତୀତାୟ ମହାକାଳ ମହାପ୍ରଭୁଙ୍କ ବେଶ ଚବିଶ, ଅବତାର ଚବିଶ ଓ ମାନବଜନ୍ମର ଗୋଟିଏ ଦିନ ବି ଚବିଶ ଘଣ୍ଟା। ସତେ ଯେପରି ମନେହୁଏ ଅବତାରବାଦ ଓ ଆଧ୍ୟାତ୍ମିକ ତତ୍ତ୍ୱବିମର୍ଷ ସହିତ ସଂକ୍ଷିପ୍ତ ଜୀବନକାଳର ଗୋଟିଏ ନିଜର ମହାପ୍ରଭୁଙ୍କ ଚବିଶବେଶ ସହିତ ଏକ ଅନ୍ତର୍ଲୀନ ଯୋଗସୂତ୍ର ରହିଛି । ଅବଶ୍ୟ ଏ ସମସ୍ତ



ବେଶବିନ୍ୟାସ ବାହ୍ୟତଃ ଏକ ବିଶେଷ ମାନସିକତା, ଭାବାବସ୍ଥା ତଥା ଇଚ୍ଛାର ପ୍ରତିଫଳନ। ଏଭଳି ବେଶ ଅନ୍ୟତ୍ର ଦୁର୍ଲକ୍ଷ। ଜଗତନିୟନ୍ତା ଶ୍ରୀଜଗନ୍ନାଥଙ୍କର ବେଶକୁ ନିରେଖି ଦେଖିଲେ ତାଙ୍କ ପ୍ରେମମୟ ମହାନୁଭବତା, ଉଦାରତା, ସହୃଦୟତା ସର୍ବୋପରି ଆପଣାପଣର ପରିଚୟ ମିଳିଥାଏ। ସିଏତ ସକଳ ଅରୂପ ରୂପର ଆଧାର। ତାଙ୍କ ବେଶ ହିଁ ଶୃଙ୍ଗାର। ଅପଭ୍ରଂଶ ହୋଇ ସିଂହାର ବା ସିଙ୍ଗାର କୁହାଯାଉଛି ।

"ମନୋହର ସାଧୁ ପାଇଁ ପଦ୍ମ ବେଶ ତୋର
ଏକମାତ୍ର ବେଶ ନାଉ ପୂର୍ଣ୍ଣ ରାତ୍ର ଭର" ॥

ମାଘ ପଞ୍ଚମୀ ପୂର୍ବ ବୁଧବାର କିମ୍ବା ଶନିବାର ରାତିରେ ଶ୍ରୀମନ୍ଦିର ରେ ଶ୍ରୀ ଜିଉଙ୍କ ପଦ୍ମ ବେଶ ଅନୁଷ୍ଠିତ ହୁଏ। ଏହି ବେଶରେ ବଡସିଂହାର ହୋଇ ଦିଅଁ ପହୁଡ଼ନ୍ତି। ପରଦିନ ସକାଳୁ ଏହି ଦିବ୍ୟ ବେଶ ଦର୍ଶନ କରନ୍ତି ସାଧାରଣ ଭକ୍ତ। ମାଘ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ପୂର୍ବରୁ ପଡୁଥିବା ବୁଧବାର ବା ଶନିବାର ଦିନ ଯେଉଁ ବେଶ ଅନୁଷ୍ଠିତ ହୋଇଥାଏ ତାକୁ ପଦ୍ମ ବେଶ କୁହାଯାଏ। ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପହୁଡ଼ ଯାଆନ୍ତି । କେତେକ ଗବେଷକଙ୍କ ମତରେ ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ବଡ଼ଛତା ମଠର ସନ୍ଥ ରଘୁବର ଦାସ (ଶପ୍ତଦଶ ଶତାବ୍ଦୀ)।

**ଏଭଳି ବେଶ ଅନ୍ୟତ୍ର ଦୁର୍ଲକ୍ଷ। ଜଗତନିୟନ୍ତା ଶ୍ରୀଜଗନ୍ନାଥଙ୍କର ବେଶକୁ ନିରେଖି ଦେଖିଲେ ତାଙ୍କ ପ୍ରେମମୟ ମହାନୁଭବତା, ଉଦାରତା, ସହୃଦୟତା ସର୍ବୋପରି ଆପଣାପଣର ପରିଚୟ ମିଳିଥାଏ। ସିଏତ ସକଳ ଅରୂପ ରୂପର ଆଧାର। ତାଙ୍କ ବେଶ ହିଁ ଶୃଙ୍ଗାର। ଅପଭ୍ରଂଶ ହୋଇ ସିଂହାର ବା ସିଙ୍ଗାର କୁହାଯାଉଛି ।**

ଶ୍ରୀଜୀଉଙ୍କ ମୁଖପଦ୍ମ ସହିତ ପଦ୍ମ ପାଖୁଡ଼ା, ବେତ ନିର୍ମିତ ଓ ସୋଲ ପଦ୍ମ ଖଚିତ ଏକ ତ୍ରିକୋଣର ଟାହିଆ ମଧ୍ୟ ଲାଗି କରାଯାଏ। ଶ୍ରୀଭୁଜରେ ପଦ୍ମକଳିକା ଲାଗି ହୁଏ। ସେଥିରୁ ଝୁଲି ଦୁଇ ତିନି ଖଣ୍ଡ ହୋଇ ପଦ୍ମ ନାଡ଼ ଶ୍ରୀମୁଖ କମଳରୁ ନିମ୍ନକୁ ଲମ୍ବି ଥାଏ। ଯଥା ସ୍ଥାନରେ ଶୋଭାପାଏ ପତ୍ରରାଜି। ଜଳାଶୟର ସୂଚନା ସହିତ ସିଂହାସନ ଉପରେ ଦୁଇପଟେ ଦେଖାଯାଆନ୍ତି ସନ୍ତରଣ ହଂସ। କରରେ କରପଲ୍ଲବ, ହୃଦୟରେ ହୃଦପଦକ, ଶ୍ରୀପୟର ମାଳା, ଫୁଲଝୁଂପା, ଫୁଲର ଚିତା ମଧ୍ୟ ଭୂଷଣ

ରୂପେ ତାଙ୍କୁ ଲାଗି କରାଯାଏ। ମଠଦ୍ୱାରା ପ୍ରଦତ୍ତ ଭୋଗ ଦ୍ରବ୍ୟରେ କ୍ଷୀରି ଓ ଅମାଲୁ ରୋଷଘରର ଚୁଲିରେ ପ୍ରସ୍ତୁତ ହୋଇ ଭୋଗ କରାଯାଏ। ବଡ଼ସିଂହାରର ପଦ୍ମବେଶରେ ମହାପ୍ରଭୁ ସାରାରାତି ରହନ୍ତି। ମା ସୁଭଦ୍ରା ମଧ୍ୟ ପଦ୍ମବେଶରେ ଭୂଷିତ ହୁଅନ୍ତି! ସୋଲରେ ନିର୍ମିତ ଚାରି ଗୋଟି ହଂସ ରତ୍ନସିଂହାସନ ମଣ୍ଡନ କରନ୍ତି। ଶନିବାର କଳାଘୋଡ଼ ଉପରେ ଧଳା ସୋଲ ପଦ୍ମ ସୁନ୍ଦର ଦିଶିବା ପାଇଁ ବା ବୁଧବାର ସବୁଜ ରଙ୍ଗର ଘୋଡ଼ ଉପରେ ଧଳାପଦ୍ମ ସୁନ୍ଦର ଦିଶିବ ବୋଲି ଘୋଡ଼ ଥାଉ ଥାଉ (ବସନ୍ତ ପଞ୍ଚମୀରେ ଘୋଡ଼ ଶେଷ ହୋଇ ଜାମା ବେଶ ହୁଏ) ଏହା ମାଘ ପଞ୍ଚମୀ ପୂର୍ବରୁ କରାଯାଉଛି। ଶୀତଦିନେ ପଦ୍ମଫୁଲ ମିଳୁ ନ ଥିବାରୁ ସୋଲ ତିଆରି ପଦ୍ମଫୁଲରେ ୩୦୦ ବର୍ଷ ହେବ ପଦ୍ମବେଶ ହେଉଥିଲା!

ପଦ୍ମବେଶ ବିଷୟରେ ଭକ୍ତ ମନୋହର ଦାସଙ୍କ କିମ୍ବଦନ୍ତି ରହିଛି, ଶୀତଦିନରେ ପଦ୍ମଫୁଲର ଅଭାବ ହେତୁ ମଠ ତରଫରୁ ସୋଲରେ ନିର୍ମିତ ପଦ୍ମ ଆଭୂଷଣରେ ଶ୍ରୀଜୀଉ ପଦ୍ମବେଶ ହୋଇଥାନ୍ତି! ତେବେ ବର୍ତ୍ତମାନ ସମୟରେ ମଧ୍ୟ ଏମିତି ଜଣେ ଭକ୍ତ ଅଛନ୍ତି ଯେ କି ମହାପ୍ରଭୁଙ୍କ ପାଇଁ ପଦ୍ମଫୁଲ ଆଣି ଲାଗି କରାଉଛନ୍ତି! ମହାପ୍ରଭୁଙ୍କୁ ପଦ୍ମରେ ସଜେଇବାକୁ ଫୁଲ ବେତା ଧରି ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ର ଧାଇଁ ଆସନ୍ତି ଚିନ୍ତାମଣି ଦାଶ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଭାବମୟ ସଂପର୍କର ଡୋରି ଏତେ ମଜଭୁତ ଯେ ବର୍ଷକ ଆଗରୁ ଏହି ଦିନକୁ ଚାହିଁ ରହିଥାଆନ୍ତି ସେ। ଏହି ଅପୂର୍ବ ଦିନରେ ସେ ଫୁଲ ଆଣି ଆସିବା ବାଟରେ ମା'ବାଟ ମଙ୍ଗଳାଙ୍କୁ ପଦ୍ମରେ ପ୍ରସ୍ତୁତ ମାଳ ସମର୍ପଣ କରନ୍ତି। ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ସେ ନିଜେ ମୁଣ୍ଡରେ ଫୁଲ ବେତା ମୁଣ୍ଡେଇ ଶ୍ରୀମନ୍ଦିରକୁ ଯାଆନ୍ତି। ଚିନ୍ତାମଣିଙ୍କ ଘର ଭୁବନେଶ୍ୱର ଶାସ୍ତ୍ରୀନଗରରେ। ସଂସ୍କୃତ ଶିକ୍ଷକ ଭାବେ ୨୦୧୩ ରେ କ୍ୟାପିଟାଲ୍ ହାଇସ୍କୁଲରୁ ଅବସର ନେଇଛନ୍ତି। ତାଙ୍କ କହିବା ମୁତାବକ, ଥରେ ଏକ ଖବରକାଗଜରୁ ସେ ଜାଣିବାକୁ ପାଇଲେ ଯେ ଶୀତଦିନରେ ପଦ୍ମଫୁଲ ଅଭାବରୁ ମହାପ୍ରଭୁ ସୋଲ ତିଆରି ପଦ୍ମ ଫୁଲରେ ବେଶ ହୁଅନ୍ତି। ଏ ଖବର ତାଙ୍କୁ ଏତେ ବ୍ୟଥିତ କଲା ଯେ ସେ ଶୋଇପାରିଲେ ନାହିଁ। କିଭଳି ଗୋଟିଏ ଦିନ ମହାପ୍ରଭୁଙ୍କୁ ସତେଜ ପଦ୍ମ ଫୁଲରେ ବେଶ କରିପାରିବେ ସେଇ ଉଦ୍ଦେଶ୍ୟ ନେଇ ଆରମ୍ଭ କଲେ ଅଭିଯାନ। ଧଉଳି ନିକଟରେ ୫ଟି ପଦ୍ମ ପୋଖରୀ ଲିଜ୍ ସୂତ୍ରରେ ନେଇଥିବା ବେଳେ ପ୍ରତିବର୍ଷ ବଡ଼ ବେତାରେ ଫୁଲ ଧରି ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ର ଆସନ୍ତି। ବଡ଼ଦାଣ୍ଡରେ ପଦ୍ମଫୁଲ ବେତାକୁ ମୁଣ୍ଡେଇ ଯାଆନ୍ତି। ପ୍ରତିବର୍ଷ ଏଥିପାଇଁ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଆବେଦନ ବି କରନ୍ତି। ସେ କାଳେ ମହାପ୍ରଭୁଙ୍କ ଇଚ୍ଛାକୁ ଅନୁଭବ କରିପାରିଥିଲେ। ଏହା ହିଁ ତାଙ୍କୁ ୨୦୧୧ ମସିହାରୁ ଫୁଲ ଆଣିବାକୁ ପ୍ରେରିତ କରିଛି। ସେ ୨୦୧୧ ମସିହାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ୧୦୦୮ ପଦ୍ମପୁଷ୍ପ, ୨୦୧୨ ମସିହାରେ ୩୦୦୮ ପଦ୍ମପୁଷ୍ପ, ପ୍ରଦାନ କରିଥିଲେ, ୨୦୧୩ ମସିହାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ୩୦୦୮ ପଦ୍ମପୁଷ୍ପ ଦେବା ସହ ମା ବିମଳାଙ୍କ ପାଇଁ ୧୦୮, ବାଟମଙ୍ଗଳାଙ୍କ ପାଇଁ ୫୪, କମଳାଦ୍ମିକାଙ୍କ ପାଇଁ ୧୦୮ ଓ ପଦ୍ମାଳୟା ମହାଲକ୍ଷ୍ମୀଙ୍କ ପାଇଁ ୧୦୮ ପଦ୍ମପୁଷ୍ପ ପ୍ରଦାନ କରିଥିଲେ। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ମହାପ୍ରଭୁଙ୍କ ବେଶ ନିମନ୍ତେ ସେ ପଦ୍ମ ଫୁଲ ପ୍ରଦାନ କରିଛନ୍ତି।

### ॥ କିମ୍ବଦନ୍ତୀ ॥

କିମ୍ବଦନ୍ତୀ ଅନୁଯାୟୀ ଉତ୍କଳ ଠାରୁ ଶହ ଶହ ମାଇଲ ଦୂରରେ ଥିଲେ ଜଣେ ହିନ୍ଦୀ ଭାଷୀ ସାଧୁ। ତାଙ୍କର ନାମ ଥିଲା ମନୋହର ଦାସ। ଏକଦା ମହାତ୍ମା ମନୋହର ଦାସ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ତାଙ୍କର ପ୍ରବଳ ଆକାଂକ୍ଷା ଥିଲା ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନ। ଦୀର୍ଘ ଦିନ ପାଦରେ ଚାଲି ଚାଲି ଅନେକ ଜଙ୍ଗଲ, ପାହାଡ଼, ନଈ, ରାସ୍ତା ଅତିକ୍ରମ କରି ଶାରୀରିକ ପୀଡା ସତ୍ତ୍ୱେ ସେ ଅବିଚଳିତ ଭାବେ ଆଗେଇ ଚାଲିଥାନ୍ତି। ପଥ ମଧ୍ୟରେ ରାତ୍ରି ହୋଇଗଲେ କୌଣସି ମନ୍ଦିର, ମଠ, ଆଶ୍ରମ କିମ୍ବା ବୃକ୍ଷ ତଳେ ବିଶ୍ରାମ ନିଅନ୍ତି। ପଦବ୍ରଜରେ ଯାଉଥିବା ବେଳେ ସାଧୁଙ୍କୁ ଥରେ ଭୀଷଣ ଶୋଷ ହେଲା। ପାଖରେ କୌଣସି ଗ୍ରାମ କିମ୍ବା ଜଳାଶୟ ନଥିଲା। କିଛି ପଥ ଅତିକ୍ରମ କରିବା ପରେ ହଠାତ ତାଙ୍କର ଦୃଷ୍ଟି ଗୋଚର ହେଲା ଗୋଟିଏ ପୁଷ୍କରିଣୀ ମଧ୍ୟରେ ଅନେକ ପଦ୍ମ ଫୁଲ ଫୁଟିଛି। ସେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ କାରଣ ଶୀତଦିନରେ ପଦ୍ମ ଫୁଲ ଫୁଟିବା ସମ୍ଭବ ନୁହେଁ। ସେ ମନେ ମନେ ଜଗନ୍ନାଥଙ୍କୁ ସୁମରଣା କରି ପାଣି ପିଇ ପ୍ରଭୁଙ୍କ ନିମନ୍ତେ ପୁଷ୍କରିଣୀରେ ଫୁଟିଥିବା ପଦ୍ମ ପୁଷ୍ପକୁ ତୋଳି ନିକଟରେ ଥିବା ଏକ ମଇଳା ଗାମୁଛାରେ ନେଇଥିଲେ। ମାଘ ମାସ ଅମାବାସ୍ୟା ଦିନ ସେ ଶ୍ରୀମନ୍ଦିରରେ ପହଞ୍ଚି ପଦ୍ମଫୁଲ ଗୁଡ଼ିକ ଶ୍ରୀଜୀଉମାନଙ୍କ ଚରଣାବିନ୍ଦରେ ଲାଗି କରିବା ପାଇଁ ଅନୁରୋଧ କଲେ । ମଇଳା ଗାମୁଛାରେ ଥିବା ଶୁଷ୍କ ପଦ୍ମ ଫୁଲକୁ ଦେଖି ପଣ୍ଡା ଏହା ଠାକୁରଙ୍କୁ ଲାଗି ହେଇପାରିବ ନାହିଁ କହି ତିରସ୍କାର କଲେ।

ଏ ଘଟଣାରେ ଭକ୍ତ ମନୋହର ଦୁଃଖ ଓ ଅପମାନରେ ମ୍ରିୟମାଣ ହୋଇ ତଳେ ପଡ଼ିଥିବା ଫୁଲ ସବୁ ଗୋଟାଇ ଶ୍ରୀମନ୍ଦିରରୁ ପଳାଇ ଆସି ବଡ଼ଛତା ମଠ ନିକଟରେ ଜଗନ୍ନାଥଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇପଡ଼ିଲେ। ସେହି ଦିନ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଦେଶରେ ଗଜପତି ମହାରାଜାଙ୍କୁ କହିଲେ ମନୋହର ଆଣିଥିବା ପଦ୍ମ ପୁଷ୍ପରେ ହିଁ ଆଜି ମୋର ବଡ଼ସିଂହାର ବେଶ ହେବ। ପଦ୍ମ ଚାଉଳରେ କ୍ଷିରୀ ଭୋଗକରି ସେହି ସାଧୁଙ୍କୁ ସେବନ କରାଇ ତାଙ୍କର ଜୀବନ ରକ୍ଷା କର।

ଭକ୍ତ ପ୍ରବର ସାଧୁ ମନୋହର ଦାସଙ୍କ ଶ୍ରୀଜଗନ୍ନାଥଙ୍କୁ ପଦ୍ମ ପୁଷ୍ପ ପ୍ରଦାନର କିମ୍ବଦନ୍ତୀ ମୂଳକ ଆଖ୍ୟାନ ଅନୁକ୍ରମେ ମାଘମାସରେ ଏହି ବେଶରେ ଜଗନ୍ନାଥ ମହାପ୍ରଭୁ ସୋଲରେ ନିର୍ମିତ ପଦ୍ମ ପୁଷ୍ପ ପରିହିତ ହୋଇଥାନ୍ତି।

ଭାରି ବିଚିତ୍ର ଆମ କାଳିଆ ସାଆନ୍ତଙ୍କ ଲୀଳା। ଭକ୍ତ ଦ୍ୱାରା ଅର୍ପିତ କ୍ଷୁଦ କଣିକାଟିକୁ ବି ଗ୍ରହଣ କରିଦିଅନ୍ତି ସିଏ। ଭାବରେ ଯିଏ ଯାହା ଦେଇଛି ସବୁ ସେ ମହାଆନନ୍ଦରେ ଗ୍ରହଣ କରିଛନ୍ତି। ସେହି ପରମ

କାରୁଣିକ ସଚ୍ଚିଦାନନ୍ଦ ଭଗବାନଙ୍କ ମହିମା ଜାଣିବା ପାଇଁ ଶିବ, ବିରଂଚି ଓ ନାରଦ ଯାହାର ଦ୍ୱାର ଦେଶରେ କର ପତ୍ର ଯୋଡ଼ିଣ ନତ ମସ୍ତକ ହୋଇଣ ପାଦ ବନ୍ଦନା କରୁଥାନ୍ତି। ତଥାପି କଳ୍ପ କଳ୍ପ ବିତି ଯାଇଥିଲେ ମଧ୍ୟ ତାଙ୍କର ସ୍ୱରୂପକୁ ଠାବ କରିପାରି ନାହାନ୍ତି। ଏ ଛାର ମନୁଷ୍ୟ ତାଙ୍କର କଥା କ'ଣ ବା ଜାଣିପାରିବ !

"ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ,
ଦେବେ ନ ଜାନାତି କୃତଃ ମନୁଷ୍ୟ"।

ଏଣୁ ଏହି ରହସ୍ୟକୁ ପୁରାଣରୁ ଖୋଜି ବାହାର କରିବା ନିରର୍ଥକ। ସେ ହେଉଛନ୍ତି ଏ ଦେଶର ଆଧ୍ୟାତ୍ମିକ ଜନମାନସର ସର୍ବଶେଷ ଉଦ୍ୱର୍ତ୍ତନ। ଜଗନ୍ନାଥଙ୍କୁ ଅନ୍ୟମାନଙ୍କ ପରି କୌଣସି ଶାସ୍ତ୍ର ପୁରାଣ ଜନ୍ମ ଦେଇନାହିଁ। ସ୍ୱୀକାର କରିବା ପାଇଁ ଦୁଃସାହସ କରିନାହିଁ। ସେ ହେଉଛନ୍ତି ଲୋକର ଦେବତା ଜନମାନସର ଅପୂର୍ବ ଅଲୌକିକ ପ୍ରତିରୂପ

"ନୌମିଦେବଂ ଜଗନ୍ନାଥଂ ସଚ୍ଚିଦାନନ୍ଦ ବିଗ୍ରହମ"

ଯେ ନିତ୍ୟଂ ରମତେ ନୀଳାଚଳେ ତୈ ବ୍ରହ୍ମଧାମନି। ବ୍ରହ୍ମଧାମ ଶ୍ରୀକ୍ଷେତ୍ରର ମହନୀୟତା ହେଉଛି ଏହି ପାବନ ନୀଳାଚଳ ଧାମର ନାମ ପୁରୁଷୋତ୍ତମ ଏବଂ କ୍ଷେତ୍ରଧୀଶ୍ୱର ମଧ୍ୟ ପୁରୁଷୋତ୍ତମ। ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ହିଁ ଅଖିଳ ଭାରତର ସ୍ୱାମୀ। ଆର୍ଯ୍ୟ, ଅନାର୍ଯ୍ୟ ବେଦାନ୍ତୀ, ଶୈବ, ବୈଷ୍ଣବ ସଭିଏଁ ତାଙ୍କରି ଭିତରେ ଆପଣା ଆପଣା ଇଷ୍ଟଙ୍କୁ ଦର୍ଶନ କରିଛନ୍ତି। କେହି ତାଙ୍କ ନାମ, ରୂପ, ଲୀଳା ଓ ଧାମର ରହସ୍ୟ ଭେଦ କରିବାକୁ ସମର୍ଥ ହୋଇପାରି ନାହାନ୍ତି। ଜଗତର ନାଥ ହୋଇଥିବାରୁ ଜଗତବାସୀଙ୍କୁ ଏକ ସାମ୍ୟ ଦୃଷ୍ଟିରେ ଦେଖୁ ଥାଆନ୍ତି।

ଭୃଗୁ ଗୀତାରେ କୁହାଯାଇଛି "ସମୋହଂ ସର୍ବଭୂତଷ୍ଠୁ"। ଏଣୁ ତାହାଙ୍କୁ ଜାଣିବା ବା ବର୍ଣ୍ଣନା କରିବା ସମ୍ଭବ ନୁହେଁ। ବେଦାନ୍ତ ଶାସ୍ତ୍ର ଯାହାଙ୍କୁ କହିଛି ନେତି-ନେତି। ଆର୍ଯ୍ୟ ଓ ଅନାର୍ଯ୍ୟ ମାନଙ୍କ ରାଜା ଇନ୍ଦ୍ରଦ୍ୟୁମ୍ନ ଶବର ଶ୍ରେଷ୍ଠ ବିଶ୍ୱାବସୁ ଓ ପ୍ରମୁଖ ବ୍ରାହ୍ମଣ ବିଦ୍ୟାପତି ତାଙ୍କ ସେବାର ଗୋଟିଏ ଗୋଟିଏ ଅଙ୍ଗ। ସେହିପରି ଶଙ୍କରାଚାର୍ଯ୍ୟଙ୍କ ସ୍ତୁତି, ଚୈତନ୍ୟଙ୍କ ଭକ୍ତି, ସାଲବେଗଙ୍କ ସଙ୍ଗୀତ ଓ ଦାସିଆ ବାଉରିର ଅଧିକାର ତାଙ୍କ ସୃଷ୍ଟିର ଅନବଦ୍ୟ ଅବଦାନ। ବିଶ୍ୱାବସୁ ଶବର ଦ୍ୱାରା ପୂଜିତ ନୀଳମାଧବ ଉତ୍ତାନ ହୋଇ ପରିଶେଷରେ ଦାରୁବ୍ରହ୍ମ ଭାବରେ ଆସି ଚତୁର୍ଦ୍ଧାମୂର୍ତ୍ତି ରୂପରେ ପ୍ରତିଷ୍ଠିତ ହୋଇ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀକ୍ଷେତ୍ରରେ ବିଦ୍ୟମାନ ହେଲେ। ତେଣୁ ଶ୍ରୀଜଗନ୍ନାଥ ବୌଦ୍ଧ କିମ୍ବା ଜୈନ ସଂପ୍ରଦାୟର ଦେବତା ବୋଲି କୁହାଯାଇପାରିବ ନାହିଁ ବରଂ ସେ ହେଉଛନ୍ତି ସର୍ବ ଧର୍ମର ସ୍ୱାମୀ ତାଙ୍କ ପାଖରେ ସମସ୍ତେ ସମାନ। ସେ ଏକା ଧାରରେ ବୈଷ୍ଣବମାନଙ୍କର ବିଷ୍ଣୁ, ବୌଦ୍ଧମାନଙ୍କର ବୁଦ୍ଧ, ଜୈନମାନଙ୍କର ଜିନେଶ୍ୱର, ଶବରମାନଙ୍କର ପତିତପାବନ। ସବୁ ଧର୍ମର ଭକ୍ତମାନେ ଆସି ତାଙ୍କର ଉପାସନା କରିଅଛନ୍ତି ଏବଂ କରୁଛନ୍ତି। ଶ୍ରୀଜଗନ୍ନାଥ ଚେତନା ଅତି ବ୍ୟାପକ ଓ ଉଦାର କୌଣସି ଗୋଟିଏ ଜାତି ଓ ସଂପ୍ରଦାୟରେ ସେ ଆବଦ୍ଧ ନୁହନ୍ତି। ଜଗତର ନାଥ ହୋଇଥିବାରୁ ସେ ଜଗତବାସୀଙ୍କୁ ଏକ ସାମ୍ୟ ଦୃଷ୍ଟିରେ ଦେଖୁଥାଆନ୍ତି।


# DM Associates
# Chartered Accountants

**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

# ଲକ୍ଷ୍ମୀ ଭଗିନୀ ଅଲକ୍ଷ୍ମୀ

ଗିରିଜା ମଞ୍ଜରୀ ପାଢ଼ୀ

ପୂର୍ବ କାଳରେ ଦେବ ଦାନବ ଗଣ ସମୁଦ୍ର ମନ୍ଥନ କଲେ । ସେହି ମନ୍ଥନରୁ ଲକ୍ଷ୍ମୀ, କାମଧେନୁ, କୌସ୍ତୁଭ ମଣି, ଅମୃତ ବିଶଲ୍ୟକରଣୀ, ଐରାବତ ହସ୍ତୀ, ଉଚ୍ଚୈଶ୍ରବା ଅଶ୍ୱ ଏବଂ ଅଷ୍ଟାନିଧି ଆଦି ଲାଭ ହେଲା । ବ୍ରହ୍ମା ମହାଲକ୍ଷ୍ମୀଙ୍କୁ ନାରାୟଣଙ୍କୁ ପ୍ରଦାନ କଲେ । ନାରାୟଣ ଲକ୍ଷ୍ମୀଙ୍କୁ ଘେନି ବୈକୁଣ୍ଠକୁ ଗଲେ । ଏହି ମଧୁର ଯୁଗଳ ମୂର୍ତ୍ତି ବୈକୁଣ୍ଠକୁ ଶୋଭାମୟ କଲା । ଲକ୍ଷ୍ମୀ ନାରାୟଣଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହୋଇ ଉଠିଲା ।

ଦିନେ ମହାଲକ୍ଷ୍ମୀ ଅତି ବିନୟରେ ବିଷ୍ଣୁଙ୍କ ଚରଣ ତଳେ ଏକ ନିବେଦନ କଲେ । ହେ, ନାଥ ମୋର ଏକ ଜ୍ୟେଷ୍ଠା ଭଗ୍ନୀ ଅଛନ୍ତି । ସେ ଅତି କୁରୂପା ଏବଂ କଳହପ୍ରିୟା । ତାଙ୍କର ନାମ 'ଅଲକ୍ଷ୍ମୀ' । ତା'ର କୁକର୍ମ ଦେଖି କେହି ତାହାକୁ ବିବାହ କରୁନାହାନ୍ତି । ଅବିବାହିତା ଯୁବତୀ କନ୍ୟାକୁ ଘରେ ରଖି ମୋର ପିତା ବରୁଣ ଦେବ ଅତ୍ୟନ୍ତ ଚିନ୍ତାରେ ଅଛନ୍ତି । ଆପଣ ତ ଜଗତକର୍ତ୍ତା । ଏହି ଅଲକ୍ଷ୍ମୀ ଝିଅକୁ ବିଭା କରାଇ ଆମକୁ ଚିନ୍ତାମୁକ୍ତ କରନ୍ତୁ । ଲକ୍ଷ୍ମୀଙ୍କ ପ୍ରାର୍ଥନା ଶୁଣି ବିଷ୍ଣୁ ଗରୁଡ ପିଠିରେ ବସି ଉଦ୍ଦାଳକ ମୁନିଙ୍କ ଆଶ୍ରମକୁ ଗଲେ । ବିଷ୍ଣୁଙ୍କୁ ଦେଖି ମୁନି ବିଷ୍ଣୁଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ ।

ଏହାପରେ ବିଷ୍ଣୁ ମୁନିଙ୍କୁ କହିଲେ, ହେ ମୁନି ଆପଣଙ୍କ ସହିତ ବନ୍ଧୁତା ବାନ୍ଧିବା ପାଇଁ ମୁଁ ଏକ ପ୍ରସ୍ତାବ ଧରି ଆସିଛି । ତୁମେ ଯଦି ମୋତେ ଭଲ ପାଅ, ତେବେ ଲକ୍ଷ୍ମୀଙ୍କର ଜ୍ୟେଷ୍ଠା ଭଗ୍ନୀଙ୍କୁ ବିବାହ କର । ଏହା ଶୁଣି ଉଦ୍ଦାଳକ ମୁନି ଆନନ୍ଦିତ ହେଲେ । ପ୍ରଭୁଙ୍କ ପଦତଳେ ନତମସ୍ତକ ହୋଇ କହିଲେ, ହେ କରୁଣା ସାଗର, ମୁଁ ଆଜି ନିସ୍ତାର ହୋଇଗଲି । ଆପଣଙ୍କ ଶ୍ରୀମୁଖ ବଚନକୁ କିପରି ଲଂଘିବି ? ତା'ପରେ ବିଷ୍ଣୁ ଏହା ହେଉ ବୋଲି କହିଲେ ।

ନାରାୟଣଙ୍କ ଆଜ୍ଞା ପାଇ ସକଳ ମୁନି ଋଷି ବରୁଣ ଦେବତାଙ୍କ ନିକଟକୁ ଦୂତ ପଠାଇଲେ । ତାଙ୍କୁ ସମସ୍ତ ବୃତ୍ତାନ୍ତ ଶୁଣାଇଲେ । ତାଙ୍କ ଜ୍ୟେଷ୍ଠା କନ୍ୟା ସହିତ ଉଦ୍ଦାଳକ ମୁନିଙ୍କ ବିବାହର ଅନୁମତି ଚାହିଁଲେ । ବରୁଣ ରାଜା ନିଜ ଜ୍ୟେଷ୍ଠାକନ୍ୟାଙ୍କୁ ମଣ୍ଡପକୁ ଆଣି ଉଦ୍ଦାଳକ ମୁନିଙ୍କ ସହିତ ବିବାହ କରାଇଲେ । ଉପସ୍ଥିତ ଲୋକମାନେ କନ୍ୟାକୁ ଦେଖି ତଟସ୍ଥ । ନାଁଟି ତ ଅଲକ୍ଷ୍ମୀ । ପୁଣି ରୂପଗୁଣ ହୀନା । ବୟସ୍କା, ପୃଥୁଳା ବିଶାଳ ବକ୍ଷା, କ୍ଷୀଣ କଟୀ, ପିଙ୍ଗଳ କେଶୀ । ଲମ୍ବ କର୍ଣ୍ଣ, ରକ୍ତବର୍ଣ୍ଣ ଚକ୍ଷୁ, ବିରାଟ ମୁଖ ଦ୍ୱିପଖା ଚୂଲି ଝିଙ୍କା ପରି ନାସିକା । କାନ ପର୍ଯ୍ୟନ୍ତ ବିସ୍ତୃତ ପାଟି । ହଳଦିଆ ଦନ୍ତପଂକ୍ତି । ଭୟଙ୍କରୀ ରୂପ । ଖଡ୍ଗ ତୁଲ୍ୟ ଜିହ୍ୱା । ଉଚ୍ଚ ଓଠରୁ ତିକ୍ତ କର୍କଶ ବାଣୀ । ବଡ଼ବଡ଼ ପାଦ । କ୍ଷୁଦ୍ର ହସ୍ତ । ଯେତେ ମୂଲ୍ୟବାନ ବସ୍ତ୍ର ଅଳଙ୍କାର ପରିଧାନ କରି ମଧ ସେ ସୁନ୍ଦର ଦିଶୁ ନଥାଏ । ତା'ର ବଗପରି ଠିଆ ହେବା ଭଙ୍ଗୀ, କୁଆ ପରି ବକ୍ର ଦୃଷ୍ଟି ଅଦ୍ଭୁତ ଲାଗୁଥାଏ ।

ବିଷ୍ଣୁଙ୍କୁ ମାନି ଉଦ୍ଦାଳକ ଋଷି, କନ୍ୟାର ରୂପଗୁଣ ନ ଦେଖି ଅଲକ୍ଷ୍ମୀକୁ ବିଭାହେଲେ । ବିବାହ ଶେଷରେ ଉଦ୍ଦାଳକ ମୁନି ବଧୂକୁ ଧରି ନିଜ ଆଶ୍ରମକୁ ଚାଲିଲେ । ଯୁବତୀମାନେ ହୁଳହୁଳି ପକାଇ ତାକୁ ଦୀପରେ ବନ୍ଦାଇଲେ । ମୁନି ଋଷିମାନେ ବେଦଧ୍ୱନି କଲେ । ବରୁଣ କନ୍ୟା ଅଲକ୍ଷ୍ମୀ ଏହା ଦେଖି ଦୁଃଖିତ ହୋଇ ଘରୁ ବାହାରି ଦାଣ୍ଡରେ ଆସି ଠିଆ ହେଲା ।

**ମୁଁ ବରୁଣ କନ୍ୟା ଅଲକ୍ଷ୍ମୀ । ମୁଁ କଳହ, ବିବାଦପ୍ରିୟା, ଯେଉଁ ଘରେ ପ୍ରତ୍ୟେକ ନାରୀ କଳେହୀ ବାରୁଆଳୀ, ନିତି କଳି କରୁଥାନ୍ତି, ଘରେ ପୁଅ ଝିଅ, ଦାସଦାସୀ, ଭଗବାନଙ୍କୁ ନିନ୍ଦା କରୁଥାନ୍ତି, ଠାକୁର ଘର ଅପରିଷ୍କାର ରଖିଥାନ୍ତି, ପଶାଖେଳି ମିଛ କପଟ କରି ମାଡ ଗୋଳ କରୁଥାନ୍ତି, ଯେଉଁ ଘରେ ନାରୀମାନେ ପରପୁରୁଷ ଗାମିନୀ ହୁଅନ୍ତି ଏବଂ ଅନ୍ୟକୁ ଉପହାସ କରନ୍ତି, ପୁଣି ଯେଉଁଠି ଜୀବ ହିଂସା ହେଉଥାଏ, ସେହି ସ୍ଥାନ ମୋତେ ଭଲ ଲାଗେ ।**

ଏହା ଦେଖି ଉଦ୍ଦାଳକ ମୁନି କହିଲେ – ତୁ ମୋର ଘର ଛାଡ଼ି ଅଲାଜୁକୀ ପରି ଦାଣ୍ଡରେ ଠିଆ ହୋଇ କାନ୍ଦୁଛୁ ? ତୋତେ କିଏ କ'ଣ କହିଲା ?

ଅଲକ୍ଷ୍ମୀ କହିଲା ହେ ମହାଋଷି ଶୁଣ । ମୁଁ ବରୁଣ କନ୍ୟା ଅଲକ୍ଷ୍ମୀ । ମୁଁ କଳହ, ବିବାଦପ୍ରିୟା, ଯେଉଁ ଘରେ ପ୍ରତ୍ୟେକ ନାରୀ କଳେହୀ ବାରୁଆଳୀ, ନିତି କଳି କରୁଥାନ୍ତି, ଘରେ ପୁଅ ଝିଅ, ଦାସଦାସୀ, ଭଗବାନଙ୍କୁ ନିନ୍ଦା କରୁଥାନ୍ତି, ଠାକୁର ଘର ଅପରିଷ୍କାର ରଖିଥାନ୍ତି, ପଶାଖେଳି ମିଛ କପଟ କରି ମାଡ ଗୋଳ କରୁଥାନ୍ତି, ଯେଉଁ ଘରେ ନାରୀମାନେ ପରପୁରୁଷ ଗାମିନୀ ହୁଅନ୍ତି ଏବଂ ଅନ୍ୟକୁ ଉପହାସ କରନ୍ତି, ପୁଣି ଯେଉଁଠି ଜୀବ ହିଂସା ହେଉଥାଏ, ସେହି ସ୍ଥାନ ମୋତେ ଭଲ ଲାଗେ । ମୋତେ ବେଦବଚନ, ପ୍ରାର୍ଥନା, ହରିଚରିତ ଶୁଣିଲେ ଅସହ୍ୟ ଲାଗେ । ଯେଉଁ ସୁନ୍ଦର ଯୁବକଯୁବତୀ ସୁବେଶ ହୋଇଥାନ୍ତି, ସେମାନଙ୍କୁ ମୁଁ ସହିପାରେନି । ଯେ ତୀର୍ଥ କ୍ଷେତ୍ରରେ ହବିଷ୍ୟ ଅନ୍ନ ଶୁଦ୍ଧ ପାତ୍ରରେ ରାନ୍ଧି ଖାଏ, ମୋ ଦେହଜଳିଉଠେ । ସୁଗନ୍ଧିତ ଫୁଲ, ଅଗୁର, ଚନ୍ଦନ ମୋତେ ଭଲ ଲାଗେନି । ଆଇଁଷି ଗନ୍ଧ ମୋର ପ୍ରିୟ । ତୁମ ଘରର ହୋମ ବାସ୍ନା ଓ ବେଦବଚନ ମୁଁ ସହି ପାରୁନି, ଯଦି ତୁମେ ମୋତେ ଆଶା କରୁଛ, ତେବେ କୁତ୍ସିତ ସ୍ଥାନକୁ ମୋତେନେଇ ଚାଲ । ଏହା କହି ଅଲକ୍ଷ୍ମୀ କାନ୍ଦିବାକୁ ଲାଗିଲା । ଏହା ଶୁଣି ଋଷି ଭାବିଲେ, ଏପରି ଅଲକ୍ଷଣୀ ଯାହା ଘରେ ରହିବ, ତାର ନର୍କ ଗତି । ଏଣୁ ଏହାକୁ ତ୍ୟାଗ କରିବା ଉଚିତ । ଯଶ, ଆୟୁଷ, ବିତ୍ତକୁ ଏ କ୍ଷଣକରେ ନାଶ କରିଦେଇପାରେ । ଏହା ପାଞ୍ଚି ମୁନି ପତ୍ନୀକୁ ଧରି ବହୁଦୂରରେ ଘଞ୍ଚ ଅରଣ୍ୟରେ ଥିବା ଏକ ଓସ୍ତ ଗଛ ମୂଳରେ ପହଞ୍ଚିଲେ । ସେଦିନ ଶନିବାର । ମୁନି କହିଲେ – ତୁ ଏଇଠି ରହିଥା । ମୁଁ ତୋର ବ୍ୟବସ୍ଥା କରୁଛି । ଏହା କହି ଅଲକ୍ଷ୍ମୀକୁ ଓସ୍ତ ଗଛ ମୂଳେ ଛାଡି ଆଶ୍ରମକୁ ଫେରିଲେ । ସ୍ୱାମୀ ନ ଫେରିବାରୁ ଅଲକ୍ଷ୍ମୀ ଉଚ୍ଚ କର୍କଶ ସ୍ୱରରେ କାନ୍ଦିବାକୁ ଲାଗିଲା । ଲକ୍ଷ୍ମୀ, ଅଲକ୍ଷ୍ମୀ କ୍ରନ୍ଦନ ଶୁଣି ପାରିଲେ । ସେ ନାରାୟଣଙ୍କୁ ପ୍ରାର୍ଥନା କଲେ, ମୋ ବଡ଼ଭଉଣୀ କର୍ମଦୋଷରୁ ପତି ବିରହରେ ଘୋର ଅରଣ୍ୟରେ ରୋଦନ କରୁଛି । ତୁମେ ତା'ର ଦୁଃଖ ଦୂରକର, ନ ହେଲେ ମୋ ପାଖକୁ ଘେନି ଆସ । ଲକ୍ଷ୍ମୀଙ୍କ ଅନୁରୋଧରେ ନାରାୟଣ ଗରୁଡ ବାହନରେ ଯାଇ ସେଠାରେ ପହଞ୍ଚିଲେ ।

ପ୍ରଭୁଙ୍କୁ ଦେଖି କ୍ରୋଧ ସମ୍ଭାଳି ଅଲକ୍ଷ୍ମୀ ଗଛ ଉହାଡରେ ଲୁଚିଲା ଏବଂ ନାରାୟଣଙ୍କୁ ଦେଖି ଖୁସି ହେଲା । ପ୍ରଭୁ ତା' ମନକଥା ଜାଣିଲେ, କହିଲେ, ତୁମେ ସିନ୍ଧୁ ଜେମା, ଲକ୍ଷ୍ମୀଙ୍କର ଜ୍ୟେଷ୍ଠା ଭଗ୍ନୀ । ମୋତେଲକ୍ଷ୍ମୀ ପଠାଇଛନ୍ତି ତୁମକୁ ତାଙ୍କ ପାଖକୁ ନେଇ ଯିବା ପାଇଁ । ସେହି ବୈକୁଣ୍ଠ ଧାମ ସର୍ବ ସୁଖ ସମ୍ପଦରେ ଭରା । ସାଧୁସନ୍ଥମାନେ ମୋର ନାମ ଜପି ବୈକୁଣ୍ଠକୁ ଗମନ କରିଥାନ୍ତି ।

ଅଲକ୍ଷ୍ମୀ କହିଲେ – ପୂର୍ବ ଜନ୍ମର ପାପପଙ୍କରୁ ମୁଁ ଉଦ୍ଧାର ନ ପାଇ ବରୁଣ ଘରେ କନ୍ୟା ହୋଇ ଜନ୍ମ ନେଲି । ମୋର ନାମ ଅଲକ୍ଷ୍ମୀ । ଧର୍ମ କଥା ମୋତେ ବିଷ ପରି ଲାଗେ । ଧର୍ମ ସ୍ଥାନରେ ମୁଁ ରହିପାରେ ନାହିଁ । ମୋ ଭଉଣୀ ଘର ବୈକୁଣ୍ଠକୁ କିପରି ମୁଁ ଯିବି ? ତା'ର ସୁନ୍ଦର ରୂପ ଏବଂ ମଧୁର ପତିପତ୍ନୀ ସୁଖ ଦେଖିଲେ, ମୋ ଦେହ ଜଳିଯାଏ । ତୁମେ ତ ଅନ୍ତର୍ଯ୍ୟାମୀ, ମନ କଥା ଜାଣ । ମୋ ପାଇଁ ଉପଯୁକ୍ତ ସ୍ଥାନଟିଏ ଦିଅ । ସ୍ୱାମୀଠାରେ ମୋର କିଛି କାର୍ଯ୍ୟ ନାହିଁ । କୃଷ୍ଣ ପ୍ରସନ୍ନ ହୋଇ କହିଲେ ତୁମର ଦୁଃଖ ଗଲା । ଆଜିଠାରୁ ଶନିବାର ଦିନ ତୁମକୁ ଯେଉଁ ଲୋକ ପୂଜା କରିବେ, ଓସ୍ତଗଛରେ ମୋ ରୂପ ଦର୍ଶନ କରି ବୈକୁଣ୍ଠ ପ୍ରାପ୍ତ ହେବେ । ସେ ଦିନ ତୁମେ ମୋ ସହିତ ପୂଜା ପାଇବ । ଅନ୍ୟଦିନମାନଙ୍କରେ ତୁମେ ଓସ୍ତମୂଳରେ ପ୍ରେତଗଣଙ୍କ ସହିତ ଥିବ । ଯେ ରାତ୍ରିକାଳରେ ଓସ୍ତମୂଳରେ ବସିବ, ତୁମେ ତାଙ୍କଠାରେ ସବାର ହେବ । ଏଣୁ ତା'ର ଦୁଃଖ ବଢ଼ିବ । ତୁମର ପୁଣି କେଉଁଠି କେଉଁଠି ବାସ, ତାହା ବି ମୁଁ କହୁଛି ଶୁଣ, ନିତି କଳହ, ଗଣ୍ଡଗୋଳ, ଅଶାନ୍ତ ଘରେ, ମିଥ୍ୟାଭାଷୀ କାନ୍ଧରେ ତୁମେ ରହିବ । ଯେ ପରନିନ୍ଦୁକ, ଅଶୁଚି, ଦେବ ଦର୍ଶନ ବିମୁଖ, କୁସଙ୍ଗୀ, ଜୁଆଡୀ, ନିଶାଡୀ, ପରନାରୀ ଅପମାନକାରୀ, ଜୀବ ହିଂସୁକ, ସେମାନଙ୍କ କାନ୍ଧରେ ତୁମେ ରହିବ । ପୁଣି ଯେ ଦେବ, ବିପ୍ର, ଶାସ୍ତ୍ର ନିନ୍ଦୁକ, ଗୋସେବା ବିମୁଖ, ସେମାନଙ୍କ କାନ୍ଧରେ ବସିବ ।

ପୁଣି ଯେଉଁ ନାରୀ ସ୍ୱାମୀର ଆଜ୍ଞାକାରିଣୀ ନୁହେଁ, ସଦା ପତିଙ୍କ ସହିତ କଳହ, ଯୁକ୍ତିତର୍କ କରେ, ଘରର ଗୋପନୀୟ କଥା ଘର ଘର ବୁଲି ବଖାଣେ, ବା ପର ନିନ୍ଦା କରେ, ପୁଅ ଝିଅ ଓ ପରିବାର ଲୋକମାନଙ୍କ ସହିତ ନିଷ୍ଠୁର ବ୍ୟବହାର କରେ, ଏପରି ସ୍ତ୍ରୀଲୋକ ପାଖରେ ରହିବ । ଏସବୁ ତୁମର ସ୍ଥାନ । ତୁମେ ଆଉ ତୁମ ସ୍ୱାମୀଙ୍କ ପାଇଁ ଚିନ୍ତା କର ନାହିଁ । ତୁମ ପାଇଁ ମୁଁ ସ୍ଥାନ ନିରୁପଣ କଲି । ଏହା କହି ପ୍ରଭୁ ନାରାୟଣ ବୈକୁଣ୍ଠକୁ ଗମନ କଲେ ।

(ତଥ୍ୟ କାର୍ତ୍ତିକ ମହାତ୍ମ୍ୟ)

*ଏଲ୍ ୩/୩, ଖାରବେଳ ନଗର, ଭୁବନେଶ୍ୱର-୧*
*ଫୋନ: ୭୯୭୮୬୫୭୨୪୪*

କଥା ଓ କାହାଣୀ

# ଭରତ କକା

## ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

ଆଜି ଭରତ କକାଙ୍କ ଭଳି ଏକ ଅହଙ୍କାର ଶୂନ୍ୟ ସରଳ ମଣିଷଙ୍କର ଜୀବନ କାହାଣୀକୁ ମୋ ଗଳ୍ପରେ ରୂପାୟନ କରୁଥିବାରୁ ନିଜକୁ ଧନ୍ୟ ମନେ କରୁଛି।

ଭରତ କକାଙ୍କଠାରୁ ଜୀବନସାରା ଯେତିକି ସ୍ନେହ ଶ୍ରଦ୍ଧା ଲାଭ କରିଛି, ତାଙ୍କ ଜୀବନ କହାଣୀଟା କେବଳ ଲେଖିଦେଲେ ତାହା ପରିଶୋଧ ହେଇ ପାରିବ ନାହିଁ।

ମୁଁ ଏବେ ବୟସର ଉତ୍ତର ମଧ୍ୟାହ୍ନ ଅତିକ୍ରମ କରି ସାରିଛି। ମୋ ଜୀବନର ଅନେକ ହସକାନ୍ଦର ସୋପାନକୁ ସର୍ପିଳ ପଥରେ ଗତି କରି ସାରିଛି।

ଚାକିରିରୁ ଅବସର ନେଇ ସାରିଛି।

କେବଳ ସାରସ୍ୱତ ସାଧନାକୁ ସମ୍ବଳ କରି ଅବଶିଷ୍ଟ ଜୀବନକୁ ଭଲରେ ନିରାଡମ୍ବର ଭାବରେ ବିତାଇ ଦେବାକୁ ନିଷ୍ପତ୍ତି ନେଇଛି।

ଭରତ କକା କିଛି ବର୍ଷ ହେଲା ଇହଧାମ ପରିତ୍ୟାଗ କରି ସାରିଲେଣି।

ମୋର ବିଶ୍ୱାସ, ସେ ନିଶ୍ଚିତ ଭାବେ ତାଙ୍କର ଆତ୍ମା ସଦ୍‌ଗତି ଲାଭ କରି ସାରିଥିବ।

ତାଙ୍କ ବିୟୋଗରେ ଏତେ ବର୍ଷ ପରେ ବି ଅନେକ ସମୟରେ ତାଙ୍କ କଥା ମୋର ଭୀଷଣ ମନେ ପଡୁଛି। ତାଙ୍କର ପ୍ରତିଟି ଆଚରଣ, ଉଚ୍ଚାରଣ, ସୁନ୍ଦର ଆଚାର ବ୍ୟବହାର ଟିକିନିଖି ଚିତ୍ରାୟିତ ହୋଇଯାଉଛି ମୋର ମନ ପରଦାରେ। ତାଙ୍କ ହସ ହସ ଆଳାପର ପ୍ରତିଟି ସଂଳାପ ଅନେକ ସମୟରେ ମୋ କର୍ଣ୍ଣରେ ପ୍ରତିଧ୍ୱନିତ ହୋଇ ଯାଉଛି। ମୁଁ ଏକାକୀ କେଉଁଠି ବସିଥିବାବେଳେ, ଏକାକୀ ଚାଲୁଥିବାବେଳେ, ଦୀର୍ଘପଥ ମୋ କାର୍ ମୋ ଡ୍ରାଇଭର୍ ଚଲେଇ କେଉଁଠାକୁ ନେଇ ଯାଉଥିବା ବେଳେ ମୁଁ ପଛରେ ଏକାକୀ ବସିଥିବା ବେଳେ ଭରତ କକାଙ୍କ କଥା ମୋର ଟିକିନିଖି ମନେ ପଡ଼ିଯାଉଛି।

ତାଙ୍କ ସ୍ମୃତିକୁ ଏଡ଼େଇ ରହିବାକୁ ଚାହିଁଲେ ବି ରହି ହେଉନାହିଁ। ଭରତକକା ମୋତେ ପୂରାପୂରି ଆଚ୍ଛନ୍ନ କରି ରହିଥିବା ପରି ପ୍ରତୀୟମାନ ହେଉଅଛି।

**ଭରତ କକା ଲାଞ୍ଚ ନିଷ୍ପତ୍ତି ନେଉ ନଥିବାରୁ କିଛି ଦଳୀୟ କର୍ମୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଭରତ କକାଙ୍କ ସାଧୁତା, ସତ୍ୟବାଦିତା ଓ ନିୟମାନୁବର୍ତ୍ତିତା ନିମନ୍ତେ ସେମାନଙ୍କ ଚକ୍ରାନ୍ତ ହାର ମାନି ଯାଇଥିଲା। ଭରତ କକା ଭୀଷଣ ସଂସ୍କୃତିପ୍ରେମୀ। ଐତିହ୍ୟ ଓ ପରମ୍ପରାକୁ ସେ ଯଥେଷ୍ଟ ସମ୍ମାନ ଦିଅନ୍ତି। ଗାଁରେ ଯେଉଁ ବାଦୀପାଲା ହୁଏ, ଅଷ୍ଟପ୍ରହରୀ ହୁଏ ସପ୍ତାହ ବସେ, ସବୁର ନେତୃତ୍ୱ ସେ ନିଜେ ନିଅନ୍ତି ବିନା ସ୍ୱାର୍ଥରେ।**

ଭରତ କକା ଆମ ସାହିର ଅନ୍ୟତମ ନାଗରିକ। ସେ ମୋଠାରୁ ଅତି କମ୍‌ରେ ପନ୍ଦର ବର୍ଷ ବଡ଼ ହେବେ। ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥିବାବେଳେ ସେ ବିବାହ କରିଥିଲେ ସେବତୀ ଖୁଡ଼ିଙ୍କୁ। ସେବତୀ ଖୁଡ଼ିଙ୍କ ବାପଘର ଆମ ଘରଠାରୁ ବେଶିଦୂର ନୁହେଁ। ମାତ୍ର କୋଡ଼ିଏ ବାଇଶି କିଲୋମିଟର ହେବ।

ସେବତୀ ଖୁଡ଼ିଙ୍କ ବାପା ତାଙ୍କ ଗାଁର ଜଣେ ଆଗଧାଡ଼ିର ଚାଷୀ। ମଧ୍ୟବିତ୍ତ ପରିବାର।

ସେବତୀ ଖୁଡ଼ି ତାଙ୍କ ବାପା ମାଆଙ୍କର ଜ୍ୟେଷ୍ଠା କନ୍ୟା। ସେବତୀ ଖୁଡ଼ିଙ୍କୁ ସେ କାଳରେ ଅନେକ ଯୌତୁକ ଦେଇଥିଲେ। ହାତକୁ, ବେକକୁ, କାନକୁ, ବାହୁକୁ ଯାବତୀୟ ସୁନାର ଆୟ ଅଳଙ୍କାର ସହିତ, ସୋଫାସେଟ୍, ବମ୍ବେ ପାଟର୍ଣ୍ଣ ସାଗୁଆନ ପଲଙ୍କ, ଷ୍ଟୀଲ ଆଲ୍‌ମିରା, ଡ୍ରେସିଂ ଟେବୁଲ୍ ସେଟ୍ ଓ ଭରତ କକାଙ୍କ ପାଇଁ ସେତେବେଳର ଆକର୍ଷଣୀୟ ରାଲେ ସାଇକେଲ ଗୋଲ୍ଡ ଚେନ୍‌ଲଗା ହାତ ଘଣ୍ଟା, ଫିଲିପସ ରେଡ଼ିଓ ଆଦି ଯୌତୁକ ଦେଇଥିଲେ।

ବରବେଶ ସାଜି ଭରତ କକା ଯେତେବେଳେ ବୀର ଭଳି ନୂଆ ଯୋଡ଼ ଓ ନୂଆ ପଞ୍ଜାବୀ ପିନ୍ଧି ହାତରେ କଟୁରୀ ଧରି ପାଲିଙ୍କି ଚଢ଼ି ବରହୋଇ ଗଲେ, ଖୁବ୍ ସୁନ୍ଦର ଦିଶୁଥିଲେ। ମୁଁ ସେତେବେଳେ ଛୋଟ ଥିଲେ ବି ମୋର ସବୁ ମନେ ଅଛି।

ଭରତ କକାଙ୍କ ବାହାଘରର ଭୋଜି ମଧ୍ୟ ଖୁବ୍ ଜାକଜମକରେ ଆମ ଗାଁରେ ହୋଇଥିଲା। ଆମ ଗାଁ ଲୋକଙ୍କ ସହିତ ପାଖଆଖ ଗାଁର ଅନେକ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରାଯାଇଥିଲା।

ବାହାଘରରେ ବର ଗଲାବେଳେ ଯେଭଳି ବାଣ ରୋଷଣୀର ବ୍ୟବସ୍ଥା ହୋଇଥିଲା। ଠିକ୍ ସେହିପରି ଚଉଠି ଦିନ ଭୋଜି ଅବକାଶରେ ମଧ୍ୟ ତେଲିଙ୍ଗ, ତୁରୀ, ଢୋଲ ଓ ମାଇକ୍ ବଜାଇବାର କିଛି କମ୍ ନଥିଲା।

ଅତ୍ୟନ୍ତ ଆକର୍ଷଣୀୟ ଭୋଜି। ନିମନ୍ତ୍ରିତ ଅତିଥିମାନେ ଭୁରିଭୋଜନ ଖାଇ ଆନନ୍ଦରେ ପ୍ରତ୍ୟାବର୍ତ୍ତନ କରିଥିଲେ।

ଭରତ କକାଙ୍କୁ ନୂଆ ଧୋତି ପଞ୍ଜାବୀ ସହିତ କାନ୍ଧରେ ଚଦର ପିନ୍ଧା ସାଙ୍ଗକୁ କପାଳରେ ଚନ୍ଦନ ଓ ବେକରେ ଫୁଲମାଳ ଭାରି ସୁନ୍ଦର ଦିଶୁଥିଲା।

ସେତେବେଳେ ତ ମୁଁ ଏକ ଅବୋଧବାଳକ। ଭରତ କକାଙ୍କ ସହିତ ଖୁବ୍ ବେଶିରେ ମିଳାମିଶା ନଥିଲେ ମଧ୍ୟ ସେ ମୋତେ ଯଥେଷ୍ଟ ଶ୍ରଦ୍ଧା କରୁଥିଲେ।

ତା'ପରେ ମୁଁ ବଡ଼ ହେଲି।

ଆମରି ଗାଁ ସ୍କୁଲରୁ ସପ୍ତମ ଶ୍ରେଣୀ ପାସ୍ କରି ଆମ ଗାଁରେ ଗଢ଼ି ଉଠିଥିବା ନୂଆ ହାଇସ୍କୁଲରେ ନାମ ଲେଖାଇଲି।

ଭରତ କକା ତାଙ୍କ ବିବାହ ପରେ ନିଜର ଜମିବାଡ଼ି ଚାଷ ଖବର ବୁଝାବୁଝି କରିବା ସହିତ ଟେଲେରିଂ ଶିକ୍ଷା କରି ଗାଁର ଲୋକମାନଙ୍କ ସାର୍ଟପେଣ୍ଟ ଆଦି ତିଆରି କରି କିଛି ଉପାର୍ଜନ କରି ଘର ଚଳାଇଲେ।

ଭରତ କକାଙ୍କର ଏହା ହେଲା ଜୀବନଜୀବିକା କଥା। କିନ୍ତୁ ତାଙ୍କ ଜୀବନର ଅନ୍ୟ ଏକ ବୃହତ୍ ଦିଗ କଥା ଭାବିଲେ ତାଙ୍କ ପ୍ରତି ମୁଣ୍ଡ ନଇଁ ଆସେ।

ଭରତ କକା ଯେପରି ସାମାଜିକ ଠିକ୍ ସେହିପରି ପରୋପକାରୀ।

ନିଜ ଗାଁ ତଥା ଆଖପାଖ ଅଞ୍ଚଳର ପ୍ରତ୍ୟେକଙ୍କ ବିବାହ, ବ୍ରତ କିମ୍ବା ଏକାଦଶ ଶୁଦ୍ଧି ଶ୍ରାଦ୍ଧରେ ଭରତ କକା ଆଗ ଯୋଗଦାନ କରି ସେମାନଙ୍କୁ ଯଥେଷ୍ଟ ସାହାଯ୍ୟ ସହଯୋଗ କରନ୍ତି। ଅତିଥିମାନେ କିପରି ଭଲରେ ଚର୍ଚ୍ଚିତ ହୋଇଯିବେ, ସେଥିପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ରଖିଥାନ୍ତି ଭରତ କକା।

ଗାଁରେ କିଏ ମୃତ୍ୟୁମୁଖରେ ପଡ଼ିଲେ, ଭରତ କକା ଆଗେ ଘରୁ ଗୋଡ଼ କାଢ଼ି ଯାଇ ମୃତବ୍ୟକ୍ତିଙ୍କ ପରିବାରକୁ ପୂର୍ଣ୍ଣ ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିଥାନ୍ତି। ଏପରିକି ଶବ ନିମନ୍ତେ ବାଉଁଶ କାଟିବା, ଛଣରେ ଦଉଡ଼ି ବଳିବାଠାରୁ ଆରମ୍ଭ କରି ଶବକୁ କାନ୍ଧ ଦେଇ ଶ୍ମଶାନକୁ ନେଇ ଦାହ କରିବା ପର୍ଯ୍ୟନ୍ତ ସବୁଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି।

କେବଳ ସେତିକି ନୁହେଁ, ଗାଁରେ ନ୍ୟାୟ ନିଶାପଠାରୁ ଆରମ୍ଭ କରି କାହାର କଳି ତକରାଳ ତୁଟାଇବା ପର୍ଯ୍ୟନ୍ତ ସବୁଥିରେ ଭରତ କକାଙ୍କର ଆଗ ଡାକ।

ଗାଁର ସ୍କୁଲ, କ୍ଲବଘର, ମନ୍ଦିରର ମେଳା ମହୋତ୍ସବ ସବୁଥିରେ ଭରତ କକା ଆଗକୁ ବାହାରି ଥାଆନ୍ତି।

ଭରତ କକା ଏତେ ଭଲଲୋକ ଯେ ତାଙ୍କ ସ୍ନେହଶ୍ରଦ୍ଧାରେ ସମସ୍ତେ ଯେମିତି କିଣି ହୋଇଯାଆନ୍ତି।

ଭରତ କକାଙ୍କ ପରି ମାନବପ୍ରେମୀ ବ୍ୟକ୍ତି ଖୁବ୍ କମ୍ ଦେଖାଯାନ୍ତି।

ମୁଁ ହାଇସ୍କୁଲ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଆମ ସ୍କୁଲରେ ସର୍ବ ପ୍ରଥମ ହୋଇ ପାସ୍ କରିବା ପରେ ମୋ ପ୍ରତି ଆମ ଅଞ୍ଚଳର ଲୋକଙ୍କ ଶ୍ରଦ୍ଧା ଓ ଭଲ ପାଇବା ଖୁବ୍ ବଢ଼ି ଯାଇଥିଲା। ସେହି ପରିପ୍ରେକ୍ଷୀରେ ଭରତ କକା ମଧ୍ୟ ମୋତେ ଅଧିକ ଆଦର କରିବାକୁ ଲାଗିଲେ।

ତାଙ୍କ ପରି ଭଲ ମଣିଷ ଜଣେ ଆମ ଅଞ୍ଚଳରେ ଆବିଷ୍କାର କରି ମୁଁ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ତାଙ୍କ ସ୍ନେହରେ ବାନ୍ଧି ହୋଇଯାଇଥିଲି।

ମୁଁ କଲେଜରେ ପଢ଼ିଲି। କଲେଜରୁ ଗାଁକୁ ଛୁଟିରେ ଆସିଲେ ତାଙ୍କୁ ଆଗେ ସାକ୍ଷାତ କରେ। କେବେ ତାଙ୍କ ଘରେ ତ କେବେ ତାଙ୍କ ଟେଲରିଂ ଦୋକାନରେ।

ମୋତେ ଦେଖି ଭରତକକା ଆନନ୍ଦରେ ବିହ୍ୱଳ ହୋଇ କେତେ କଥା କହି ପକାନ୍ତି ଅତ୍ୟନ୍ତ ଆବେଗରେ।

ଭରତ କକା କ୍ରମଶଃ ବହୁ କୁଟୁମ୍ବୀ ହୋଇଗଲେ। ରାମଚନ୍ଦ୍ରଙ୍କୁ ଲକ୍ଷ୍ମଣ ସମ୍ମାନ ଦେବା ପରି ସେ ତାଙ୍କ ବଡ଼ଭାଇଙ୍କୁ ସମ୍ମାନ ଦେଉଥିଲେ ମଧ୍ୟ ପରିଶେଷରେ ତାଙ୍କ ଭାଇଙ୍କଠାରୁ ତାଙ୍କୁ ଭିନ୍ନ ହୋଇ ରହିବାକୁ ପଡ଼ିଥିଲା।

ଭରତ କକାଙ୍କର ତିନୋଟି ପୁଅ ଓ ତିନୋଟି ଝିଅ ହୋଇଥିଲେ। ସେମାନଙ୍କୁ ପାଳିପୋଷି ଶିକ୍ଷାଦୀକ୍ଷା ଦେଇ ବଡ଼ କରି ବାହାସାହା ଦେଇ ମଣିଷ କରିବା ଭରତ କକାଙ୍କ ପାଇଁ କାଠିକର ପାଠ ହୋଇଥିଲା।

ଭରତ କକା ସେ ସମ୍ପର୍କରେ କହନ୍ତି - ମୋର କିଛି କରିବାର ନାହିଁ। ଯାହା ହବାର ଥିଲା ହୋଇଗଲା।

ପିଲାଙ୍କୁ ଈଶ୍ୱର ରକ୍ଷା କରିବେ। ମୋ କର୍ମ ମୁଁ କରୁଛି। ମୋ ଚାଷବାସ କଥା ବୁଝୁଛି। ଯେଉଁ ଟେଲରିଂ ବୃତ୍ତି ଆରମ୍ଭ କରିଛି ତାକୁ ବି ଯଥାରୀତିରେ ସମ୍ଭାଳିଛି।

ସମୟର ପ୍ରବାହରେ ଭରତ କକାଙ୍କ ଜୀବନ ସ୍ରୋତ ଯଥାରୀତି ପ୍ରବହମାନ ହୋଇ ଚାଲିଥିଲା।

ଭରତ କକା ତ ସମସ୍ତଙ୍କୁ ଭଲ ପାଆନ୍ତି। ମୋ ପରି ଆମ ଗାଁର ମୋର ଆଉ କେତେକ ସାଙ୍ଗ ମଧ୍ୟ ଗ୍ରୀଷ୍ମଦିନ ଛୁଟିରେ ଆମେ ପ୍ରତିଦିନ ଭରତ କକାଙ୍କ ଟେଲରିଂ ଦୋକାନକୁ ଟାଣି ହୋଇ ଯାଉ। କେତେ ଗପ କରୁ। ଭରତ କକା ମଜା ମଜା ଗପ କହନ୍ତି। ଆମ ଅଞ୍ଚଳର ଟିକିନିଖି ଖବର ତାଙ୍କ ପାଖରେ ଥାଏ। ସେ ତାଙ୍କ କାହାଣୀପେଡ଼ି ଖୋଲି ଦିଅନ୍ତି। କେଉଁ ଲୋକକୁ କେଉଁ ଉପାୟରେ ସେ ବାଟକୁ ଆଣିଥାନ୍ତି, ସବୁ ବଖାଣନ୍ତି।

ରଜ ଉତ୍ସବ ଓ ପ୍ରଥମାଷ୍ଟମୀ ବେଳେ ଭରତ କକାଙ୍କ ଦୋକାନରେ

ବେଶି ଭିଡ଼ ଥାଏ। ଆମ ଅଞ୍ଚଳର ଲୋକେ ରେଡିମେଡ୍ ପୋଷାକ କିଣି ପିନ୍ଧିବାଠାରୁ ମେସିନ ସିଲେଇ ପୋଷାକ ପିନ୍ଧିବାକୁ ବେଶି ପସନ୍ଦ କରନ୍ତି। ତେଣୁ ଭିଡ଼ ବେଶି।

ଭରତ କକାଙ୍କ ଉପରେ ଅଧିକ ଚାପ ପଡ଼େ। ସେ ରାତି ଅନିଦ୍ରା ହୋଇ କାମ କରନ୍ତି। ସେହି ସମୟରେ ଆମେ ଭରତ କକାଙ୍କୁ ସହଯୋଗ କରୁ। ତାଙ୍କ ଦ୍ୱାରା ପ୍ରସ୍ତୁତ ଜାମାପେଣ୍ଟରେ ଆମେ ବୋତାମ ଲାଗେଇ ଦେଉ, କାଜଘର ସଜାଡ଼ି ଦେଉ।

ଭରତ କକା ଟିକିଏ ଆଶ୍ୱସ୍ତ ହୁଅନ୍ତି। ଆମକୁ ଅଶେଷ ଆଶୀର୍ବାଦ କରନ୍ତି।

ପର୍ବ ସରିଗଲା ପରେ ସଭିଙ୍କର ଜାମାପେଣ୍ଟ କରି ଦେଇ ସାରିଲା ପରେ ଭରତ କକା ଦୁଇ ତିନି ଦିନ ସମ୍ପୂର୍ଣ୍ଣ ବିଶ୍ରାମ ନିଅନ୍ତି।

ସେବତୀଖୁଡ଼ି ଭରତକକାଙ୍କ ଘରକୁ ସୁଚାରୁରୂପେ ଚଳେଇ ନିଅନ୍ତି। ସେ ନିଜେ ବଡ଼ଘରର ଝିଅ ହୋଇଥିଲେ ମଧ୍ୟ ଭରତକକାଙ୍କ ଅଭାବୀ ଘରକୁ ବେଶ୍ ସୁନ୍ଦର ଭାବେ ଚଳେଇନିଅନ୍ତି ଯେ ଭରତକକାଙ୍କୁ କିଛି ସଂକଟ ଭୋଗ କରିବାକୁ ପଡ଼େ ନାହିଁ।

ପିଲାମାନଙ୍କୁ ବେଶି ପଢ଼ାଇବା ଭରତ କକାଙ୍କ ପକ୍ଷରେ ସମ୍ଭବ ହୋଇନଥିଲା। ଗାଁ ସ୍କୁଲରୁ ସମସ୍ତେ ମାଟ୍ରିକ ପାସ୍ କରିଥିଲେ। ଈଶ୍ୱରଙ୍କ ଦୟାରୁ ପିଲାମାନେ ନିଜ ନିଜ ବୁଦ୍ଧିରେ କାର୍ଯ୍ୟ କରିବାକୁ ଆରମ୍ଭ କଲେ। ବଡ଼ ଗୋଟାଏ ମଟରସାଇକେଲ ମେକାନିକ ହୋଇ ଗୋଟାଏ ଗ୍ୟାରେଜ ଖୋଲିଲା। ଆଉ ଜଣକୁ ଭରତ କକା ଆମ ବିଧାୟକଙ୍କୁ କହି ସ୍କୁଲରେ ଶିକ୍ଷକତା କରି ଦେଇଥିଲେ। ସବା ସାନପୁଅ ଚାଷବାସ କଥା ବୁଝିଲା।

ସମସ୍ତଙ୍କ ଉପାର୍ଜନରେ ଭରତକକାଙ୍କର ବଡ଼ ପରିବାରଟାଏ ହୋଇ ବି ସୁରୁଖୁରୁରେ ଚାଲିଲା।

ସେଥିପାଇଁ ମୁଁ ସେମତୀ ଖୁଡ଼ିଙ୍କୁ ବେଶି ଧନ୍ୟବାଦ ଦିଏ। ସେ ଠିକ ଭାବରେ ଘରଟା ଚଳାନ୍ତି ବୋଲି ସବୁ ସୁରୁଖୁରୁରେ ଚାଲେ।

ଭରତ କକା ମୋତେ ମଧ୍ୟ ତାଙ୍କ ଘରେ ଅନେକ ଥର ଖୁଆଇଛନ୍ତି। ଖାଇବାକୁ ବାଢ଼ିବା ସମୟରେ ସେବତୀ ଖୁଡ଼ି କହନ୍ତି – ଆମର ତ ଗରିବ ଘର। ଭଲମନ୍ଦ କିଛି ଧରିବ ନାହିଁ। ଖୁସିରେ ଖାଇଦେବ।

ଭରତ କକାଙ୍କ ମାନବ ପ୍ରେମ ଓ ସାଧାରଣ ଲୋକଙ୍କ ସେବାରେ ଆମ ଅଞ୍ଚଳର ଲୋକେ ସମସ୍ତେ ପ୍ରୀତ। ତେଣୁ ଭରତକକାଙ୍କ ଭଳି ଜଣେ ଜନସେବୀଙ୍କୁ ଆମ ପଞ୍ଚାୟତର ସରପଞ୍ଚ ପାଇଁ ରାଜନୈତିକ ଦଳର ପ୍ରସ୍ତାବ ଆସିଲା।

ଭରତ କକା ପ୍ରଥମରୁ ବାରଣ କରି କହିଲେ – ମୋତେ ସେ ଝାମେଲାରେ ପୂରାନ୍ତୁ ନାହିଁ। ରାଜନୀତି କିଏ, ମୁଁ କିଏ। ମୁଁ ଲୋକଙ୍କ ଭଲମନ୍ଦିରେ ଅଛି। ମୋ ପାଇଁ ସେତିକି ଯଥେଷ୍ଟ। ମୁଁ ଗୁଡ଼ାଏ ପାଠ ପଢ଼ିନାହିଁ। ସେ ସରପଞ୍ଚ କାମକୁ ନେଇ ଆଣି ତୁଲେଇବା ମୋ ପକ୍ଷରେ ସମ୍ଭବ ହେବନାହିଁ। ତା' ଛଡ଼ା ସରପଞ୍ଚମାନେ କୂଟକପଟ କରି ଦୁର୍ନୀତିଧନ ଘରେ ପୂରାନ୍ତି। ମୁଁ ତ ତାହା କରି ପାରିବି ନାହିଁ। ତା' ଛଡ଼ା ମୋ ଟେଲରିଂ ଦୋକାନ ଖଣ୍ଡାକ ବି ଭାଙ୍ଗିଯିବ। ମୋ ପିଲାଙ୍କୁ ଘର ଚଳେଇବା ପାଇଁ କିଛି ଦେବା ସମ୍ଭବ ହେବନାହିଁ। ମୁଁ ସେ କାଦୁଅରେ ପଶିବି କାହିଁକି ନା ଗୋଡ଼ ଧୋଇବି କାହିଁକି ?

ତା' ଛଡ଼ା ଆଜିକାଲି ନିର୍ବାଚନରେ ଯେଉଁ ଟଙ୍କା ଖର୍ଚ୍ଚ ମୁଁ ବା ପାଇବି କେଉଁଠୁ ?

ଭରତ କକାଙ୍କର ଏ ବାରଣ, ଶାସନରେ ଥିବା ରାଜାନୈତିକ ଦଳ ଶୁଣିଲେ ନାହିଁ। ସମସ୍ତ ଖର୍ଚ୍ଚ ଦଳ ପକ୍ଷରୁ ବହନ କରାଇ ଜବରଦସ୍ତ ଭରତକକାଙ୍କ ସରପଞ୍ଚ ପ୍ରାର୍ଥୀ କରାଇଲେ।

ବିନା କଷ୍ଟରେ ଭରତ କକା ନିର୍ବାଚନରେ ଜିତି ସରପଞ୍ଚ ହୋଇଗଲେ।

ସେବତୀ ଖୁଡ଼ି ଭରତକକାଙ୍କ ସରପଞ୍ଚ ପଦପ୍ରାପ୍ତିରେ ଖୁସି ହେଲେ ଯେ ତେବେ ରାଜନୀତିର ପଶାପାଲିରେ ଭରତ କକାଙ୍କ ପରି ସରଳ ଭଦ୍ରଲୋକ ଚଳାଇ ପାରିବେ ନାହିଁ ବୋଲି ପ୍ରମାଦ ଗଣୁଥିଲେ।

ଭରତ କକାଙ୍କ ପିଲାଏ ଏଥିରେ ଖୁସି ହେଲେ।

ଭରତ କକାଙ୍କର କେବଳ ଆମ ଅଞ୍ଚଳରେ ନୁହେଁ ଆମର ସାରା ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତା ବୃଦ୍ଧି ପାଇବାକୁ ଲାଗିଲା।

ଭରତ କକା ଲାଞ୍ଚ ନିଷ୍ପତ୍ତି ନେଉ ନଥିବାରୁ କିଛି ଦଳୀୟ କର୍ମୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଭରତ କକାଙ୍କ ସାଧୁତା, ସତ୍ୟବାଦିତା ଓ ନିୟମାନୁବର୍ତ୍ତିତା ନିମନ୍ତେ ସେମାନଙ୍କ ଚକ୍ରାନ୍ତ ହାର ମାନି ଯାଇଥିଲା। ଭରତ କକା ଭୀଷଣ ସଂସ୍କୃତିପ୍ରେମୀ। ଐତିହ୍ୟ ଓ ପରମ୍ପରାକୁ ସେ ଯଥେଷ୍ଟ ସମ୍ମାନ ଦିଅନ୍ତି। ଗାଁରେ ଯେଉଁ ବାଦୀପାଲା ହୁଏ, ଅଷ୍ଟପ୍ରହରୀ ହୁଏ ସପ୍ତାହ ବସେ, ସବୁର ନେତୃତ୍ୱ ସେ ନିଜେ ନିଅନ୍ତି ବିନା ସ୍ୱାର୍ଥରେ।

ଭରତ କକା ମଧ୍ୟ ଜଣେ ଦକ୍ଷ ଅଭିନେତା। ଆମ ଗ୍ରାମର ପୂର୍ବତନ ଜମିଦାର ଥିଲେ ଜଣେ ଦକ୍ଷ ନାଟ୍ୟ ନିର୍ଦ୍ଦେଶକ। ସେ ପ୍ରତିବର୍ଷ ଗ୍ରାମର ଯୁବକମାନଙ୍କୁ ଏକତ୍ରିତ କରାଇ ଅତି କମରେ ଦୁଇ ତିନିଟି ନାଟକ ମଞ୍ଚସ୍ଥ କରାଇଥାନ୍ତି। ସେହି ନାଟକରେ ଭରତକକା ଅଭିନୟ କରି ଅନେକଥର ପୁରସ୍କୃତ ହୋଇଛନ୍ତି। ଭରତ କକା କିଶୋର ଥିଲାବେଳେ ସେ ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରୁଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ସେ ମୁଖ୍ୟ ନାୟକ ଭୂମିକାରେ ସଫଳ ଅଭିନୟ କରୁଥିଲେ।

ସାମଗ୍ରିକ ଭାବେ ଭରତ କକାଙ୍କର ଦକ୍ଷତାର ପଟାନ୍ତର ନାହିଁ।

ମୁଁ ଜଣେ ଡାକ୍ତର ହୋଇ ଚାକିରି କରି ସହରରେ ରହୁଥିଲେ ମଧ୍ୟ ଭରତକକାଙ୍କ କଥା ଭୁଲି ପାରୁନଥିଲି। ତାଙ୍କ ସହିତ ସବୁ ସମୟରେ ଯୋଗାଯୋଗ ରଖିଥିଲି।

ମୁଁ ଗାଁକୁ ଗଲେ ପ୍ରଥମେ ତାଙ୍କୁ ସାକ୍ଷାତ କରୁଥିଲି। ସେ ଖୁବ୍ ଖୁସି ହେଉଥିଲେ। ମୋ ରହିବା ଭିତରେ ମୋତେ ନିମନ୍ତ୍ରଣ କରି ତାଙ୍କ ଘରେ ଖୁଆଉଥିଲେ। ସେବତୀ ଖୁଡ଼ି ମୋତେ ଅନେକ କଥା ପଚାରନ୍ତି। ଏକ ସୁନ୍ଦର ସୁନାନାକୀ କନିଆ ସହିତ ମୋର ବିବାହ ହେଉ ବୋଲି ସେ କାମନା କରୁଥିଲେ।

ଭରତ କକା ସରପଞ୍ଚ ହେବାପରେ ତାଙ୍କର ଯଥେଷ୍ଟ ମର୍ଯ୍ୟାଦା ବଢ଼ିଯାଇଥିଲା ସିନା ହେଲେ ପ୍ରାଚୁର୍ଯ୍ୟର ବୃଦ୍ଧି ହୋଇନଥିଲା। କେବଳ ଗୋଟିଏ ଲାଭ ହୋଇଥିଲା ଯେ ସେ ଜଣେ ସରଳ, ସଚ୍ଚୋଟ ନୀତିବାନ ପରୁଷ ଭାବେ ସର୍ବତ୍ର ପରିଚିତ ହୋଇଗଲେ। ସେଥିନିମନ୍ତେ ତାଙ୍କ ପୁତ୍ର

କନ୍ୟାମାନେ ସୁପାତ୍ରପାତ୍ରୀରେ ବିବାହ କରିପାରିଥିଲେ।

ଭରତ କକାଙ୍କ ପରି ନିରଂହକାରୀ, ନୀତି ପରାୟଣ ଭଦ୍ରଲୋକ ସାଂପ୍ରତିକ ନୀତିହୀନ ଦୁର୍ନୀତିଗ୍ରସ୍ତ ରାଜନୈତିକ ବଳୟରେ ରହିବା ସମ୍ଭବ ହେଲା ନାହିଁ।

ପରବର୍ତ୍ତୀ ନିର୍ବାଚନରେ ଭରତକକାଙ୍କ ଯଥେଷ୍ଟ ଜନପ୍ରିୟତା ଥିଲେ ମଧ୍ୟ ଦୁରଭିସନ୍ଧିଗ୍ରସ୍ତ ନେତାମାନେ ଆଉ ଭରତକକାଙ୍କୁ ସରପଞ୍ଚ ପ୍ରାର୍ଥୀ ନିମନ୍ତେ ଟିକେଟ ଦେଇ ନଥିଲେ।

ଏହା ପୂର୍ବରୁ ଏକ ବିଭ୍ରାନ୍ତିକର ଷଡଯନ୍ତ୍ର ଘଟି ଯାଇଥିଲା। ଆମ ଅଞ୍ଚଳର ପ୍ରାର୍ଥୀ ନିଶାକର ପାତ୍ର ଯିଏ ଭରତ କକାଙ୍କଠାରୁ ନିର୍ବାଚନରେ ପରାଜିତ ହୋଇଥିଲା- ସେ ଭରତକକାଙ୍କୁ ଜୀବନରୁ ନିଷ୍କ୍ରାନ୍ତ କରିଦେବାକୁ ଏକ ଷଡଯନ୍ତ୍ର କରି କେତେକ ସହରୀ ଗୁଣ୍ଡାଙ୍କୁ ବିପୁଳ ଅର୍ଥ ଦେଇ ଏକ ବିରାଟ ଯୋଜନା କରିଥିଲେ। କିନ୍ତୁ ଭରତ କକାଙ୍କ ପରି ସରଳ, ସାଧୁ, ଭଦ୍ରଲୋକଙ୍କୁ ଭଗବାନ ବଂଚାଇ ଦେଲେ। ଗୁଣ୍ଡାମାନେ ଭରତକକାଙ୍କୁ ନ ଚିହ୍ନି ଅନ୍ୟ ଏକ ରାଜନୈତିକ କର୍ମୀକୁ ହତ୍ୟା କରି ଦେଇଥିଲେ। ପରବର୍ତ୍ତୀ ସମୟରେ ଜଣା ପଡ଼ିଲା ଯେ ସେ ଥିଲା ଷଡଯନ୍ତ୍ରକାରୀ ନିଶାକର ପାତ୍ରଙ୍କର ନିଜ ମାମୁଁ ମହାନ୍ କୁଟିଳ ଦଳୀୟ କର୍ମୀ ବଂଶୀଧର ବେହେରା।

ସରଳ ଭଦ୍ର ମଣିଷଙ୍କୁ ସବୁ ସଂକଟରୁ ଈଶ୍ୱର ରକ୍ଷା କରିଦିଅନ୍ତି।

ନିର୍ମାୟା ଜନସେବୀ ଭରତ କକା ତାଙ୍କ ଜୀବନ ସାରା ସେ ସବୁ ଦୁଃଖଦୁର୍ଦ୍ଦଶାରୁ ମୁକ୍ତି ପାଇ ଆସିଛନ୍ତି। ମହାଭାରତରେ ପାଣ୍ଡବମାନେ ଯତୁଗୃହ ଦାହ, ବିଷଲଡୁ ସେବନ ଆଦି ଅନେକ ବିପଦରୁ ରକ୍ଷା ପାଇଲା ପରି ଭରତକକାଙ୍କ ନିକଟରେ ସବୁ ସଂକଟ ହାର ମାନିଛି।

ସମୟକ୍ରମେ ଆମ ଗାଁରେ ଏଇ ରାଜନୀତିକୁ କେନ୍ଦ୍ରକରି ଦୁଇଦଳ ହୋଇଗଲା।

ଭରତ କକା କଂଗ୍ରେସକୁ ସମର୍ତନ କରୁଥିବାବେଳେ ମୋ ଭାଇମାନେ ଜନତା ଦଳକୁ ସମର୍ଥନ କରୁଥିଲେ। ଠିକ୍ ଏହି ସମୟରେ ମୋର ବିବାହ ସ୍ଥିର ହେଲା। ତେଣୁ ସେହି ଦଳୀୟ ପରିପ୍ରେକ୍ଷୀରେ ମୋ ବାହାଘରରେ ଅନ୍ୟ ଦଳର ସାହିଭାଇମାନେ ଯୋଗ ଦେଲେ ନାହିଁ। ଭରତ କକାଙ୍କର ମୋ ବିବାହରେ ରହି ସମ୍ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରିବାକୁ ପୂର୍ଣ୍ଣ ଇଚ୍ଛା ଥିଲେ ମଧ୍ୟ ତାଙ୍କ ଦଳ ଲୋକଙ୍କ ଲାଲ୍ ଆଖିକୁ ଭୟ କରି ସେ ଆଗକୁ ବାହାରି ପାରୁନଥିଲେ।

ଏ ପ୍ରକାର ସଂକଟରେ ମୁଁ ଖୁବ୍ ବିଷର୍ଣ୍ଣ ହୋଇ ପଡ଼ିଥିଲି। ମୁଁ ଭରତ କକାଙ୍କ ଘରକୁ ଯାଇ ଭରତ କକା ଓ ସେବତୀ ଖୁଡ଼ିଙ୍କୁ କହିଲି ଖୁଡ଼ି! ତୁମେ ବାହାଘର ପାଇଁ ବ୍ୟସ୍ତ ହେଉଥିଲ। ଅଥଚ ଏବେ ମୋ ବିବାହ ଉତ୍ସବରେ ଯୋଗଦେଉନ? ଏହା କ'ଣ ମୋ ପ୍ରତି ଆପଣଙ୍କର ସ୍ନେହର ପରିଚୟ? ମୋର ଏ ପ୍ରକାର ପ୍ରଶ୍ନରେ ସେବତୀ ଖୁଡ଼ି କାନ୍ଦି ପକାଇଲେ। ମୋ ପିଠିକୁ ଆଉଁସି ଦେଇ କହିଲେ - ଆମର କ'ଣ ତୁମ ବିବାହ ଉତ୍ସବରେ ଯୋଗଦେଇ ଖୁସି ହେବାକୁ ଇଚ୍ଛା ନାହିଁ? ହେଲେ ଏଇ ଯେଉଁ ରାଜନୀତିରେ ଦଳାଚକଟା ତୁମ ସାହିରେ ଲାଗିଛି, ସେଇଥିରେ ଆମ ହାତଗୋଡ଼ ବନ୍ଧା। କ'ଣ କରିବୁ କୁହ?

ନୀରବରେ ଉପରକୁ ଚାହିଁ ବସିଥିଲେ ଭରତକକା। ସେବତୀ ଖୁଡ଼ିଙ୍କ ଉତ୍ତର ପରେ ସେ କଥା ଯୋଡ଼ିଲେ - ତୋରି ବାହାଘର କଥା ଭାବି ଭାବି ମୁଁ କାଲି ରାତିରେ ଭଲକରି ଶୋଇ ପାରିନାହିଁ। ମୁଁ ଭାବିଛି, ମୋର ସେମାନଙ୍କ ସହିତ ସମ୍ପର୍କ ଯେତେ ବ୍ୟାହତ ହେବାର ହେଉ ପଛେ ମୁଁ ତୋ ବାହାଘରରେ ଯୋଗଦେବି। ଏବେ ତୁମ ବରଯାତ୍ରୀ ଦଳରେ ଯାଇ ତୋତେ ବାହା କରାଇ ଆଣିବି।

ଭରତ କକାଙ୍କ ପ୍ରତିଶ୍ରୁତିରେ ମୁଁ ଆନନ୍ଦିତ ହେଲି। ଭରତ କକା ଓ ସେବତୀ ଖୁଡ଼ିଙ୍କଠାରୁ ଆଶୀଷ ଘେନି ଫେରିଲି।

କିନ୍ତୁ ଘଟଣା ସେପରି ଘଟିଲା ନାହିଁ। ଭରତ କକା ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ପାରିଲେ ନାହିଁ। ଆମ ଗାଁର କଂଗ୍ରେସ ଦଳର ଯେ ମୁଖିଆ ଶଶଧର ମହାପାତ୍ର ଥିଲେ, ସେ ବି ଭରତ କକାଙ୍କର ଅନ୍ତରଂଗ ବାଲ୍ୟବନ୍ଧୁ ଥିଲେ।

ଦୁହିଁଙ୍କ ମଧ୍ୟରେ ଘନିଷ୍ଟ ବଂଧୁତା ପିଲାଟି ଦିନରୁ ଅବ୍ୟାହତ ରହି ଆସିଥିଲା।

ଭରତ କକାଙ୍କର ମୋ ପ୍ରତି ଭଲ ପାଇବାକୁ ଅନୁମାନ କରି ମୋ ବାହାଘର ଦିନ ଶଶଧର ମହାପାତ୍ର ଆସି ଭରତ କକାଙ୍କୁ ଉଦ୍ଦେଶ୍ୟ କରି କହିଲେ - ବୁଝିଲୁ ଭରତ! ଆଜି ତୋତେ ଗୋଟାଏ କଥା ମାଗିବି। ତୁ ନିୟମ କର ମୋ କଥା ତୁ ନିଶ୍ଚୟ ମାନିବୁ।

-ତୋ କଥା? ତୋ ନିୟମ? କ'ଣ ଏସବୁ ତୁ କହୁଛୁ?

ଭରତ କକା ଶଶଧର ମହାପାତ୍ରଙ୍କୁ ପ୍ରଶ୍ନ କଲେ।

- ହଁ ତୁ ଆଗ ନିୟମ କର।

- କ'ଣ ସେ ନିୟମ।

- ତୁ ସେ ଡାକ୍ତର ହେମେନ୍ଦ୍ରକୁ ତୁ ଖୁବ୍ ଭଲ ପାଉ ମୁଁ ଜାଣେ। ତେଣୁ ତା' ପ୍ରତି ତୋର ପ୍ରବଳ ଦୁର୍ବଳତା ଅଛି। ମୋତେ ଲାଗୁଛି, ଆମକୁ ଛାଡ଼ି, ରାଜାନୈତିକ ମନାନ୍ତରକୁ ପଛ କରି ତୁ ହୁଏତ ତା ବରଯାତ୍ରୀରେ ଚାଲିଯିବୁ।

- ହଁ ଯିବି ତ? କ'ଣ ହେଲା? ରାଜନୈତିକ ମତାନ୍ତରରେ ଗୋଟାଏ ନିରୀହ ସରଳ ପିଲାର ବାହାଘର ସହିତ ସମ୍ପର୍କ କ'ଣ? ତା' ବାହାଘର କ'ଣ ଆଉ ଥରେ ତା' ଜୀବନରେ ଆସିବ? ମୁଁ ଯିବି। ନିଶ୍ଚୟ ଯିବି।

- ନା, ତୁ ଯାଇ ପାରିବୁ ନାହିଁ। ମୁଁ ତୋତେ ନିୟମ ଦେଇଛି।

- ଏଇ କଥାରେ ନିୟମ ରଖିବାର କିଛି ପ୍ରଶ୍ନ ନାହିଁ। ମୁଁ ସେ ନିୟମ ରଖିପାରିବି ନାହିଁ। ମୁଁ ହେମେନ୍ଦ୍ରକୁ କଥା ଦେଇଛି। ନିଶ୍ଚୟ ଯିବି।

- ଦେଖିବା ତୁ କେମିତି ଯିବୁ? ମୁଁ କେବେବି ତୋତେ ଛାଡ଼ିବି ନାହିଁ। ତୁ ଘରୁ ବାହାରିବା ବାଟରେ ମୁଁ ତୋ ଦ୍ୱାର ମୁହଁରେ ଶୋଇ ରହିବି। କେମିତି ମୋ ଉପରେ ପାଦ ରଖି ତୁ ଦ୍ୱାରଡେଇଁ ଯିବୁ ଦେଖିବା।

ଶଶଧର ମହାପାତ୍ରଙ୍କର ଏ ପ୍ରକାର ଦୃଢ଼ ଆକ୍ରୋଶ ଶୁଣି ନୀରବ ରହିଲେ ଭରତ କକା। ସତକୁ ସତ ଭରତ କକା ଅନେକ ଚେଷ୍ଟା କରି ମଧ୍ୟ ମୋତେ ବାହାକରେଇବାକୁ ବରଯାତ୍ରୀରେ ଯାଇପାରିଲେ ନାହିଁ।

ଭରତ କକା ବରଯାତ୍ରୀ ଯାଇଥିବେ ବୋଲି ମୁଁ ମନେ ମନେ ସାବ୍ୟସ୍ତ କରିଥିଲେ ମଧ୍ୟ ସେ ଯାଇନଥିବା ସମ୍ବାଦ ପାଇ ମୁଁ ପାଲିଙ୍କିରେ ବସି ବର ସାଜି ଯାଉଥିଲେ ବି ଭୀଷଣ ବିଷର୍ଣ୍ଣତାରେ ବିଷାଦିତ ହୋଇ ଉଠିଥିଲି।

*ଚିତ୍ରକଳା, ଏଲ୍ - ୧୦୨, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ*

*ଭୁବନେଶ୍ୱର - ୭୫୧୦୦୩*

*ଦୂରଭାଷ: ୬୩୭୦୨୪୪୮୦୯*

# ଅବଧାନେ

**କ୍ଷୀରୋଦ ଦାସ**

ବାବୁ ନମସ୍କାର.....!

ଏ ସମ୍ବୋଧନରେ ଚମକି ପଡ଼ିଲେ ବିଶ୍ୱନାଥ। ତାଙ୍କ ଘରେ, କିଏ ତାଙ୍କୁ 'ବାବୁ' ଉଚ୍ଚାରଣ କରି ନମସ୍କାର ହେବ, ଏ କଥା ସେ କେବେ କଳ୍ପନା କରିନଥିଲେ। ବୁଲିପଡ଼ି ଅନାଇଲା ବେଳକୁ ବାଡ଼ି ପିଣ୍ଡାରେ ଶଙ୍କର୍ଷଣ ପଣ୍ଡିତେ ବସିଥିଲେ ଏବଂ ଅଧାଅଧି ଦାନ୍ତ ଝଡ଼ିଯାଇଥିବା ପାକୁଆ ପାଟିରେ ଦୟନୀୟ ହସଟିଏ ହସି ତାଙ୍କୁ ନମସ୍କାର କରୁଥିଲେ।

ଅନ୍ୟକୁ ନିରନ୍ତର ଆଶୀର୍ବାଦ ଦେବାକୁ ସୃଷ୍ଟି ହୋଇଥିବା ଶଙ୍କର୍ଷଣ ପଣ୍ଡିତେଙ୍କ ହାତ ଯେ ତାଙ୍କଠାରୁ ଚାରି ଦଶନ୍ଧି ସାନ ଜଣେ ଅକିଞ୍ଚନ ମଣିଷକୁ କୃତାର୍ଥ ଭଙ୍ଗୀରେ ଏପରି ସମ୍ମାନ ଜଣାଇପାରେ, ଏକଥା ହଠାତ୍ ବିଶ୍ୱନାଥଙ୍କ ମଗଜରେ ପଶିଲା ନାହିଁ। ଏକଦା ଯାହାଙ୍କୁ ଦେଖିବା ତ ଦୂରର କଥା, ଯାହାଙ୍କ ନାଁ ଶୁଣିବା ମାତ୍ରେ ତାଙ୍କ ପରି ଅନେକ ବାଳକ ବାଳିକାଙ୍କ ଭିତରେ ହେମାଳ ଭୟଟେ ଲହରେଇ ଯାଉଥିଲା, ସିଏ ଏବେ ଛିଣ୍ଡା ଧୋତିଟିଏ ପିନ୍ଧି ତାଙ୍କ ମାଟିପିଣ୍ଡାରେ ବସି ତାଙ୍କୁ ହାତଯୋଡ଼ି ନମସ୍କାର କରୁଛନ୍ତି।

କାବା ହୋଇଗଲେ ବିଶ୍ୱନାଥ। ଏକ ଅଦ୍‌ଭୂତ ଆଶ୍ଚର୍ଯ୍ୟ ଉତୁରି ଆସିଲା ତାଙ୍କ ଦେହର କେନ୍ଦ୍ରସ୍ଥଳୀରୁ। ସେ କିଛି ଭାବିବା ପୂର୍ବରୁ ଆହୁରି ଏକ ଧକ୍କା ତାଙ୍କୁ ଏକବାର ବିମୂଢ଼ କରିଦେଲା। ଘର ଭିତରୁ ବାପା ବାହାରି ଆସି ଶଙ୍କର୍ଷଣ ପଣ୍ଡିତେଙ୍କ ଆଡ଼କୁ ବିରକ୍ତିକର ତଥା ହେୟପୂର୍ଣ୍ଣ ଚାହାଣିଟେ ଫୋପାଡ଼ି କହିଲେ- "କିରେ ଶଙ୍କରା, କାଇଁକି ଏଠି ବସିଚୁ ଘଡ଼ିଏ ହେଲା ? ତତେ ପରା ଦି'ଦି ଥର ମନା କଲିଣି ଅବିକା ମୋ ପାଖରେ ଟଙ୍କା ପଇସା ନାଇଁ ବୋଲି ! ଯାଃ... ପଳା.... ।"

**କାବା ହୋଇଗଲେ ବିଶ୍ୱନାଥ। ଏକ ଅଦ୍‌ଭୂତ ଆଶ୍ଚର୍ଯ୍ୟ ଉତୁରି ଆସିଲା ତାଙ୍କ ଦେହର କେନ୍ଦ୍ରସ୍ଥଳୀରୁ। ସେ କିଛି ଭାବିବା ପୂର୍ବରୁ ଆହୁରି ଏକ ଧକ୍କା ତାଙ୍କୁ ଏକବାର ବିମୂଢ଼ କରିଦେଲା। ଘର ଭିତରୁ ବାପା ବାହାରି ଆସି ଶଙ୍କର୍ଷଣ ପଣ୍ଡିତେଙ୍କ ଆଡ଼କୁ ବିରକ୍ତିକର ତଥା ହେୟପୂର୍ଣ୍ଣ ଚାହାଣିଟେ ଫୋପାଡ଼ି କହିଲେ- "କିରେ ଶଙ୍କରା, କାଇଁକି ଏଠି ବସିଚୁ ଘଡ଼ିଏ ହେଲା ?**

ଶଙ୍କର୍ଷଣ ପଣ୍ଡିତେ ତାଙ୍କୁ ନମସ୍କାର କରିବାରେ ବିଶ୍ୱନାଥ ଯେତିକି ଆଶ୍ଚର୍ଯ୍ୟ ହୋଇନଥିଲେ, ପଣ୍ଡିତେଙ୍କ ପ୍ରତି ବାପାଙ୍କର ଏ ପ୍ରକାର ବ୍ୟବହାର ତାଙ୍କୁ ଆହୁରି ଚକିତ, ଆହୁରି ଦୁଃଖିତ କରି ପକାଇଲା। ସେ ଜମା ବିଶ୍ୱାସ କରିପାରୁନଥିଲେ, ଏକଦା 'ଠାକୁରେ', 'ଅବଧାନେ' ବୋଲି ସମ୍ବୋଧନ କରି ବାପା ଯାହାଙ୍କ ପାଦ ତଳେ ଲୋଟି ଯାଇଥିଲେ, ଏବେ ତାଙ୍କୁ 'ଆବେ ଶଙ୍କରା, ତୁ, ତା, ରେ, ରା ଆଦି ଅକଥ୍ୟ ଭାଷାରେ କେମିତି ସମ୍ବୋଧି ପାରୁଛନ୍ତି ?

ବିଶ୍ୱନାଥଙ୍କୁ ଲାଗିଲା, ତାଙ୍କର ସବୁ ଶ୍ରୁତିଶକ୍ତି ଯେପରି ଆସ୍ତେ ଆସ୍ତେ ଲୋପପାଇ ଆସୁଚି, ତାଙ୍କୁ ଗୋଟାଏ ଜଡ଼ ପିଣ୍ଡରେ ପରିଣତ କରିଦେଇ !

– "ଶ୍ୟାମଭାଇ !- ଶୁଭିଲା ଏକ ନିଉନ ସ୍ୱର- "ଟଙ୍କା ନଦେଲେ ନାଇଁ, କ'ଣ ଗଣ୍ଡାଏ ଖାଇବାକୁ ଦିଅ ! ପେଟଟା ଜଳିଲାଣି ହୁ ହୁ ହୋଇ। ଆଉ ଜମା ସମ୍ଭାଳି ହେଉନାଇଁ ଭୋକ।"

ଶଙ୍କର୍ଷଣ ପଣ୍ଡିତେ ବିକଳ ହୋଇ ଏତିକି କହିଲେ, ବର୍ଷ ବର୍ଷ ଧରି ଅନନ୍ତ କ୍ଷୁଧାକୁ ପ୍ରତିହତ କରି ନପାରିବା ଭଳି। ତାଙ୍କ ଅଭାବଗ୍ରସ୍ତ ଭଙ୍ଗାମୁହଁର ଜ୍ୟାମିତି ଆଉ ଦୟନୀୟ ସ୍ୱର ସୂଚେଇ ଦେଉଥିଲା ଯେ ପଟେ ରୁଟି କିମ୍ବା ମୁଠାଏ ଭାତ ହିଁ ଜୀବନ ପାଇଁ ସର୍ବଶ୍ରେଷ୍ଠ ତଥା ସର୍ବଶେଷ ପ୍ରାପ୍ତି। ସେତିକି ହାସଲ କରିବା ପାଇଁ କରିବାକୁ ପଡୁଥିବା ଶ୍ରମ ହିଁ ଜୀବନର ସବୁଠାରୁ ଏକନିଷ୍ଠ ଏବଂ କଷ୍ଟସାଧ୍ୟ ତପସ୍ୟା !

ବିଶ୍ୱନାଥ ଲକ୍ଷ୍ୟକଲେ, ଶୂନ୍ୟତାର ଆବର୍ତ୍ତ ମଧ୍ୟରେ ଛଟପଟ ହେଉଥିବା ଶଙ୍କର୍ଷଣ ପଣ୍ଡିତଙ୍କ ମୁହଁ ଉପରେ ସେତେବେଳେ ସ୍ପଷ୍ଟ ପ୍ରତିଫଳିତ ହୋଇଥିଲା ନାହିଁ ନଥିବା ଏକ କରୁଣତା। ପରିପ୍ରକାଶ ହୋଇନପାରି ଡହଳ-ବିକଳ ହେଉଥିବା ଗୋଟାଏ ସଂଜ୍ଞାହୀନ କ୍ଷୋଭ। ଶକ୍ତିଶାଳୀ କୋହଗୁଡ଼ାଏ ଅକ୍ତିଆର କରି ପକାଇଥିଲା ପଣ୍ଡିତେଙ୍କ ସମଗ୍ର

ଶରୀରକୁ। ଏ କ'ଣ ସେଇ ଶଙ୍କର୍ଷଣ ପଣ୍ଡିତ। ସେଇ ଅବଧାନେ ! ଠାକୁରେ !!

ବିଶ୍ୱନାଥଙ୍କ ଆଖି ସାମ୍ନାରେ ପଚିଶ ବର୍ଷ ତଳର ଗୁଡ଼େ ଘଟଣା ତରଙ୍ଗ ତରଙ୍ଗ ହୋଇ ଭାସି ଯାଉଥିଲା।

ଧଳା ଫିନ୍ ଫିନ୍ ଧୋତି, ଦେହରେ ସରୁ ଚାଦର, ପାଦରେ ଛ' ଆଙ୍ଗୁଳି ଉଚ୍ଚତାର କଠଉ, ମୁଣ୍ଡ ଉପରେ ଛତା, କାଖରେ ଗୋଟାଏ କପଡ଼ା ବ୍ୟାଗ୍ ଜାକି ବୈଶାଖ ମାସର ଉଦୁଉଦିଆ ଖରାବେଳେ ଶଙ୍କର୍ଷଣ ପଣ୍ଡିତେ ଯେବେ ଆସି ଆବିର୍ଭୂତ ହୁଅନ୍ତି ଗାଁରେ, ଗାଁର ସବୁକାମ ବାତିଲ ହୋଇଯାଏ। ପିଲାଠାରୁ ବୁଢ଼ାଯାଏ ତାଙ୍କୁ ଭୂମିଲଗା ଜୁହାର ହେଉଥିବାବେଳେ କେତକୀ ଖଇରମିଶା ସୁବାସିତ ପାନଖିଆ ତାଙ୍କ ନାଲି ଓଠରୁ ସ୍ୱତଃ ଝରିପଡ଼େ ଆୟୁଷ୍ମାନ ଭବଃ....। ତାଙ୍କୁ ଦେଖି ବାବା ବ୍ୟସ୍ତ ହୋଇପଡ଼ି ଖାଇବା ଥାଳି ପାଖରୁ ଉଠିଯାଇ ହାତଧୋଇ ସାରି ସାଷ୍ଟାଙ୍ଗ ପ୍ରଣିପାତ କରି କୁହନ୍ତି– ଜୁହାରେ ଠାକୁରେ....

ପିଣ୍ଡାରେ ପକାଯାଇଥିବା ଆସନରେ ପଣ୍ଡିତେ ଠାକୁର ମାଫିକ୍ ବସନ୍ତି ଏବଂ ସ୍ୱଭାବ ସୁଲଭ ସଦା ହସ ହସ ମୁଦ୍ରାରେ କୁହନ୍ତି– "କିରେ ଶ୍ୟାମ, ବୈଶାଖ ଆସି ସରିବା ଉପରେ ! ଏ ସନ ଗାଁରେ ପାଞ୍ଜିପଢ଼ା ହେବ ନା ନାଇଁ ?"

ବାପା କୃତକୃତ୍ୟ ହୋଇ କୁହନ୍ତି– "ସେକଥା ଆଉ ପଚାରୁଛନ୍ତି ଅବଧାନେ ! ମୁଁ ପରା ଚାରି ଚାରିଥର ଯାଇ ଆପଣଙ୍କ ଘରୁ ଫେରିଲିଣି ! ଆଜି ଠାକୁରେ ପାଞ୍ଜି ପଢ଼ାଟା ହେଉ !" ହେଉ ପଣ୍ଡିତେଙ୍କ ମୁହଁରୁ ଏ କଥାଟି ଶୁଣି ବାପା ତତ୍ପର ହୋଇଉଠନ୍ତି। ଅଧାରୁ ଉଠି ଆସିଥିବା ତାଙ୍କ ଖାଇବା ସେଦିନ ସେଇଠି ଶେଷହୁଏ। ହଳିଆ କିମ୍ବା ଭାଇକୁ ଗାଁରେ ପାଞ୍ଜିପଢ଼ା ଖବର ଦେବାକୁ ପଠାଇଦେଇ ସେ ଲାଗିପଡ଼ନ୍ତି ପଣ୍ଡିତେଙ୍କ ଭୋଜନ ଆୟୋଜନରେ।

ସରୁ ଅରୁଆନ୍ନ, ହରଡ଼ ଡାଲି, ଆଳୁ, ମାଟିଆଳୁ, ସାରୁ, କଖାରୁ, ବିଲାତିବାଇଗଣ ମିଶ୍ରିତ ମୋଟା ଡାଲ୍ମା, ବିଲାତି କିମ୍ବା ଓଉଖଟା, କୋଶଳା ବଡ଼ିଶାଗର ଏକ ନୈଷ୍ଠିକ ଭୋଜନାନ୍ତେ ଆତ୍ମପ୍ରସାଦର ହେକୁଟିଟାଏ ମାରି ପଣ୍ଡିତେ ଉଠିଯାଆନ୍ତି ହାତ ଧୋଇବା ପାଇଁ। ପରେ ପରେ ନିଜେ ଆଣିଥିବା ଚୌକସ ପାନଖିଲେ ପାଟିରେ ପୂରାଇ ଚାଲନ୍ତି ଠାକୁର ଘରକୁ। ସେତେବେଳକୁ ଗାଁ ସାରା ଲୋକ ଜମିଯାଇଥାନ୍ତି ସେଠାରେ। ଠାକୁରଘର ଭିତରେ ବେଶୀ ଜାଗା ନଥିବାରୁ ପାଖରେ ଥିବା ଝଙ୍କାଳିଆ ଆମ୍ବଗଛ ଛାଇରେ ଆରମ୍ଭ ହୁଏ ପାଞ୍ଜିପଢ଼ା ଉତ୍ସବ।

ଆଉ କାହାପାଇଁ ଯାହା ହୋଇଥାଉ ନା କାହିଁକି ବିଶ୍ୱନାଥଙ୍କ ପରି ଦଶ ଏଗାର ବର୍ଷିଆ ପିଲାମାନଙ୍କ ପାଇଁ ସେଦିନଟା ଭାରି ମଉଜର ଦିନ। ଅନ୍ୟଦିନମାନଙ୍କ ପରି ସେଦିନ ବୋଉ ଆକଟ କରେନି ଖରାବେଳେ ଶୋଇପଡ଼ିବାକୁ। ଖାଇବାକୁ ଦେଇସାରିବା ପରେ କହେ– "ଯା, ଠାକୁର ଗଛ ମୂଳରେ ପାଞ୍ଜିପଢ଼ା ହଉଚି ବସି ଶୁଣିବୁ। ଚଗଲା ହବୁନି ସେଠି। ଅବଧାନେ ରାଗିବେ.... ।"

ବାସ୍, ବୋଉଠାରୁ ପରମିସନ୍ ପାଇ ସାରିବା ପରେ ପାଞ୍ଜିଶୁଣା ନାଁରେ ସାଙ୍ଗସାଥୀ ମେଳରେ ସେ ଧାଆଁନ୍ତି ଗାଁଠାରୁ ଅଧମାଇଲ ଦୂର ଆମ୍ବତୋଟାକୁ। ଆରମ୍ଭ ହୁଏ ଖେଳ। ମାଙ୍କଡ଼ ଠାରୁ ଆହୁରି କ୍ଷୀପ୍ରଗତିରେ ସେମାନେ ଡିଆଁ ଡେଇଁ କରନ୍ତି ଏ ଡାଳରୁ ସେ ଡାଳ। ଏ ଗଛରୁ ସେ ଗଛ।

ସେ ବର୍ଷ ଶଙ୍କର୍ଷଣ ପଣ୍ଡିତେ ଗାଁର ଉତ୍କଣ୍ଠିତ ମଣିଷମାନଙ୍କ ଆଗରେ ରାଶି, ଗ୍ରହ, ନକ୍ଷତ୍ର, ଭାଗ୍ୟ, ଭବିଷ୍ୟତ ଆଦି ଅବୋଧ ତତ୍ତ୍ୱମାନଙ୍କ ବିଷୟରେ ପ୍ରବଚନ ଦେଉଥା'ନ୍ତି। ଝାଳନାଳ ହୋଇ ସେମାନେ ହୋ ହୋ ହୋଇ ଫେରୁଥିବାବେଳେ ଦୁର୍ଯୋଗକୁ ପଣ୍ଡିତଙ୍କ ନଜରରେ ପଡ଼ିଗଲେ ବିଶ୍ୱନାଥ। ତାତ୍ପର୍ଯ୍ୟପୂର୍ଣ୍ଣ ଦୃଷ୍ଟିରେ ତାଙ୍କୁ ଚାହିଁ ପଣ୍ଡିତେ ଡାକିଲେ– ହଇରେ ବାଳୁଙ୍ଗା, ଅଇଲୁ ଯାଡ଼େ...

ଭୟରେ ତାଙ୍କ ଗୋଡ଼ହାତ ହେମାଳ ହୋଇଗଲା। ଜଙ୍ଗଲରେ ବାଟହୁଡ଼ା ଏକୁଟିଆ ମଣିଷଟି ମହାବଳ ବାଘ ହାବୁଡ଼ରେ ପଡ଼ିଯିବା ପରି ଘର୍ମାକ୍ତ ହୋଇଗଲେ ସେ। ଦୌଡ଼ି ପଳାଇବାକୁ ଉଦ୍ୟତ ହେବାବେଳେ ବାପା ବଡ଼ ପାଟିରେ କହିଲେ– 'କିରେ ବିଶୁ, ଅବଧାନେ ତତେ ଡାକୁଛନ୍ତି ପରା ! ପଳାଉଚୁ କୁଆଡ଼େ ? ଆ ଏଠିକି।"

ଅଗତ୍ୟା ସେ ଡରି ଡରି ପାଖକୁ ଅସନ୍ତେ ପଣ୍ଡିତେ ଚଟ୍‌କରି ତାଙ୍କ ହାତକୁ ଧରି ପକାଇଲେ ଏବଂ ପାପୁଲିକୁ ନିରୀକ୍ଷଣ କରି ଭ୍ରୁକୁଞ୍ଚନାନ୍ତେ କହିଲେ– "ପାଠଘର ଏକବାର ଶୂନ୍ୟ। ଖାଲି ଖେଳରେ ଯାର ମନ। ଆଉ ଦି' ବର୍ଷ ପରେ ମେଟ୍ରିକ୍ ପରୀକ୍ଷା ଦବ ଯେ, ହେଲେ ଘାଟିଟା ଡେଇଁଲା ପରି ମତେ କାଇଁ ଲାଗୁନାହିଁ।" ପଣ୍ଡିତେ ଏତକ କହି ତାଙ୍କ ମୁହଁକୁ ସିଧା ଅନାଇ ପଚାରିଲେ– "କିରେ ବାବୁ, ଚଗଲା କାଇଁକି ହଉଚୁ ? ମନଦେଇ ପାଠ ପଢୁନୁ।"

ସେ ଆଉ କ'ଣ କହିଥାନ୍ତେ ବୋଧେ, ହେଲେ ବିଶ୍ୱନାଥଙ୍କ କାନ୍ଦ କାନ୍ଦ ଭାବ ଏବଂ ଭୟାର୍ତ୍ତ ମୁହଁଦେଖି ତାଙ୍କ ହାତଛାଡ଼ି ଦେଲେ ଏବଂ ମହାବଳ ହାବୁଡ଼ରୁ ଦୈବାତ୍ ଖସିଯିବା ପରି ସେ ଏକା ଡିଆଁକେ ଯାଇ ଘରେ ହାଜର।

ବାପା ଚିନ୍ତିତ ଦେଖାଗଲେ। ଗୋଟିଏ ବୋଲି ପୁଅ। ତା'ଦ୍ୱାରା ଯଦି ପାଠ ନ ହେଲା, ତେବେ କରିବ କ'ଣ ? ବିଲରେ ଖଟିବ। ଲଙ୍ଗଳକଣ୍ଟି ଧରିବ ! ଆତୁର ଆଖିରେ ସେ ଚାହିଁଲେ ଅବଧାନଙ୍କୁ। ସବୁ ସଙ୍କଟର ସମାଧାନ କରିପାରୁଥିବା ପଣ୍ଡିତେ ଆଶ୍ୱାସନା ଦେଲେ "ଆରେ ଶ୍ୟାମ, ବ୍ୟସ୍ତ ହ'ନା। ଦୁଷ୍ଟ ଗ୍ରହଟେ ଉତ୍ପାତ କରୁଚି ତା ରାଶିରେ। ଗ୍ରହଶାନ୍ତିର ବିଧାନଟିଏ ଆୟୋଜନ କର। ଅଶୁଭ ଗ୍ରହ କୁଆଡ଼େ ଛାଡ଼ି ପଳେଇବ। ତୋ 'ପୁଅର ଭାଗ୍ୟଟା ବଡ଼ ଟାଣୁଆ। ଦେଖିବୁ, କେତେ ଉନ୍ନତି ସେ କରିବ ଜୀବନରେ....।'

ଅଥଳ ପାଣିରେ ଆଶ୍ରୟଟିଏ ପାଇଯିବା ପରି ବାପା ଆଶ୍ୱସ୍ତ ହୁଅନ୍ତି ଏବଂ ପଣ୍ଡିତେଙ୍କ କଥା ଅନୁସାରେ ଲାଗିପଡ଼ନ୍ତି ଆୟୋଜନରେ। ହେଲେ ଗ୍ରହ ନାମକ ସେଇ ଦୁଷ୍ଟ ରାକ୍ଷସଟା ଶାନ୍ତ ହୁଏ କି ନା, ଜାଣିପାରନ୍ତିନି ବିଶ୍ୱନାଥ। କେଜାଣି, ବାପା ଜାଣନ୍ତି କି ନା ! ଶଙ୍କର୍ଷଣ ପଣ୍ଡିତେ କିନ୍ତୁ ହସ ହସ ସ୍ୱରରେ କୁହନ୍ତି– "ଏଥର ଆଉ ଡରିବାର କିଛି ନାଇଁ। ସବୁ ଠିକ୍ ହୋଇଗଲା। ଖାଲି ଟିକେ ମନ ଲଗାଇ ପାଠ ପଢ଼ିଲେ ହେଲା। ଘାଟି ଏକାଥରକେ ଡେଇଁବ। ମେଟ୍ରିକ୍ ପରୀକ୍ଷା ନିଶ୍ଚୟ ପାସ୍ କରିବ।"

ମନ ଲଗାଇ ପାଠ ପଢ଼ିଲେ ତ ଯେ ନାଇଁ ସେ ପାସ୍ କରିବ। ଯେ ଆଉ ନୂଆକଥା କ'ଣ କହୁଛନ୍ତି ? କିଛି ବୁଝି ନପାରି ଏକଥା ମନେ ମନେ ଚିନ୍ତା କରନ୍ତି ବିଶ୍ୱନାଥ।

ପାଞ୍ଜିପଢ଼ାର ଏ ଉତ୍ସବ ପାଇଁ ଗାଁ ସାରା ଲୋକ ଗ୍ରୀଷ୍ମ ଦିନର ସେଇ ନିର୍ଦ୍ଧାରିତ ଦିନକୁ ଚାତକ ପରି ଅନାଇ ରହିଥାନ୍ତି । ଶଙ୍କର୍ଷଣ ପଣ୍ଡିତେ ସାକ୍ଷାତ ଠାକୁରଙ୍କ ପରି ବିଜେ କରନ୍ତି ଏବଂ ଅନଭିଜ୍ଞ ମଣିଷମାନଙ୍କୁ ଅନର୍ଗଳ ଶୁଣେଇ ଦେଇ ଯାଆନ୍ତି ସାରାବର୍ଷର ପର୍ବପର୍ବାଣୀ, ହାନିଲାଭ, ଦୈବ ଦୁର୍ବିପାକ, ବିବାହ-ବ୍ରତର ତିଥିବାର, ବର୍ଷା ଓ ଫସଲ ବିଷୟରେ । ନୂଆକରି ପୃଥିବୀକୁ ଆସୁଥିବା ଆଗନ୍ତୁକମାନଙ୍କର ଭାଗ୍ୟ ଗଣନା କରି ଲେଖିଦିଅନ୍ତି ତାଳପତ୍ରର ପିଠି ଉପରେ । ଗାଁ-ଗାଁ ଭିତରେ, ଘର-ଘର ଭିତରେ, ଭାଇ-ଭାଇ ଭିତରେ, ସ୍ୱାମୀ-ସ୍ତ୍ରୀ ଭିତରେ ଯଦି ମନୋମାଳିନ୍ୟ ହେଲା, ଆଗ ଖୋଜାପଡ଼େ ପଣ୍ଡିତଙ୍କୁ । ପୃଥିବୀ ଓ ଜୀବନର ସବୁ ଝାମେଲାକୁ ସମାଧାନ କରିପାରୁଥିବା ପଣ୍ଡିତେଙ୍କର ସବୁ ପ୍ରଶ୍ନର ଉତ୍ତର ଥିଲା ଗୋଟାଏ । ଗ୍ରହଦୋଷ । ଗ୍ରହ ଶାନ୍ତିର ଆୟୋଜନ କଲେ ସବୁ ରିଷ୍ଟ ଖଣ୍ଡନ ହୋଇଯିବ । ଗାଁ ଗାଁ ଭିତରେ କ୍ଷୀରନୀର ସମ୍ପର୍କ ଗଢ଼ିଉଠିବ । ଭାଇ କୁଣ୍ଢାଇବ ଭାଇକୁ । ସ୍ୱାମୀକୁ ଘଡ଼ିଏ ନ ଦେଖିଲେ ପାଗେଳୀ ହୋଇଯିବ ସ୍ତ୍ରୀ ।

କହିବା ବାହୁଲ୍ୟ, କେବଳ ବିଶ୍ୱନାଥଙ୍କ ଗାଁ ନୁହେଁ, ସେ ଅଞ୍ଚଳର ପନ୍ଦର କୋଡ଼ିଏ ଖଣ୍ଡ ମୌଜାର ମଣିଷମାନେ ଶଙ୍କର୍ଷଣ ପଣ୍ଡିତେଙ୍କ ଏପରି କରିତ୍‌କର୍ମା କରିସ୍ମା ଉପରେ ବର୍ଷ ବର୍ଷ ଧରି ନିର୍ଭର କରି ଆସୁଥିଲେ । କେବଳ ନିର୍ଭର କରୁଥିଲେ କହିଲେ ବୋଧହୁଏ ଭୁଲ୍ ହେବ, ଉପକୃତ ମଧ୍ୟ ହେଉଥିଲେ ।

ସେ ପଣ୍ଡିତ ହୁଅନ୍ତୁ ଅବା ଠାକୁର କି ଅବଧାନ, ହେଲେ ବିଶ୍ୱନାଥଙ୍କ ପରି ଅନେକ ପିଲାଙ୍କ ପାଇଁ ହୃଦୟଥରା ଗୋଟେ ଆତଙ୍କରେ ପରିଣତ ହୋଇଯାଇଥିଲେ ସେତେବେଳେ । କାହାକୁ ସେ ହାତ ଉଠାନ୍ତି ନାଇଁ କି ଗଣିତ ଅବା ସଂସ୍କୃତରୁ ପ୍ରଶ୍ନଟେ ପଚାରନ୍ତି ନାହିଁ । କିନ୍ତୁ ବାଟଘାଟରେ କେଉଁଠି ସାମ୍ନା ସାମ୍ନି ହୋଇଗଲେ ପିଲାମାନଙ୍କର ପିଳେହି ପାଣି ହୋଇଯାଏ । ସେମାନଙ୍କ ମନର ନିଭୃତ କୋଣରେ ଅବସ୍ଥା ଜମେଇଥିବା ଭୟଟେ ଚୁପି ଚୁପି ସୂଚାଇ ଦିଏ- "ହେଇଟି ଆସିଗଲେରେ ପଣ୍ଡିତେ ! ଏ ମଣିଷଟା ସବୁ ଜାଣିପାରେରେ ବାବା । ଆଗତ-ଭବିଷ୍ୟତ, ଭିତର-ବାହାର, ମନ ଗହନ ସବୁ.... ପାଠ ନପଢ଼ିଲେ, ଗଛ ଚଢ଼ିଲେ, ନଈ ପହଁରିଲେ, ଶ୍ରେଣୀରେ କେଉଁ ଝିଅର ବେଣୀ ଟାଣିଲେ... ସବୁ ଜାଣି ପାରୁଚି ଏ ପଣ୍ଡିତ ! ହୁସିଆର... ।"

ଭୟରେ ଜଡ଼ସଡ଼ ହୋଇଯାଏ ସେମାନଙ୍କ ମନ । କଣ୍ଟା, ଗଛ, ବାଡ଼- କିଛି ନ ମାନି ସେମାନେ ଜୀବନ ବିକଳରେ ଧାଆଁନ୍ତି ଯେ ଯୁଆଡ଼େ ।

ଶଙ୍କର୍ଷଣ ପଣ୍ଡିତେଙ୍କ ଦ୍ୱାରା ଶାନ୍ତ କରାଯାଇଥିବା ଗ୍ରହର ପଳାୟନ ଯୋଗୁ ହେଉ କିମ୍ବା ନିଜର ପ୍ରଚେଷ୍ଟା ବଳରେ ହେଉ, ବିଶ୍ୱନାଥ ମେଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କଲେଜରେ ପଢ଼ିବା ପାଇଁ ପଳାଇଲେ କଟକ । କେତେବେଳେ କେମିତି ଛୁଟିଦିନମାନଙ୍କରେ ଗାଁକୁ ଆସିଲେ ପଣ୍ଡିତେ ଅକସ୍ମାତ୍ ଦେଖାହୋଇଯାଆନ୍ତି । ଆଗଭଳି ଆଉ ଡର ଲାଗେନା । ତାଙ୍କ ଉପସ୍ଥିତିରୁ ଖସି ପଳାଇବା ପାଇଁ ମନ ବଳେନା । ଗୋରା ତକତକ ତାଙ୍କ ଚେହେରାଟା ଯଦିଓ ଆଗ ଅପେକ୍ଷା ସାମାନ୍ୟ ମଳିନ ପଡ଼ିଯାଇଥାଏ, ତଥାପି ସେଇ ମଳିନତା ଭିତରୁ, ଚନ୍ଦନମଖା ପ୍ରଶସ୍ତ କପାଳର କୁଞ୍ଚିତ ରେଖାମାନଙ୍କ ଭିତରୁ ସ୍ପଷ୍ଟ ଉଦ୍‌ଭାଷିତ ହେଉଥାଏ ଏକ ଉଜ୍ଜ୍ୱଳ ଜ୍ୟୋତି । ତାଙ୍କ ସମଗ୍ର ଶରୀରରୁ ବିଚ୍ଛୁରିତ ହେଉଥାଏ ଅନନ୍ୟ ଆତ୍ମସନ୍ତୋଷ ଓ ପ୍ରଶାନ୍ତି । ଯେପରି ଜୀବନ ଓ ପୃଥିବୀ ଉପରେ ତାଙ୍କର ଅଗାଧ କର୍ତ୍ତୃତ୍ୱ । ମଣିଷର ଭାଗ୍ୟ ଓ ଭବିଷ୍ୟତ ଉପରେ ତାଙ୍କର ତ୍ରୁଟିଶୂନ୍ୟ ନିୟନ୍ତ୍ରଣ । ତାଙ୍କର ଗଣନା ସଠିକ୍ ହେଉ କି ନ ହେଉ, ଗ୍ରହ ରାକ୍ଷସ ସନ୍ତୁଷ୍ଟ ହେଉ କି ନ ହେଉ, ହେଲେ ମଣିଷ ହିସାବରେ ସେ କେବେ ଖରାପ ନଥିଲେ । ଆଦୌ ଅପଚିକୀର୍ଷୁ ନଥିଲେ । କହିବାକୁ ଗଲେ ସେ ଜଣେ ଦୁର୍ଲଭ ମଣିଷ ଥିଲେ । ସଦା ହସ ହସ ତାଙ୍କ ପ୍ରଫୁଲ୍ଲ ମୁହଁ, ଶ୍ରଦ୍ଧାଶୀଳ ଚେହେରା, ଅମାୟିକ କଥାବାର୍ତ୍ତା, ଆଶ୍ୱାସନା ପରିପୂର୍ଣ୍ଣ ମଧୁର ବାଣୀ ସର୍ବୋପରି ଅନ୍ୟମାନଙ୍କ ଗହଣରେ ସ୍ୱଷ୍ଟ ବାରି ପଡୁଥିବା କମନୀୟ ବ୍ୟକ୍ତିତ୍ୱ ହିଁ ତାଙ୍କୁ ଯଥେଷ୍ଟ ଗରୀୟାନ କରି ତୋଳୁଥିଲା ମଣିଷମାନଙ୍କ ପାଖରେ ।

କଲେଜ ପାଠ ସାରି ଚାକିରି ପାଇଁ ପ୍ରସ୍ତୁତି ଭିତରେ ବୁଡ଼ିରହି ବିଶ୍ୱନାଥ ଆଉ ବେଶି ଗାଁକୁ ଯାଇପାରୁନଥିଲେ । ଇଣ୍ଟରଭିୟୁ ଦେଇ ଦେଇ ହତାଶ ହୋଇପଡୁଥିବାବେଳେ ବାପାଙ୍କ ଚିଠି ଆସି ପହଞ୍ଚିଥିଲା- "ତୁ ଜମା ଅଧୈର୍ଯ୍ୟ ହ'ନା । ଅବଧାନଙ୍କୁ ତୋ ଜାତକ ଦେଖାଇଥିଲି । ବର୍ତ୍ତମାନ ତୋର ଶନିସପ୍ତା ଚାଲିଛି । ପୂଜାଟିଏ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଆସନ୍ତା ମାଘ ଫଗୁଣବେଳକୁ ଭଲ ସମୟ ଆସିବ । ତୁ ଜମା ବ୍ୟସ୍ତ ହ'ନା । ୟା'ଡ଼େ ମୁଁ ପୂଜା ପୂଜିର ବେବସ୍ତା କରୁଚି..."

ଏବଂ ଠିକ୍ ମାର୍ଚ୍ଚ ଶେଷବେଳକୁ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଚାକିରି ଖଣ୍ଡେ ପାଇଗଲେ ବିଶ୍ୱନାଥ । ଚାକିରି ପାଇବା ମାତ୍ରେ ବିବାହ, ଦୁଇବର୍ଷ ଅନ୍ତରରେ ଦୁଇଟି ପିଲା, ପାଞ୍ଚବର୍ଷ ପରେ ପ୍ରମୋଶନ, ସାତବର୍ଷ ପରେ ରାଜଧାନୀରେ ପ୍ଲଟ କିଣା ଏବଂ ତା'ର ଦୁଇବର୍ଷ ପରେ ଗୋଟାଏ ଘର ଠିଆ କରାଇବା ଭିତରେ କୋଉ ଛଟକରେ ବିତିଗଲା ବାର ଚଉଦ ବର୍ଷ । ପ୍ରଚୁର ସାଂସାରିକ ଜଞ୍ଜାଳ ଭିତରେ ନାକ ଅଗଯାଏଁ ବୁଡ଼ିରହି ଗାଁ କଥା, ବାପା-ବୋଉ, ଦାଦା-ଖୁଡ଼ୀ, ଭାଇ-ଭଉଣୀ, ଆମ୍ବତୋଟା, ନଈକୂଳ, ଖରାବେଳ, ଗାଁ ପୋଖରୀର ମାଛ, ଜନ୍ତାଳ, ଦୋଳ, ପଣା ସଂକ୍ରାନ୍ତି, ବାସନ୍ତୀ ଦୁର୍ଗାପୂଜା, ଦଶହରା, ରବି, ସୁଧାକର, କୈଳାଶ, ବାଇନ, ହେମନ୍ତ, ଟିମା, ଅକ୍ଷୟ, ସୁରିଆ, ଜ୍ୟୋତ୍ସ୍ନା, ବାସନ୍ତୀ, କନକ, ସର୍ବୋପରି ଶଙ୍କର୍ଷଣ ପଣ୍ଡିତେଙ୍କ କଥା କ୍ରମଶଃ ଝାପ୍‌ସା ହୋଇ ଆସୁଥିଲା ତାଙ୍କ ମନ ଭିତରୁ ।

ଏବେ ଖରାବେଳେ ତିନିମହଲା ବିଶିଷ୍ଟ ଅଫିସ୍‌ରେ ବସି ଫାଇଲ୍ ଦେଖୁଥିବାବେଳେ କାଇଁକି କେଜାଣି ବେଳେ ବେଳେ ମନେ ପଡ଼ିଯାଏ କୋଡ଼ିଏ ବାଇଶ ବର୍ଷ ତଳର ସେଇସବୁ ଖରାବେଳର କଥା । ବୋଉକୁ ଚକ୍‌ମା ଦେଇ ଝାଳନାଳ ଏକାକାର ହୋଇ ଆମ୍ବତୋଟାରେ ଡାଳମାଙ୍କୁଡ଼ି ଖେଳିବାବେଳର କଥା । ବୋଉ ଡାକୁଥିଲା- "ବିଶୁରେ, ଝାଞ୍ଜି ଖରାଟାରେ କାଇଁକି ଏମିତି ବୁଲୁଚୁ ତତଲା ବାଲିରେ ? ଆ, ଘଡ଼ିଏ ଶୋଇପଡ଼ରେ ବାୟା..."

ବୋଉର ଏକଥା ଗୁଡ଼ାକ ସେତେବେଳେ ଲାଗୁଥିଲା ଭାରି ବିରକ୍ତିକର । ଯେମିତି ଜୀବନର ଏକମାତ୍ର ଆକର୍ଷଣୀୟ ଏବଂ ଗୌରବମୟ ଲକ୍ଷ୍ୟଥିଲା ପୃଥିବୀ ଉପରେ ଖାଲି ଧାଇଁବା ଓ ଧାଇଁବା ।

ହେଲେ ଏବେ ? ଏବେ ସେହିପରି ଅମୃତବୋଳା ଡାକଟେ ଆସି ଶୁଭନ୍ତାନି କାନ ପାଖରେ । - "ବିଶ୍ୱନାଥବାବୁ.... ନା.... ନା.... ବିଶ୍ୱନାଥ.... ନା.... ବିଶୁରେ, ଉଦୁଉଦିଆ ଖରାବେଳଟାରେ ଘଡ଼ିଏ ଶୋଇ ପଡ଼ରେ ଧନ...

କେତେ ଆଉ ଧାଇଁବୁ କ୍ଷୀରବାଲାଠୁ ପରିବା ଦୋକାନ, ପରିବା ଦୋକାନରୁ ସ୍କୁଲ, ସ୍କୁଲରୁ ଅଫିସ୍, ଅଫିସ୍‌ରୁ ଘର, ଘରୁ ମେଡ଼ିକାଲ ? ଯା, ଆଖି ବନ୍ଦ କରି ଟିକେ ଶୋଇବଡ଼ । ତୋତେ, ତୋ ଅଫିସ୍, ତୋ ସ୍ତ୍ରୀ' ପିଲାର ସଂସାରକୁ ମୁଁ ଘଡ଼ିଏ ସମ୍ଭାଳି ନେଉଛି..... ତୁ ଦଣ୍ଡେ ଶୋଇପଡ଼ରେ ଧନ.... ।"

ଆତ୍ମା ଚାହୁଁଥିବା ଏ ମହାର୍ଘ କଥା ପଦିଏ ଏବେ କେଉଁଠୁ ଶୁଣିବାକୁ ମିଳେନା । ଅତୀତ ଫେରେନା । ବର୍ତ୍ତମାନ ଆଦୌ ସନ୍ତୋଷଜନକ ମନେ ହୁଏନା । ଅନିଶ୍ଚିତ ଭବିଷ୍ୟତକୁ ଭରସା ପାଏନା ।

ଅଫିସ୍ ଓ ସଂସାର ଜଞ୍ଜାଳ ଭିତରୁ କେତେବେଳେ କେମିତି ସାମୟିକ ବିରତି ମିଳିଲେ ବିଶ୍ୱନାଥ ବର୍ଷେ ଦେଢ଼ବର୍ଷ ତଳେ ଥରେ ଗାଁ ଆଡ଼େ ଚାଲିଯାଆନ୍ତି ଅଳ୍ପ ସମୟ ପାଇଁ । ସେଇ ସ୍ୱଳ୍ପ ସମୟ ଭିତରେ ସେ ଲକ୍ଷ୍ୟ କରନ୍ତି ଯେ କେବଳ ପରିବେଶ ଓ ପରିସ୍ଥିତି ନୁହେଁ, ଗାଁରେ ଏବେ ମାଳମାଳ ସ୍କୁଟର, ମଟରସାଇକେଲ । ପଚିଶ ଛବିଶ ବର୍ଷ ପୂର୍ବେ, ଯେଉଁଦିନ ରତ୍ନାକର ଦାଦା କଲିକତାରୁ ମର୍ଫି କମ୍ପାନୀର ରେଡ଼ିଓଟିଏ ଆଣି ପିଣ୍ଡାରେ ଫୁଲ୍ ଭଲ୍ୟୁମ୍ ଦେଇ ବଜାଇ ଦେଇଥିଲେ, ଖାଲି ତାଙ୍କ ଗାଁ ନୁହେଁ, ଦୁଇ ତିନିଖଣ୍ଡ ମୌଜାର ଆବାଳ ବୃଦ୍ଧବନିତା ଆସି ରୁଣ୍ଡ ହୋଇଯାଇଥିଲେ ସେଠାରେ । ପାଲା, ଛାନ୍ଦ, ଦାସ୍‌କାଠିଆ, ଖୁଲଣା ସୁନ୍ଦରୀ, ମହିଷାସୁର ବଧ, ତଅପୋଇ, ଗଣେଶ ଜନ୍ମ ଗୀତିନାଟ୍ୟାଦି ହରେକ ରକମର ତାମ୍ସା କରି ପାରୁଥିବା ଏଡିକି ବକଟେ ଜିନିଷ ଭିତରେ ବିଧାତା କି ଯନ୍ତ୍ର ଖଞ୍ଜିଛି କେଜାଣି, ମନକୁ ତ ଖାଲି ଚହଲେଇ ପକାଉଚି ! ! - ଏହା ଥିଲା ଗାଁର ଅଧିକାଂଶ ବୟୋବୃଦ୍ଧ ମଣିଷମାନଙ୍କର ଆଶ୍ଚର୍ଯ୍ୟ ବକ୍ତବ୍ୟ ।

ହେଲେ ଏବେ ତ ଘରେ ଘରେ ଟି.ଭି । ଓଡ଼ିଆ, ହିନ୍ଦୀ, ସିନେମା, ଶାଶୂବୋହୂ ସିରିୟାଲ, ନାନା ରଙ୍ଗବେରଙ୍ଗ ନାଚଗୀତ ଆଦି କାର୍ଯ୍ୟକ୍ରମ ନଦେଖିଲେ ଲୋକମାନଙ୍କ ଆଖିକୁ ନିଦ ଆସେନା । ମେଟ୍ରିକ୍ ପାସ୍ କରିଥିବା ନଥିବା ଟୋକାମାନେ ଜିନ୍‌ସ ପ୍ୟାଣ୍ଟ, ରିବକ୍ ବୁଟ୍ ନ ପିନ୍ଧିଲେ ବଜାର ତ ଦୂରର କଥା, ଘର ବାହାରକୁ ମଧ୍ୟ ବାହାରୁ ନାହାନ୍ତି । ତିନିଖଣ୍ଡ ବାଡ଼ି, ଗୋଟିଏ ବ୍ୟାଟ୍ ଏବଂ ଛୋଟ ବଲ୍‌ଟିଏ ହିଁ ପାଞ୍ଚରୁ ପଞ୍ଚସ୍ତରୀ ବର୍ଷର ମଣିଷମାନଙ୍କ ପାଇଁ ଏ ଶତାବ୍ଦୀର ସବୁଠାରୁ ଆକର୍ଷଣୀୟ ମନୋରଞ୍ଜନ । ଗାଁ ଠାରୁ ଅଳ୍ପ ଦୂରରେ ଅବସ୍ଥିତ ଛୋଟ ସହର ବକ୍ଷରେ ତିଆରି ହୋଇଥିବା ସିନେମାହଲ୍‌ରେ ପ୍ରଦର୍ଶିତ ହେଉଛି ସେନ୍‌ସର୍‌ବାଲା ଘୁମେଇ ପଡ଼ିଥିବା ବେଳର ଲଙ୍ଗଳା ଛବି । ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଉଚ୍ଚଶିକ୍ଷିତ ମଣିଷମାନଙ୍କୁ ଜବରଦସ୍ତ ଉଲ୍ଲାସ ବିତରଣ କରୁଥିବା ଗୋଟେ ବିଦେଶୀ ମଦ ଦୋକାନ । ବାପା ମା'ଙ୍କ ତଣ୍ଟିଚିପି ପଇସା ଆଣି ଖାଲି ଫେସନ୍ ଦେଖାଇବାକୁ ଆସୁଥିବାବେଳେ ବେକାରୀ ଗ୍ରାଜୁଏଟ୍‌ଙ୍କୁ ଜନ୍ମ ଦେଉଥିବା ଗୋଟେ କଲେଜ, ବିୟୁଟି ପାର୍ଲର, ଫେସନ ସୋ-ରୁମ୍ ଏ ସବୁକୁ ନେଇ ଗଢ଼ି ଉଠିଥିବା ସହରଟିର ଅପସଂସ୍କୃତି ଅନେକ ଦିନଠାରୁ ଗ୍ରାସ କରି ପକାଇଥିଲା ନିରିମାଖି ଗାଁର ଅନ୍ତରଙ୍ଗ ସଂସ୍କୃତିକୁ ।

ଖାସ୍ ଏଇ କାରଣରୁ ଗାଁମାଟିର ମୋହ ଆକର୍ଷିତ କରିପାରୁନଥିଲା ବିଶ୍ୱନାଥଙ୍କୁ । ଯାନ୍ତ୍ରିକ ସଭ୍ୟତାଠାରୁ ଟିକେ ମୁକୁଳିଯାଇ ପଲ୍ଲୀ ପ୍ରକୃତି କୋଳରେ ଦଣ୍ଡେ ବଞ୍ଚିବାର ଇଚ୍ଛା ଆଉ ସାକାର ହୋଇପାରୁନଥିଲା ବୋଲି ସେ ଏବେ ପ୍ରାୟ ଯାଆନ୍ତି ନାଇଁ ଗାଁକୁ । ପରିସ୍ଥିତିର ତାଡ଼ନାରେ କେତେବେଳେ କେମିତି ଗଲେ, କିପରି ଗୋଟେ ଅଣନିଃଶ୍ୱାସୀ ଲାଗେ, ଛାତି ରୁନ୍ଧି ହୋଇଯିବା ପରି ବୋଧହୁଏ । ସେ ଛଟିପିଟି ହୋଇ ପଳାଇ ଆସନ୍ତି ସହରକୁ ।

ସେହିପରି ଗୋଟେ ପରିସ୍ଥିତି ତାଙ୍କୁ ଟାଣି ଆଣିଥିଲା ସେଥର ଗାଁକୁ । ପୁଅ ଅନୁଭବ ପାଠ ପଢୁନାହିଁ ଜମା । ଚାରିଟି ବିଷୟରେ ଟ୍ୟୁସନ ସତ୍ତ୍ୱେ ପଚାଶ ପ୍ରତିଶତ ନମ୍ବର ରଖିବା ପାଇଁ ସମର୍ଥ ହେଉନାହିଁ । ପାଠପ୍ରତି ଚରମ ନିରାଶକ୍ତ ଭାବ ଏବଂ ଟିଭି ଓ କ୍ରିକେଟ ପ୍ରତି ଅତ୍ୟଧିକ ଦୁର୍ବଳତା ଯେ ପୁଅର ଭବିଷ୍ୟତକୁ ଛାରଖାର କରିବାକୁ ଯାଉଛି ଏକଥା ଲକ୍ଷ୍ୟ କରି ଏକରକମ ଭାଙ୍ଗି ପଡ଼ିଥିଲେ ବିଶ୍ୱନାଥ । ଗୋଟିଏ ବିଷାଦ ଭାବ ଗୁଡ଼େଇ ହୋଇ ରହିଥିଲା ତାଙ୍କ ମନ ଓ ଚେତନା ଉପରେ ।

ତାଙ୍କର ସମସ୍ତ ଆଶା ଓ ଆଗ୍ରହ ଧୂଳିସାତ୍ ହେବାକୁ ଯାଉଥିବାବେଳେ, ଜୀବନର ସବୁ ଯୋଜନା ଓ ରୂପରେଖ ସଂହତିହୀନ ଆଉ ବିଧ୍ୱସ୍ତ ହେବାକୁ ବସିଥିବାବେଳେ ଦୈବାତ୍ ତାଙ୍କର ଶଙ୍କର୍ଷଣ ପଣ୍ଡିତେଙ୍କ କଥା ମନେପଡ଼ିଗଲା । ସେ ଚାହିଁଲେ ବୋଧହୁଏ ସବୁ ଠିକ୍‌ଠାକ୍ ହୋଇଯିବ ! ଗ୍ରହଶାନ୍ତିର ପୂଜାଟିଏ କଲେ ପୁଅ ପାଠ ପଢ଼ିବ, ମଣିଷ ହେବ । ଆଶାର ଆଲୋକ ଧାରେ ଝଲସି ଉଠିଲା ତାଙ୍କ ମନ ଆକାଶରେ । ସେ ଅଫିସ୍‌ରେ ଛୁଟି ଦରଖାସ୍ତ ଦେଲେ ।

ଅଥଚ ଗାଁକୁ ଆସି ସେ ଦେଖୁଛନ୍ତି କ'ଣ ? ଅତୀତର ମନ୍ଦିର ପରିଣତ ହୋଇଯାଇଛି ସମାଧି ପୀଠରେ ! ପୃଥିବୀର କମନୀୟ ସବୁଜିମା ପରିଣତ ହୋଇଯାଇଛି ଧୂସର ମରୁଭୂମିରେ ! କୋଇଲିର ସଙ୍ଗୀତର ଝଙ୍କାର ରୂପାନ୍ତରିତ ହୋଇଯାଇଛି ହିଂସ୍ର ଶାର୍ଦ୍ଦୂଳର ଗର୍ଜନରେ ! ଫୁଲର ଗରିମାମୟ ସୌନ୍ଦର୍ଯ୍ୟ ଛିନ୍ନଛତ୍ର ହୋଇଯାଇଛି ହିଂସ୍ରତା ଦ୍ୱାରା । ସଂସାରର ସବୁ ଆନ୍ତରିକତା ଆଉ ସରଳପଣିଆକୁ ଅପହୃତ କରିନେଇଛି ମଣିଷର ଅବିବେକୀପଣିଆ ।

ଶଙ୍କର୍ଷଣ ପଣ୍ଡିତେଙ୍କୁ ସେପରି ଦୟନୀୟ ଅବସ୍ଥାରେ ତାଙ୍କ ପିଣ୍ଡାରେ ବସିଥିବାର ଏବଂ ବାପାଙ୍କର ତାଙ୍କପ୍ରତି ସେପରି ବ୍ୟବହାର ଦେଖି ବିଶ୍ୱନାଥଙ୍କ ଅନ୍ତରାତ୍ମା ମନ୍ଥି ହୋଇଯାଉଥିଲା ବେଦନାଦାୟକ ଏକ ଆତୁରତାରେ । ଅସଂଖ୍ୟ ଅମୀମାଂସିତ ପ୍ରଶ୍ନ ଉଙ୍କି ମାରୁଥିଲା ତାଙ୍କ ମନ ଭିତରେ ।

ଯା' ଭିତରେ ପୃଥିବୀର ପରିବେଶ ଓ ପରିସ୍ଥିତି କ'ଣ ଏମିତି ବଦଳିଗଲା ଯେ ଶଙ୍କର୍ଷଣ ପଣ୍ଡିତ 'ଠାକୁର' ଆସନରୁ ଖସିପଡ଼ିଲେ 'କୁକୁର' ସ୍ଥାନକୁ ? 'ଅବଧାନେ'ରୁ 'କିରେ ଶଙ୍କରା'କୁ ? ସରୁ ଘିଅ ଅନ୍ନ, ମୋଟା ହରଡ଼ ଡାଲି, ଖଟା, କ୍ଷୀରି ପରି ମହାର୍ଘ ଭୋଜନରୁ ପଟେ ରୁଟି କିମ୍ବା ମୁଠାଏ ବଗଡ଼ା ଭାତକୁ ? ଏକଦା ଏତେ ଶ୍ରଦ୍ଧା ଓ ସମ୍ମାନର ସହିତ ଗ୍ରହଣ କରାଯାଇଥିବା ଦୁର୍ଲ୍ଲଭ ମଣିଷ ଜଣଙ୍କର ଜୀବନ ଏତେ ଦୟନୀୟ ଏବଂ ବର୍ଜନୀୟ ହୋଇପଡ଼ିବା ପଛରେ ଯେ କି ଯୁକ୍ତି ରହିଛି, ସେକଥା କଳ୍ପନା କରିପାରିଲେ ନାହିଁ ବିଶ୍ୱନାଥ । ସାରାରାତି ବିତିଗଲା ଏକ ଗଣ୍ଡଗୋଳିଆ ମାନସିକତା ଭିତରେ । ଜମା ନିଦ ହେଲାନାହିଁ ।

ସକାଳୁ ଉଠି ସେ ବାଡ଼ିଆଡ଼କୁ ଯିବାବେଳେ ବୋଉ କହିଲା-ବିଶୁରେ, ତିନିମାଣିଆ ବିଲରୁ ଆଜି ଧାନକଟା ହଉଚି । ଭୋର୍‌ରୁ ଚାରିପାଞ୍ଚଜଣ ମୂଳିଆ ଲାଗିଛନ୍ତି କାମରେ । ଯାଉନୁ ବିଲଆଡ଼େ ଘେରାଏ ବୁଲି ଆସିବୁ !

ତିନିମାଣିଆ ଜମି ପାଖରେ ଯେତେ ବେଳେ ବିଶ୍ୱନାଥ ପହଞ୍ଚିଲେ, ତାଙ୍କୁ ବିମୂଢ଼ କରିଦେବାପାଇଁ ଗୋଟାଏ ଅପ୍ରତ୍ୟାଶିତ ଘଟଣା ସତେ ଯେପରି ଯୁଗ ଯୁଗ ଧରି ଅପେକ୍ଷା କରି ରହିଥିଲା । ଚାରି ପାଞ୍ଚଜଣ ମୁଲିଆଙ୍କ ଗହଣରେ

ଚିରା ମଳିଛିଆ ଗାମୁଛା ଖଣ୍ଡେ ପିନ୍ଧି, ଏକଦା ନିଷ୍ପାପର ବ୍ରାହ୍ମଣର ସର୍ବଶ୍ରେଷ୍ଠ ପ୍ରତୀକ ଭାବେ ପରିଚୟ ଦେଉଥିବା ବ୍ରହ୍ମ ପଇତାଟି ବର୍ତ୍ତମାନ କାମରେ ଖଇଚା ସୃଷ୍ଟି କରିଛି ବୋଲି ଅଣ୍ଟାରେ ଗୁଡ଼ାଇ ଦେଇଥିବା ଏବଂ ଯନ୍ତ୍ରଣାରେ ଥରି ଉଠୁଥିବା ଭଙ୍ଗା ଦେହକୁ ବଙ୍କେଇ ଧାନ କାଟୁଥିବା ମଣିଷଜଣକ ଥିଲେ ଶଙ୍କର୍ଷଣ ପଣ୍ଡିତେ ଓରଫ ଠାକୁରେ ଓରଫ ଅବଧାନେ....।

ବିଶ୍ୱନାଥଙ୍କ ଆଖିରେ ସତେ ଯେପରି ମୁନିଆ କଣ୍ଟାଟେ ଫୋଡ଼ି ହୋଇଗଲା। ସେ ବିକଳରେ ଆଖି ମଳିପକାଇ ପୁଣି ଚାହିଁଲେ। ସେଇ ଏକ ଇ ଦୃଶ୍ୟ। ତାଙ୍କ କାନମୁଣ୍ଡା ଝାଇଁ ଝାଇଁ ହୋଇ ଯାଉଥିବାବେଳେ ସେ ଅନୁଭବ କଲେ, କେବଳ ସେ କିମ୍ବା ତାଙ୍କ ପିଲାଛୁଆ ସଂସାର ନୁହେଁ, ତମାମ୍ ବିଶ୍ୱ କବଳିତ ହୋଇଯାଉଛି ହିଂସ୍ର ଗ୍ରହ ରାକ୍ଷସମାନଙ୍କ ଦ୍ୱାରା। ସେମାନଙ୍କ କବଳରୁ ଆଉ ନିସ୍ତାର ନାହିଁ। ଖୋଦ୍ ତ୍ରାଣକର୍ତ୍ତା ଯେଉଁଠି ମଣିଷଗ୍ରହ ଦ୍ୱାରା ପୀଡ଼ିତ, ସେଠି ସେ କିପରି, କାହାକୁ ଦେଇପାରିବେ ବଞ୍ଚିବାର ସର୍ବଶ୍ରେଷ୍ଠ ସାନ୍ତ୍ୱନା ଓ ପ୍ରରୋଚନା ? କାହାକୁ ଦେଇପାରିବେ ଅନିଶ୍ଚିତ ଭବିଷ୍ୟତ ପାଇଁ ସମ୍ଭାବନାପୂର୍ଣ୍ଣ ପ୍ରତିଶ୍ରୁତି ?

ତାଙ୍କ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା ଦେଖି ଦା' ଉପରେ ଶଙ୍କର୍ଷଣ ପଣ୍ଡିତେଙ୍କ ହାତ ଆପଣାଛାଏଁ ଅଟକିଗଲା। ଅଣ୍ଟା ସଳଖି ସେ ଚାହିଁଲେ ବିଶ୍ୱନାଥଙ୍କୁ। ସେଇ ନିରବ, ଉଦାସ, କଥାକୁହା ଚାହାଣି ଜରିଆରେ ସେ ଉତ୍ତର ଫେରାଇଲେ– "ସଂସାରରେ ଆଶ୍ଚର୍ଯ୍ୟ କିମ୍ବା ଗ୍ରହଙ୍କ ଉତ୍ପାତ ଦ୍ୱାରା ସଂସାରର ଶାନ୍ତି ଓ ଐଶ୍ୱର୍ଯ୍ୟ ଆଉ ବ୍ୟାହତ ହେଉନାହିଁ। ମଣିଷ ହିଁ ଏବେ ସର୍ବେସର୍ବା। ଏତେଦିନ ଧରି ମତେ ସାହାରା ଦେଇ ଆସିଥିବା ସେଇ ଅବଲମ୍ବନଟି ଇତିମଧ୍ୟରେ ହାତଛଡ଼ା ହୋଇଯାଇଛି। ପେଟ ଭିତରର କ୍ଷୁଧା ଆଉ ମନ ତଳର ଯନ୍ତ୍ରଣାକୁ ସମ୍ଭାଳି ହେଲା ନାହିଁ ବୋଲି ଏତକ କରିବାକୁ ପଡୁଛି। କାରଣ ଜୀବନକୁ ବଞ୍ଚାଇ ରଖିବା ହିଁ ମଣିଷର ପ୍ରଥମ କଥା ପ୍ରଧାନ କର୍ତ୍ତବ୍ୟରେ ବାବୁ...."

ବିଶ୍ୱନାଥ ପଣ୍ଡିତେଙ୍କ ଆଖିର ଭାଷା ପଢ଼ିନେଇ ଭାବିଲେ କଇଁ କଇଁ ହୋଇ କାନ୍ଦିବେ। କାନ୍ଦି କାନ୍ଦି ଲୋଟିଯିବେ ତାଙ୍କ ଗୋଡ଼ତଳେ। ତାଙ୍କ କାଦୁଅ ସାଲୁବାଲୁ ପାଦ ଦୁଇଟିକୁ ଲୁହର ଐର୍ଘ୍ୟରେ ପଖାଳି ଦେବେ ଏବଂ କହିବେ– "ନାଇଁ ଠାକୁରେ, ଆପଣ ଭୁଲ୍ କହିଲେ। ଆଗ ଅପେକ୍ଷା ମଣିଷ ଏବେ ଅଧିକ ଅଧିକ ଦୁଷ୍ଟ ଗ୍ରହର କବଳିତ ହୋଇଯାଉଛି। କେବଳ କାହା ଘର କିମ୍ବା ଗାଁ ନୁହେଁ, ସମଗ୍ର ବିଶ୍ୱର ଶାନ୍ତି ବିସ୍ଫୋରିତ ହୋଇଯାଉଛି। ଯେଉଁଠି ମିଥ୍ୟା, ଲୋଭ, କ୍ରୋଧ, ହିଂସ୍ରତା, ବ୍ୟଭିଚାର, ଭ୍ରଷ୍ଟାଚାର ରୂପକ ଗ୍ରହ ମଣିଷକୁ ସମ୍ପୂର୍ଣ୍ଣ ଗିଳିସାରିଚି, ସେଠି ପଣ୍ଡିତେ ଆପଣେ କ'ଣ କରିପାରିବେ.... ?

ବିଶ୍ୱନାଥଙ୍କ ପାଟିରୁ ବଚନ ବାହାରିଲା ନାହିଁ। ଦୁଇଠୋପା ଲୁହ ଖସି ପଡ଼ିଲା ତାଙ୍କ ଦୁଇ ଆଖିରୁ ଆଶୀର୍ବାଦ ନେବାକୁ ସେ ତାଙ୍କ ପାଦ ପାଖରେ ନଇଁ ପଡୁଥିବାବେଳେ ପଣ୍ଡିତଙ୍କର ପାଟି ଭିତରର କେଉଁ ଅଦେଖା ସନ୍ଧି ଭିତରେ କାହିଁ କେତେକାଳରୁ ଅଟକି ରହିଥିବା ଆଶ୍ୱାସନାମୟ ତଥା ପ୍ରତ୍ୟୟପୂର୍ଣ୍ଣ ତଥାସ୍ତୁଟିଏ ଝରି ଆସିଲା– 'ଆୟୁଷ୍ମାନ୍ ଭବଃ... !!'

*ଏ.ଜି. ଅଫିସ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୩୦୦୨*

**କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ**

ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ
- ଶେଷ ସାକ୍ଷାତ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାକାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

# ଗରିବଙ୍କ ଆଖିରେ ଭଲ ବାବୁ

ରଞ୍ଜନ ସାହୁ

ପରିବା କିଣିବି ବୋଲି ମୂଲାମୂଲି କରୁଛି, ଜଣେ କ୍ରେତା କହିଲେ, ମୋତେ କୋଶଳା ସାଗ ଦେ କୋଡ଼ିଏ ଟଙ୍କାର।

- ଆଜ୍ଞା। କୋଡ଼ିଏ ଟଙ୍କାରେ ତିନି ବିଡ଼ା।

- ଚାରି ବିଡ଼ା ଦଉନୁ। ଏତେ କଣ ଦର କଷୁଛୁ ? ?

- ନା ନା ହବନି। କିଣା ଅଧିକ ପଡୁଛି।

- ହବ ହବ। ଦେ ଦେଏମ।

- ନାଇଁ ସାର।

ମୁଁ ଚିଡ଼ି ଉଠି କହିଲି, ସାଗ କଣ ପୋଟଳ, ମଟନ, ପନିର ରେଟ୍ ହେଇଗଲା। ଏତେ ଜିଦ୍ ଧରୁଛୁ?

- ହବନି ଆଜ୍ଞା। ଏତକ କହି ସେ ମୁହଁ ବୁଲାଇ ଆଉ ଜଣେ ଆଗନ୍ତୁକ ଗରାଖିଙ୍କୁ ସହର୍ଷ ସମ୍ବୋଧନ କଲା, ସାର୍ ଆସନ୍ତୁ। କେତେ ଶାଗ ଦେବି ?

- ଦେ କୋଡ଼ିଏ ଟଙ୍କାର।

ତାଙ୍କ ବରାଦ ପରେ ବିକାଳି ତିନିବିଡା ତାଙ୍କ କପଡ଼ା ବ୍ୟାଗରେ ପୂରାଇ କୋଡିଏ ଟଙ୍କା ନୋଟଟିଏ ରଖିଲା। ଗରାଖି ଜଣଙ୍କ ପିନ୍ଧିଥିଲେ ହାପ୍ ପ୍ୟାଣ୍ଟ୍ । ଧଳା ରାଉଣ୍ଡ ନେକର କମିଜଟିଏ। ଆନୁମାନିକ ବୟସ ସତୁରି ସେପଟେ ହେବ ପଛେ ଏପଟେ ହେବନି। ତ୍ୱଚାରେ ଗାର ପଡ଼ିଗଲାଣି। ଆଖି ତଳେ କଳା ନାଳିର କୋଲେଷ୍ଟ୍ରଲ ଜମିଗଲାଣି। ସେ ବିନା ବାକ୍ୟ ବ୍ୟୟରେ ଶାଗ କିଣି ଫେରୁଛନ୍ତି ଦୋକାନି ପଚାରିଲା, ଦେଶୀ କାଙ୍କଡ଼ ଆଣିଛି ନିଅନ୍ତୁ ଆଜ୍ଞା।

- ରେଟ କେତେ ? ସ୍ମିତ ହସି ପଚାରିଲେ।

- କିଲୋ ତିନି ଶହ ଷାଠିଏ।। ଆପଣଙ୍କୁ ତିନିଶହ କୋଡ଼ିଏରେ ଦେବି।

**ଆମେ ସବୁ ମଣିଷ କେଡ଼େ ଅନୁକରଣ ପ୍ରିୟ !! ଅନ୍ୟକୁ ଅନୁସରଣ କରିବା ସକାଶେ କେତେ ଆଗ୍ରହ ନହୁଏ ? ଜଣେ କେହି ସମ୍ମୁଖରେ ମର୍ଯ୍ୟାଦା ପାଇଲେ ଭାବୁ ମୁଁ ସେହି ସ୍ଥାନରେ ଥାଆନ୍ତିକି ? ? ? ଯେମିତି କିଏ ପୁରସ୍କାର ପାଇଲେ ଲାଗେ ମୁଁ ସେହି ପୁରସ୍କାର ପାଆନ୍ତି କି ? ? ସେଦିନର ସେ ଭଦ୍ରବ୍ୟକ୍ତିଙ୍କୁ ଦେଖି ମୁଁ ନିଜକୁ ବଦଳେଇବାକୁ ଚାହୁଁଥାଏ। ଚାଲି ଚାଲି ହାଟରେ ପହଁଚିଗଲି।**

- ହଉ ଦେ ଅଧକିଲେ।

- ଅଧକିଲେ କେତେ ହେବ। କିଲେ ନେଇ ଯାଆନ୍ତୁ।

- ହଉ ଦେ।

ତିନି ଶହ କୋଡିଏ ଦେଇ କିଲେ ଦେଶୀ ଛୋଟ ଛୋଟ କାଙ୍କଡ ଖର୍ଦି କରି ସେ ଦେଶୀ ପୋଟଳ ଅଧକିଲେ ବି କିଣିଲେ। ପୋଟଳ ପାଇଁ ବିନା ମୂଲଚାଲରେ ଷାଠିଏ ଟଙ୍କା ଅକୁଣ୍ଠରେ ଗଣିଦେଲେ। ଛୋଟ ଛୋଟ ସବୁଜ ରଙ୍ଗର କାଙ୍କଡ଼ ଗୁଡିକ ଦିଶୁଥିଲା ଅତି ଛନଛନ। ନରମ, ନମନୀୟ, କୋମଳ ରୂପ। କେତେବେଳରୁ ଲୋଭେଇଥିଲି ନେବିବୋଲି। ଦାମ ଶୁଣି ଧିମେଇଗଲି। କିଲେ ବିକିବା ଅନ୍ତେ ତା ପାଖରେବି ଆଉ ବିଶେଷ ନଥିଲା। ଅଢ଼େଇଶ ଗ୍ରାମ ହେବ ବୋଧେ। ପୂର୍ବୋକ୍ତ ମୂଲଚାଲ କରୁଥିବା ଲୋକଟି ଶାଗ ଛାଡ଼ି କହିଲା, କାଙ୍କଡ଼ ତ ସରିଗଲା। ଏଇ କେତେଟା ବଞ୍ଚିଛି। ତଳିତୁଳା ହେଇଗଲାଣି। କେହିନେବେନି। କେତେନବୁ ମୋତେ ଦେଇଦେ।

- ତିନିଶହ ଗ୍ରାମରୁ ବେଶି ହେବ। ଶହେ ଟଙ୍କା ଦିଅନ୍ତୁ।

- ନା ଏତେ ହବନି। ପଚାଶ ଟଙ୍କା ନେ।

- କେମିତି ସାର ? ? ଦେଖିଲେ ତ ସେ ବାବୁଙ୍କୁ ତିନିଶହ କୋଡ଼ିଏରେ ବିକିଲି। ଆପଣଙ୍କଠୁ କଣ ବେଶି ନେବି ?

- ତାଙ୍କୁ ଦେଲୁ ବୋଲି କଣ ଚଢ଼ା ରେଟ୍ ରେ ସମସ୍ତଙ୍କୁ ଦେବୁ ? ? କେତେ ଲୋଭ ତୋର ?

- ନାଇ ହେବନି। ଦଶ ଟଙ୍କା କାଟି ନବେ ଦିଅନ୍ତୁ।

-ଥାଉ ରଖ । ମୁଁ ଯାଉଛି ଆଉ କୋଉଠୁ ନେବି।

ସେ ଗର ଗର ହେଇ ଚାଲି ଗଲେ। ତାଙ୍କ ଯିବା ଅନ୍ତେ ମୁଁ କହିଲି ମୋତେ ଦେଇଦେ। ଅଶି ଟଙ୍କା ଦେଉଛି।

-ହଉ ନିଅନ୍ତୁ। ବେଗ ଆଣିଛନ୍ତି ?

- ନା ।

- ସେ ଯୋଉ ବୁଢ଼ାବାବୁ ଆସିଥିଲେ ସେ ସବୁବେଳେ ବେଗ୍ ହାତରେ ଆଣନ୍ତି। କେବେବି ପଲିଥିନ ନିଅନ୍ତି ନାହିଁ। ସେ ଭାରି ଭଲ ବାବୁ। ଥରେ ମୋତେ କହିଲେ, ପଲିଥିନ ଥଳି ଜମା ଆଣନା। ଗରାଖ ଥରେ ଦିଥର ଫେରିଲେ ଘରୁ ବେଗ ଆଣିବାକୁ ଅଭ୍ୟାସ କରିବେ। ସରକାର କେତେ କହିବେ ପଲିଥିନ ଯୋଗୁଁ ପ୍ରଦୂଷଣ ବଢ଼ୁଛି ବୋଲି !!

- ସେ ହାଫ୍ ପ୍ୟାଣ୍ଟବଲା କଥା କହୁଛୁତ ?? ଲୋକଟାର ଦମ ବେଶି। ବିନା ଝିନଝଟ୍‌ରେ, ବିନା ଦର କଷାକଷିରେ ପରିବା ନେଇ ଚାଲିଗଲା। ମୁଁ ତ ତାଟକା ହେଇ ଗଲି।

- ଆଜ୍ଞା ହଁ। ସେ ଭଲ ବାବୁଟିଏ। କେବେବି ଦର କଷନ୍ତିନି। ମୂଲାମୂଲି କରିବା ଦେଖି ନାହିଁ ଏ ହାଟରେ। ସମସ୍ତେ ଏ କଥା କହିବେ। ପଚାରୁ ନାହାନ୍ତି କାହାକୁ ପଚାରିବେ। ଏତେ ଭଲ ଲୋକ ମୁଁ ଦେଖିନଥିଲି ଏଠି। ମୂଲଚାଲ ତ କରନ୍ତି ନାହିଁ , ଦରକାର ପଡ଼ିଲେ ରେଜା ପଇସା ନଥିଲେ ନନେଇ ପଳେଇ ଯାଆନ୍ତି। ଭଲ ବାବୁ ସେ ସାର।

ଶାଗ ବିକାଳି ଏମିତି ପ୍ରଶସ୍ତି ତାଙ୍କର କଲା ଯେ ମୁଁ ହତବମ୍ବ ହେଇଗଲି। ଗଦ୍‌ଗଦ୍ ହେଇଗଲା ଅନ୍ତର୍ମନ। ଇଚ୍ଛା ହେଲା ମୋତେ ସେ ଏମିତି ପ୍ରଶଂସାରେ ପୋତି ପକାନ୍ତା କି !! ମୋତେ ଭଲ ବାବୁ କହନ୍ତା କି।

ତା'ପରେ ଶାଗ ପାଇଁ କୋଡ଼ିଏ ଦେଇ ତିନିବିଡ଼ା କିଣିଲି। ଅବଶିଷ୍ଟ ଦେଶୀ କାଙ୍କଡ଼ ତକ ଆଣିଲି। ତା କହିବା ମୁତାବକ ନବେ ଟଙ୍କା ବି ଦେଲି। ଜମା ଦରଦାମ ଛିଣ୍ଡେଇବାକୁ ଇଚ୍ଛା ହେଲାନାହିଁ ।

ସତରେ ମଣିଷ କେତେ ପ୍ରଶଂସାଲୁଭ୍ ! ଅନ୍ୟ ପାଇଁ ଉଦ୍ଦିଷ୍ଟ ପ୍ରଶଂସାର ଶବ୍ଦସବୁ ନିଜକୁ ବଦଳେଇବାରେ କେତେ ସହାଯ୍ୟ ନକରେ !

ଶାଗ ବିକ୍ରେତା ଖୁସିରେ ମୋଠୁ ପଇସା ରଖିଲା। ମୁହଁରେ ଫୁଟି ଉଠୁଥିଲା ଆତ୍ମପ୍ରସାଦର ପ୍ରତିବିମ୍ବ। ଫେରିବା ବେଳେ ସେ ପୁନରାୟ କହିଲା, ଆପଣଙ୍କ ଭଳି, ଆଉ ସେ ଭଲବାବୁଙ୍କ ପରି କେତେଜଣ ଗରାଖ ଆସିଲେ ମନଟା ଖୁସି ହେଇଯାଏ। ଦିନଟା ଆନନ୍ଦରେ କଟେ। ଆଉ କେତେଟା ଖେଚଡ଼ା ଆଜ୍ଞା ଅଛନ୍ତି। ନିସ୍ତା ଶୁଣ୍ଟା ସାର। ଏତେ ଝିକିଝିକି କରନ୍ତି ଯେ ମନଟା ବିକ୍ଷେଇଯାଏ। ଦିନଟା ଜାକ ମନ ଭଲ ରହେନି। କେତେଟା ଟଙ୍କା ସାରେ ଆମେ ପାଉଛୁ! କଣ ଟଙ୍କା ଦଶଟା ଅଧିକ ନେଇଗଲେ କୋଠା ବାଡ଼େଇଦେବି। ଯୋଉ ପରିବା ବିକାଳି କି ସେହି ପରିବା ବିକାଳି। ଏଗାର ବର୍ଷ ହେଲା ଏଠି ପରିବା ବିକୁଛି। କାହିଁ କୋଇଠି ଧନି ହେଇଗଲି !! କାହିଁ କୋଉଠି ମୋଟର ସାଇକଲ ଚଢ଼ିଲି !!! ଏବେବି ସାଇକଲରେ ପରିବା ବୋହୁଛି। ଚକା ଫାଟିଲେ ମୁଣ୍ଡେଇ ମୁଣ୍ଡେଇ ଆଣୁଛି।

ସତେ ତ ! କେଡ଼େ ସତ କଥାଟିଏ ଲୋକଟି କହୁଚି !! ଏମାନଙ୍କ କଥା କିଏ ବୁଝୁଛି ?? ସମସ୍ତେ କେବଳ ନିଜ ସ୍ୱାର୍ଥ ପଛରେ ଧାଇଁଛନ୍ତି।

ସାତ ଆଠ ଦିନ ପରେ ଘରଣୀକୁ ହାଟ ଯିବା ପାଇଁ ମନାକଲି। ନିଜେ ସକାଳୁ ପରିବା ପାଇଁ ବାହାରି ପଡ଼ିଲି। ସେଦିନ ମୋ ହାଫ୍ ପ୍ୟାଣ୍ଟଟାକୁ ପିନ୍ଧିଲି। ଧଳା ହାଫ୍ ଶାର୍ଟଟିଏ ଗଳେଇଲି। କେବେ ବ୍ୟାଗ ଧରୁନଥିବା ସତ୍ତ୍ୱେବି ବ୍ୟାଗଟିଏ ହାତରେ ଧରିଲି। ପାଖରେ ଯଥେଷ୍ଟ ଟଙ୍କା ରଖିଲି। ଇଚ୍ଛା କଲି ଆଜି ଜମା ମୂଲାମୂଲି କରିବିନାହିଁ। ଯିଏ ଯାହା କହିଲା ଦେଇ ପରିବା କଣିବି।

ଆମେ ସବୁ ମଣିଷ କେଡ଼େ ଅନୁକରଣ ପ୍ରିୟ !! ଅନ୍ୟକୁ ଅନୁସରଣ କରିବା ସକାଶେ କେତେ ଆଗ୍ରହ ନହୁଏ ? ଜଣେ କେହି ସମ୍ମୁଖରେ ମର୍ଯ୍ୟାଦା ପାଇଲେ ଭାବୁ ମୁଁ ସେହି ସ୍ଥାନରେ ଥାଆନ୍ତିକି ??? ଯେମିତି କିଏ ପୁରସ୍କାର ପାଇଲେ ଲାଗେ ମୁଁ ସେହି ପୁରସ୍କାର ପାଆନ୍ତି କି ?? ସେଦିନର ସେ ଭଦ୍ରବ୍ୟକ୍ତିଙ୍କୁ ଦେଖି ମୁଁ ନିଜକୁ ବଦଳେଇବାକୁ ଚାହୁଁଥାଏ। ଚାଲି ଚାଲି ହାଟରେ ପହଁଚିଗଲି।

ଶାଗବଲା ଠାରୁ ଶାଗ କିଣିଲି। ଲଙ୍କା ଓ ଧନିଆ ପତ୍ର ବି ଆଣିଲି। ଯାହା କହିଲା ସେତକ ମୁଦ୍ରା ଦେଲି। ବିକ୍ରେତା ତାଜୁବ ହୋଇ ଚାହିଁଥାଏ। ବୋଧେ ଭାବୁଥାଏ ମୁଁ କାହିଁକି ମୂଲାଉନାହିଁ। ଗୋଟାଏ ଦିନରେ ଏତେ ବଦଳି ଯାଇଛି କେମିତି ?? ତା' ଆଖିରେ ଆନନ୍ଦର ଆଲୋକ। ମୁହଁରେ ସନ୍ତୋଷର ତରଙ୍ଗ। ପଚାରିଲି, ଆଜି ସେ 'ଭଲବାବୁ' ଆସି ନାହାନ୍ତି କି ??

- ନାଇ ଆଜ୍ଞା। ସବୁଦିନେ ଆସନ୍ତିନି। କେତେବେଳେ କେମିତି ଆସନ୍ତି।

ଅନ୍ୟଠୁ ଆଉ କିଛି ପରିବା କିଣି ଫେରିଆସିଲି। ହାଟ ଶେଷ ରାସ୍ତାରେ ପହଁଚିଛି କି ନାହିଁ ସେହି ଭଦ୍ର ବ୍ୟକ୍ତିଙ୍କୁ ଭେଟିଲି। ସେ ଅତି ମନ୍ଥର ପାଦରେ ଆସୁଥିଲେ ପରିବା ଥଳିଆଟିଏ ଧରି। ମୁଁ କ୍ଷଣେ ରହିଯାଇ ତାଙ୍କୁ ଚାହିଁଲି। ସେ କିନ୍ତୁ ସ୍ୱାଭାବିକ କଣ୍ଠରେ ପଚାରିଲେ, ନଖିଆ ଶାଗବଲା ଆସିଛିନା ??

- ଆଜ୍ଞା।

- ହଉ। ତା'ର କିଛି ବାକିଆ ଟଙ୍କା ଅଛି ଦେବା ପାଇଁ। ଦେଇ ଆସେ। ଆଜି ଆଉ ବିଶେଷ କିଛି କିଣିବି ନାହିଁ।

-ସେ ତ ଆପଣଙ୍କୁ ଭାରି ପ୍ରଶଂସା କରୁଥିଲା। ଆପଣଙ୍କୁ 'ଭଲବାବୁ' ବୋଲି କହୁଛି। ଆପଣଙ୍କ ବଦାନ୍ୟତା ପାଇଁ ଭୁରିଭୁରି ପ୍ରଶଂସା କଲା ଆପଣ ସେଦିନ ଯିବାପରେ।

- ହଁ କରୁଥିବ। ଗରିବ ଲୋକଟା। ପିଲାଛୁଆ ଚାରିଟା। ତା' ଠାରୁ ଶାଗ କିଣିଲେ ଜାଣି ଜାଣି ପାଞ୍ଚ-ପଚିଶ ଅଧିକ ଦେଇଦିଏ। ନିର୍ଲିପ୍ତ ସ୍ୱରରେ ସେ କହିଲେ।

ମୁଁ କହିଲି- ସେ କଥାବି ସେ କହୁଥିଲା। ଆପଣ କାଳେ କେବେ ବାର୍ଗେନିଙ୍ଗ କରନ୍ତି ନାହିଁ। ପଇସା ଦେବାରେ କୁଣ୍ଠାବୋଧ କରନ୍ତି ନାହିଁ। ପ୍ରକୃତରେ ଆପଣ ଜଣେ ହୀତାକାଙ୍କ୍ଷୀ ମଣିଷ। ପରର ମନକୁ ବୁଝନ୍ତି। ଆଜି କାଲି ଆପଣଙ୍କ ପରି.....

ମୋର ଅଧା ବାକ୍ୟକୁ ପୂରଣ କରିବାକୁ ନଦେଇ ସେ ସହସା କହିଲେ, ନା ନା ସେମିତି ନୁହେଁ। ସମସ୍ତଙ୍କ ପରି ମୁଁ ବି ସାଧାରଣ ମଣିଷଟିଏ। ଦିନ ଥିଲା ମୂଲଚାଲ କରିବାକୁ ପ୍ରବଳ ଇଚ୍ଛାଥିଲା। ଅଳ୍ପ ମଜୁରିରେ ମୂଲିଆକୁ କାମ କରାଇବାକୁ ଅଦମ୍ୟ ଆଗ୍ରହ ଥିଲା। ଦୋକାନକୁ ଗଲେ ପୋଷାକ ପରିଚ୍ଛଦ ଠାରୁ ଘରୋଇ ଆସବାବ ପର୍ଯ୍ୟନ୍ତ ସବୁଥିରେ ସନ୍ତୁଷ୍ଟ ହେବା ପର୍ଯ୍ୟନ୍ତ ଡିସକାଉଣ୍ଟ ମାଗୁଥିଲି। ସ୍ୱିରେଜ ଲାଇନ ବଲାକୁ କାମ କରିବାକୁ ଡାକିଲେ ତା ସହିତ ଘଣ୍ଟାଏ ଯୁକ୍ତି ତର୍କ କରି ପାରିଶ୍ରମିକ ଛିଣ୍ଡାଉଥିଲି। ଘର ତୋଳିଲା ବେଳେ ରାଜମିସ୍ତ୍ରୀକୁ ବଜାର ରେଟ ଠାରୁ କମ ଦେଉଥିଲି। ସେ ଅଧିକ ଦାବି କରୁଥିଲେ କାମରୁ ବହିଷ୍କାର କରି ଦେଉଥିଲି। କୋଉଠି ତିନୋଟି ମୂଲିଆର କାମ ଥିଲେ ଦୁଇ ଜଣକୁ ଲଗେଇ କାମ ସାରୁଥିଲି। ସେମାନେ କାଳେ କାମରେ ଫୁରସତ ମାରିବେ ବୋଲି ଆଶଙ୍କା କରି ପାଖରେ ଗୋଡ଼େ ଗୋଡ଼େ ଜଗୁଥିଲି। କଲେଜରୁ ଛୁଟି ଆଣି ଘର ତିଆରିବେଳେ ମିସ୍ତ୍ରୀଙ୍କ ପାଖେ ପାଖେ ରହୁଥିଲି। କୌଣସି ବଳକା ଜିନିଷକୁ ନଷ୍ଟ କରୁନଥିଲି। ଏଭଳି ମିତବ୍ୟୟୀ ଥିଲି ମୁଁ ଆଜ୍ଞା। ମନେ ଅଛି ଜାମା କୁର୍ତ୍ତା ଚିରିଗଲେ, ସେଥିରୁ ବୋତାମ, ହୁକ୍‌କୁ କାଟି ସାଇତି ରଖୁଥିଲି। ଏଭଳି ଚରିତ୍ର ଥିଲା। ତେଣୁ ଅଲଗା ଶ୍ରେଣୀର ହେଲି କେମିତି ? ? ସମସ୍ତେ ଯେମିତି ମୁଁ ସେମିତି। ଛୋଟକାଟର ବେପାରିଙ୍କ ଆଗରେ ମୂଲଚାଲ କରିବାକୁ ଅନ୍ୟମାନଙ୍କ ପରି ମୁଁ ବି ଅଣ୍ଟା ଭିଡୁଥିଲି। ଶସ୍ତାରେ ନପାଇଲେ ବିଡ଼ିବିଡ଼ି ହେଉଥିଲି।

– ଏବେତ ସେମିତି ଜଣା ପଡୁ ନାହାନ୍ତି ?

– ହଁ ସତ କଥା। ଏବେ ନିଜକୁ ବଦଳାଇ ଦେଇଛି। ଦିନେ ଭାବିଲି ଏତେ ମାପି ଚୁପି ଚଳି ଟଙ୍କା କାହା ପାଇଁ ରଖିବି ? ଆସି କରି ଛଅଷ୍ଟୋରି ଚାଲିଲା। ଅଧ୍ୟାପକ ଚାକିରି ଯୋଗୁଁ ପାଖାପାଖି ନବେ ହଜାର ପେନସନ ମିଳୁଛି। ଘର ଭଡ଼ାବି ପଚିଶ ପାଉଛି। ପାଖରେ କେହି ନାହାନ୍ତି। ଦୁଇ ଝିଅ ମୋର। ଜଣେ ଜର୍ମାନୀରେ। ଆଉ ଜଣେ ଦିଲ୍ଲୀରେ। ସେଠି ସେମାନେ ଘର କିଣି ସାରିଲେଣି। ମୋଠୁ ଟଙ୍କାଏ ନିଅନ୍ତି ନାହିଁ। ସ୍ତ୍ରୀ ତିନି ବର୍ଷ ହେଲା ଗଲାଣି। ସେ ଥିଲା ବେଳେ ଖର୍ଚ୍ଚ ଯାହା କରୁଥିଲା। ତା ଅନ୍ତେ ଟଙ୍କା ମୋ ପାଇଁ ଅଦରକାରୀ କାଗଜ ଭଳି। ଚାକରାଣୀଟିଏ ଆସି ଦୁଇବେଳା ରାନ୍ଧି ଦେଉଛି। ଏକୁଟିଆ ଗୋଟିଏ ଘରେ ପଡିଛି।

ଭଡାଟିଆମାନେ ବହୁତ ଭଲ। ସେମାନଙ୍କ ସାହାଯ୍ୟ ସହାନୁଭୂତିରେ ଊଣା ନାହିଁ। ଡାକିଦେଲେ ରାତି ଅଧରେ ବି 'ଓ' କରନ୍ତି। ଭାବୁଛି ଏ ମାସ ଠାରୁ ସେମାନଙ୍କ ଠାରୁ ଭଡ଼ା ନେବିନି।

ମହାଶୟଙ୍କର ସତ୍ୟୋକ୍ତି ଶୁଣି ନିଜକୁ ତୁଳନା କରୁଥିଲି। ସତରେ ଆମେ ସବୁ କେଡ଼େ ଅଜ୍ଞ ! ! କାହା ପାଇଁ ଧନ ଅର୍ଜନ୍ତି ? ? କାହା ପାଇଁ ଧନ ସଂପତ୍ତିକୁ ମୋହ କରି ଅଯଥା ଶତ୍ରୁ ତିଆରି କରନ୍ତି। କ'ଣ ପାଇଁ ଲୋଭଗ୍ରସ୍ତ ହୋଇ ନିଜ ନିଜ ଭିତରେ ବିବାଦ ଉପୁଜାନ୍ତି। କି ଅଳିକ ସତେ ଧନ ଦୌଲତ ? ? କି କ୍ଷଣିକ ସତେ ଜୀବନ ଯୌବନ ? ? ଜଣେ ସାଙ୍ଗ ଥରେ ମନ ଦୁଃଖରେ କହୁଥିଲା, ଜାଣିଛୁ ନା: "ନଖାଇ ପିଇ ଦୁଃଖ କଷ୍ଟେ ଧନ ସଂଚିଲେ; ଅଶୀ ବର୍ଷ ପରେ ବୋହୂ ଠାରୁ ଖୁନ୍ଦା ଖାଇବା ପରେ ଭାବିବାକୁ ପଡ଼େ: ଏ ଧନ କାହା ପାଇଁ ସଞ୍ଚିଛି ! !"

ଖରା ମାଡ଼ି ଆସୁଥିଲା। ପାଣି ଖରାଟା ମୁଣ୍ଡ ଝାଏଁ ଝାଏଁ କରିପକାଉଥିଲା। ମୁଁ ଫେରିଲି ସେ ବାକିଆ ପଇସା ଦେବାକୁ ନଖିଆ ପାଖକୁ ଗଲେ।

କଥାରେ ଅଛି ମଣିଷ ପ୍ରକୃତି ମଲେ ଯାଏ। ପରିସ୍ଥିତିକୁ ନେଇ ନିଜକୁ ବଦଳେଇ ପାରୁଥିବା ମଣିଷ ହିଁ ଜୀବନରେ ଆତ୍ମସନ୍ତୋଷ ପାଏ। ପ୍ରକୃତିକୁ ବଦଳେଇବା ବଡ଼ କଷ୍ଟ। କିନ୍ତୁ ବୟସ ମୁତାବକ ଅନ୍ୟକୁ ଦେଖି ଚରିତ୍ରକୁ ବଦଳେଇ ପାରିଲେ ସୁଖୀ ସୁଖୀ ଲାଗେ ଜୀବନଟା।

*ଏଲ. ପି.-୮୬, ଲକ୍ଷ୍ମୀସାଗର କେଲାନୀ, ଭୁବେନଶ୍ୱର*
*ଦୂରଭାଷ: ୯୮୬୧୦୬୦୮୦୩*

**ପଢ଼ନ୍ତୁ !** **ପ୍ରକାଶ ପାଇଛି !**

କଥାଶିଳ୍ପୀ **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କର

**ଗଳ୍ପ ସମଗ୍ର**

**(ପ୍ରଥମ ଭାଗ)**

ପ୍ରକାଶକ – ବିଦ୍ୟା ପବ୍ଲିଶିଂ
ଟରଣ୍ଟୋ, କାନାଡ଼ା

# ନିଃସଙ୍ଗ ବିହଙ୍ଗ

**ବିଷ୍ଣୁ ଚରଣ ଚୌଧୁରୀ**

ରାତି ପାହିଲାଣି। କା', କା' ଡାକି ଉଡ଼ି ଗଲେଣି କାଉ। ଘର ପଛ ପଟ ଫୁଲଗଛଗୁଡ଼ିକରେ ଟିକି ଟକି ଚଢ଼େଇଙ୍କର କିଚିରି ମିଚିରି ଶବ୍ଦ। ଟିକେ ପରେ କୁଆଁ ତାରା ଲୁଚି ଯିବ ଦିଗ୍‌ବଳୟ ସେ ପାଖରେ। ଅନ୍ଧାରୀ ଶେଯରୁ ଆଖି ମଳି ମଳି ଉଠି ପଡ଼ିଲେଣି ପୃଥିବୀ ମାଆ। କାକର ଢ଼ଳା ସଜଫୁଟା ଫୁଲର ବାସ୍ନାୟିତ ଦଳରେ ସ୍ନାନ ସାରି ନିଜକୁ ସଜେଇବାରେ ମଗ୍ନ ଥିବେ। ରଂଗ, ବେରଂଗର ଫୁଲ ଶାଢ଼ିର ଆଭରଣ ଦେହରେ। ମଥାରେ ଉଦୀୟମାନ ସୂର୍ଯ୍ୟର ସିନ୍ଦୂର ଟୋପା ଲଗାଇ ଉଭା ହେବେ ଜଗତର କଲ୍ୟାଣ ପାଇଁ।

କ'ଣ କଲ୍ୟାଣ ହେଲା ତା'ର? ପ୍ରତିଦିନ ପାହାନ୍ତି ପ୍ରହରରୁ ବିଛଣା ଛାଡ଼େ ବସୁମତୀ ମାଆଙ୍କୁ ମୁଣ୍ଡିଆ ମାରି। ପରେ ପରେ ବିଶ୍ୱନିୟନ୍ତାଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଘରର ଝର୍କା ଖୋଲେ। ଝର୍କା ପଟେ ଉଦୀୟମାନ ସୂର୍ଯ୍ୟଙ୍କୁ କରଯୋଡ଼ି ପ୍ରଣାମ କରି ଲାଗିଯାଏ ଦୈନନ୍ଦିନ କର୍ମ ନିର୍ବାହରେ। କର୍ତ୍ତବ୍ୟରେ କେଉଁଠି କିଛି ତ୍ରୁଟି କରିନି ତା' ଜାଣତରେ। କାହା ପ୍ରତି ବାଛ ବିଚାର, ହିଂସା, ଦ୍ୱେଷ ନଥିଲା ମନରେ କି କାହାର ଅମଙ୍ଗଳ, କ୍ଷତି, ଚିନ୍ତା କରି ନାହାନ୍ତି ସେ କିମ୍ବା ତା'ର ପ୍ରିୟ ମଣିଷ। ତେବେ କାହିଁକି ଏ ଦଣ୍ଡ ଭୋଗିବାକୁ ପଡ଼ିଲା ତାକୁ? ହେ ଈଶ୍ୱର! ତୁମେ ପରା ଦୟାମୟ, କରୁଣାସାଗର ଏ ବିଶ୍ୱ ବ୍ରହ୍ମାଣ୍ଡର। ଏଇ ତୁମର ଦୟା, କରୁଣା ଏ ଅକିଞ୍ଚନ ପ୍ରତି। ଏଇ କ'ଣ ତୁମର ନ୍ୟାୟ ବିଚାର? ଜୀବନର ସବୁ କିଛି ଛଡ଼ାଇ ନେଇ ମୋଠାରୁ। ସବୁ କିଛି ହରେଇବାର ଦୁଃଖରେ ଭାଙ୍ଗି ପଡୁଥିଲା ଶୋଭନା। ନିରବ ଆଶ୍ରୁ ଗଡୁଥିଲା ଆଖିରୁ ଅନବରତ।

ଫର୍ଚ୍ଚା ହୋଇଯିବ ଟିକେ ପରେ। ଚଳଚଞ୍ଚଳ ହୋଇ ଉଠିବ ଜୀବନ। ପଶୁ,ପକ୍ଷୀ, ମଣିଷ ବାହାରି ଆସିବେ ନିଜ ନିଜ ଘର ଭିତରୁ ବଞ୍ଚିବାର

> **ଏବେ ବି ବେଳ, ଅବେଳରେ ଖୋଜି ହେଉଛି ସେ ତା ବାପାଙ୍କୁ। ଖୋଜୁଛି ଏଘର, ସେ ଘର ତା ବାପାଙ୍କୁ ମନେ ପଡ଼ିଗଲେ। କାହାକୁ କାନ୍ଦିବାର ଦେଖିଲେ କହୁଛି ବାପା ପାଟି କରିବେ କାନ୍ଦନା। କେବେ କେବେ ବିରକ୍ତି ପ୍ରକାଶ କରି ମାଡ ମାରୁଛି ବାପାଙ୍କୁ ଦେଖି ପାରୁନଥିବା ଯୋଗୁଁ ସୁମନ କାଇଁ, ସୁମନ କାଇଁ ବୋଲି ପଚାରି ହେଉଛି। କିଛି ଉତ୍ତର ନମିଳିଲେ ରାଗି ଯାଇ କହୁଛି ମୁଁ କ'ଣ ପଚାରୁଛି ପରା।**

ରାହା ସାଉଁଟିବା ପାଇଁ। କିଛି ଦିନ ହେବ ସକାଳ ଦେଖୁନି ଶୋଭନା। ଦେଖିବାକୁ ଚାହୁଁନି ସକାଳର ରୂପରେଖା। ଉପର ମହଲର ଦାଣ୍ଡ ପଟ ଘର ହିଁ ତା' ବେଡ୍ ରୁମ୍। ବେଡ୍ ରୁମ୍‌ର ଝର୍କା ଖୋଲିବାକୁ ଚାହୁଁନି। ଝର୍କା ଖୋଲିଲେ ଦୃଶ୍ୟମାନ ହେବ ସିନ୍ଦୂର ଟୋପା ଭଳି ଉଦୀୟମାନ ସୂର୍ଯ୍ୟ। ମନେ ପଡ଼ିଯିବ ଲିଭି ଯାଇଥିବା ତା' ମଥାର ସିନ୍ଦୂର ବିନ୍ଦୁ। ଖୁବ୍ ମର୍ମନ୍ତୁଦ, ମର୍ମ ବେଦନାରେ ଥରି ଉଠିଥିଲା ସେ ଯେବେ ତା' ମଥାରୁ ସିନ୍ଦୂର ପୋଛି ଦିଆଗଲା। ଯେବେ ତା' ହାତରୁ ଶଂଖା ଭାଙ୍ଗି ଦିଆଗଲା।

ଏମିତି ଗୋଟିଏ ନିବିଷ୍ଟ, ନିବିଷ୍ଟ ସକାଳ ତା' ଜୀବନର ସବୁ ଖୁସି ଛଡାଇ ନେଇଥିଲା। ଦୁଃଖର ପାହାଡ଼ ଲଦି ହୋଇ ଯାଇଥିଲା ତା' ମୁଣ୍ଡ ଉପରେ ଡାକ୍ତରଖାନାରୁ ଥରିଲା ଥରିଲା କଣ୍ଠର ଏକ ଫୋନ୍ କଲ୍ ଶୁଣିବାରେ। ହାତରୁ ଫୋନ୍ ଖସି ପଡ଼ିଥିଲା ଆଉ ମୂର୍ଚ୍ଛା ଯାଇ ତଳେ କଚାଡ଼ି ହୋଇ ପଡ଼ିଥିଲା। ବଡ଼ ନଣନ୍ଦଙ୍କ କଣ୍ଠରୁ ସୁମନ ଆଉ ନାହିଁ ଶୁଣିବା କ୍ଷଣି ଆଖି ସାମ୍ନାର ସବୁ କିଛି ଘୁରିବା ଆରମ୍ଭ କରିଥିଲା ଆଉ ପରେ ପରେ ଚେତା ହରାଇ ପଡ଼ି ରହିଥିଲା କିଛି କ୍ଷଣ। ଚେତା ଫେରିବା ପରେ ଘର ଲୋକମାନଙ୍କ କ୍ରନ୍ଦନ ରୋଳରେ ଫାଟି ପଡୁଥିଲା ଘର। ବାରମ୍ବାର କର୍ଣ୍ଣଗତ ହେଉଥିଲା ଗୋଟିଏ ଚାପା ଶବ୍ଦ 'ସୁମନ ଆଉ ନାହିଁ'। ପୁଣି ଚେତା ହରାଇଥିଲା ପ୍ରିୟ ମଣିଷଙ୍କ ବ୍ୟାକୁଳ କ୍ରନ୍ଦନ ଧ୍ୱନି ଶୁଣିବା, ନିଜର ଦୁଇ ବର୍ଷର ଏକ ମାତ୍ର ଝିଅକୁ ଅସହାୟ ଅବସ୍ଥାରେ ଠିଆ ହୋଇଥିବା ଆଉ ଅନାଥ ହୋଇ ଯାଇଥିବାର ତିକ୍ତ ଭାବନା ମୁଣ୍ଡରେ ପଶିବା କ୍ଷଣି।

ସବୁଦିନ ଭଳି ପୂର୍ବଦିନ ସନ୍ଧ୍ୟାରେ ସୁମନ ଫେରି ଆସିଥିଲେ ଘରକୁ କଲେଜ ଛୁଟି ପରେ। ଘରେ ପହଞ୍ଚିବା କ୍ଷଣି ଝିଅକୁ ଗାଡ଼ିରେ ବସାଇ କିଛି ସମୟ ଏଣେ ତେଣେ ବୁଲାଇ ଫେରି ଆସିଥିଲେ। ଝିଅକୁ କାଖେଇ ପାହାଚ

ଚଢ଼ି ଉପର ମହଲାରେ ପହଞ୍ଚିବା କ୍ଷଣି ଏକ ଆକୁଳ ଚିତ୍କାର ବାହାରି ଆସିଥିଲା ତାଙ୍କ କଣ୍ଠରୁ। ଘର ଭିତରୁ ବାହାରି ଆସିଥିଲେ ସେ। ପରେ ପରେ ଶାଶୁ, ଶ୍ୱଶୁର ଅନ୍ୟ ଘରୁ ବାହାରି ଆସିଥିଲେ ପୁଅର ଯନ୍ତ୍ରଣା ଜର୍ଜରିତ ଚିତ୍କାର ଶୁଣି। ଛାତିକୁ ହାତରେ ଚାପି ଧରି ଦୀର୍ଘଶ୍ୱାସ ଛାଡ଼ି ଚାଲିଥିଲେ। କାଳ ବିଳମ୍ବ ନ କରି ସହରର ବଡ଼ ଡାକ୍ତରଖାନା ଯାଇଥିଲେ ସେମାନେ। ଡାକ୍ତରଖାନାରେ ପହଞ୍ଚିବା ପରେ ପରେ ଚେତା ହରାଇଥିଲେ ସୁମନ। ସଂଗେ ସଂଗେ ଆଇସିୟୁରେ ଭର୍ତ୍ତି କରାଯାଇ ଭେଣ୍ଟିଲେଟର ଲଗା ଯାଇଥିଲା। ଛାତିର ସ୍ପନ୍ଦନ ଛଡ଼ା ଆଉ କିଛି ନଥିଲା। ନାଁ କିଛି ଶୁଣିବା .... ନାଁ କିଛି କହିବା ... ନାଁ କିଛି ଆଖି ଖୋଲି ଦେଖିବା ...। ସବୁ କିଛି ସ୍ଥିର ... ନିସ୍ତେଜ... ଶବ୍ଦହୀନ ...। ନିଶବ୍ଦ ମନେ ହୋଇଥିଲା ଏଇ ପୃଥିବୀଟା। ସ୍ଥାଣୁ ପାଲଟି ଯାଇଥିଲା ସେ ଆଉ ସବୁ କିଛି ଘୁରିବାକୁ ଲାଗିଲା ତା' ଚାରିପଟେ। ତଳେ ପଡ଼ିଯାଇ ଚେତା ହରାଇଥିଲା। ଚେତା ଫେରିବା ପରେ ତାକୁ ଘରକୁ ଆଣିଥିଲେ। ସ୍ୱାମୀଙ୍କୁ ଛାଡ଼ି ଆସିବାକୁ ତା'ର ଇଚ୍ଛା ନଥିଲେ ବି ବାଧ ବାଧକତାରେ ତାଙ୍କୁ ଘରକୁ ଆଣିଥିଲେ।

ସେଇ କାଳ ରାତ୍ରିଟା ହିଁ ତା' ଜୀବନର ସବୁ କିଛି ଛଡ଼ାଇ ନେଇଥିଲା। ରାତି ସାରା ଉଜାଗର ରହି ଫୋନ୍‌ରେ ପଚାରି ଚାଲିଥିଲା ସ୍ୱାମୀଙ୍କର ଅବସ୍ଥା ସମ୍ପର୍କରେ। ହେଲେ ଗୋଟିଏ ଉତ୍ତର ଶୁଣିବାକୁ ପାଉଥିଲା ଚବିଶ ଘଣ୍ଟା ପରେ ଯାହା କିଛି ଜଣା ପଡ଼ିବ। ଚିବିଶ ଘଣ୍ଟା ନ ପୂରୁଣୁ ସବୁ କିଛି ଶେଷ ହୋଇଗଲା। ଉଜୁଡ଼ି ଗଲା ତା' ସଂସାର। ଅନାଥ ହୋଇଗଲା ଏଡ଼େ ବକଟେ ଛୁଆ କିଛି ସମୟ ମଧ୍ୟରେ ସ୍ୱାମୀଙ୍କର ମରଶରୀର ଧରି ପହଞ୍ଚିଥିଲା ଆମ୍ବୁଲାନ୍ସ। ଆମ୍ବୁଲାନ୍ସର ଷ୍ଟ୍ରେଚରରେ ଚିର ନିଦ୍ରାରେ ଶୋଇ ରହିଥିଲେ ସ୍ୱାମୀ। ଘର, ପରିବାର, ଦୁନିଆଁର ସବୁ ଜଞ୍ଜାଳ ସବୁ ଝିନ୍‌ଝଟରୁ ନିଜକୁ ମୁକ୍ତ କରି ପରମ ଶାନ୍ତିରେ, ପରମ ତୃପ୍ତିରେ ଶୋଇ ରହିଥିଲେ। ନିଶ୍ଚିନ୍ତରେ ସବୁ ଦିନ ପାଇଁ ଶୋଇଗଲେ ନିଜର ପତ୍ନୀ, ଗୁଲୁରୁ ଗୁଲୁରୁ କଥା କହି ତାଙ୍କ ପଛେ ପଛେ ଗୋଡାଉଥିବା ପିଲା ଏବଂ ତାଙ୍କୁ ଭରସା କରି ବଞ୍ଚି ରହିଥିବା ବୃଦ୍ଧ, ରୁଗ୍‌ଣ ବାପା, ମାଆଙ୍କ କଥା ନଭାବି, ନଚିନ୍ତି।

ମୁଣ୍ଡ ପିଟି ଚାଲିଥିଲା ତାଙ୍କ ଉପରେ ଶୋଭନା। କାନ୍ଦିଥିଲା ଲୁହ ଗଡ଼େଇ ଆଖିର ସବୁ ତକ ଲୁହ ନିଃଶେଷ ହେବା ଯାଏ। ହୃଦୟର ଦୁଃଖ, ଯନ୍ତ୍ରଣା, ଅଭିମାନ ଲୁହ ହୋଇ ଝରି ଆସୁଥିଲା ଆଖିରୁ। ଆଉ କିଛି ସମୟ ଧରି ରଖିବାକୁ ଇଚ୍ଛା ହେଉଥିଲା। ହେଲେ ବନ୍ଧୁ, ପରିଜନ କୋକେଇ ବାନ୍ଧି ତା'ଠୁ ତାଙ୍କୁ ସବୁଦିନ ପାଇଁ ନେଇ ଯାଇଥିଲେ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ପାଇଁ। ଶାଶୁ, ଶ୍ୱଶୁର, ଆପଣାର ଲୋକମାନେ କାନ୍ଦି ଉଠିଥିଲେ। କାନ୍ଦି ଉଠିଥିଲା ଝିଅ। ବାପା, ବାପା କହି ଢ଼େର କାନ୍ଦିଥିଲା ବାପାଙ୍କୁ ତା' ନିକଟରୁ ନେଇ ଯାଉଥିବାରୁ। ସେ କେମିତି ଜାଣିବ, କେମିତି ବୁଝିବ ତା' ବାପା ସବୁଦିନ ପାଇଁ ତାକୁ ଛାଡ଼ି ଚାଲିଗଲେ ଅନାଥ କରି।

ଏବେ ବି ବେଳ, ଅବେଳରେ ଖୋଜି ହେଉଛି ସେ ତା ବାପାଙ୍କୁ। ଖୋଜୁଛି ଏଘର, ସେ ଘର ତା ବାପାଙ୍କୁ ମନେ ପଡ଼ିଗଲେ। କାହାକୁ କାନ୍ଦିବାର ଦେଖିଲେ କହୁଛି ବାପା ପାଟି କରିବେ କାନ୍ଦନା। କେବେ କେବେ ବିରକ୍ତି ପ୍ରକାଶ କରି ମାଡ ମାରୁଛି ବାପାଙ୍କୁ ଦେଖି ପାରୁନଥିବା ଯୋଗୁଁ ସୁମନ କାହିଁ, ସୁମନ କାହିଁ ବୋଲି ପଚାରି ହେଉଛି। କିଛି ଉତ୍ତର ନମିଳିଲେ ରାଗି ଯାଇ କହୁଛି ମୁଁ କ'ଣ ପଚାରୁଛି ପରା। ଠିକ୍ ତା' ବାପା ପଚାରିଲା ଭଳି। ସକାଳେ, ସନ୍ଧ୍ୟାରେ କିନ୍ତୁ ଖୁବ୍ ବେଶି ଅଝଟ କରୁଛି ବାପାଙ୍କ ସାଥିରେ ଗାଡ଼ିରେ କିଛି ସମୟ ବୁଲିବା ପାଇଁ। ଦୁଇ ମାସ ହେଇନି ନୂଆ ଚାରି ଚକିଆ ଗାଡ଼ିଟା କିଣିଥିଲେ ସ୍ୱାମୀ। କଲେଜ ଯିବା ପୂର୍ବରୁ ଏବଂ କଲେଜରୁ ଫେରିବା ପରେ ଝିଅକୁ ଗାଡ଼ିରେ ନେଇ କିଛି ସମୟ ବୁଲାଇ ଆଣନ୍ତି ବାହାରେ ସନ୍ଧ୍ୟାରେ। ବେଳେବେଳେ ଝିଅକୁ ଧରି ସେବି ସ୍ୱାମୀଙ୍କ ସହ ବୁଲି ଯାଇଥାଏ। କେବେ ରେଷ୍ଟୁରାଣ୍ଟରେ ତ କେବେ ଫୁଟ୍‌ପାଥରେ ଚାଟ୍, ଗୁପ୍‌ଚୁପ୍ ଖାଇ ବାପା ବୋଉଙ୍କ ପାଇଁ ଛେଚା ଗଜାମୁଗ, ଗଜାବୁଟ ଧରି ଫେରିଥାନ୍ତି ଘରକୁ। ଅଭ୍ୟାସ ବଶତଃ ସବୁଦିନ ସକାଳେ, ସନ୍ଧ୍ୟାରେ ବାପାଙ୍କ ସାଥିରେ ଗାଡ଼ିରେ ବୁଲିବା ପାଇଁ ଯିଦ୍ କରୁଛି ଏବଂ ତା' ବାପାଙ୍କୁ ନପାଇ କାନ୍ଦି ପକାଉଛି ବିକଳ ହୋଇ।

ବାହାର ଗେଟ୍ ଖଟ୍‌ଖଟ୍ ହେଲେ 'ବାପା ଆସିଲେ' କହି ଧାଇଁ ଯାଉଛି ସ୍ନେହା ତଳକୁ। ଏଇ କେତେଦିନ ଭିତରେ ଦୁଇଥର ପଡ଼ି ଗଲାଣି ପାହାଚ ଓହ୍ଲେଇବା ବେଳେ। ଶୋଇବା ସମୟ ଛାଡ଼ି ବାକି ସମୟ ଜଗିବାକୁ ପଡୁଛି ତାକୁ। ଗ୍ୟାରେଜ୍‌ରେ ଥିବା ଗାଡ଼ିରେ କେହି ଲାଗିଲେ ବାପା ଗାଡ଼ି କହି ଚିଲେଇ ଉଠୁଛି। ଘରେ ଟଙ୍ଗା ହୋଇଥିବା ତା' ବାପାଙ୍କ ପ୍ୟାଣ୍ଟ, ସାର୍ଟ ଏବଂ ଜୋତା ଷ୍ଟାଣ୍ଡରେ ଥିବା ଜୋତା କାହାକୁ ଛୁଆଇଁ ଦେଉନି। ବେଳେବେଳେ ଘର ଝର୍କା ଖୋଲି ଚାହିଁ ଦେଉଛି ରାସ୍ତାକୁ। ରାସ୍ତାରେ ଯା, ଆସ କରୁଥିବା ଲୋକଙ୍କୁ ଚାହିଁ ରହୁଛି ଢେର ସମୟ ଧରି। ସେଇ ଲୋକଙ୍କ ଭିତରେ ମନେ ମନେ ଖୋଜି ହେଉଥିବ ସେ ତା'ର ବାପାଙ୍କୁ। ଭିନ୍ନ ଭିନ୍ନ ଲୋକ ନିଜ ନିଜ କାମରେ ଚାଲିଛନ୍ତି ଏଇ ଗଳି ରାସ୍ତାରୁ ମୁଖ୍ୟ ରାସ୍ତା ଦିଗରେ। କିଏ ଠେଲା ଗାଡିରେ ଗୁପ୍‌ଚୁପ୍, କିଏ ଚାଟ୍ ତ ଅନ୍ୟ କିଏ ସିଝା ଅଣ୍ଡା, ମସଲା ମୁଢ଼ି ଆଦି ଧରି ଚାଲିଛନ୍ତି ମୁଖ୍ୟ ରାସ୍ତା କଡ଼ରେ ବିକ୍ରି କରିବାକୁ ନିଜର ପେଟ ପାଟଣା ପାଇଁ। ଆଉ କିଏ ଦୋକାନରୁ ପନି ପରିବା, ରାସନ ସାମଗ୍ରୀ ଧରି ଫେରୁଛନ୍ତି ଘରକୁ। ଲାଗି ରହିଥିବା ଲୋକମାନଙ୍କର ଯିବା ଆସିବା ଏଇ ରାସ୍ତାରେ ଖରା, ବର୍ଷା, ଶୀତ ସବୁ ସମୟରେ।

ଯିବା ଆସିବା କିନ୍ତୁ ବନ୍ଦ ହୋଇଗଲା ସବୁ ଦିନ ପାଇଁ ତା' ସ୍ୱାମୀଙ୍କର। ସକାଳେ କଲେଜ ଯାଇ ଫେରିଥାନ୍ତି ସନ୍ଧ୍ୟାରେ। ଗ୍ୟାରେଜରୁ ଗାଡ଼ି ବାହାର କରିବା ମଧ୍ୟରେ ଝିଅକୁ ନେଇ ଠିଆ ହୋଇଥାନ୍ତି ବାହାର ଦରଜା ପାଖରେ। ଝିଅକୁ ଗାଡ଼ିରେ ବସାଇ ଘେରାଏ ବୁଲେଇ ଆଣିବା ପରେ ଚାଲିଯାଆନ୍ତି କଲେଜ। ସ୍ୱାମୀଙ୍କୁ ବିଦାୟ ଦେଇ ଝିଅକୁ ଧରି ଘରକୁ ଫେରେ ଶୋଭନା। ଗୋଟିଏ ଘରୋଇ ଇଂଜିନିୟରିଂ କଲେଜରେ ଅଧ୍ୟାପକ ଥିଲେ ସ୍ୱାମୀ। ଛାତ୍ରଛାତ୍ରୀମାନଙ୍କଠାରୁ କଲେଜ ସହକର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଖୁବ୍ ଭଲ ପାଆନ୍ତି ତାଙ୍କୁ। ତାଙ୍କ ବ୍ୟବହାର, ପାଠ ପଢ଼େଇବାର ଶୈଳୀ ଏବଂ ଅନ୍ୟକୁ ସାହାଯ୍ୟ ସହାନୁଭୂତି ପାଇଁ ସମସ୍ତେ ଆଦର ଏବଂ ପ୍ରଶଂସା କରିଥାନ୍ତି। ନିମ୍ନ ବେତନଧାରୀ କର୍ମଚାରୀମାନଙ୍କ ଅଭାବ, ଅସୁବିଧାରେ ତାଙ୍କ ପାଖରେ ଠିଆ ହୋଇ ଆର୍ଥିକ, ଶାରୀରିକ ତଥା ମାନସିକ ସାହାଯ୍ୟ କରିଥାନ୍ତି। ତାଙ୍କ ପ୍ରତି ଥିବା ଶ୍ରଦ୍ଧା ଆଉ ଭଲ ପାଇବା ଯୋଗୁଁ କଲେଜର ସବୁ ପିଲା ଏବଂ ଷ୍ଟାଫ୍ ତାଙ୍କ ବିୟୋଗରେ ଧାଇଁ ଆସିଥିଲେ ଘରକୁ। ସମସ୍ତଙ୍କ ସହ ଥିଲା ତାଙ୍କର ମଧୁର ସମ୍ପର୍କ।

ମନେପଡ଼ି ଯାଉଛି ଶୋଭନାର ଆଜି ଅନେକ କଥା। ଏଇ ଦଶହରାରେ କଲେଜ ଛୁଟି ଥିବା ଯୋଗୁଁ ତାକୁ ସାଥିରେ ନେଇ ତାଙ୍କ ଗାଁକୁ ବୁଲି ଯାଇଥିଲେ ସ୍ୱାମୀ। ଗାଁଠୁ ସାମାନ୍ୟ ଦୂରରେ ସମୁଦ୍ର। ଅଳକା ନଈ ତାଙ୍କ ଗାଁ ପାଖ ଦେଇ ବହି ଯାଇ ମିଶିଛି ସମୁଦ୍ରରେ। ସୁନ୍ଦର ପରିବେଶ। ଗୋଟିଏ ଦିନ ରହି ଫେରି ଆସିବାକୁ କହି ଯାଇଥିଲେ ଘରେ। ହେଲେ ଗାଁ ଭୂଇଁ ଏବଂ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ଫେରି ଆସିବାକୁ ଚାହିଁ ନଥିଲେ ଏତେ ସଅଳ। ପାଞ୍ଚ ଦିନ ରହିବାକୁ ପଡ଼ିଥିଲା। ବିବାହ ପରେ ପ୍ରଥମ ଥର ପାଇଁ ସେ ଆସିଥିଲେ ଶ୍ୱଶୁର ଘର ଗାଁକୁ। ମାମୁଁ ଘରକୁ ଝିଅ ହୋଇ ଆସିଥିବାରୁ ମାମୁଁ ଘରେ ହିଁ

ତା'ର ବିବାହ ସମ୍ପନ୍ନ ହୋଇଥିଲା । ଖୁବ୍ ଭଲ ଲାଗିଥିଲା ତାଙ୍କୁ ମୋ ନିଜ ବାପା, ମାଆ, ଭାଇ ଏବଂ ଅନ୍ୟମାନଙ୍କ ବ୍ୟବହାର । ତାଙ୍କ ରହିବା ଏବଂ ଖାଇବା, ପିଇବାର ସୁବନ୍ଦୋବସ୍ତ ହୋଇଥିଲା । ଗାଁ ପାଣି, ପବନ, ନଈନାଳ, ସବୁଜ ବିଲମାଳ, ବୃକ୍ଷଲତା, ଆମ୍ବ ତୋଟା, ଗାଁ ପୋଖରୀ, ସୁନେଲୀ ସୂର୍ଯ୍ୟ କିରଣରେ ଝଲମଲ ପୋଖରୀର ଚହଲା ପାଣି, ପୋଖରୀ ତୁଠରେ ଝିଅ, ବୋହୂମାନଙ୍କର ହଳଦୀ ଅବଲେପନ ଏବଂ ଅବଲୀଳାକ୍ରମେ ଗଭୀର ପାଣିରେ ସ୍ନାନ କରିବାର ଦୃଶ୍ୟ ଅବଲୋକନରେ ବିମୋହିତ ହୋଇଥିଲେ ।

ବିମୋହିତ ହୋଇଥିଲେ ଜହ୍ନ ଆଲୁଅରେ ଗାଁ ଦାଣ୍ଡରେ ଅନୂଢ଼ା ତଥା ନବ ବିବାହିତା ଝିଅମାନଙ୍କ ପୁଚିଖେଳ ଏବଂ କୁଆଁର ପୂନେଇଁ ଜହ୍ନଗୋ ଫୁଲ ବଉଳବେଣୀ ଆଦି ନୃତ୍ୟ, ଗୀତରେ । ସୁମନ ବାଧ୍ୟ କରିଥିଲେ ତାଙ୍କୁ ସେଇ ଝିଅମାନଙ୍କ ଖେଳକୁଦରେ ସାମିଲ ହେବା ପାଇଁ । ନଈକୂଳ ଆଡ଼େ ସାଥି ହୋଇ ବୁଲି ଆସିବାକୁ କହିଥାନ୍ତି । ହେଲେ ଗାଁ ଗଣ୍ଡାରେ ପଡି, ପତ୍ନୀ ଏମିତି ସାଥି ହୋଇ ବୁଲିବା ଗ୍ରହଣୀୟ ନୁହେଁ କହିଲେ ବି ବାଧ୍ୟ କରନ୍ତି ସାଥିରେ ଯିବାକୁ । ସକାଳେ ନଈରେ ଗାଁ ଲୋକଙ୍କ ମାଛ ଧରିବା ଦେଖିବା ସାଙ୍ଗକୁ ଅପରାହ୍ନରେ ଦୁହେଁ ନଈ କୂଳରେ ଚାଲି ଚାଲି ଆଳାପ କରନ୍ତି ଅସୁମାରୀ କଥାର ଖିଅ ଲମ୍ବେଇ । ଦିନେ ନିରୋଳାରେ ନଈକୂଳରେ ବସି ଗପି ଚାଲିଥିଲେ ଦୁହେଁ । ନଈ ପାଣିରେ ଦିଶୁଥାଏ ଜହ୍ନର ପ୍ରତିଛବି ।

ସୁମନ ହାତ ବଢ଼େଇ ଦେଖେଇଥିଲେ ନଦୀ ଜଳର ଦୋଳାୟମାନ ଜହ୍ନକୁ ଆଉ କହିଥିଲେ ତୁମ ପ୍ରତିଛବି କିନ୍ତୁ ମୋ ହୃଦୟ ଆକାଶରେ ପୂର୍ଣ୍ଣିମାର ଜହ୍ନ ଭଳି ଜାଜ୍ୱଲ୍ୟମାନ ଆଉ ସ୍ଥିର । ନାଁ କେଉଁ ଭସା ବାଦଲ କେବେ ଘୋଡ଼େଇ ଦେବ ମୋ ହୃଦୟର ଜହ୍ନକୁ ନାଁ ଜଳର ତରଙ୍ଗରେ ଚହଲି ଯିବ ମୋ ହୃଦୟ ତଳେ ସାଇତି ରଖିଥିବା ତୁମ ପ୍ରତିଛବି । ବେଳେ ବେଳେ ଭାବପ୍ରବଣତା ଜନିତ ତାଙ୍କର କଥା ବୁଝିବା କଷ୍ଟକର ହୋଇଥାଏ ତା' ପକ୍ଷରେ । ସୁମନଙ୍କ ଭାବପ୍ରବଣତା ଲକ୍ଷ୍ୟ କରି ଶୋଭନା କହିଥିଲା - ବେଳେବେଳେ କ'ଣ ଯେ ତୁମେ କୁହ ମୁଁ କିଛି ବୁଝି ପାରେନା ।'

ଆରେ ଏଥିରେ ବୁଝିବାର କ'ଣ ଅଛି । ମୋ କହିବାର ଅର୍ଥ ହେଲା ତମେ ସବୁବେଳେ ମୋ ମନରେ ଏବଂ ହୃଦୟରେ ଝଟକୁ ଥାଅ ପୂର୍ଣ୍ଣମୀର ଜହ୍ନ ଭଳି । ତୁମକୁ ବାଦ୍ ଦେଲେ ଅନ୍ଧକାରାଚ୍ଛନ୍ନ ହୋଇଯିବ ମୋର ଜୀବନ ଯାତ୍ରା ।

ଶୋଭନା କୁରୁଳି ଉଠିଥିଲା ସୁମନର ଏଇ କଥାରେ ଆଉ ନିଜକୁ ଲୋଟେଇ ଦେଇଥିଲା ସୁମନର ଛାତି ଉପରେ । ପରସ୍ପର ବାନ୍ଧି ହୋଇ ଯାଇଥିଲେ ପ୍ରେମର ବଂଧନରେ । ବିଭୋର ହୋଇଥିଲେ ପରସ୍ପର ପ୍ରତି ଦୁର୍ବାର ଆକର୍ଷଣରେ । ଦୁହିଁଙ୍କ ଆଖିରେ ଥିଲା ପ୍ରେମ ନିବେଦନ । ଜୀବନ ଉପଭୋଗର ନିର୍ବାଦ ଆମନ୍ତ୍ରଣ । ସୁମନଙ୍କ ହୃଦୟରେ ଲୁକ୍କାୟିତ ଥିବା କୋମଳ ପ୍ରେମାର୍ଦ୍ରଭାବ ଅଚିରେ ପରିସ୍ଫୁଟ ହୋଇଥିଲା । ପ୍ରେମ ଚାପି ହୋଇ ରହିଥିଲା ଜ୍ଞାନର ଚାପାରେ । ପ୍ରେମର ଆବେଗ ଉଚ୍ଛୁଳି ପଡ଼ିଲା ହୃଦୟରୁ । ଭାବବିହ୍ୱଳ ହୋଇ ଭୁଲି ଯାଇଥିଲେ ଦୁହେଁ ନଈ କୂଳର ଏଇ ଖୋଲାସ୍ଥାନରେ ଅନ୍ୟ କାହାର ଉପସ୍ଥିତି ଏବଂ ଶରବ୍ୟ ହେବାର ସମ୍ଭାବନାକୁ ।

ଜୀବନର ସବୁ ଖୁସି, ସବୁ ସୁଖ ଯେମିତି ଅଜାଡ଼ି ହୋଇ ପଡ଼ିଥିଲା ତାଙ୍କ ହାତ ମୁଠାରେ । ଏକାକାର ହୋଇ ଯାଇଥିଲା ଦୁଇଟି ମନ ... ଦୁଇଟି ପ୍ରାଣ... । ଆଶ୍ୱିନ ଆକାଶରେ ଅଦିନ ମେଘର ମହ୍ଲାର । ଘଡ଼ଘଡ଼ି ଶବ୍ଦରେ ଚିତ୍କାର କରି ଉଠିଲା ଶୋଭନା । ଭୟରେ ଜାବୁଡ଼ି ଧରିଲା ତା'ର ପ୍ରିୟ ମଣିଷକୁ । ଦେହରେ ମନରେ ଶିହରଣ ... ଉନ୍ମାଦନା ... । ଦେହ ପାଲଟିଲା ନଈ । ନଈ ପହଁରିଲା ସେ । ପହଁରି ଚାଲିଥିଲା ପ୍ରେମ, ପ୍ରୀତିର ଭରା ନଈ । ଭରା ନଈ, ଆକାଶର ଶୀତଳ ସମୀରଣ ଏବଂ ନିର୍ଜନ ବାଲୁକା ଶଯ୍ୟା ଛାଡ଼ି ଆସିବାକୁ ଇଚ୍ଛା ନଥିଲେ ମଧ୍ୟ ଆସିବାକୁ ପଡ଼ିଥିଲା ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଥିବାରୁ । ଅଦିନିଆ ମେଘ ବି ଘୋଟି ଆସିଥିଲା ଆକାଶରେ । ଘରେ ବାପା, ବୋଉ, ତାଙ୍କ ପାଖରେ ଛାଡ଼ି ଆସିଥିବା ଝିଅ ଚାହିଁ ରହିଥିବେ ତାଙ୍କ ଫେରିବା ବାଟକୁ । ବାଲୁକା ଶଯ୍ୟାରୁ ଉଠି ଘରକୁ ଫେରିଥିଲେ ଦୁହେଁ ।

ଦଶହରା ଛୁଟିଟା ମନ ଭଳି ଉପଭୋଗ କରିଥିଲେ ଦୁହେଁ । ଝିଅକୁ ଏବଂ ତାକୁ ସାଥିରେ ଧରି ସହରର ଅନେକ ଦୁର୍ଗାମଣ୍ଡପ ବୁଲେଇ ଦେଖାଇଥିଲେ ସ୍ୱାମୀ । ବୁଲେଇ ନେଇଥିଲେ ଶ୍ୱଶୁର ଘର ଗାଁ, ତାଙ୍କ ନିଜ ଗାଁ, ଦୁଇ ଭଉଣୀ ଘର ଏବଂ ବନ୍ଧୁ ବାନ୍ଧବଙ୍କ ଘର । କିଏ ଜାଣିଥିଲା ସମସ୍ତଙ୍କ ସହ ଦେଖା କରି ତାଙ୍କଠାରୁ ସବୁ ଦିନ ପାଇଁ ବିଦାୟ ନେଇ ଆସିଥିଲେ ସେ । ସତରେ କ'ଣ ତାଙ୍କୁ ଏମିତି କିଛି ସୂଚନା ମିଳିଥିଲା ମନ ମଧ୍ୟରେ । ଯାହା ସେ କହି ନଥିଲେ ତାଙ୍କୁ କିମ୍ବା ଘର ଲୋକଙ୍କୁ । ସ୍ୱାମୀଙ୍କୁ ହରେଇବାର ଦୁଃଖରେ ଭାଙ୍ଗି ପଡୁଥିଲା ଶୋଭନା । ଘର ଭିତରେ ଏବଂ ବାହାର ସବୁଠି ତାଙ୍କର ଉପସ୍ଥିତି ଅନୁଭବ କରୁଥିଲା । ବେଳେବେଳେ ଶାଶୁଙ୍କୁ ଡାକୁଥିଲା ତାଙ୍କର ଉପସ୍ଥିତି ଦେଖେଇବାକୁ । ହେଲେ ସଂଗେ ସଂଗେ ଅନ୍ତର୍ଦ୍ଧାନ ହୋଇ ଯାଉଥିଲେ ତା' ପାଟି ଶୁଣି । ଘର ଭିତରେ ଯେଉଁ ଆଡ଼େ ଚାହିଁଲେ ବି ତାଙ୍କର ଛାଇ ଚାଲି ଆସୁଛି ଆଖି ସାମ୍ନାକୁ । କବ୍‌ବୋର୍ଡ଼ ଖୋଲି ଦେଲେ ପ୍ୟାଣ୍ଟ, ସାର୍ଟଠାରୁ ଆରମ୍ଭ କରି ଘଣ୍ଟା, ଚଷମା, ରୁମାଲ ଏବଂ ଜୋତା ଷ୍ଟାଣ୍ଡର ଜୋତାରୁ ବାହାରି ଆସୁଛି ତାଙ୍କ ଦେହର ବାସ୍ନା । କଲେଜ ଯିବା ଏବଂ ଫେରିବା ସମୟ ହେଲେ ବାହାର ଦରଜାର କଟ୍ କଟ୍ ଶବ୍ଦ ଶୁଭିଯାଉଛି । ବେଳେବେଳେ ଅସ୍ଥିର ହୋଇ ଧାଇଁ ଯାଇ ଝର୍କା ଖୋଲି ଚାହିଁ ରହୁଛି ତଳକୁ ।

ଭଲ ପାଇବାର ସଜ ଫୁଟା ଫୁଲରେ ବାନ୍ଧି ହୋଇଥିବା ତାଙ୍କ ଦାମ୍ପତ୍ୟ ଜୀବନର ମାଳାଟି କାହିଁକି ମଉଳି ପଡ଼ିଲା ମୁହୂର୍ତ୍ତକରେ । କେମିତିକା ବିଚାର ଈଶ୍ୱରଙ୍କ ? ଅଦିନରେ ଛଡ଼ାଇ ନେଲେ ତାଙ୍କୁ ବୃଦ୍ଧ ବାପା, ମାଆ, ଏଡ଼େ ବକଟେ ଛୁଆ ଏବଂ ତାକୁ ଦୁଃଖର ଦରିଆ ଭିତରକୁ ଠେଲି ଦେଇ । ସତରେ ଅଭାଗିନୀଟାଏ ସେ । ଦୁଃଖର ଦରିଆ ପହଁରିବା ହିଁ ତ ତା' ଭାଗ୍ୟରେ ଲେଖା ଅଛି । ତେବେ କାହିଁକି ତାକୁ ସୁଖର କୂଳରେ ଲଗାଇ କେଇଟା ଦିନ ସୁଖର ସ୍ୱାଦ ଚଖାଇ ପୁଣି ଠେଲି ଦେଲ ପ୍ରଭୁ ଦୁଃଖ ଦରିଆକୁ । ଦୁଃଖ ଦରିଆର ଢେଉରେ ଭାସି ଭାସି ଦୁଃଖର ପାଣି ପିଇ ଅଭ୍ୟସ୍ତ ହୋଇଥିଲା ସେ । କାହିଁକି ତାକୁ ଏଇ ପରିବାର ସହ ବାନ୍ଧି ତା' ଉପସ୍ଥିତି ପାଇଁ ସମସ୍ତଙ୍କୁ ଠେଲିଦେଲ ଦୁଃଖ ଦରିଆକୁ । ଏତେ ସୁଖ କେବେ ଖୋଜି ନଥିଲି । କେବେ ତୁମ ପାଖରେ ଅଞ୍ଜୁଳି ପାତି ମାଗିନଥିଲି ହସ, ଖୁସି ଆଉ ଅପର୍ଯ୍ୟାପ୍ତ ଐଶ୍ୱର୍ଯ୍ୟ ମଧ୍ୟରେ ଦିନ କାଟିବାକୁ । ଦିନ କେଇଟାର ଏଇ ସୁଖ କିନ୍ତୁ ଭାଙ୍ଗି ଦେଇଗଲା ତା ଧୈର୍ଯ୍ୟ, ଦମ୍ଭ ଆଉ ମନବଳ । ଆଜି ପର୍ଯ୍ୟନ୍ତ ଏକା ଏକା ଭାସୁଥିଲା ଦୁଃଖର ଦରିଆରେ । ଏବେ ବୃଦ୍ଧ ଶାଶୁ, ଶ୍ୱଶୁର ଏବଂ ଏଡ଼େ ଟିକେ ଛୁଆ ବି ଭାସୁଛନ୍ତି ତା' ସାଥିରେ ।

ଅଭାଗିନୀଟା ଜନ୍ମ ହୋଇଥିଲା ସେ ଦୁଃଖକୁ ସାଥିରେ ଆଣି । ମାଆର ଗର୍ଭରୁ ପ୍ରଥମ କରି ଝିଅ ଜନ୍ମ ହୋଇଥିବାରୁ ପରିବାର ଲୋକେ ଏମିତିକି ବାପା ବି ଖୁସି ହୋଇନଥିଲେ ପ୍ରଥମ ସନ୍ତାନ ଝିଅ ହୋଇଥିବାରୁ ଅନେକ କଥା ଶୁଣିବାକୁ ପଡ଼ିଥିଲା ମାଆକୁ । ଅଶାନ୍ତି ଲାଗି ରହିଥିଲା ପରିବାରରେ । ଏସବୁ ଦେଖି ମାମୁଁ ତାକୁ ଝିଅ କରି ଆଣିଥିଲେ ଜନ୍ମ ହେବାର ମାସ କେଇଟାରେ । ମିଲିଟାରୀ ଚାକିରି ଯୋଗୁଁ ମାମୁଁ ସଦାବେଳେ ଘରଠୁ ଦୂରରେ ରହୁଥିଲେ । ଲାଳନ ପାଳନ କରି ବଡ଼ କରିଥିଲେ ମାଇଁ । ମାମୁଁ, ମାଇଁଙ୍କର

ସନ୍ତାନ ଥିଲେ। ସେମାନେ ଭାବିଥିଲେ ତାକୁ ଝିଅ କରି ଆଣିବା ପରେ ହୁଏତ ସନ୍ତାନପ୍ରାପ୍ତ ହେବେ। ହେଲେ ସେମିତି କିଛି ହୋଇନଥିଲା। ଯେଉଁଥି ପାଇଁ ମାଈଁ ଦୁଃଖ ଆଉ ବିଷାଦରେ ବୁଡ଼ି ରହୁଥିଲେ। ତେବେ ଜନ୍ମିତ ସନ୍ତାନ ନହେଲେ ବି ଅବହେଳା କରି ନାହାନ୍ତି ତା' ପ୍ରତି। ପାଠ,ଶାଠ ପଢ଼େଇ ବଡ଼ କଲାପରେ ଭଲ ଘର, ଭଲ ବର ଦେଖି ବିବାହ ଦେଇଥିଲେ ତାକୁ ସୁମନ ସାଥିରେ। ସୁମନ ଅଧ୍ୟାପକ ଥିଲେ ଇଂଜିନିୟରିଂ କଲେଜରେ। ବାପା କେନ୍ଦ୍ର ସରକାରଙ୍କ ଜଣେ ପଦସ୍ଥ ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। ବଡ଼ ଭଉଣୀ ଦୁହିଁଙ୍କର ବିବାହ ସରିଥିଲା ଭଲ ଘର, ଭଲ ବରପାତ୍ରଙ୍କ ସାଥିରେ। ରାଜଧାନୀରେ ତିନି ମହଲା ଘର। ପରିପୂର୍ଣ୍ଣ ଜୀବନ ଏବଂ ଜୀବନ ଶୈଳୀ ଉଚ୍ଚମାନର। ଏତେ ସବୁ ସତ୍ତ୍ୱେ ଗର୍ବ, ଅହଙ୍କାର ନଥିଲା କାହାରି ମନରେ। ବୋହୂ ନୁହେଁ ତ ଝିଅ ଭଳି ଦେଖୁଥିଲେ ତାକୁ ଶାଶୁ, ଶ୍ୱଶୁର। ଘର ଲୋକମାନେ ବି ଆଦର କରୁଥିଲେ।

ସେଦିନ ସହରର ଆଭିଜାତ୍ୟପୂର୍ଣ୍ଣ ଏକ ମଣ୍ଡପରେ ବିବାହ ସମ୍ପନ୍ନ ପରେ ବାପା, ମାଆ, ମାମୁଁ, ମାଇଁ, ଭାଇ ଭଉଣୀ ଏବଂ ଆପଣାର ଲୋକଙ୍କଠାରୁ ବିଦାୟ ନେଇ ସୁମନ ସାଥିରେ ଫେରିଥିଲା ତାଙ୍କ ଘରକୁ। ଆପଣାର ଲୋକଙ୍କ ବିଚ୍ଛେଦ ଜନିତ ଯନ୍ତ୍ରଣା ଭରା ମୁହଁକୁ ଓଢ଼ଣା ତଳେ ଲୁଚାଇ ଆଖିରେ ଆଖିଏ ଲୁହ, ଛାତିରେ ଛାତିଏ କୋହ ଧରି ଥରିଲା ଥରିଲା ପାଦରେ ଓହ୍ଲେଇଥିଲା ସେ ଏଇ ଘରର ଫାଟକ ପାଖରେ। ଆଦରରେ ପାଛୋଟି ନେଇଥିଲେ ଘରଲୋକେ। ଗୁରୁଜନମାନଙ୍କ ଆଶୀର୍ବାଦ ପାଇବା ପରେ ଶାଶୁ ନେଇ ଯାଇଥିଲେ ଠାକୁର ଘରକୁ। ଠାକୁର ଘର ନୁହେଁ ତ ଛୋଟ ଏକ ମନ୍ଦିର। ମଝିରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଫଟୋ ସହ ଅନ୍ୟ ଦେବାଦେବୀଙ୍କ ଫଟୋ ପୂଜା ପାଉଥିଲେ। ସବୁ ଠାକୁରଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିଥିଲା। ବିବାହର ବିଧିବିଧାନ ଯଥାରୀତି ଚାଲିଥିଲା।

ବାସର ରାତି ଉପଗତ ହୋଇଥିଲା ଯଥା ସମୟରେ। ନଣନ୍ଦମାନେ ସଜେଇ ଦେଇଥିଲେ ତାକୁ ଏବଂ ବାସର ଶଯ୍ୟା ବିଛଣା ଉପରେ ରଂଗ, ବେରଂଗ ଫୁଲ ସହ ମଲ୍ଲି ଏବଂ ରଜନୀଗନ୍ଧାର ମହକରେ ମହକୁଥାଏ ସାରା ଘରଟା। ତାକୁ ରୂପ ରାଇଜର ପରୀ ଭଳି ସଜେଇ ମଜେଇ ବିଛଣାରେ ବସାଇ ଘର ଦରଜା ଆଉଜାଇ ଚାଲି ଯାଇଥିଲେ ଦୁଇ ନଣନ୍ଦ। କିଛି ସମୟ ପରେ ସଯତ୍ନ ସାଇତା ତା'ର କୁମାରୀତ୍ୱକୁ ଏକ ଅଜଣା ପୁରୁଷ ନିକଟରେ ସମର୍ପି ଦେବାର ଉନ୍ମତ୍ତ ପରିକଳ୍ପନା ଭିତରେ ବିବଶ ହୋଇ ପଡୁଥିଲା ସେ। କବାଟ ଖୋଲି ପ୍ରବେଶ କରିଥିଲେ ସୁମନ। ମୁଣ୍ଡରୁ ଓଢ଼ଣା କାଢ଼ି ତା' ପାଖକୁ ଲାଗି ବସିଥିଲେ। ଶିତେଇ ଉଠିଥିଲା ଦେହ ତାଙ୍କ ଦେହରେ ସାମାନ୍ୟ ସ୍ପର୍ଶରେ। ବିଜୁଳିର ଚମକ ଖେଳି ଯାଇଥିଲା ସମଗ୍ର ଶରୀରରେ ଦୁଇ ହାତ ପାପୁଲିରେ ତା' ମୁହଁକୁ ତୋଳି ଧରିବାରେ। ମିଶି ଯାଇଥିଲା ଆଖିରେ ଆଖି ଆଉ ଉଷ୍ମ ନିଶ୍ୱାସ ପ୍ରବାହିତ ହେଉଥିଲା ନାସାରନ୍ଧ୍ରରୁ। ଅଭିଭୂତ ହୋଇଥିଲା ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱରେ। କିଛି ମୁହୂର୍ତ୍ତର ମଧୁର ଆଳାପ, ପ୍ରତ୍ୟାଳାପ ପରେ ସାଦରେ ତୋଳି ନେଇଥିଲେ ତାକୁ ନିଜ କୋଳକୁ। ତା' ସାମ୍ପୂକରା ଗହଳ କେଶର ଅରଣ୍ୟରେ ହଜେଇ ଦେଇଥିଲେ ନିଜକୁ। ବିମୋହିତ ହୋଇଥିଲା ତାଙ୍କ ଗଭୀର ଆଶ୍ଳେଷରେ। ଉତ୍ତେଜନା, ଉନ୍ମାଦନାରେ ଥରି ଉଠିଥିଲା ସେ। ଏକୋଇଶି ବର୍ଷର ସାଇତା କୁମାରୀତ୍ୱ ସମର୍ପି ଦେଇଥିଲା ନିସର୍ତ୍ତରେ।

ବିବାହର ତିନି ବର୍ଷ ବିତିଯାଇଥିଲା। କୋଳକୁ କନ୍ୟା ସନ୍ତାନଟିଏ ଆସିଥିଲା। ଖୁବ୍ ଖୁସି ହୋଇଥିଲେ ସୁମନ ଆଉ ପରିବାର ଲୋକେ। ଶାଶୁ, ଶ୍ୱଶୁରଙ୍କ ସ୍ନେହ, ଆଦର ଏବଂ ସ୍ୱାମୀଙ୍କ ଭଲପାଇବାରେ ବାନ୍ଧି ହୋଇ ଯାଇଥିଲା ଏଇ ଘର ସହ। ବାପ ଘରଠୁ ବି ଅଧିକ ଖୁସି, ସ୍ୱାଧୀନତା ମିଳୁଥିଲା। ଶାଶୁ ଘରେ ଏତେ ଖୁସି ପାଇବ ବୋଲି ଭାବି ନଥିଲା ସ୍ୱପ୍ନରେ। ସାମାଜିକ ବଂଧନ ଭିତରେ ଥାଇ ବି ମୁକ୍ତ ବିହଙ୍ଗ ଭଳି ଉଡ଼ି ବୁଲୁଥିଲେ ସେ ଦୁହେଁ। ଅନେକ ଦର୍ଶନୀୟ ସ୍ଥାନ ବୁଲାଇ ଦେଖାଇଥିଲେ ସ୍ୱାମୀ। ମନ ଇଚ୍ଛା ଉଡୁଥିଲେ ମଧ ଠିକ୍ ସମୟରେ ଫେରି ଆସୁଥିଲେ ନୀଡ଼କୁ। ବାପା, ମାଆଙ୍କ ଇଚ୍ଛା ବିରୁଦ୍ଧରେ କିମ୍ବା ମନ ଦୁଃଖ ହେଲା ଭଳି କିଛି କରୁନଥିଲେ। ହସ, ଖୁସିରେ ବିତୁଥିଲା ପାରିବାରିକ ଜୀବନ।

ସବୁ କିଛି ଭୁଲି ଯାଇ ସମସ୍ତଙ୍କୁ ଛାଡ଼ି କେମିତି ଚାଲିଗଲେ ସୁମନ ଦୁଃଖ ଦରିଆରେ ସେମାନଙ୍କୁ ଭସେଇ ଦେଇ। ଆଖି ପାଉନଥିବା ଏଇ ଦୁଃଖର ଦରିଆରେ କେତେ କାଳ ଭାସି ଚାଲିବେ ଆଖିରୁ ବହୁଥିବା ଲୋତକ ପିଇ। ତା' ଜୀବନରେ ଜହ୍ନ ଥିଲା, ତାରାମାନେ ଫୁଟୁଥିଲେ, ସୂର୍ଯ୍ୟ ଉଉଁଥିଲେ ମେଘ ମୁକ୍ତ ପରିବ୍ୟାପ୍ତ ଆକାଶରେ। ସୁମନ ବିହୀନ ଜୀବନ ଆଜି ମନେ ହେଉଛି ଶୂନ୍ୟ ଆକାଶ ପରି। ଆକାଶରେ ଜହ୍ନ ନାହିଁ, ତାରା ନାହିଁ କି ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ନାହିଁ। କିଛି ଦେଖି ନାହିଁ ଏଇ କିଛି ଦିନ ହେବ। ବିପର୍ଯ୍ୟସ୍ତ ଜୀବନ, ବେଖାପ ଜୀବନ ଚର୍ଯ୍ୟା ଭିତରେ କଟୁଛି ସମୟ ଆକାଶର ଜହ୍ନ ପରି ଏତେ ବଡ଼ ପୃଥିବୀରେ ନିଃସଙ୍ଗ ହୋଇ ଯାଇଛି ସେ। ସମସ୍ତଙ୍କର ଆପଣାର ହେଲେ ବି ନିଜକୁ ଖୁବ୍ ଏକୁଟିଆ ମନେ କରୁଛି। ଏମିତି ଏକୁଟିଆ କରି ତାକୁ ଛାଡ଼ି ଚାଲିଗଲେ ସମୁନ। ସବୁଜ ଡାଳ, ପତ୍ର ଭରା ବୃକ୍ଷର କେଉଁ ଲୁକ୍କାୟିତ ସ୍ଥାନରେ ବସି ସାଥି ବିହଙ୍ଗଟିକୁ ହରେଇ ବିରହ ବେଦନାରେ ଝୁରି ହେଉଥିବା ନିଃସଙ୍ଗ ବିହଙ୍ଗଟି ଭଳି ସୁମନଙ୍କୁ ଝୁରି ହେଉଥିବ ସାରା ଜୀବନ ଏକାକୀ ଏତେ ବଡ଼ ଏଇ ଘର ଭିତରେ ରହି।

କରୁଣତାରେ, ଅସହାୟବୋଧରେ ବତୁରି ଯାଉଥିଲା ସେ। ହୃଦୟରେ କୋହ, ଆଖିରେ ଲୁହ ଜକେଇ ଆସୁଥିଲା ସବୁବେଳେ। ହେଲେ ଶାଶୁ, ଶ୍ୱଶୁରଙ୍କ ସାମ୍ନାରେ ମନଟାଣ କରିବାକୁ ପଡୁଥିଲା। ଶାଶୁ, ଶ୍ୱଶୁର ଯେମିତି ଦୁଃଖ, ଦୁଃଚିନ୍ତାରେ ଭାଙ୍ଗି ନପଡ଼ିବେ ସେଥିପ୍ରତି ସଜାଗ ଥିଲା। ପରପାରିରେ ଥାଇ ସୁମନ ଯେମିତି ନଭାବନ୍ତି ତାଙ୍କ ବାପା, ମାଆଙ୍କ ଯତ୍ନରେ ତ୍ରୁଟି ହେଉଛି।

ଝର୍କା ଦେଇ ବିଛଣା ଉପରେ ପଡ଼ିଲାଣି ଖରା। ତାକୁ ଯିବାକୁ ହେବ ଠାକୁରପୂଜା କରିବାକୁ। ବଡ଼ି ଭୋର୍‌ରୁ ଉଠି ନିତ୍ୟକର୍ମ ସାରି ଠାକୁର ପୂଜା କରିଥାଏ ଖରା ପଡ଼ିବା ଆଗରୁ। ପରେ ପରେ ଲାଗିଯାଏ ଘର କାମରେ। ଏଇ କିଛି ଦିନ ହେବ ବଦଳି ଯାଇଛି କାମ କରିବାର ତରିକା। ତରବର ହୋଇ ଚାଲି ଯାଇଥିଲା ଠାକୁର ଘରକୁ। ବସି ପଡ଼ିଥିଲା ପୂଜା କରିବାକୁ। ପୂର୍ବ ଭଳି ଠାକୁର ଘର ସିଂହାସନରେ ବସି ରହିଛନ୍ତି ସବୁ ଠାକୁର। ହେଲେ ହୃଦୟ ସିଂହାସନ ଖାଲି କରି ସବୁ ଦିନ ପାଇଁ ଚାଲିଯାଇଛନ୍ତି ତା' ଜୀବନଠାକୁର। ସବୁ ଠାକୁରଙ୍କ ମଝିରେ ରହି ବଡ଼ ବଡ଼ ଆଖିରେ ଚାହିଁ ରହିଛନ୍ତି କାଳିଆ ଠାକୁର ତା' ଆଡ଼େ। କାଳିଆ ଠାକୁରଙ୍କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହି ଶୋଭନା ପଚାରୁଥିଲା ତା' ଭାବରେ କେଉଁଠି ଅଭାବ ରହିଲା ଯେ ତାକୁ ନିଃସଙ୍ଗ କରିଦେଲ ଏତେ ବଡ଼ ଦୁନିଆଁରେ। ଶୋଭନାର ଦୁଇ ଆଖିରୁ ଥପଥପ୍ ହୋଇ ଲୁହ ଗଡ଼ି ପଡ଼ିଥିଲା ହାତରେ ଧରିଥିବା ପୂଜା ଫୁଲ ଉପରେ।

*ଶାନ୍ତିନିବାସ, ପ୍ଲଟ ନଂ. ୧୨୫୨/୧୪୫୯,*
*ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୨୦୫୦୪୯*

# ଭାଡ଼ି

**ଭାନୁମତୀ ସାହୁ**

ଜେଜେମା' ପାଟିକରି ଡାକୁଥାଏ – ଆସିଲୁରେ ବୁଦ୍ଧିଆ, ଭାଡ଼ି ଉପରେ ଆମ୍ବୁଲ ହାଣ୍ଡିଟି ରହିଛି । ଆଣିଦେବୁ ସାତ ଆଠ ଖଣ୍ଡ ଆମ୍ବୁଲ । ମାଛ ତରକାରୀ ବୋହୂ ବସେଇ ସରିଲାଣି ।

– ଯାଉଛି ସାଉଆଣୀ । ଆଉ ଦୁଇ ବାଲ୍‌ଟି ପାଣି କାଢ଼ି ଆଗ ପାଣି କୁଣ୍ଡ ଭର୍ତ୍ତି କରିଦେଉଛି ।

ବୁଦ୍ଧିଆ ଆସିଲେ ଭାଡ଼ିରୁ ଆମ୍ବୁଲ ଧରି ମାଙ୍କଡ଼ଙ୍କ ପରି ଖପ୍ କରି ତଳକୁ ଡେଇଁ ପଡ଼ିଥାଏ ।

ନାତୁଣୀ ସୁଷମାକୁ ଜେଜେମା'ଙ୍କ ବଡ଼ ପାଟିର ଡାକ ଶୁଭୁଥାଏ ଯେ ତା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଲା ପରି ଲାଗେ । ଘର ଭିତରେ ଏପରି ବିଭିନ୍ନ କାର୍ଯ୍ୟକୁ ନେଇ କଥାବାର୍ତ୍ତା ହେଲେ ତା କାନରେ ସବୁ ଶୁଣାଯାଉଥାଏ । ଦୁଇ ଆଙ୍ଗୁଠି ଦୁଇ କାନରେ ଦେଇ ପଢୁଥାଏ । ପୁଣି ପୃଷ୍ଠା ଓଲଟେଇଲା ବେଳେ ଗୋଟିଏ କାନରୁ ଆଙ୍ଗୁଠି କାଢ଼ିଥାଏ । ତାର ପଢ଼ା ପ୍ରତି ସତେ ଯେମିତି କାହାର ଚିନ୍ତା ନାହିଁ । ଝିଅଟି ପଢୁଛି ତ ପଢୁଥାଉ । ଗାଁରେ ସ୍କୁଲ କଲେଜ ଅଛି ତ !

**ପ୍ରାୟତଃ ଗାଁମାନଙ୍କରେ ପଟା ପକେଇ ଭାଡ଼ିରେ ଜିନିଷପତ୍ର କି ଖୋପ କରି ଡିବି, ଲ୍ୟାମ୍ପ ରଖିବାର ବ୍ୟବସ୍ଥାକୁ ଦେଖି ଆସିଛି ସୁଷମା । ପକା ଛାତ ଘରେ କାନ୍ଥ ଆଲମାରୀ ଯୋଗୁ ମଧ୍ୟ ସେ ବହିପତ୍ର ରଖିଦିଏ । ଅଜାଘର ଗାଁର ଦୁଇ ମହଲା ପକାଘରଠାରୁ ଅଲଗା ଲାଗେ ମାଟି ଛଳଘର ରୋଷେଇ ଘରଟି । ସେଇଟି ଲମ୍ବା ଛଳ ଘରଟିଏ । ସେଠାରେ ଗୋଟିଏ ଗୋଟିଏ ବଖରାରେ ଅଲଗା ଅଲଗା ଚୁଲି ।**

ବଡ଼ ହଳିଆ କୃପା, ପୁନିଆ ଆସିଲେ ବାଡ଼ିପଟରୁ ହଳ କି ଲଙ୍ଗଳ ନେଇଥାଆନ୍ତି । ବୁଦ୍ଧିଆର କାମ ବଳଦଙ୍କୁ ପେଜ, କୁଣ୍ଡା, ତୋରାଣି ଖୁଆଇ ରେଡ଼ି କରିବା । ସେମାନେ ବିଲକୁ ଚଷ କରିବାକୁ କି କଳେଇ ଆଣିବାକୁ ହଳ କି ଶଗଡ଼ରେ ଯିବେ ସେ କଥା ବଡ଼ ହଳିଆ ଜାଣନ୍ତି । ବେଳେବେଳେ ଶଗଡ଼ ନେଇ ହଳିଆମାନେ ଜଙ୍ଗଲକୁ ସକାଳୁ ସକାଳୁ କାଠ ଆଣିବାକୁ ଯାଆନ୍ତି । ଫେରିଲା ବେଳକୁ ପ୍ରାୟ ସଂଜ ହୋଇ ଯାଇଥାଏ । ତେଣୁ ଜଙ୍ଗଲକୁ କୃପା କି ପୁନିଆ ଯିବା ମାନେ ସେମାନଙ୍କ ଗାମୁଛାରେ ପାଛିଏ ପାଛିଏ ମୁଢ଼ି ଉଖୁଡ଼ା ଦେବାକୁ ଭୁଲିଯିବନି ବୋଉ । ଗୋଟିଏ ବାଉଁଶ ନଳୀରେ ଶଗଡ଼ ପାଇଁ ତେଲ ମଧ୍ୟ ନେଇଥାଆନ୍ତି ଅଖରେ ପକାଇବା ପାଇଁ । ବଳଦମାନଙ୍କ ବନ ଜଙ୍ଗଲର ଘାସ କି ପତ୍ର ଖୁଆଇ ପେଟ ପୁରାଇ ରଖନ୍ତି । ନିଜ ପିଇବା ପାଣି ତ ନେବା ପାଇଁ ପ୍ଲାଷ୍ଟିକ୍ କି କାଚ ବୋତଲ ଗାଁରେ ମିଳେନି । ତେଣୁ ଜଙ୍ଗଲ ଝରଣାରୁ ପାଣି ପିଇଦେବୁ ବୋଲି କହନ୍ତି ।

ଗାଁରେ ବେଳେବେଳେ ଶୁଣାଯାଏ ବାଘ ଆସିଛି ଜଙ୍ଗଲକୁ । ଗାଈଗୋରୁ ଖାଇଗଲାଣି । ତଥାପି ମନରେ ଭୟ ଥିଲେ ସୁଦ୍ଧା ବେଶି ଭିତିରିଆ ଜଙ୍ଗଲକୁ ନ ଯାଇ ପାଖ ଜଙ୍ଗଲରୁ କାଠ ନେଇ ସତର୍କତାରେ ଫେରିଥାଆନ୍ତି ।

ସୁଷମା ବେଳେବେଳେ ଭାବେ ଗରିବ ଲୋକ କେମିତି ସାହସୀ ହେଲେ ? ଭୋକ ପାଇଁ ସାହସ ବଢ଼ିଯାଉଛି କି ? କାମ ନ କଲେ ପରିବାର ପୋଷଣ ହେବ କେମିତି ଭାବି ଜୀବନକୁ ପାଣି ଛଡ଼େଇ ଯାଉଛନ୍ତି ।

ସନ୍ଧ୍ୟା ହେଲା ପରେ ଯଦି ହଳିଆମାନେ ଖଳାକୁ ଶଗଡ଼ ଧରି ଫେରି ନଥାନ୍ତି ତେବେ ବୋଉ ଦାଣ୍ଡକୁ ବାରିକୁ ହେଉଥାଏ କାଳେ କିଛି ଅସୁବିଧା ହେଲାକି ?

ଆଜିକାଲି ପରି ମୋବାଇଲ୍ ନଥିଲା ଯେ ଫଟାଫଟ୍ ଖବର ପହଞ୍ଚି ଯିବ ତମ ପାଖରେ । ଏବେ କି ଯୁଗରେ ଆମେ ଆସି ପଦାର୍ପଣ ହେଲେ ଯେ କାମବାଲୀ ଓ ଭିକାରୀଙ୍କ ହାତରେ ମଧ୍ୟ ସ୍ମାର୍ଟ ଫୋନ ଶୋଭାପାଉଛି

ଯେମିତି । କାଞ୍ଚନାତୀତ ବସ୍ତୁଟି ଏବଂ ପ୍ରାୟ ସମସ୍ତଙ୍କୁ ହାତପାଆନ୍ତାରେ ।

ବୋଉର ଭାବପ୍ରବଣତା ବୁଝି ପାରି କହିଥାଏ ସୁଷମା "ବୋଉ, ତୁ ଖାଲିଟାରେ ବ୍ୟସ୍ତ ହେଉଛୁ । ଆସି ଯିବେନି କି ?"

– ଲଣ୍ଠନ ନେଇ ନାହାଁନ୍ତି । ଅନ୍ଧାର ହେଲେ ଜଙ୍ଗଲ ରାସ୍ତାରେ ଭାଲୁ, ବାରହା ଆଦି ଗଡ଼ିବେ । ସେମାନଙ୍କର ପିଲାଛୁଆ ଅଛନ୍ତି ତ ପୁଣି !

ଯେତେବେଳେ ବାରିପଟରୁ ପୁନିଆର ପାଟି ଶୁଭେ ଗୁହାଳ ଭିତରକୁ ବଳଦ ଆଣି ବାନ୍ଧିଲା ବେଳେ ସେତେବେଳେ ବୋଉ ମନରେ ଦମ୍ଭ ପଶିଥାଏ ।

ପିଲାଟି ଦିନରୁ ସୁଷମା ଇଲେକ୍ଟ୍ରିକ୍ ଆଲୁଅରେ ଚଳପ୍ରଚଳ । ବିଜୁଳି କଟିଗଲେ ଲଣ୍ଠନ କି ଡିବି, ଲ୍ୟାମ୍ପ ଜଳା ହୁଏ । ଟ୍ରେନ୍ ଡବା ପରି ପଛକୁ ପଛ ଘରଗୁଡ଼ିକ । ପ୍ରାୟ ପ୍ରତି ଘର ଓ ବାଟରେ ମଧ୍ୟ ସୁଇଚ ଓ ଲାଇଟ୍ ଜଳେ । ଦାଦା ଇଲେକ୍ଟ୍ରିକାଲ ଜୁନିୟର ଇଞ୍ଜିନିୟର ଥିବାରୁ ପରେ ଉପର ତଳ ଘରମାନଙ୍କରେ ଏପରିକି ଗୁହାଳ ଘରେ ମଧ୍ୟ ବାର୍ ଲାଇଟ୍ ଲଗେଇ ଦେଇଥିଲେ । କହୁଥିଲେ – ଆଉ ବଲ୍ କିଏ ଚୋରି କରି ଗୁହାଳ ଭିତରୁ ନେବେ କେମିତି ? ତେଣୁ ଦାଣ୍ଡରୁ ବାରି ମୁଣ୍ଡକୁ ଯିବାବେଳେ ପରିଷ୍କାର ରୂପେ ଦେଖାଯାଏ । ଜେଜେମା' ବେଳେବେଳେ କୁହେ "ଘର ଭିତରେ ଏତେ ବାର୍ ଲାଇଟ୍ ଲଗାଇ ଦେଇଛୁ ଯେ ଦିନ ପରି ଦିଶୁଛି ସବୁ ଜିନିଷ ।"

ଦାଦା କହନ୍ତି – ତୋ ପାଇଁ ପରା ସୁବିଧା କରି ଦେଇଛି । ଆଉ ଝୁଣ୍ଟି ପଡ଼ିଯିବୁନି ତୁ ।

ବୋଉ ରାଶିତେଲ ଟିକିଏ ଢାଳିଦିଏ ପୁନିଆ ଓ କୃପାଙ୍କ ହାତରେ । ନଚେତ୍ ସେମାନଙ୍କ ପାଇଁ ରଖାଯାଇଥିବା ଶିଶିଟିରୁ ସେମାନେ ବ୍ୟବହାର କରି କହିଥାଆନ୍ତି – ଆମ ଝର ପୋଖରୀରେ ଗାଧୋଇ ଘରକୁ ପଳେଇଯିବୁ । ଭାରି ବିଚିକିଚିଆ ଲାଗିଲାଣି ଦିନସାରା ନ ଗାଧୋଇ ।

– ଖାଇ କରି ଯିବନି କି ?

– ନାଇଁ ସାଉଆଣୀ । ଭୁଜା ଉଖୁଡ଼ା ଖାଇ ଆଉ ଏବେ ଭୋକ ନାହିଁ । ଘରୁ ତ ପଖାଳ ଖାଇ ଆସିଥିଲୁ ।

ହଳିଆମାନେ ଯିବାପରେ ସାନ ହଳିଆଟି ବାହାରେ ତା ଘରକୁ । କୁହେ ସାଉଆଣୀଙ୍କୁ – ଏଥର ମୁଁ ଯାଉଛି । ଆଉ କି କାମ ଅଛି କି ?

– ଯାଆ ଦୋକାନରୁ ଅଦା ଅଢ଼େଇଶ ଓ ଜିରା କେଜିଏ ଆଣିଦେବୁ ।

– ଦୁଇ ଦିନ ତଳେ ପରା ଅଦା ଓ ଜିରା ଆଣିଥିଲି । ସରିଗଲାଣି କେମିତି ?

ସୁଷମା ପଢ଼ିଲା ବେଳେ ଏକଥା ଶୁଣାଯାଉଥାଏ ତା କାନରେ । ସେ ବିରକ୍ତ ହୋଇ କହେ – ଏଠି ଆଉ ବସି ପଢ଼ି ହେବନି । ଯାଏ ଉପର ଘରେ ବସି ପଢ଼ିବି ।

ଯାରି ଭିତରେ ପାଠ ପଢ଼ା ଋଲେ ନିଜର ଦୃଢ଼ ପ୍ରତିଜ୍ଞା ପାଇଁ । ଯେମିତି ହେଲେ କ୍ଲାସ୍‌ରେ ଫାଷ୍ଟ କି ସେକେଣ୍ଡ ହେବ । ବର୍ଷସାରା ଜାନିଯାତ୍ରା ସାଙ୍ଗକୁ ହଣ୍ଡା ହଣ୍ଡା ରୋଷେଇ ହୋଇ ବଣ୍ଟା ହେବାର ପଦ୍ଧତି ଏବେ ମଧ୍ୟ ଘରେ ପ୍ରଚଳିତ ଅଛି । ଦୁଆରେ ଠାକୁର ଭୋଗ ଖାଇବେ ପର୍ବପର୍ବାଣୀ ଦିନମାନଙ୍କରେ ମଧ୍ୟ । ବୋଉ ଶୁଦ୍ଧ ମନରେ ଶୁଚି ହୋଇ ଠାକୁରଙ୍କ ପାଇଁ ଭୋଗ ପ୍ରସ୍ତୁତ କରେ । ପୁଣି ଠାକୁର ଘରେ ପ୍ରତିଦିନ ପୂଜା ରହିଛି । ବୋଉର ଦିନ ଗୋଟାକଯାକ କାମ । ଦିନସାରା ଲୋଟଣି ପାରା ପରି ଲାଗିଥାଏ ଏଇଟା ସେଇଟା କାମରେ । ହାତରୁ ରୋଷେଇ କାମ ଛାଡ଼େନି । ପାଣିକନ୍ଦା ଖାଇଗଲାଣି ଆଙ୍ଗୁଠି ସନ୍ଧି । ତଥାପି ମନରେ ଅବଶୋଷ ନାହିଁ ଖାଇବା ଡେରି ହେଲେ ସୁଦ୍ଧା । କେଉଁ ମନଟିଏ ନେଇ ସେ ଏ ଘରକୁ ବୋହୂ ହୋଇ ଆସିଥିଲା ପନ୍ଦର ବର୍ଷ ବୟସରୁ ଯେ ତା ହାତରୁ ପାଣି କାମ ଛାଡୁନି । ଦିନରୁ ରାତି ପର୍ଯ୍ୟନ୍ତ ଖାଇବା ପିଇବା ଲାଗିଛି ଜଣକ ପଛକୁ ଜଣେ ଜଣେ । ଯିଏ ଯେମିତି ଯାହା ମନରେ ଆସି ଭୋଜନ କରିବେ । ବାପା ଦାଦାଙ୍କ ଖାଇବା ଅଲଗା । ବାପା ବାରଟାରେ ଖାଇଲେ ଦାଦା ଗୋଟାଏରେ ଖାଇବେ । ସକାଳୁ ଉଠି ମଧ୍ୟ ଦଶଟା ଉପରେ ବୋଉର ପ୍ରଥମ ଖାଇବା । ଋରିଟା ରାତିରୁ ଉଠି ନିତ୍ୟକର୍ମ ସାରି ରାତିରେ ରଙ୍ଗମାଟିରେ ଲିପା ସରିଥିବା ଚୁଲିରେ ପ୍ରଥମେ ଜଳଖିଆ ପ୍ରସ୍ତୁତି ଆରମ୍ଭ ହୁଏ । କେଉଁଦିନ ଉପମା ସାଙ୍ଗରେ ମଟର ତରକାରୀ ଥାଏ ତ କେଉଁଦିନ ପରଟା ସହିତ ଆଳୁଦମ୍ ଥାଏ । ଛଅଟା ସୁଦ୍ଧା ଜଳଖିଆ ଶେଷ । ଭାଇମାନେ ଖାଇ ଦେଇ ଟ୍ୟୁସନ ଯିବେ । ବାପା ଖାଇବେ, ଦାଦା ଖାଇବେ । ପୁଣି ପରିବାପତ୍ର କଟାକଟି ସାଙ୍ଗକୁ ମୁଣ୍ଡ କୁଣ୍ଢେଇ ଦେଇ ଯାଏ ପୁଣି ଗାଧୋଇବାକୁ । ଗାଧୋଇ ଆସିଲା ପରେ ଠାକୁରଙ୍କୁ ପୂଜା କରିବ ବୋଉ । ଯଦି କେଉଁଦିନ ବାପା କି ଦାଦା କି ପୂଜାରୀ ନନା କରିଦେଇଥିବେ ସେଦିନ ମୁଣ୍ଡିଆଟିଏ ଠାକୁର ଘରେ ମାରିଦେଇ ଲାଗିପଡ଼ ରୋଷେଇରେ । ପିଲାମାନେ ନଅଟାରେ ଗରମ ଭାତ, ଡାଲି, ଭଜା, କି ଆଳୁଭରତା ଖାଇ ସ୍କୁଲ ଯିବେ । ପିଲାମାନଙ୍କୁ ଗରମ ଭାତରେ ଦୁଇପଳା ଘିଅ ଢାଳିଦେଇ କହିଥାଏ– ରୋଗବାଗ ହେବନି ଘିଅ ଖାଇଲେ ପ୍ରତିଦିନ ।

ତାପରେ ବୋଉ କ'ଣ ଖାଏ ସୁଷମା କେବେ ଦେଖିନି । ସେ ପଖାଳ ଖାଏ କି କ'ଣ ତାକୁ ଜଣା ନାହିଁ । ହଁ, ବେଳେବେଳେ ପିଇସୀନାନୀମାନଙ୍କ ସହ ବୋଉ, ଜେଜେମା, ଖୁଡ଼ି ବସି କଂସାବେଲାରେ ପଖାଳ ଖାଇବାର ଦେଖିଛି । ଖୁଡ଼ୀଙ୍କର ଆଗ ଆମ୍ବୁଲ ପାଗ ସାଙ୍ଗରେ ବଡ଼ ଅଦାଖଣ୍ଡେ ଦରକାର । ଅଦା ଖଣ୍ଡଟି ଯେପରି ସବୁଦିନେ ତାଙ୍କର ଆବଶ୍ୟକ ଥାଏ ଗରମ ଓ ପଖାଳ ଭାତରେ ମଧ୍ୟ । ସୁଷମା ବୁଝିପାରେନି ଏତେବଡ଼ ଅଦା ଋୋବାଇ ଭାତରେ ଖାଇବାକୁ ଭଲ ଲାଗୁଛି କେମିତି ? ଦିନେ ପଋରିଲା– ଖୁଡ଼ୀ, ତମେ ଅଦାବିନା ଭାତ ଥାଳି ଧରୁନ । ନିଶ୍ଚୟ ଭଲ ଲାଗୁଥିବ ।

– ପିଲାଦିନରୁ ପରା ଏପରି ଅଭ୍ୟାସ ରହିଛି ।

ସୁଷମାର ପଖାଳ କି ପୋଡ଼ାପୋଡ଼ି କରି ଖାଇବାରେ ଆଗ୍ରହ ନାହିଁ । ଘିଅ ଭାତ ତାକୁ ଭଲ ଲାଗେ । ହଁ ସେ ମଧ୍ୟ ବେଳେବେଳେ ପଖାଳ ଖାଏ ପକୁଡ଼ି, ଘୁଗୁନି ଓ ଗରମ ଗରମ ତେଲଦିଆ ଆଳୁ ବାଇଗଣ ଭଜା ସାଙ୍ଗରେ । ଆଜି ମଧ୍ୟ ତାର ପଖାଳ ଖାଇବା କି ପରିବା ପୋଡ଼ାପୋଡ଼ିରେ ଭାତ ଖାଇବାକୁ ଭଲ ଲାଗେନି ।

ଋରିଟା ପରେ ସ୍କୁଲରୁ ଫେରିବା ପରେ କେବେ ଦ୍ୱିପହରର ଗରମ ଭାତ କି ସଜ ପଖାଳ ଭାଇ ଓ ତାକୁ ଖାଇବାକୁ ଦେବାକୁ ବୋଉ ପଶିଯାଏ ହାଣ୍ଡିଶାଳରେ । ସୁଷମା ଦେଖିଛି ପିଲାଦିନରୁ ବୋଉ ଗୋଟିଏ ପରେ ଗୋଟିଏ ଶାଢ଼ୀ ବଦଳି ଥାଏ । ହାଣ୍ଡିଶାଳଘରକୁ ରାତିରେ ଶୋଇଥିବା ଶାଢ଼ୀ କି ଅଶୁଦ୍ଧଶାଢ଼ୀ ପିନ୍ଧି ଯିବା ପାଇଁ ବାରଣ ରହିଥାଏ । ତେଣୁ ସୁଷମା ବାହାଘର ପରେ ଆଉ ବୋଉର ହାଣ୍ଡିଶାଳକୁ ଯାଇ ପାରେନି । ତା ଶାଶୁଘରେ ଏପରି ବାରଣ ନାହିଁ ରୋଷେଇ ଘରେ । ଠାକୁର ଘର ଭିତରେ ଇଶାଣ ଓ ଅନ୍ୟ ଦେବଦେବୀଙ୍କ ପୂଜା ହୋଇଥାନ୍ତି । ତଥାପି ସେ ଘରେ ଋଉଳ ଡାଲି ରଖାଯାଇ ଥାଏ ଟିକିଏ ଦୂରତା ରକ୍ଷା କରି ଭାଡ଼ି ଉପରେ । ନିଜ ଘର ପରି ସବୁ ଚଳଣୀ ଶାଶୁ ଘରେ ବେଶି ମାତ୍ରାରେ ପ୍ରଚଳିତ ନ ଥାଏ । ଏବକୁ ଭାଉଜମାନେ ରୋଷେଇ ଘରେ ରନ୍ଧାବଢ଼ା କରନ୍ତି । ଘର ଇଶାଣ ଓ ଦେବଦେବୀଙ୍କ ପାଇଁ ଗୋଟିଏ ଛୋଟ ଠାକୁର ଘର ଅଲଗା ରହିଛି ।

ସୁଷମା ଦେଖିଛି ଶାଶୁଘରେ ଅଣ୍ଟାଏ ଉଚ୍ଚରେ କାଠର ଗୋଟିଏ ବେଞ୍ଚ ସଦୃଶ୍ୟ ଭାଡ଼ିଟିଏ ଥାଏ । ତା ଉପରେ ଘରର ଯାବତୀୟ ଡେକ୍‌ଚି, କଡ଼େଇ ସହ ଋଉଳ ଡାଲି ଓ ଶୁଖିଲା ସଉଦା ମହଜୁଦ ଥାଏ । ତା ଉପର ଭାଡ଼ିରେ ଖଇଞ୍ଚ, ବାଉଁଶିଆ ଆଦି ରଖାଯାଇଥାଏ ।

ବାପ ଘରେ ମେଞ୍ଚାଏ ଶିକା ଓହଳାଯାଇଥାଏ । ହାଣ୍ଡିଶାଳ ପଟା ଉପର ଭାଡ଼ିରେ ବ୍ୟବହାର କରାଯିବା ପାଇଁ ଚିନି, ଆମ୍ବୁଲ, ତେନ୍ତୁଳି ଓ ବଡ଼ି ମଧ୍ୟ ରଖାଯାଇଥାଏ । ହାଣ୍ଡିଶାଳ ମଝିରେ ଶିକାଟିଏ ଓହଳିଥାଏ ଗୁଆ ଘିଅର ମାଠିଆଟି ପାଇଁ । ତା ଉପରେ ସରା ଘୋଡ଼ାହୋଇ ଲମ୍ବା ଲୁହା ପଲାଟିଏ ପଡ଼ିଥାଏ । ହାଣ୍ଡିଶାଳ ଦୁଆର ମୁହଁରେ ଦୁଇ ଋରିଟା ଶିକାରେ ବଡ଼ ବଡ଼ ପାଚିଲା କଖାରୁ ଓହଳା ହୋଇଥାଏ ପୂଜା ପର୍ବରେ ବ୍ୟବହାର ପାଇଁ । ଚୁଲି ପାଖରୁ ଦୂରତାରେ ଶିକାରେ ଆମିଷ ଜିନିଷ ରଖାଯାଏ ।

ଏହିପରି ଭାଡ଼ିର ବ୍ୟବହାର ବାଟ ଘର ଓ ବଡ଼ ଘର କି ଗମ୍ଭିରା ଭିତରେ ଉପରେ ପଟା ପକେଇ ସଜାଡ଼ି ରଖାଯାଏ ଘରର ଜିନିଷପତ୍ର ପାଇବାକୁ ହାତ ପାହାନ୍ତାରେ ।

ପ୍ରାୟତଃ ଗାଁମାନଙ୍କରେ ପଟା ପକେଇ ଭାଡ଼ିରେ ଜିନିଷପତ୍ର କି ଖୋପ କରି ଡିବି, ଲ୍ୟାମ୍ପ ରଖିବାର ବ୍ୟବସ୍ଥାକୁ ଦେଖି ଆସିଛି ସୁଷମା । ପକା ଛାତ ଘରେ କାନ୍ଥ ଆଲ୍‌ମାରୀ ଯୋଗୁ ମଧ୍ୟ ସେ ବହିପତ୍ର ରଖିଦିଏ । ଅଜାଘର ଗାଁର ଦୁଇ ମହଲା ପକାଘରଠାରୁ ଅଲଗା ଲାଗେ ମାଟି ଋଳଘର ରୋଷେଇ ଘରଟି । ସେଇଟି ଲମ୍ବା ଋଳ ଘରଟିଏ । ସେଠାରେ ଗୋଟିଏ ଗୋଟିଏ ବଖରାରେ ଅଲଗା ଅଲଗା ଚୁଲି । ରୋଷେଇ ଘର ପଛକୁ ଲାଗି ହାଣ୍ଡିଶାଳ । ତାର ଦୂରତାରେ ଖାଇବା ବ୍ୟବସ୍ଥାରେ ଦୁଇଟି ମାଟି ପିଣ୍ଡା, ପୁଣି ତା ପଛକୁ ଥିବା ଚୁଲିରେ ଚୂଡ଼ା, ମୁଢ଼ି ଆଦି ଭଜା ହୁଏ । ତାପରେ ଢିଙ୍କିଶାଳ ଘର । ସେହି ଖାଇବା ବାରଣ୍ଡାରେ ଚିନି କ୍ଷୀର କି ଅନ୍ୟ ଜିନିଷ ପାଇଁ ମଧ୍ୟ ପଟାରେ ଆଲ୍‌ମାରି ହୋଇଥାଏ ମାଟି କାନ୍ଥରେ । ପୁଣି କେଉଁଠି ଛୋଟ ଛୋଟ ଘଡ଼ି କି ହାଣ୍ଡି ପୋତା ଯାଇଥାଏ ଟଙ୍କା ପଇସା କି ଅନ୍ୟ ଜିନିଷ ରଖିବା ପାଇଁ । ଆଈ ସେ ଘଡ଼ିରୁ ପଇସା ଆଣି ଦେଇଥାଏ ଗାଁ ଦୋକାନରୁ ମଟର ଭଜା (ବାଟୁଳା) କି ଚକୋଲେଟ କିଣି ଖାଇବାକୁ । ସେତେବେଳେ ମାଛପରି ଚକୋଲେଟ୍ କି କମଳାକୋଲ ପରି ଚକୋଲେଟ୍ ମିଳିଥାଏ । ବେଳେବେଳେ ଭୋଗେଇରେ ଋଉଳ ନେଇ ଗଲେ ଦୋକାନୀ ମଧ୍ୟ ଜିନିଷ ଦିଏ, ଯେଉଁ ପଦ୍ଧତି ନିଜ ଗାଁରେ ସୁଷମା ଦେଖିନି । କାରଣ ତାଙ୍କ ଦୁଆରକୁ ବସ ଚଳାଚଳ ଥିବାରୁ ଟିକିଏ ଅସୁବିଧା ଥାଏ ପକା ରାସ୍ତାରେ ଦଉଡ଼ା ଦଉଡ଼ି କରିବା । ତେଣୁ ତାଙ୍କ ଘରଠାରୁ ଗୋଟିଏ ଘର ଛାଡ଼ି ଥିବା ଦୋକାନରୁ ହିଁ ଚକୋଲେଟ୍, ପେନ, ପେନ୍‌ସିଲ୍, ବିସ୍କୁଟ ସହ କାଗଜ, ଖାତା, ସିଲଟ, ଚକ୍ ଆଦି କିଣିବା ସହଜ ହୁଏ ରାସ୍ତାର ଅନ୍ୟ ପଟରେ ଥିବା ଦୋକାନଠାରୁ । ତେଣୁ ହଳିଆ ପିଲାଟି ତାଙ୍କ ପାଇଁ ମଧ୍ୟ କିଣା କିଣି କରି ଆଣି ଯୋଗାଇ ଦିଏ ।

ଜମିବାଡ଼ି ଥିବାରୁ  ବିଲ ବାରି, ଖଳା ସହ ଗାଈ ଗୋରୁଙ୍କ ଗୁହାଳ ମଧ୍ୟ ରହିଥାଏ ବିଲରେ ଖତ ଆଦି ପଡ଼ିବା ପାଇଁ । ହଳ, ଲଙ୍ଗଳ, ଶଗଡ଼, ହଳହଳିଆ, କନ୍ଦି ଆଦି ପିଲାଟି ଦିନରୁ ସୁଷମା ଦେଖି ଆସିଛି । ଗୁହାଳ ଭାଡ଼ିରେ ବୋତ ଆଦି ସଞ୍ଚୟ ହୁଏ । ଘର ଥିବା କମ୍ ଉଚ୍ଚା କାଠର ଭାଡ଼ିମାନଙ୍କରେ ବସ୍ତା ବସ୍ତା ଋଉଳ କି ପୁରୁଗରେ ମୁଗ, ବିରି ବସ୍ତା ଓ ବିହନ ଧାନ ବସ୍ତାମାନ ଲଦା ହୋଇ ରହିଥାଏ । ପୁରୁଗରେ ମଧ୍ୟ ପଦ୍ମକେଶରୀ ଋଉଳ ଆଦି ବାନ୍ଧି ରଖାଯାଇଥାଏ ପୂଜାପର୍ବରେ ବ୍ୟବହାର ପାଇଁ । ଧାନଘରେ ନାଲି ଧାନ କି ଧଳା ଧାନ ଅଖା ପକେଇ ଅଲଗା କରି ରଖାଯାଏ ଗୋଟିଏ ବଡ଼ ଛାତ କୋଠରୀରେ ତଳୁ ତିନିଫୁଟ ଉଚ୍ଚ ଦୂରତା ରକ୍ଷା କରି । ପଟା ପକେଇ ଘରଟିକୁ ଉପର ତଳ ପର୍ଯ୍ୟନ୍ତ ବ୍ୟବହାର ହୋଇଥାଏ । ଧାନଘର ତଳେ ଆମ୍ବୁଲ, ତେନ୍ତୁଳି, ଆଋର ହାଣ୍ଡି, ଭଜା ହାଣ୍ଡି, ଖଇଞ୍ଚ ଡାଲା, ପାଗ ହାଣ୍ଡି ସହ ମୁଢ଼ି ଲିଆ ଭଜା ପାଇଁ ଖଡ଼ିକା କାଠଚଟୁ ଆଦି ଘରକରଣା ଜିନିଷ ସାଇତି ରଖିବା ଦାୟିତ୍ୱ ଘର ନାରୀମାନଙ୍କର ।

ଆଜି ସବୁଛାପ ସେହି ଆଭିଜାତ୍ୟ ଘରୁ ଉଡ଼ିଗଲାଣି ପରିବର୍ତ୍ତିତ ଧାରାରେ । ଦିନସାରା ଘରେ ବୋଉ, ଜେଜେମା' କାମରେ ବ୍ୟସ୍ତ ଥାଆନ୍ତି । ଶିଳରେ ବେସର, ମସଲା ବଟା ହୁଏ । ଢିଙ୍କି କୁଟା ପାଇଁ ଅନ୍ୟ ସ୍ତ୍ରୀ ଲୋକ ଲାଗିଥାଆନ୍ତି । କେବେ କେବେ ବୋଉ ଓ ଜେଜେମା ପେଷେଣାରେ ଭିଜା ଯାଇଥିବା ମୁଗ କି ବିରି ବାଟି ସୁସ୍ୱାଦୁ ପିଠାମାନ ତିଆରି କରନ୍ତି । ପ୍ରାୟତଃ ଘରେ ଅମାବାସ୍ୟା, ସଂକ୍ରାନ୍ତିରେ ପୁରୋହିତ ଘରକୁ ଆସନ୍ତି ଛଞ୍ଚା ନେବାପାଇଁ । ସେଦିନ ଅରୁଆ ଖାଦ୍ୟ ସାଙ୍ଗକୁ ରାତିରେ ଚକୁଳି ପିଠା ହିଁ ବିନା ପିଆଜ ରସୁଣରେ ତରକାରୀ ଆଦି ପ୍ରସ୍ତୁତ ହୋଇଥାଏ । ମାସରେ ପୁଣି ଭଲ ପୂର୍ଣ୍ଣମୀ କି ପୂଜାପର୍ବରେ ପିଠାପଣାର ଆସର ଖୋଲିଥାଏ ଘରେ ଖାଇବା ଓ ବଣ୍ଟା ବଣ୍ଟି ପାଇଁ । ଆଜି ଯଦି କାହାକୁ ମାସ, ତିଥି, ନକ୍ଷତ୍ର କଥା ପଋରିବ କହିପାରିବେ ନାହିଁ । ଜନ୍ମଦିନର ତାରିଖ ମନେରଖିଥିବେ ଅଥଚ ନକ୍ଷତ୍ର ମଧ୍ୟ ନୁହେଁ । ପିତୃପକ୍ଷ ଆରମ୍ଭ ହେଲାଣି ବୋଲି ପଋରିଲେ – ଏଇଟା କେଉଁ ମାସରେ କହିଲ ?

– ଆମେ ଜାଣିନୁ । ଆମ ବାପା ମା'ଙ୍କ ମୃତ୍ୟୁ ଏଇ ତାରିଖରେ ହୋଇଥିଲା । ଯାଅ ମନ୍ଦିର ଭାଇନାଙ୍କ ପାଖକୁ ତିଥି କ'ଣ ଥିଲା ?

ଭାଇନା ଇଂରାଜୀ ତାରିଖ ଦେଖି ସେଇବର୍ଷର ମାସ, ତିଥି ବାହାର କରି କହିଲେ ତ ଭଲ କଥା । ନଚେତ୍ ଇଂରାଜୀ ତାରିଖରେ ପାଳନ କରିଦିଅ ଶ୍ରାଦ୍ଧ । ଜାଣି ପାରିବେ ନାହିଁ ଯେ ଆଷାଢ଼ କି ଶ୍ରାବଣରେ ପଡୁଥିବା ତିଥିଟି ବିଷୟରେ । ପୁଣି ପିତୃ ଶ୍ରାଦ୍ଧ ଆଶ୍ୱିନ ମାସ କୃଷ୍ଣପକ୍ଷ ମାନେ ଭାଦ୍ରବର ଭାଗବତ ଜନ୍ମ ପୂର୍ଣ୍ଣମୀ ଯିବାପରେ ଆରମ୍ଭରୁ ପଡ଼ିଥାଏ କୃଷ୍ଣପକ୍ଷ ତିଥି ବୋଲି ଜ୍ଞାତ ନଥାନ୍ତି ଆଜିର ଶିକ୍ଷିତ, ବିଜ୍ଞ ବୋଲାଉଥିବା ପିଲାମାନେ । ଏତେ କଥା ମନେ ରଖିପାରୁଛ କେବଳ ଇଂରାଜୀ ତାରିଖକୁ ନେଇ ଅଥଚ ମାସଟି ମନ ରହୁନି ଯଦି ଲେଖି ପକାଅ ଡାଏରୀରେ । ଶ୍ରାଦ୍ଧଟି ଏପଟ ସେପଟ କରି ପିଣ୍ଡଦାନ କରିବାରେ ଭୁଲ ହେବନି । ତେବେ ତମ ପିଢ଼ି କି କଥା ମନେ ରଖିବେ କି ? ସତେ ଯେମିତି ବିଦେଶୀ ମାଟିରେ ଜନ୍ମ ହୋଇ ପରମ୍ପରା ଓ ସଂସ୍କୃତି ବିଷୟରେ ଜାଣିନ ଏହି ଦେଶରେ ରହି ମଧ୍ୟ ।

ଏପରି କଥା ଶୁଣିଲେ ମନରେ ଭାବନା ଆସେ ଯେ ଯିଏ ନିଜର ପିତାମାତାଙ୍କୁ ବଞ୍ଚିଲା ଭିତରେ ସେମାନଙ୍କୁ ବୋଝ କି ଭାର ବୋଲି ଭାବିଲେଣି ସେମାନେ ସବୁ ମୃତ୍ୟୁପରେ ଲୋକଙ୍କ ସାମ୍ନାରେ ଦେଖେଇ ହୋଇ ଏତେ ଭୋଜିଭାତ କରି ଖୁଆଇବାର ଯଥାର୍ଥତା କ'ଣ ? ପ୍ରେତ କର୍ମ ନ କଲେ ବାପା ମା'ମାନେ ସତରେ କ'ଣ ଆସି ତମକୁ ପଚାରିବେ – ହଇରେ ପୁଅ, ତୁ ମୋତେ ଭୁଲିଗଲୁ କେମିତି ? ମୋ ଆତ୍ମା ଶାନ୍ତି ପାଇବ କେମେତି ?

ସେଇ ଭୟ ଯୋଗୁ ଭଲରେ ପାଳିଦିଅ ପ୍ରେତ କର୍ମ ମୃତ୍ୟୁପରେ ପଛକେ ବଞ୍ଚିବା ବେଳେ ସେମାନଙ୍କ ମନକୁ ମାରିଦେଲେ କି ଚିନ୍ତା ? ଏବେ ଆଉ ସେ ଶ୍ରବଣ କୁମାର ଯୁଗ କି ରାମଙ୍କ ଯୁଗ ନାହିଁ ଯେ ପିତାଙ୍କ ଆଜ୍ଞାକୁ ଅବଜ୍ଞା କରିବ । ଶ୍ରବଣ କୁମାର ଭାର କରି ପିତା ମାତାଙ୍କୁ ନେଇ ଯାଇଥିଲେ । ପ୍ରଭୁ ଶ୍ରୀ ରାମଚନ୍ଦ୍ର ପିତୃ ସତ୍ୟ ପାଳନ ପାଇଁ ଚଉଦ ବର୍ଷ ଅରଣ୍ୟରେ ନିର୍ବାସନ ହେଲେ ମୁନି ଋଷିଙ୍କ ପରି ଜୀବନ ଜୀଇଁ ରାଜଭୋଗ ତ୍ୟାଗ କରି । ଏବେ ଏ ଯୁଗର ପୁତ୍ରମନେ ନିଜ ସ୍ୱାର୍ଥପାଇଁ ପିତାମାତାଙ୍କୁ ଅବହେଳା କଲେ ମଧ୍ୟ ଅନୁଶୋଚନା ନାହିଁ । ଏଇ ତ ଦୁଃଖ ଆମ ସମାଜରେ ବାଦଲ୍ ପରି ଘୋଟି ଆସୁଛି ଦିନକୁ ଦିନ । ତାର ନିରାକରଣ ପାଇଁ କି ଚେଷ୍ଟା କରିବ ? ଓଲଟି ଶୁଣିବ ଆମ ପାଖରେ ସମୟ କାହିଁ କାହାକଥା ବୁଝିବାକୁ ?

ସମସ୍ତେ ଏବେ ଘୋଡ଼ା ଦଉଡ଼ରେ ଭାଗ ନେଇ ମୁଣ୍ଡରେ ହଜାରେ ବ୍ୟଥା ପଶେଇଲେ ସୁଦ୍ଧା ବାପାମା' ମାନେ ଚୁପ୍ ରହିବା ଶ୍ରେୟ ମଣୁଛନ୍ତି । ସେମାନେ ପିଲାଙ୍କ ଲାଳନପାଳନ କଥା ମନେ ପକାଇ ଭାବୁଛନ୍ତି – ସତରେ ଏମିତି ଘଟିବ କିଏ ଜାଣିଥିଲା ?

ଏବେ ଶାଶୁଶ୍ୱଶୁରଙ୍କ ପାଇଁ ରାନ୍ଧି ଗଣ୍ଡେ ଖୁଆଇବାକୁ ବୋହୂମାନଙ୍କ ପାଖରେ ସମୟର ଭାରି ଅଭାବ ସତେ ଯେମିତି ! ମନର ବିବେକ ଓ ସହାନୁଭୂତିର ଅଭାବକୁ କିଏ ଆଉ ଖୋଜୁଛି ନିଜ ଭିତରେ କି ? ଏବେ ତ ଦାମୀ ମୋବାଇଲ୍ ଭିତରେ ସାରା ପୃଥିବୀର ଦୃଶ୍ୟ କଏଦ ହୋଇ ରହିଛି ଯେ ସୁଇଚ୍ ଚିପିଦେଲେ ମନୋରଞ୍ଜନର ଖୋରାକ ସାଙ୍ଗେ ସାଙ୍ଗେ ମିଳିଯାଉଛି । ସମୟ କାହିଁ ମନରେ ଅନ୍ୟମାନଙ୍କ ବିଷୟରେ ଭାବିବାକୁ ? ନିଜ ଜୀଇଁବା ଆଗ ଚିନ୍ତା କର । ସ୍ୱାମୀଙ୍କ ହାତରେ ମୋବାଇଲ୍, ପିଲାମାନଙ୍କ ହାତରେ ମୋବାଇଲ୍ ପାଟି ଚୁପ୍ କରି ରହିବା ପାଇଁ ଦେଖିଲା ପରେ ସେଠି ଉପସ୍ଥିତ ମା'ଟିର କି ସ୍ତ୍ରୀଟିର ବିବେକ କିପରି ସହ୍ୟକରେ ନିଜ ସନ୍ତାନଙ୍କୁ ଖରାପ ଦିଗକୁ ଟାଣିନେବାକୁ ବୋଲି ସୁଷମା ବୁଝିପାରେନି । ଏ ସବୁ ଆୟୁଷ ମାତ୍ର କେଇବର୍ଷରେ ସୀମାବଦ୍ଧ ହୋଇଥାଏ । ଅଥଚ ପିଲାଟିର ଜୀବନର ମୂଲ୍ୟ ଓ ସେ ଜୀବନଟି ଯେ ଦୀର୍ଘ ବର୍ଷର ବୋଲି ଭାବିପାରୁ ନାହାଁନ୍ତି କେମିତି ?

"କହିଲେ କୁଳ କୁଟୁମ୍ବକୁ ଲାଜ" ବୋଲି ଘରକଥା ପଦାରେ ବିକିବେ ନାହିଁ ପୂର୍ବ ପିଢ଼ିର ମଣିଷମାନେ ।

ହଁ, ବୋଉର କାମ ଭିତରକୁ ପଶି ଆସିଲାଣି ଜେଜେମା'ର କଥା । ସେତେବେଳେ ବୟସ୍କ ହେଲାପରେ ସେ ବୋହୂର ସେବା ଓ ଗୋଡ଼ଘଷା କି ମୋଡ଼ା ଖାଇବ ରାତିରେ ନିଶ୍ଚୟ । ନଚେତ୍ ବୋହୁଟି ଭଲ ନୁହେଁ ଯତ୍ନ ନେବାରେ ବୋଲି କହିବାକୁ ଖରାପ ଲାଗିବ ନାହିଁ ଶାଶୁଟିକୁ । ସୁଷମା ଦେଖେ କେବେ ଯଦି ବୋଉ ଟିକିଏ ଶୋଇପଡ଼ି ଥିବ ଭଲ ସପଟିଏ ପକେଇ ତେବେ ଡାକୁଥିବ – ମୋତେ ପାଣି ଟିକିଏ ଦିଅଲୋ ବୋହୂ !

ସୁଷମା ଯଦି ସେଠି ପଢୁଥାଏ ଅଗଣା ବାରଣ୍ଡା ଉପରେ ତେବେ ଉଠିଯାଇ ପାଣିଗ୍ଲାସ୍‌ଟିଏ ପିତଳ ଗରାରୁ ଢାଳି ଦେଇ ଥାଏ । କହିଥାଏ– ଜେଜେମା', ଏଠି ଗରାରେ ପାଣି ଅଛି, ଗ୍ଲାସ ରଖାଯାଇଛି । ଟିକିଏ ଗରାଟିକୁ ଅଣେଇ ଦେଲେ ପାଣି ଆସିଯିବ । ତଥାପି ତୁ ବୋଉକୁ ଡାକୁଛୁ କାହିଁକି ?

ଚୁପ୍ ରହେ ଜେଜେମା' । ସେ ନାତୁଣୀକୁ ବହୁତ ଭଲ ପାଏ ଝିଅଙ୍କଠାରୁ ମଧ୍ୟ । ତେଣୁ କିଛି ନ କହି ଚାଲିଯାଏ । ଜେଜେମା'ର ନାତୁଣୀ ପ୍ରତି ଭଲ ପାଇବା ଏତେ ଯେ ସେ ତାର ପ୍ରତି କଥା ଶୁଣିଥାଏ । ଏପରିକି ସୁଷମା ସ୍କୁଲରେ ପଢ଼ିଲା ବେଳେ ଜେଜେମା'ର ଗୁଡ଼ାଖୁ ଘଷା ବନ୍ଦ କରିବାକୁ ଲୁଚେଇ ଦେଇଥିଲା ଗୁଡ଼ାଖୁ ଡବା ଓ କହିଥିଲା– ଆଜିଠାରୁ ତୋର ଗୁଡାଖୁ ଘଷା ବନ୍ଦ । ପେଷ୍ଟ ଘଷିବୁ ଭଲ ନ ଲାଗିଲେ ।

ସେଦିନ ମଧ୍ୟ ଚୁପ୍ କରି ଘଷିବା ପୂର୍ବରୁ ଜେଜେମା' କହିଥିଲା– ଥରେ ଘଷିଲେ କ'ଣ ଦେହକୁ ଖରାପ କି ?

– ମୁଁ ପରା କହୁଛି ଗୁଡ଼ାଖୁ ଦେହପକ୍ଷେ ହିତକର ନୁହେଁ । ଆଇ ତ ଘଷୁନି ଗୋଡ଼ରେ ଗୁଡ଼ାଖୁ ଦଳୁଛନ୍ତି ବୋଲି । ତୋର ଏବେ ଘଷିବା ଛାଡ଼ିବା ଦରକାର । କାରଣ ତୋ ପେଟ ରୋଗ ପାଇଁ ଏହି ଘଷିବା ବହୁତ ଖରାପ ।

– ସମସ୍ତେ ଘଷୁଛନ୍ତି ପରା !

– ଯିଏ ବୁଝି ନ ପାରିବ ସେ ଘଷିବ । ତୁ ମୋତେ ଯଦି ଭଲ ପାଉଛୁ ଛାଡ଼ିଦିଏ ଏହି ନିଶା ।

ସେଦିନ ସୁଷମା ଜାଣିପାରିଲା ତା ଜେଜେମା'ର ଭଲ ପାଇବା

ମାତ୍ରା ଏତେ ପ୍ରବଳ ଯେ ସେ ଆଉ ଗୁଡ଼ାଖୁ ଛୁଇଁଲା ନାହିଁ ଯଦିଓ ସେଠି ଗୁଡ଼ାଖୁ କରାଟଟି ଥିବ । ସେଥିପାଇଁ ତ ସେ ମରିବା ପୂର୍ବର ତାର ଜୁଇ ଜଳୁଥିବା ଦୃଶ୍ୟ ସ୍ୱପ୍ନରେ ଦେଖି ଥିଲା ବାରଘଣ୍ଟା ପୂର୍ବରୁ । ଏତେ ଭଲପାଇବା ଆଉ ଏବେ ମିଳିବନାହିଁ କେଉଁଠି ! ସିଏ ତା ସବୁ କଥାକୁ ବିଶ୍ୱାସ କରିଥାଏ ।

ଜେଜେମା', ବାପା, ବୋଉ ଏବେ ଆଉ ଦୁନିଆରେ ନାହାନ୍ତି । ସେମାନଙ୍କ ସ୍ମୃତିର ମୁହୂର୍ତ୍ତଗୁଡ଼ିକ ମନ ଭିତରେ ପଶିଗଲେ ଆଖିରୁ ଲୁହ ଗଡ଼ିଯାଏ ।

ସୁଷମା ଝିଅଟିଏ ହୋଇ ଜନ୍ମ ହୋଇ ବୋଉ, ଜେଜେମା', ବାପାଙ୍କ ପାଇଁ କି କର୍ତ୍ତବ୍ୟ କରିଛି କି ? କୋଡ଼ିଏ ବର୍ଷରେ ବିବାହ କରି ସ୍ୱାମୀଙ୍କର ଓ ଶାଶୁଘର କଥା ଭିତରେ ପିଲାଦିନର ସ୍ମୃତିସବୁ ସିନ୍ଦୁକ ଭିତରେ ତାଲା ମରାହୋଇ ରହିଥିଲେ । ଏବେ ଅପରାହ୍ନ ବୟସରେ ସେହି ସ୍ମୃତିର ବାସ୍ନାରେ ମନଟି ମଧ୍ୟ ପିଲାଟିଏ ପରି ହୋଇଯାଉଛି ଯେମିତି କିଛି ଲେଖିଲା ବେଳେ । ଯାହାହେଉ ସ୍ମୃତିକୁ ନେଇ ଜୀବନ ତ ଖୁବ୍ ତାଜା ଓ ମଧୁର ଲାଗୁଛି ।

ସ୍ମୃତି ଭିତରେ ଦିଶିଯାଉଛି ପିଲାଦିନେ ଘରେ ଆତଯାତ ହେଉଥିବା ମୁହଁଗୁଡ଼ିକ । ଶୁଭୁଛି – ସାଉଆଣୀ ବେଗି ବାଢ଼ିଦିଅ, ଆମେ ଭାଡ଼ିକୁ ଯିବୁ ।

ବୋଉ ସ୍ୱର ଶୁଣାଗଲାଣି – ଖଲି ବିଡ଼ାରୁ ଖଲି ଆଣି ଅଗଣାରେ ପିଢ଼ା ପକେଇ ବସ । ମୁଁ ଗରମ ଗରମ ଭାତ, ଡାଲି, ଭଜା ବାଢ଼ି ଦେଉଛି । ତମମାନଙ୍କ ପାଇଁ ପରା ସନ୍ଧ୍ୟା ବେଳେ ରୋଷେଇ କରି ଦେଇଛି । ରାତି ରୋଷେଇ ହୋଇନି । ଲଣ୍ଠନ କାଚ ପୋଛି କିରୋସିନି ପକେଇ ବୁଢ଼ିଆ କଣ୍ଟାରେ ଓହଳେଇଛି । ଦୁଇଜଣ ଦୁଇଟା ଲଣ୍ଠନ ଲଗେଇ ଦେବ । ଭଲ ଗାମୁଛା ଆଣିଛ ତ ? ମୁଢ଼ି ଉଖୁଡ଼ା ବାନ୍ଧି ନେଇ ଭାଡ଼ିରେ ବସି ଖାଇବ ।

ବୋଉ ଲଟରପଟର ହୋଇ କଂସା ନେଇ ହାଣ୍ଡିଶାଳେ ହାତ ଧୋଇ ପଶିଥାଏ । କଂସାରେ ଭାତ ଚପି ଚପି ଆଣି ସେମାନଙ୍କ ଖଲି ପତ୍ର ଦୁଇଟାରେ ଢାଳି ଦିଏ । ପୁଣି ଅନ୍ୟ କଂସା ବେଲାରେ ଡାଲି କି ଡାଲମା ଆଣି ଢାଳି ଦିଏ ଭାତ ମଝିରେ ମଳାଟିରେ । ପୁଣି ହାଣ୍ଡିଶାଳରୁ ଆଳୁ ବାଇଗଣ ଭଜା କି ଅନ୍ୟ ଭଜା ମେଞ୍ଚାଏ ଆଣି ଢାଳିଦିଏ । ଜଣେ ହଳିଆ ଦୁଇଟା ଖଲିକୁ ଯୋଡ଼ି ପକେଇ ଥାଆନ୍ତି । ହଳିଆ ଲୋକଙ୍କ ଖାଦ୍ୟ କାହାର କେତେ ଖାଇଲେ ପେଟ ପୁରିବ ବୋଉ ଜାଣିଥାଏ । ତେଣୁ କୁହେ ଖୁଡ଼ୀଙ୍କୁ – ତାକୁ ତିନି କଂସାରୁ ଅଧିକା ଭାତ ଦେବୁ ପରିଷିବାବେଳେ । ତୁ ନୂଆବୋହୂଟା ବୋଲି ତତେ ଲାଜ କରିପାରନ୍ତି ।

ବୋଉ ହାଣ୍ଡିଶାଳ ବାହାରେ ଠିଆହୋଇ ସେମାନଙ୍କ ଖାଦ୍ୟକୁ ତଦାରଖ କରେ ପେଟ ପୁରିଲା କି ନାହଁ । ସେଥିପାଇଁ ସମସ୍ତେ ବୋଉକୁ ପ୍ରଶଂସା କରନ୍ତି ତା ମୃତ୍ୟୁପରେ ମଧ୍ୟ । ବୋଉ ସମସ୍ତଙ୍କ ମନ ଜାଣି କାମ କରେ । ବଡ଼ଘରର ଝିଅ ଯୋଗୁ ଲୁଚଛପାରେ ଖାଇ ନିଜ ପେଟ ଚିହ୍ନି ବସିବା ଘର ଝିଅ ସେ ନୁହେଁ ।

ଶୀତ ଦିନ । କାର୍ତ୍ତିକ ମାସ କି ମାର୍ଗଶିର ମାସରେ ହଳିଆ ବାଧ୍ୟ ହୁଅନ୍ତି ଗହୀର ମଝିରେ ବାଉଁଶ କାଠରେ ଉପରକୁ ଟେକି କରିଥିବା ଛୋଟ କୁଡ଼ିଆ ଋଳଘରକୁ ରାତିରେ ଯାଇ ଧାନ କିଆରି କି କଟା କଳେଇ ଜଗିବା ପାଇଁ । ସେମାନଙ୍କୁ ଭଲରେ ଖାଇବାକୁ ଦେବାବେଳେ ବୋଉ କୁହେ– ରାତିରେ ଭାଡ଼ିରେ ବେଶି ଶୀତ ହେବ ଗହୀର ମଝିରେ ।

– ସାଉଆଣୀ ! ତମେ ଦେଇଥିବା ଜଣକୁ ତିନୋଟି କନ୍ଥା ମଧ୍ୟ ଶୀତ ସମ୍ଭାଳିଲା ନାହିଁ । ଆମେ ଭାଡ଼ିର ପାଳ ଉପରେ କାଗଜ କାର୍ଟୁନ ପାରିଦେଲୁ । ଚିନି ବସ୍ତାକୁ ମଧ୍ୟ ଘୋଡ଼େଇ ହୋଇଗଲୁ । ଗହୀର ମଝିରେ କେତେ କେତେ ଦୂରରେ ଗୋଟିଏ ଗୋଟିଏ ଭାଡ଼ି । ତେଣୁ କାହାକୁ ଡାକିଲେ ଶୁଣାଯିବନି । ନିଜ ସୁବିଧା ଦେଖି ଶୋଇଲା ବେଳକୁ ମଧ୍ୟ ନିଦ ବାରମ୍ବାର ଭାଙ୍ଗିଯାଉଛି କେଉଁଠି ଖସ୍ ଖସ୍ ହେଲେ । ବିଲୁଆମାନେ ରାତିସାରା ପାଟିରୁ ନିଆଁହୁଳାରେ ଦଉଡୁଛନ୍ତି ଏ ବିଲର ହୁଡ଼ାରୁ ସେ ବିଲ ହୁଡ଼ାକୁ । ଓଧ ନଡ଼ିଆ ଗଛରେ ଚଢ଼ି ପଇଡ଼ପାଣି ପିଇ ଡେଉଁଛି ।

– ସତର୍କ ହୋଇ ରହିଥିବ ।

– ଭାଡ଼ିଟି ଉପରେ କରିଛୁ । ତା ତଳେ ଲଣ୍ଠନଟି ଜାଳି ରଖୁଛୁ ରାତିସାରା । ଭାଡ଼ିର ଗୋଟିଏ ପଟେ ପୁରା ନିବୁଜ କରି ଦେଲେ ଶୋଇ ହେଉଛି ଟିକିଏ । ସେଠି ଚୋରକୁ ଜଗିବୁ ନା ଶୋଇବାକୁ ଯିବୁ ଭାବି ନିଦ କାହିଁ ଆଖିରେ ? ପାଖରେ ବଡ଼ ଠେଙ୍ଗା ଥିଲେ କାହାକୁ ଆଉ ଡର କି ?

ସେମାନେ ଜୀବନକୁ ପାଣି ଛଡ଼େଇ ଗହୀର ମଝିରେ ଯାଇ ଶୁଅନ୍ତି ସାଉକାରଙ୍କର ଧାନ କିଆରୀର ଫସଲ ଜଗିବା ପାଇଁ । ସେମାନେ ଯଦି ସେଠୁ ନିଜ ଘରକୁ ରାତିରେ ଚଲିଯିବେ ତେବେ କେଉଁ ସାଉକାର ଦେଖିଯାଉଛନ୍ତି କି ? ସେମାନେ ନଥିଲେ ଅବିଶ୍ୱସ୍ତ ହଳିଆ । ଘରେ ଟଙ୍କା ସୁନା ପଡ଼ିଥିଲେ ମଧ୍ୟ ଉଠେଇ ଦେଇ ବୋଉକୁ ଦେବେ । ଘରେ ପଛକେ ଭାତ ଖାଇବାକୁ ନ ଥିବ ତଥାପି ସ୍ୱାଭିମାନ ଥିବା ଯୋଗୁ କହିବେ ନାହିଁ "ଖାଇ ଆସିନୁ" । ପେଟ ଦେଖି ପରଷିଥାଏ ବୋଉ । କୁହେ– ଏମାନଙ୍କ ଯୋଗୁ ଜମିରୁ ଆମେ ଧନ ମୁଗ ବିରି ଆଣୁଛେ । କେତେ କାମ ଏମାନେ କରୁଛନ୍ତି ଆମ ପାଇଁ କେବଳ ଧାନ କି ଟଙ୍କାର ବିନିମୟରେ । ଏମାନଙ୍କ ପେଟ ନ ଚିହ୍ନିଲେ ସେମାନଙ୍କ ମନ ଲାଗିବ କାମରେ କେମିତି ? ଭାଡ଼ି ଶୁଆ କେତେ କଷ୍ଟ । ଏମାନେ ଯାଇ ଠେଙ୍ଗା ଧରି ଅନ୍ଧାର ଗହୀର ମଝିରେ ସାଉକାରଙ୍କ ଫସଲକୁ ଜଗିବା ବଡ଼ ଉପକାର । ତମେମାନେ ଉହ୍ଲେଇ ପାଖରେ ବସି ଖାଉ ଖାଉ ଶୀତରେ ଥରୁଛ । ରାତିରେ କମ୍ବଳ ରେଜେଇ ଘୋଡ଼ିହୋଇ ଶୋଇଲେ କହୁଛ "ଶୀତ ଲାଗୁଛି" । କାଲିକୁ ଆଉ କିଛିଟା କନ୍ଥା ଓ କମ୍ବଳ ସେମାନଙ୍କୁ ଘୋଡ଼ିହେବା ପାଇଁ ଦେବି । ଜାଡ଼ ବେଶି ହେଲାଣି କହି ବୋଉ ବଡ଼ ସିନ୍ଦୁକ ଖୋଲି ସଫା କମ୍ବଳ ଓ କନ୍ଥା ବାହାର କରିଥାଏ । ଆଉ ଦୁଇଟା ଖଜୁରୀ ପଟି ଆଟୁ ଉପରୁ କାଢ଼ିଥାଏ ହଳିଆଦ୍ୱାରା । ତାର ନିଜଠାରୁ ସେମାନଙ୍କ ପାଇଁ ବେଶୀ ଚିନ୍ତା । ଭୋରରୁ ଉଠି ରାତି ଦଶଟା ଉପରେ କି ଏଗାରଟା ପର୍ଯ୍ୟନ୍ତ ପାଣି ହାତ ହୋଇ ମଧ୍ୟ ଥଣ୍ଡାକୁ ଭୁଲିଯାଇଥାଏ ଯେମିତି । ନିଜ ଖାଇବା ଓ ସୁବିଧାଛାଡ଼ି ବୋଉ ଅନ୍ୟମାନଙ୍କ ପାଇଁ ଜୀବନ ଉତ୍ସର୍ଗ କରିଦେଲା ପଛକେ କେବେ କାହାକୁ ମୁହଁ ଉପରେ ରାଗି

ପଦେକଥା କହିବାର ସୁଷମା ଶୁଣିନି । ଏତେ ସ୍ନେହ ଶ୍ରଦ୍ଧାରେ ଭାରି ହୋଇଥିବା ନାରୀଟିଏ ଆଜିକାଲି ଦୁର୍ଲଭ ମଧ୍ୟ ।

ଏବେ ଗାଁରେ ଆଉ ପଟା ଭାଡ଼ି କି ଶିକା କିଛି ନାହିଁ ଭାଇ ଘରେ । ଜମି ବାଡ଼ି ଭାଗ ଋଷରେ ଅଛି ଯେ ଆଉ ହଳହଳିଆ ମୂଲିଆ ନାହାଁନ୍ତି ଯେ ଗହୀର ମଝିରେ ଜାଡ଼ ଶୀତରେ ଶୋଇବେ । ସବୁ ବଦଳିଗଲାଣି ଘରର ଚଳଣୀ କେତେକାଂଶରେ । ତଥାପି ଗାଁରେ ଥିବା ଭାଇ ଭାଉଜ ବାପା ବୋଉଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଘରର ପରମ୍ପରା ଓ ରୀତି ନୀତିରେ କିଛି ବାଟ ଅତିକ୍ରମ କରିପାରନ୍ତି । ତାର ପରପିଢ଼ି ଏସବୁ ଭୁଲିଯିବ କି ମନେରଖିବ ସମୟ କହିବ ।

ଏବେ କେତେ ଜମି ହାତଛଡ଼ା ହେଲାଣି ଭାଗ ବଣ୍ଟାରେ । ଯାହା କିଛି ଅଛି ସେଠି ଏବେ ଆଉ ଧାନ କଟା ସରିବା ପରେ ଜମିରେ ଗୁଡ଼, ଘିଅ, ନଡ଼ିଆ, ବାସନା ଋଉଳ ଦେଇ ଜାଉ ହେଉନି ହଳିଆ ମୂଲିଆ ଖାଇବା ପାଇଁ । ସେହି ମୁହୂର୍ତ୍ତକୁ ସୁଷମା ଅନୁଭବ କରିଛି ପିଲାଦିନେ । ଦୂରରୁ ଗରିବଘର ଝିଅମାନେ ବୋଝଧରି ଧାନଶିଂସା ଜମିରୁ ଜମି ବୁଲି ଗୋଟାଉଥିବା ଦେଖି ଭାବେ ଗରିବର ଦୁଃଖ ଅନେକ । ଏହି ଧାନଶିଂସା ନେଇ ଋଉଳକରି ବୋଧେ ଭାତ ରାନ୍ଧି ଖାଇବେ କି ? ଖଳାରେ ଭୋରଭୋରରୁ ବେଙ୍ଗଳା ପଡ଼ିବା କଳେଇ ଦେଖିଛି । କେମିତି ଧାନ ଆଦାୟ ହୋଇଥାଏ ତାର ଦୃଶ୍ୟ ମଧ୍ୟ ଆଖିରେ ଅଛି । କେତେବେଳେ କେମିତି ହଳିଆଙ୍କୁ ଖାଇବାକୁ ଡାକିବାକୁ ବାଡ଼ିପଟକୁ ଗଲାବେଳେ ଏପରି କାର୍ଯ୍ୟରେ ଆଖି ପଡ଼ିଯାଇଥାଏ । କାହିଁକି କେଜାଣି ମକର ମା'ଙ୍କ ଋଳଘର ଆଟୁରେ ବସି ତାଙ୍କ ଝିଅ ସହ କଣ୍ଢେଇଖେଳ ଖେଳିବାକୁ ଭଲ ଲାଗେ କହି ହେବନି ।

ପିଲାଦିନ ଗଲାଣି କେତେ ବର୍ଷ ପୂର୍ବରୁ । ଏବେ ବୟସର ଅପରାହ୍ନରେ ତଥାପି ନିଶ୍ଚିହ୍ନ ହୋଇନି ସେଦିନର ଦୃଶ୍ୟ ଆଖିର ପଲକରୁ । ଆଜି ଆମେ ଆଗେଇ ଯାଇଛେ ବୈଜ୍ଞାନିକ ବିଭିନ୍ନ ଉପକରଣ ବ୍ୟବହାରରେ । ଦୌଡୁଛେ ଚନ୍ଦ୍ର ଓ ସୂର୍ଯ୍ୟଙ୍କ କିରଣକୁ ହାତରେ ଧରିବାକୁ । କୁଆଡ଼େ ଗଲା ପୁଚି କି ଦଉଡ଼ି ଡିଆଁ ଖେଳ କି ପର୍ବ ପର୍ବାଣୀର ପିଠାର ସ୍ୱାଦ ? ଆମେ ଏବେ ସସ୍‌କୁ ପ୍ରତିଦିନ ସାଥିକରି ସାରିଛେ ଖାଦ୍ୟରେ ଯେମିତି ! ଆମେ ବହୁତ ଆଧୁନିକ ହୋଇ ଦୋକାନ ବଜାରରେ ଆପଣେଉଛେ ବିଦେଶୀ ଖାଦ୍ୟଗୁଡ଼ିକୁ ଅତି ଆଗ୍ରହରେ ଏବର ସ୍ୱାଭିମାନକୁ ସତେ ଯେମିତି ରକ୍ଷାକରି ? ପୂଜାପର୍ବ ଦିନରେ ଆମିଷ ଭକ୍ଷଣର ବୈଜ୍ଞାନିକ କାରଣ ଖୋଜୁଛେ ସତେ ଯେମିତି କୁସଂସ୍କାର ସାଙ୍ଗରେ ଆମେ ସବୁ ରଢିବାଦୀ ଚିନ୍ତାରେ କବଳିତ ହୋଇଅଛୁ ।

ଦାଣ୍ଡ ହାଟରେ ଦେହ ଦେଖାଇ କି ଅଙ୍ଗପ୍ରଦର୍ଶନ କରି ଡେଇଁଲେ କି ବୁଲିଲେ ଆଉ ଲାଜ ସରମ ନାହିଁ ବୋହୂ ଓ ଝିଅଙ୍କୁ । ଏବେ ସେମାନେ ମଡ଼ର୍ଣ୍ଣ ଯୁଗର ନାରୀ । ସେମାନେ କ'ଣ ପଛୁଆ ପଡ଼ିଯିବେ କି ? ଧନ୍ୟ ତମର ମାଗି ତିଅଣ ଖାଇବାର ସ୍ୱାଦର ପ୍ରଚେଷ୍ଟା ? ଖାଇ ଯାଉଛ ମନ ଭରି ନିଜ ମୁଣ୍ଡକୁ ବିଛା କାମୁଡ଼ିଲା ପର୍ଯ୍ୟନ୍ତ । ଶିଖିବାକୁ ଅଛି ଅନେକ ଭାରତୀୟ ଶିଷ୍ଟାଋର ଓ ପରମ୍ପରାର ନୀତି ନିୟମ । ତମେ ନ ମାନିଲେ କିଏ ଆଉ ତମକୁ ଜୋର କରି ବୁଝେଇ ପାରିବେନି । ତମର ଅନୁଶାସନରେ ତୁମ ସନ୍ତାନର ବ୍ୟବହାର ଯେ ଭବିଷ୍ୟତ ପାଇଁ ନିହିତ ହୋଇ ରହିଛି ଭାବ ଟିକିଏ । ଭବିଷ୍ୟତରେ ତାଙ୍କୁ ଅଙ୍ଗୁଳି ଦେଖାଇଲା ବେଳେ ସେ ତମ କଥା ମାନିବ କେମିତି ? ଜାଣୁଛ ଯୁଗ ବଦଳିବା ସହିତ ଆମର ଋଲିଚଳଣ ବଦଳିଗଲାଣି । କିନ୍ତୁ ଲଜ୍ଜା ବୋଲି ଗୋଟିଏ ଗୁଣ ବଦଳି ଯାଉନି । "ହାତେ ମାପି ଋଖଣ୍ଡେ ଋଲ" ନୀତି ରହିଛି । ଘର ପରମ୍ପରାକୁ ଦଳିଦେଇ ତମମାନଙ୍କ ଭାବନାରେ ପାଶ୍ଚାତ୍ୟ ମୋହ ବେଶୀ ବଢ଼ି ଗଲାଣି ବୋଲି ନିନ୍ଦା କରନି ପୂର୍ବପିଢ଼ିକୁ କି ଅଣଦେଖା କରନି ପିତା ମାତା କି ଗୁରୁଜନମାନଙ୍କ କଥାକୁ !

- ଯାଅ, ପିଲାମାନେ ଆସିଲେଣି । ଶୁଣାଗଲା ସୁଷମାକୁ ସ୍ୱାମୀଙ୍କ କଥା । ସେ ପାହାଚରେ ଆସ୍ତେ ଆସ୍ତେ ଯାଇ କବାଟ ଖୋଲିଲା ବେଳେ ଶୁଣାଗଲା ଡ୍ରାଇଭରର କଥା - ନିଅନ୍ତୁ ମ୍ୟାଡ଼ାମ୍, ଏ ଜିନିଷଗୁଡ଼ିକ । ଆପଣଙ୍କ ବରାଦ ମୁତାବକ ଦୋକାନୀ ସବୁ ସଜାଡ଼ି ରଖିଥିଲେ ।

ସୁଷମା ଏବେ ଆଉ ସାତ ଆଠ କେଜି ଜିନିଷ ଟେକିନେଇ ଯାଇପାରିବନି ଉପର ମହଲାକୁ । ତେଣୁ କହିଲା- ଏଠି ରଖିଦିଅ ।

ଏହା ଶୁଣି ସ୍କୁଲରୁ ଫେରିଥିବା ଆଠବର୍ଷର ନାତୁଣୀଟି କହିଲା- ଜେଜେମା', ତମେ ପୂଜା ଜିନିଷ ନେଇଯାଅ, ମୁଁ ବାକି ଜିନିଷ ନେଇ ରଖିଦେବି ଉପରେ ।

- ନା, ହାତ କାଟିବ ।

- ମୋ ହାତ କାଟିବ ନାହିଁ ।

- ଛାଡ଼େ, ମୁଁ ଡାଲି ଓ ମଟର କାଢ଼ିଦିଏ । ପରେ ଗୋଟିଏ ଗୋଟିଏ କରି ନେଇଯିବି ।

ନାତୁଣୀ ବାକି ଜିନିଷ ଆଣି ରଖିଦେଇ ସ୍କୁଲ ଡ୍ରେସ୍ ବଦଳେଇବାକୁ ଋଲିଗଲା । ଯାହାହେଉ ସ୍କୁଲରେ ମଧ୍ୟ ଏବେ ଶିକ୍ଷା ଦିଆଗଲାଣି ଘରର ସଦସ୍ୟମାନଙ୍କୁ ଦରକାର ବେଳେ ନିଜ ସକ୍ଷମ ଅନୁସାରେ ସାହାଯ୍ୟ କରିବ । ଆଜି ମୋ ନାତୁଣୀର ବ୍ୟବହାର ଦେଖି ଭାବୁଥିଲି ଆମ ଦେଶରେ ପିଲାଙ୍କର ଏବେ ମଧ୍ୟ ବିବେକ ହଜିଯାଇନି । ନିଜ ଭିତରେ ଲୁକ୍କାୟିତ ହୋଇ ଅନେକ ଭଲଗୁଣ ଭରି ରହିଛି । ତାକୁ ଟିକିଏ ଚେତେଇ ଦେଲେ ହସି ଉଠିବ ପରିବାରର ସଂଜ୍ଞା ଓ ମହତ୍ତ୍ୱ ।

ସୁଷମା ଆଖିରେ ଦୃଶ୍ୟମାନ ହେଲା ଜେଜେମା'ର ଟିକିଏ ହସିବା ମୁହଁଟି । ତାର ଅବର୍ତ୍ତମାନରେ ମଧ୍ୟ ସେ ତା ସ୍ମୃତିର ଧାରାରେ ଜୀବନ୍ତ ହୋଇ ଆଶୀର୍ବାଦ ଯେମିତି ଢାଳି ଦେଉଛି ତା ଉପରେ ତା ଜୀବନରେ ସୁଖ ଶାନ୍ତି ଭରିଦେବା ପାଇଁ !

*ଅନ୍ୱେଷଣ, ୫୨/ଫେଜ୍ -୨, ଭାଗବତ ସନ୍ଧାନ କଲୋନୀ*
*ଜି.ଜି.ପି., ଭୁବନେଶ୍ୱର - ୭୫୧୦୨୫*
*ଦୂରଭାଷ: ୬୩୭୧୮୧୩୬୫୫*

# କପେ ଚା

ବିଜନବାଳା ପାଟଯୋଷୀ

ମହେନ୍ଦ୍ର ଚାରିଟା ପାନ କିଣିଲା। ପକେଟରେ  ଭରିଲା। ସେଇ ଚିରପରିଚିତ ବେଞ୍ଚରେ ବସିଲା। ଖରା ମୁଣ୍ଡେଇ ଆସିଲାଣି। କେତେଟା ବାଜୁଥିବ!! ମୁଣ୍ଡ ଉପରେ ଖରା ତ..ଦିନ ବାରଟାହେଇଥିବ। ଦିନ ବାରଟାରେ ଲୋକ ପାର୍କରେ ବୁଲୁଛନ୍ତି, ଶଳେଙ୍କର  କିଛି କାମ ନାହିଁ । ଦିନ ଦି ପହରରେ କିଏ ବୁଲେ।

କେତେ କଥା କହିଲା ଆଜି କେତକୀ। ଏତିକି କହିଲା ତୁମେ କିଏ? କହିଲା, କାଲି ଆସିବ ନାହିଁ, ଦଶହରା ବୁଲିବାକୁ ଗାଁରୁ ଘରକୁ କୁଣିଆ ଆସିଛନ୍ତି। ମୋର ଫୁରୁସତ୍ ହେବ ନାହିଁ ତୁମ ସହିତ ଗପିବାକୁ ମନୁଭାଇ।

ମହେନ୍ଦ୍ର ବୁଝିପାରୁ ନ ଥିଲା ଯେ ଲୋକ ଗାଁ ରୁ ଆସିଛନ୍ତି ଯେ ତାର ଯିବାରେ ଅସୁବିଧା କେଉଁଠି? ସେ ବି ତ କୁଣିଆ କେତକୀ ପାଇଁ ତା ଯିବାରେ ଅସୁବିଧା କ'ଣ?

ଏମିତି ଆଗରୁ ବି ଥରେ ତୁମେ ରୋଜ୍ ରୋଜ୍ କାହିଁକି ଆସୁଛ ବୋଲି କେତକୀ ପଚାରିଥିଲା। ଏମିତି ପଚାରିଲେ କିଛି କହେ ନାହିଁ ମହେନ୍ଦ୍ର ଖାଲି ଟିକେ ହସେ। ଦାନ୍ତ ବି ଦେଖାଏ ନାହିଁ। କେତକୀ ଚା କପ୍ ଟିଏ ସାମ୍ନାରେ ରଖେ। ତା'ର ଚା କପ୍ ଟିଏ ଦେବା ମାନେ ତୁମେ ପିଅ ଆଉ ଯାଅ...

ମହେନ୍ଦ୍ର ଚା କପ୍ ଉଠାଇବାକୁ ପାଞ୍ଚ ମିନିଟ୍ ନିଏ ଆଉ ପିଇବାକୁ ପନ୍ଦର ମିନିଟ୍।

**ବେଳେ ବେଳେ ନିଜେ ଚା କପ୍ ଟିଏ ଆଣି ବସେ କେତକୀ। ଭଲ ଲାଗେ ତା ସାଙ୍ଗରେ ବସି ପିଇବା। ଯେବେ ତାକୁ ଚା'ଏକଲା ପିଇବାକୁ ଦିଏ ତ ମହେନ୍ଦ୍ର ପଚାରେ 'ତୁମେ ପିଇବ ନାହିଁ।' କେତକୀ ମୁଣ୍ଡ ହଲାଏ, 'ଏଇ ଲାଗେ ପିଇଥିଲି ପା । ତୁମେ ପିଅ'। ତାର ଏତିକି କଥା ବି ଭଲ ଲାଗେ ତାକୁ। କେତେ ମିଠା ତା କଥା। କେତକୀ କେତେ କଥା ଗପେ। ଗାଁ, ଘର, ତା ବନ୍ଧୁ ବାନ୍ଧବ, ତା ଶାଶୁ, ତା ଗହଣା, ତା ରୋଷେଇ, ତା ଝିଅର ଅଝଟପଣ। ସବୁ ଗପେ।**

ଚା କଣ ଥଣ୍ଡା ହେଲେ ପିଅନ୍ତି କେତକୀ ପଚାରେ।

ମୁଁ ଥଣ୍ଡା ଚା ପିଏନି ଜିଭ ପୋଡ଼ିଯିବ ନ ହେଲେ। ମହେନ୍ଦ୍ର କପ୍ କୁ ଅଣେଇ କରି ଶେଷ ତମ ତରଳ ଚା ବିନ୍ଦୁକୁ ବି ଶୋଷାଡେ। କେତକୀ ହସେ। ସେଇ ହସ ଟିକକ ବୋହି ମହେନ୍ଦ୍ର ଫେରିଆସେ ଘରକୁ।

କେତକୀ ପାଖକୁ ଯିବା ତାର ଗୋଟେ ନିତିଦିନିଆ ବ୍ୟାପାର  ନୁହେଁ। ସେ ଚାହେଁ ନିତିଦିନିଆ  ହେଉ ହେଲେ ହୁଏ  ନାହିଁ। କେବଳ ତିନି ଦିନ ସେ ଯାଏ ସପ୍ତାହରେ ସେଦିନ ଯେଉଁଦିନ ହାଟ ପାଳି। ଗଣି କି ରଖେ ବି କେବେ କେବେ ଯାଉଛି। ତା ଘରଠାରୁ କେତକୀର ଘର କାହିଁ ନା କାହିଁ ଦୂର। ତାର ସାଇକେଲ ଅଛି ଆଉ ସେ ନିତି ତାକୁ ପୋଛେ, ଚକାଚକ୍ କରେ। ଏକ ମାତ୍ର ସାହାରା ତାର ଏ  ସାଇକେଲ। ବଡ଼ ଅପା ତାକୁ ଟଙ୍କା ଦିଏ ଆଉ ବେଗ ଦିଏ କହେ ଶୀଘ୍ର ଯା ଭଲ ଭଲ ତାଜା ପରିବା ଆଣିବୁ ଗାଁ ହାଟ ପରା, ବଜାରରୁ ପରିବା କିଣି ସିଧା ଘରକୁ ଆସିବୁ। କୁଆଡ଼େ ହଜି ଯିବୁ ନାହିଁ। ମହେନ୍ଦ୍ର ସାମାନ୍ୟ ବି ଡେରି କରେ ନାହିଁ ବଜାର ଯିବାକୁ। ସେଇ ବଜାର ଯିବା ବାଟରେ ହିଁ କେତକୀର ଘର।

କେତକୀ ଗାଁ ପିଲା। ଏଇ ପାଖ ଗାଁକୁ ଏଇ ଏବେ ଆସି ରହିଛି ସେ। ବାହା ହେଇଥିଲା ଆଉ ତାପରେ ଦେଖି ନ ଥିଲା ସେ କେତକୀକୁ। ତା' ବର କ'ଣ ବ୍ୟବସାୟ କରୁଥିଲା ସେତେବେଳେ । ଏବେ ଗାଁ ପାଖକୁ ଆସିଛି ରହିବା ପାଇଁ ।

ସେ କଣ ଜାଣିଥିଲା କି କେତକୀ ଆସି ରହିଛି ଏଇଠି ବୋଲି। ସେଦିନ ସେଇ ହାଟରେ ଦେଖାହେଇଗଲା ତା ସାଥିରେ ଅଚାନକ। ସେ କଣ ଚିହ୍ନିପାରିଥିଲା କି ତାକୁ। ମନୁଭାଇ, ମନୁଭାଇ ବୋଲି କେଡେ ବଡ଼ ପାଟିରେ ହାଟ ମଝିରେ ଡାକିଲା ତାକୁ। ମନୁଭାଇ ତାର ଗାଁର ଡାକନାମ। ଆଶ୍ଚର୍ଯ୍ୟ ହେଇଥିଲା ମହେନ୍ଦ୍ର ତାକୁ ଦେଖି। କେମିତି ହାଟଟା ମଝିରେ କୁଦି ପକେଇଲା ବାଇଆଣିଟେ ପରି। କହିଲା ମୁଁ କେତକୀ .. କେତକୀ ଚିହ୍ନି ପାରୁ ନାହାନ୍ତି!! ଓଃ...କେତକୀ। ସେ ତ ସତରେ ଚିହ୍ନିପାରି ନ ଥିଲା। ଏଠିକି ମେଞ୍ଚଡ଼ଟିଏ ଥିଲା ସେ ଦେଖିଥିଲା ଯେବେ ଗାଁ ରୁ ବାହା ହେଇ ଶାଶୁ ଘରକୁ ଯାଇଥିଲା। ଏବେ ପୋଖତ ସ୍ତ୍ରୀଲୋକଟିଏ ପରି ଦିଶୁଛି। ଝିଅ ଗୁଡାକ ବେଶ୍ ଜଲଦି ବଡ଼ ହେଇ ଯାଆନ୍ତି ଆଉ ଯାହାକୁ ଚେପଟି ନାକୀ, କାଳିକୋତରି କୁହାଯାଏ, ବାହାସାହା ହେଇଗଲେ କେମିତି ସୁନ୍ଦରୀ ଦେଖା ଯାଆନ୍ତି। କେତକୀକୁ ଚିହ୍ନି ପାରି ନ ଥିଲା ସେ ସତରେ।

ନୀଲୁ ଅପା କେମିତି ଅଛନ୍ତି ?ତାଙ୍କର କିଛି ପିଲା ପିଲି ହେଲେ। କେତକୀ ପଚାରିଲା।

ନାହିଁ,ଅପାର ହେଇ ନାହିଁ। ଅପା କହିଲା ମୁଁ ତା'ର ପୁଅ। ମହେନ୍ଦ୍ର ନିଜର ନୁଆ ପରିଚୟ ଦେଉଥିଲା।

ହେଉ ମୁଁ ଯାଏଁ... ଆରେ ଆସିବ ଯଦି ଆସୁନ ଏଇଠି ପାଖରେ ଆମର ଘର। ଇୟେ ବା ଦୋକାନ ଦେଇଛନ୍ତି ହାଟ ମଝିରେ। ଏଇ ପାଖରେ ଘର। ଭଡ଼ା ଘର ମ। ଆସ।

କେତକୀ ଯେମିତି ଟାଣି ନେଇ ଆସିଲା ତା ଘରକୁ । କାହିଁକି କେଜାଣି ତାର ଏମିତି ଟାଣି ଆଣିବା ଭଲ ଲାଗିଲା ମହେନ୍ଦ୍ରକୁ। ନିଜର ନିଜର ଭାବ ଯେମିତି। ମହେନ୍ଦ୍ର ଯାଇଥିଲା କେତକୀ ସାଥିରେ ତା ଭଡା ଘରକୁ।

ସେଇ ଦିନ ଆଉ ଆଜି। କେତେ ଥର ସେ ଗଲାଣି କେତକୀ ଘରକୁ ଅଥଚ ତାର ମନ ଭରୁ ନାହିଁ। ସେ କାହିଁକି ଯାଏ ବି ନିଜେ ଜାଣେ ନାହିଁ। କେତକୀର ଶାଶୁ ବି ଅଛନ୍ତି । ବିଧବା ଶାଶୁ ଗୁଡ଼ାଏ କଥାରେ ବାରଣ କରୁଥାନ୍ତି । ମହେନ୍ଦ୍ର ଦେଖେ ଆଉ ଶୁଣେ ସବୁ କଥା । କେତେ କେତେ କଥା କହୁଥାନ୍ତି କେତକୀକୁ। ସବୁ କଥାରେ ହସୁଥାଏ କେତକୀ.. ହଁ, ବୋଉ ହଁ, ବୋଉ କହୁଥାଏ । ଓଃ ହୋ...କେତେ ସହିବା ଶିଖିଛି କେତକୀ।

'ତୁମେ ଶାଶୁଙ୍କ ସବୁ କଥା ଶୁଣ ?'

'ହଁ,ଶୁଣେ, ଏ କାନରେ ପୁରାଏ ଆର କାନରେ ବାହାର କରିଦିଏ।'

'ବିରକ୍ତ ଲାଗେ ନାହିଁ। ସେଇ ସେଇ କଥା ଶୁଣୁଥାଅ।' ମହେନ୍ଦ୍ର ସାଥିରେ ଘଡ଼ିଏ ବସି ପାରେ ନାହିଁ । କେତକୀକୁ ତା ଶାଶୁ ବସେଇ ଦିଏ ନାହିଁ ଘଡିଏ ।

'ଘରଟା ଭିତରେ ଏତେ କାମ କଣ ?ଅପା ତ ଖାଲି ମୋବାଇଲରେ ଥାଏ ନ ହେଲେ ଟିଭି ଦେଖେ । ଏତେ ଘର କାମ ତ କରେ ନାହିଁ'ମହେନ୍ଦ୍ର କହେ ।

'ଆରେ ଛୁଆପିଲା ସଂସାର କଲେ କାମ ବା ଓଜାଡି ପଡ଼ିବ। ସେଥିରେ ଆଉ ଶାଶୁ ଶ୍ୱଶୁର ରହିଲେ ତ ଗଲା ପ୍ରାଣୀ କାମ କରି କରି ଅଂଟା ନଇଁବା ଭଳି ହେଇଯିବ ।'

ବେଳେ ବେଳେ ନିଜେ ଚା କପ୍ ଟିଏ ଆଣି ବସେ କେତକୀ । ଭଲ ଲାଗେ ତା ସାଙ୍ଗରେ ବସି ପିଇବା । ଯେବେ ତାକୁ ଚା'ଏକଲା ପିଇବାକୁ ଦିଏ ତ ମହେନ୍ଦ୍ର ପଚାରେ 'ତୁମେ ପିଇବ ନାହିଁ।' କେତକୀ ମୁଣ୍ଡ ହଲାଏ, 'ଏଇ ଲାଗେ ପିଇଥିଲି ପା । ତୁମେ ପିଅ' । ତାର ଏତିକି କଥା ବି ଭଲ ଲାଗେ ତାକୁ । କେତେ ମିଠା ତା କଥା । କେତକୀ କେତେ କଥା ଗପେ। ଗାଁ, ଘର , ତା ବନ୍ଧୁ ବାନ୍ଧବ, ତା ଶାଶୁ, ତା ଗହଣା, ତା ରୋଷେଇ, ତା ଝିଅର ଅଝଟପଣ । ସବୁ ଗପେ । ସବୁ ଶୁଣିବାକୁ ଭଲ ଲାଗେ ।ଗୋଟେ ଭରପୁର ସଂସାର କେତକୀର ସେ ଗପୁଥାଏ ଆଉ ସଂସାର ଜିଇଁ ଥାଏ ମହେନ୍ଦ୍ର ।କଥା ହେଉ ହେଉ ମଝିରେ ହାଉଳି ଖାଇ ଉଠି ଯିବ କେତକୀ, ଆଲୋ...ଆଲୋ ...ଭଜା ବସେଇ ଥିଲି, ଲାଗିଗଲା ତ !!!ଗପି ବସିଲେ ମନ କୁଆଡେ କୁଆଡେ ପଳଉଛି, ମନୁଭାଇ ।

ମହେନ୍ଦ୍ର ହସେ, ତୁମେ କାଇଁ ଏତେ ଗପୁଛ ?

ହେ, କେଉଁଠି କାହିଁ ଗପୁଛି। ତୁମେ ଆସିଛ ବୋଲି ନା ...କେତକୀ ହସେ । ତା ହସ ଭଲ ଲାଗେ । ତାର ଏଇ ସାଧାରଣ ଚଳଣି,ସାଦା ରୂପ ଭଲ ଲାଗେ ଦେଖିବାକୁ । ଘରକୁ ଫେରିବାକୁ ଇଚ୍ଛା ହୁଏ ନାହିଁ।

ଘର ବୋଇଲେ କ'ଣ !!

ଅପା, ଭାଇନା ଆଉ ସେ । ଏଇ ପରିବାର । ଅପାର ବାହାଘର ଅଠର ବର୍ଷ ହେଇ ଗଲାଣି । ଛୁଆ ପିଲା ନାହିଁ। ଘରେ ଆଉ କେହି ନାହିଁ। ବୋଉ ଏଇ ଚାଲିଗଲା ତିନି ବର୍ଷ ତଳେ ତ ସେ ଆସି ରହିଛି ଅପା ପାଖରେ । ରହେ ବାସ୍ ରହେ ।ଅପା ତାକୁ କିଛି କିଛି କାମ କରିବାକୁ କହେ । ଅପାର ବହୁତ ପଇସା । କଣ ହେବ ପଇସା, ଖାଇବ କିଏ ? ଭାଇନା ଖାଇ ପିଇ ଅଫିସ୍ ଚାଲିଗଲେ ଘର ଖାଲି । ଅପା ଟିଭି ଦେଖେ, ମୋବାଇଲ ଖେଂଚେ । ଦି ପହରେ ଶୋଇ ପଡେ , ଦିନ ସରି ଯାଏ। ମହେନ୍ଦ୍ର ଶୋଇ ପାରେ ନା ଦି' ପହରରେ । ଆଗରୁ ମୁହଁ ମାଡି ଘରେ ରହୁଥିଲା । ହେଲେ ଏବେ ଏବେ କେତକୀ ସହିତ ଭେଟ ହେଲା ପରେ କେମିତି ବଦଳି ଯାଉଛି ସେ । କେଜାଣି କାହିଁକି ?? ଘରେ ରହିବାକୁ ମନ ହିଁ ହେଉ ନାହି ।

କେତକୀ ତାକୁ କେମିତି ଟାଣୁଛି ବୋଧେ ।କେତେ ବୟସ ହେଲା ତାକୁ କି ତିରିଶ କି ପଇଁତିରିଶ ହେବ । ସେ ବାହା ହେବା କଥା । କେତକୀ ଭଳି ତା'ର ବି କେହି ହେବା କଥା । ଅପା ତା ବାହାଘର କଥା ଉଠାଏ ନାହିଁ। ସେ କେବେ କହେ ନାହିଁ । କେତକୀ ଭଳି ଝିଅଟିଏ ତାକୁ ମିଳନ୍ତା ନାହିଁ !! ସେ କେଉଁଠି ରଖିବ ଯଦି କେତକୀ ଭଳି ଝିଅଟିଏ ଅପା ତା ପାଇଁ ଆଣିବ !! ଅପା ତାକୁ ବି ଖଟେଇବ ଘର କାମରେ , ଯେମିତି ତାକୁ କାମ କରିବାକୁ କହୁଛି ଦିନ ରାତି , ତାକୁ ବି ବୋଲହାକ କରେଇବ ।

ଏବେ ଏବେ ବାହାଘର କଥା ଭାବିଲେ ମହେନ୍ଦ୍ର ଯୋଜନା କରେ ସେ ଗୋଟେ ଚାକିରୀ କରିବ । ଅଲଗା ଘର ନେବ । ପରିବାର କରିବ। କେତକୀ ଭଳି ଝିଅଟିଏ ଖୋଜିବ ସେ ନିଜ ପାଇଁ । ଅପା କହୁଥିଲା ସେ କୁଆଡେ ଅଳ୍ପ ବୁଦ୍ଧିଆ। ତାକୁ ସଂସାର କଣ ଜଣା ନାହିଁ।କେଜାଣି ? କେତକୀକୁ କହିଲେ ସେ କଣ ଶିଖେଇ ଦେବ ନାହିଁ ସଂସାର କଣ ?

ଏଇ ମହେନ୍ଦ୍ର ଫେରୁଥିଲା କେତକୀ ପାଖରୁ । ପାର୍କରେ ଦେଖିଲା ମହେନ୍ଦ୍ର ବେଶି ଲୋକ ନାହାନ୍ତିଆଉ ଦି ଦିନ ଅଛି ଦଶହରା ସରିବ । ନ ହେଲେ ସଞ୍ଜ ହେଉ ହେଉ ସହରର ସବୁ ଗଳିକନ୍ଦି ଭିଡ଼ରେ ଭରପୁର ହେଇଯାଏ । ଏବେ ଗାଁ ଉଠି ଆସୁଛି ସହରକୁ ସବୁ ପୂଜା ପର୍ବରେ। ଆଗରୁ ସହର ଯାଉଥିଲା ଗାଁକୁ । ପୁନିଅ ପର୍ବରେ ପୁରି ଉଠୁଥିଲା ଗାଁ । ଦୋଳ, ହୋଲି, ରଜରେ ଗାଁ ଖିଲି ଖିଲି ହସୁଥିଲା । ଏବେ ସେ ଗାଁ ନାହିଁ । ଶ୍ରୀହୀନ ପଡିଛି ସବୁ। ଦଶହରା ପାଇଁ ବି କେତକୀ ଘରେ ଗୋଠେ ଲୋକ। କେତକୀକୁ ବହୁତ କାମ କରିବାକୁ ହେଉଛି ଘରେ। କୁଣିଆଙ୍କ ପାଇଁ ଅଧିକ କାମ କରୁଛି ସେ।

ଚାକରାଣୀଟେ ରଖୁ ନାହୁଁ ମହେନ୍ଦ୍ର କହିଥିଲା।

ହେ.. ନିଜ ଘର କାମ କରିବାକୁ ବାହାର ଲୋକ କାଇଁ ଡାକିବି! କେତକୀର ଏଇ କଥା ଭଲ ଲାଗିଥିଲା ତାକୁ। ତାକୁ କହିବ କି ସେ ତା ଭଳି ଝିଅ ଗୋଟିଏ ଖୋଜି ଦେବାକୁ ବାହା ହେବାକୁ।

'ତୁମେ କାହିଁକି ବାହା ହେଉ ନାହଁ ମନୁ ଭାଇ' ଏଇ ପଚାରିଥିଲା କେତକୀ।

ତୋ ଭଳି ଝିଅ ଟେ ଖୋଜି ଦେ, ଅପା ସାଥିରେ କଥା ହେବି।

ବୁଦ୍ଧୁ, ମୋ ଭଳି ଆଉ କ'ଣ ଦ୍ୱିତୀୟ ମିଳିବେ!! ହସିଥିଲା ଠୋ ଠୋ କେତକୀ। ହାତରେ ଧରିଥିବା ଚା' ଗ୍ଲାସ ଚହଲି ଯାଇଥିଲା। ହଁ , ତା ଭଳି ଆଉ କେହି ମିଳିବେ ନାହିଁ।

'ତମେ ଆଗ ଗୋଟେ ଚାକିରୀ କର। ତା' ପରେ ବାହାଘର କଥା ହେବା।' କେତକୀ ପ୍ରସ୍ତାବ ଦେଇଥିଲା।

ସେ କଥା ଏବେ ବି ଭାବେ ମହେନ୍ଦ୍ର। ତା' ପାଇଁ ଚାକିରୀ କେଉଁଠୁ ଆସିବ?? ଭାଇନାକୁ କହିବ? ତାଙ୍କୁ କହିଲେ ସେ କହିବେ ଚାକିରୀ ଆଉ କ'ଣ ସେମିତି ମିଳୁଛି ତା' ପାଇଁ ଆବଶ୍ୟକ ହେଉଥିବା ପାଠ ତାର ନାହିଁ। ଚାକିରୀ ନାହିଁ।

କେତକୀ ତିଆରିଥିବା ସଂସାର ବି ନାହିଁ। ଆଉ ଦି ଦିନ ପରେ ସେ ଯିବ କେତକୀ ପାଖକୁ ପଚାରିବ ତା' ପାଇଁ କାମ କଣ ଅଛି କି?? ତା' ବର ପରା କ'ଣ ବ୍ୟବସାୟ କରୁଛି। ସେ ବି ଗୋଟେ ବ୍ୟବସାୟ କରିବ। ହାଟ ମଝିରେ ଦୋକାନ ସେ ବି ଦେବ। ଅପା କହେ ତାକୁ ତ ଠିକରେ ପରିବା ବି ଚିହ୍ନି ଆସେ ନାହିଁ। ମାଛର ଗାଲି ଦେଖି ସଜ ନା ବାସି ଜାଣି ପାରେ ନାହିଁ । ତାକୁ କିଛି କାମ ଜଣା ନାହିଁ। କେତକୀକୁ କହିବ ସେ ଶିଖେଇ ଦେବ ସବୁ। ତାକୁ ସତେ କେତେ କାମ ଜଣା।

ଏବେ କ'ଣ କରୁଥିବ ସେ। ଘରଟା ଯାକର କାମ କରୁଥିବ। ଏବେ ଏବେ ପୁଣି ଗୋଟେ କପ ଚା ପିଇବାକୁ ଇଛା ହେଲାଣି। କେତକୀ ପ୍ରଥମେ ପ୍ରଥମେ ଭଲ ଚା କରୁଥିଲା ଏବେ କରେ ନାହିଁ। ପଚାରିଲେ କହେ ଅଳ୍ପ କ୍ଷୀର ଥିଲା। ଝିଅ ପିଇ ଦେଲା ତ'!! ହେଲେ ବି ଭଲ ଲାଗେ ତା' ଚା'। ସେ ଗପୁ ଥିଲେ ସାମ୍ନାରେ ଚା କେମିତି ସଟ୍ କରି ସରି ଯାଏ । ଫେରିବ ସେ କେତକୀ ପାଖକୁ!!

କେତକୀ ଆଜି କହୁଥିଲା ସବୁଦିନ କାହିଁକି ଆସୁଛୁ ମନୁଭାଇ। ଆମର ଇଏ କହୁଥିଲେ ଯେ ତୁମେ ଏତେ କାହିଁକି ଆସୁଛ। ତୁମେ ମୋର କିଏ??

ବଲବଲ କି ଦେଖିଲା ମହେନ୍ଦ୍ର କେତକୀ ମୁହଁ କୁ। ଆଜି ଚା ପିଆ ହେଲା ନାହିଁ। କେତକୀ ସେମିତି ଠିଆ ହେଲା ଅଥଚ ଚା କଲା ନାହିଁ। ଭଲ ଲାଗିଲା ନାହିଁ ମହେନ୍ଦ୍ରକୁ। ବେଶ ବେଳ ବସିରହିଥିଲା ସେ। କ'ଣ ତ କେମିତି କଟକଟ କରୁଥିଲା ଛାତି ତଳେ। ଫେରିଲା ସାଇକେଲରେ। ତାକୁ ଲାଗିଲା ସାଇକେଲ ଓଜନ ହେଇ ଯାଇଛି। ପେଡାଲ ତ ମାରି ପାରୁ ନାହିଁ।

ଦିନ ଓଲଟିଲାଣି ଭୋକ ବି ଲାଗିଲାଣି। ଏବେ ଏବେ ସେ ଘରକୁ ଡେରିରେ ଫେରିଲେ ଅପା ଖାଇବା ବାଢ଼େ ନାହିଁ ତା' ପାଇଁ। ସେ ନିଜେ ବାଢ଼େ, ଖାଏ, ବାସନ ଧୁଏ, ରଖେ। ଦି ପହରେ ଶୋଇ ପଡେ। ନାଇଁ କେତକୀ କଥା ଭାବି ବସିଲେ ନିଦ ଆସିଯାଏ। କେତକୀ ଥିଲେ ତା ପାଇଁ ଖାଇବା ବାଢ଼ି ଦେଉଥାନ୍ତା ବୋଧେ , ଦେହ ସାରା ହାତ ବି ବୁଲେଇ ଦିଅନ୍ତା ବୋଧେ।

ଆଜି ଅପାକୁ କହିବ ସେ ନିହାତିରେ ଯେ ସେ ବାହା ହେବ। ସେ ଯଦି ଅପାର ପୁଅ ହେଇ ରହିବ ତ ପୁଅର ବି ବାହାଘର ଦରକାର। ଅପାକୁ କହିବ କେତକୀ ପରି ଝିଅ ଗୋଟେ ଖୋଜି ଦିଅ। ଆଉ ତା' ପରେ ସେ ତାକୁ କହିବ ଚା' କର ଠିକ କେତକୀ ପରି ମିଠା ଚା'। କ'ଣ ପାଇଁ କେତକୀ ଏତେ ମିଠା ଲାଗୁଛି ତାକୁ। ତା' ଚା' ଠାରୁ ବି ମିଠା। ଆଜି ଚା' ପିଆ ହେଲା ନାହିଁ। ହେବ ସବୁଦିନ ଚା' ପିଇ ହେବ। ହେଲା ଯେ କେତକୀ ଆଜି କହିଲା କାହିଁକି ଯେ ଆମର ଇଏ କହୁଥିଲେ ତୁମେ କିଏ ବୋଲି??

ମୁଁ କିଏ? କେତକୀ କ'ଣ କହିଥିବ ଯେ ମୁଁ କିଏ??

# କୁନ୍ଦନାନୀ

ସୁଜାତା ମହାପାତ୍ର

କୁଆଡ଼େ ଗଲାଣି ସେ ସମୟ। ସେ ସମ୍ପର୍କର ନିବିଡ଼ତା। ନିରୋଳା ଭଲପାଇବାର ସେ ବିଗତ ଯୁଗର କଥା। ବିଗତ ଯୁଗ ନୁହେଁତ ଆଉ କ'ଣ ? ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ଗୋଟିଏ ଜୀବନ ତା ଭିତରେ କେତେ ସ୍ମୃତି କେତେ ଅନୁଭୂତି ସତରେ ? କିଛିବର୍ଷ ତଳେ ଯାହା ଥିଲା ତାହା ଆଜି ଆଉ ନାହିଁ। ପରିବାର, ସାଇପଡ଼ିଶା, ବନ୍ଧୁବାନ୍ଧବ ଏମିତିକି ମଣିଷ ମଣିଷ ଭିତରେ ଅନେକ ଦୂରତ୍ୱ। ସେଇ ଦୂରତ୍ୱ ଦିନକୁଦିନ ବଢ଼ିବାରେ ଲାଗିଛି। କାହାପାଇଁ କାହା ମନରେ ସ୍ନେହ, ଶ୍ରଦ୍ଧା, ଦାୟିତ୍ୱବୋଧ, ସମ୍ମାନ, ଭଲପାଇବା ନାହିଁ। ଏସବୁ ଏବେ ବହିର ପାଠ ହୋଇଗଲାଣି। ସଂପର୍କ ଏବେ ସ୍ୱାର୍ଥରେ ବନ୍ଧା। କାହା ନିକଟରେ ସମୟ ନାହିଁ ନିଜ ଲୋକଙ୍କ କଥା ଭାବିବା ପାଇଁ। କୁଆଡ଼େ ଗଲା ସେ ସମୟ। ସମୟର ରୂପ ଦ୍ରୁତ ଗତିରେ ବଦଳି ଯାଇଛି। ଆମ ପିଲାଦିନର କଥା ଭାବିଲା ବେଳକୁ ଏବେ ଆଶ୍ଚର୍ଯ୍ୟ ଲାଗୁଛି କେତେ ଭଲପାଇବା, କେତେ ଆତ୍ମୀୟତା ଥିଲା ଆମ ଆମ ଭିତରେ। ଘରତ ଘର ନିଜ ପରିବାର ଛଡ଼ା ସାହିପଡ଼ିଶା ବନ୍ଧୁବାନ୍ଧବ ସମସ୍ତେ ଥିଲେ ଯେମିତି ନିଜଲେକ। ଗୋଟିଏ ରଜ୍ଜୁରେ ବନ୍ଧା। କେତେ ସରଳ ଥିଲା ସତରେ ଜୀବନ। କେତେ ଆତ୍ମୀୟ ଥିଲେ ନିଜ ଚାରିପଟରେ ଥିବା ସବୁ ମଣିଷମାନେ। ଏବେ ସେସବୁ ସ୍ମୃତି। ସ୍ମୃତି ହେଲେ ମଧ୍ୟ ବେଳେବେଳେ ମନକୁ ଆବୋରି ଧରନ୍ତି ସେଇ ମଣିଷମାନେ। ସେ ଏକ ସୁଖଦ ଅନୁଭୂତି। ଭବିଲେ ମଧ୍ୟ ସେମାନଙ୍କୁ ମନରୁ ଦୂରେଇ ଦେଇ ହୁଏ ନାହିଁ। ସେଇ ସ୍ମୃତି ଏବେବି ପୁଲକିତ କରେ ମନକୁ। ସେଇ ପବିତ୍ର ନିଷ୍କପଟ ମଣିଷମାନଙ୍କ ଚେହେରା ମନ ଚକ୍ଷୁରେ ଅସ୍ପଷ୍ଟ ହୋଇ ଆସିଲେବି ସେମାନଙ୍କ ସ୍ମୃତି ଏବେ ବି ତାଜା ହୋଇ ରହିଛି ହୃଦୟର କେଉଁ ଏକ ନିରନ୍ଧ୍ର ଇଲାକାରେ।

**ଆମେ ଗାଁରେ ପହଞ୍ଚିବାର ଦିନେ କି ଦୁଇଦିନ ହୋଇଥିବ କୁନ୍ଦନାନୀ ତାର ନାତି କି ନାତୁଣୀ ଗୋଟିକୁ ସାଙ୍ଗରେ ଧରି ମୁଣ୍ଡରେ ବୋଝଟିଏ ବୋହି ସୁକୁସୁକୁ ହୋଇ କାନ୍ଦି କାନ୍ଦି ଆସି ଆମଘରେ ପହଞ୍ଚେ। ତାକୁ ଦେଖୁଦେଖୁ ବାପା ଏଡ଼େବଡ଼ ପାଟିଟାଏ କରି ସମସ୍ତଙ୍କୁ ଡାକ ପକାନ୍ତି ଆରେ ଆସରେ ! ମୋ ନାନୀ ଆସିଲାଣି। ବାପାଙ୍କୁ ଦେଖୁଦେଖୁ ନାନୀ ଖୁବ୍ ଧୀରସ୍ୱରରେ କ'ଣ କ'ଣ ସବୁ କହି ବାହୁନେ। ଆମେ ପଛରେ ବୁଝୁ ସେ ବାହୁନାର ବିଷୟବସ୍ତୁ ହେଲା ମୋ ଭାଇକୁ ମୁଁ କେତେଦିନ ହେଲା ଦେଖିନଥିଲି, ମୋ ଭାଇ କେତେ ଶୁଖିଯାଇଛି।**

ବର୍ଷରେ ଦୁଇଥର ଆମେସବୁ ପିଲାମାନେ ଯେମିତିହେଲେ ଗାଁକୁ ଯାଉ, ଥରେ ରଜ ଛୁଟିରେ ଓ ଆଉଥରେ ଧାନକଟା ଛୁଟିରେ। ରଜ ଛୁଟିରେ ପୂରାପୂରି ଦେଢ଼ମାସ ଓ ଧାନକଟା ଛୁଟିରେ ପନ୍ଦରଦିନ। ଏମିତି ବର୍ଷରେ ଦୁଇମାସ ଗାଁରେ କଟେ। ମାତ୍ର ବର୍ଷସାରା ବୋଉର ଗାଁକୁ ଯିବାଆସିବା ଲାଗିଥାଏ। କେବେ ମାଣବସା ହେବତ, କେବେ ଦୋଳଠାକୁର ଆସିବେ ଦାଣ୍ଡରେ ଭୋଗ ଖାଇବାକୁ। ଦଶହରାରେ ଘରେ କଳସ ବସିବ ତ କାର୍ତ୍ତିକ ମାସରେ ପଞ୍ଚୁକ ହେବ। ଏମିତି ବର୍ଷଯାକ ବିଭିନ୍ନ ପର୍ବପର୍ବାଣୀ। ସ୍କୁଲ କଲେଜ ପାଇଁ ଆମେ ପିଲାମାନେ ଗାଁକୁ ବେଶୀ ନଯାଇ ପାରିଲେ ମଧ୍ୟ ବୋଉ ପ୍ରାୟ ପ୍ରତି ମାସରେ ଗାଁକୁ ଯାଏ। ଗାଁ ଘରର ରକ୍ଷଣାବେକ୍ଷଣ, ବାଡ଼ିଗବିଚା, ଧାନଅମଳ, ନଡ଼ିଆ-ଗୁଆ ବଗିଚାର ଯତ୍ନ, ମାଛ ପୋଖରୀ ଏସବୁ ଦେଖିବାକୁ ବୋଉକୁ ବାରମ୍ବାର ଗାଁକୁ ଯିବାକୁ ପଡ଼େ। ବାପା ଆମର ଭୋଳାଶଙ୍କର, ତାଙ୍କର ଅଫିସ୍ ଭଲ ତ ସିଏ ଭଲ। ଶିକ୍ଷା ବିଭାଗରେ କ୍ଲାସ୍‌ଟୁ ଅଫିସର ତାଙ୍କର କାମ ତାଙ୍କୁ ବଳାଏ। ଗାଁଘର ସହିତ ଜମିଜମା,

ସାହିଭାଇ ଏସବୁ ବୋଉର ଦାୟିତ୍ୱ। ବୋଉ ଯଦି ଯିବାଆସିବା କରି ସେସବୁ ଦେଖୁନଥାନ୍ତା ତାହେଲେ ଗାଁ ସହିତ କେବେଠାରୁ ଆମର ସଂପର୍କ ତୁଟି ସାରନ୍ତାଣି। ଗାଁରେ ମଧ୍ୟ ଆଉ କିଛି ନଥାନ୍ତା ସବୁ ଉଜୁଡି ଯାଇ ସାରନ୍ତାଣି। କହିବା ବାହୁଲ୍ୟ କଟକ ସହର ଠାରୁ ଆମ ଗାଁର ଦୂରତ୍ୱ ମାତ୍ର ତିରିଶି କିଲୋମିଟର। ଲାଇନ୍ ବସ୍‌ରେ ଗଲେ ଘଣ୍ଟାଟେ, ନିଜ ଗାଡ଼ିରେ ଗଲେ ଅଧଘଣ୍ଟାରେ  ଗାଁରେ ପହଞ୍ଚି ଯାଇହୁଏ।

କର୍ମବ୍ୟସ୍ତତା ଭିତରେ ବାପା ସିନା ବେଶୀ ଗାଁକୁ ଯାଇପାରନ୍ତି ନାହିଁ। ମାତ୍ର ଗାଁ ପ୍ରତି ତାଙ୍କର ମୋହ ସବୁଠାରୁ ବେଶୀ। ଗାଁରେ ରହିବାକୁ ସେ ଭଲ ପାଆନ୍ତି। ସବୁବେଳେ କହନ୍ତି ରିଟାର୍ଡ ପରେ ମୁଁ ଯାଇ ଗାଁରେ ରହିବି। ନିଜ ଜନ୍ମମାଟି ପ୍ରତି ତାଙ୍କର ଏ ଅହେତୁକ ଦୁର୍ବଳତା ଆମ ସମସ୍ତଙ୍କୁ ମଧ୍ୟ ଆଚ୍ଛନ୍ନ କରେ। ଗାଁରେ ଜେଜେବାପାଙ୍କ ଅମଳର ସେ ପଥରଖୁଣ୍ଟ ବସା ଦୁଇଖଞ୍ଜା ବିଶିଷ୍ଟ ଅଧାପକ୍କା ଅଧାମାଟିରେ ତିଆରି ଘର। ଉପରେ ସେମିତି ଟାଇଲ୍ ଉପରେ ଛଣଛପର। ମାତ୍ର ଘରର ତଳ ଚଟାଣ ସବୁ ସିମେଣ୍ଟରେ ତିଆରି। ଗୋଡ଼ରେ ମାଟି ଲାଗେନାହିଁ। ମାଟି ଟାଇଲ୍ ଓ ଛଣଛପର ଯୋଗୁଁ ବେଶ୍ ଥଣ୍ଡା ଲାଗେ ଆମ ଗାଁଘର। ବଡ଼ବଡ଼ ଦୁଇଟି ଖଞ୍ଜାର ଘର। ପଛଖଞ୍ଜାରେ ଅଗଣା ମଝିରେ କୂଅ। କୂଅର ପାଣି କାଚକେନ୍ଦୁ ପରି ନିର୍ମଳ। ଘର ଚାରିପଟେ ଆମ୍ବ ନଡ଼ିଆ ଗଛର ସମ୍ଭାର। ବାଡ଼ିପଟକୁ ଦୁଇଦୁଇଟି ପୋଖରୀ ଧାନଖଳା। ପୋଖରୀ ବନ୍ଧଯାକ କାଗଜିଲେମ୍ବୁ, ପିଜୁଳି, ଚମ୍ପାଫୁଲ ଓ ମନ୍ଦାର ଗଛ ପରି ଅନେକ ଗଛ। ଆମଘରଟା ଚିତ୍ରପଟଟିଏ ପରି ଖୁବ୍ ସୁନ୍ଦର। ବାପାମଧ୍ୟ ସେ ଘରକୁ ଖୁବ୍ ଯତ୍ନ ସହକାରେ ସଜାଡ଼ି ରଖିଥାନ୍ତି। ପ୍ରତିବର୍ଷ ସେ ଘରେ କିଛି ନା କିଛି ମରାମତି ହୁଏ। ଘର ଛପର ହୁଏ। ରଙ୍ଗ ଦିଆହୁଏ। ଘର କୋଉଠି ଟିକିଏ ଖରାପ ହେଲେ ବାପା ସାଙ୍ଗେ ସାଙ୍ଗେ ସେସବୁ କାମ ଯୁଦ୍ଧକାଳୀନ ଭିତ୍ତିରେ କରିଦିଅନ୍ତି। ରକ୍ଷଣାବେକ୍ଷଣର ଯେମିତି ଅଭାବ ନହୁଏ ସେକଥା ସବୁବେଳେ ବାପାଙ୍କ ଧ୍ୟାନରେ ଥାଏ।

ବୋଉତ ଏମିତିରେ ଅଧାଦିନ ଗାଁରେ ଥାଏ। ବାପା ଶନିବାର ରବିବାର ହେଲେ ଗାଁକୁ ଚାଲିଯାଆନ୍ତି। ତାଙ୍କର ଗୋଟେଗୋଡ଼ କଟକରେ ହେଲେ ଅନ୍ୟଗୋଡ଼ ଗାଁରେ ଥାଏ। ସବୁବେଳେ କହନ୍ତି ଆମଗାଁକୁ କ'ଣ ଗାଁ କୁହାଯିବ। ମୁଖ୍ୟ ସହରରୁ ମାତ୍ର ତିରିଶି କିଲୋମିଟର ଦୂର। ଦେଖିବ ପିଲେ କୋଉଦିନ ସହର ବଢ଼ିବଢ଼ି ଆସି ଆମ ଗାଁ ସାଙ୍ଗରେ ମିଶି ଯାଇଥିବ।

ଖରାଛୁଟି ହେଉ ହେଲେ ଆମେ ସମସ୍ତେ ଗାଁକୁ ବାହାରୁ। ରଜ ସେତେବେଳକୁ ଆହୁରି ମାସଟିଏ ବାକିଥାଏ। ବାପା ମଧ୍ୟ ଆମ ସହିତ ଯାଆନ୍ତି। ଆମେ ଗାଁରେ ଥିଲାଯାକ, ବାପା ଗାଁରୁ ଅଫିସ୍‌କୁ ଯିବାଆସିବା କରନ୍ତି। ଖରାଛୁଟିରେ ଗାଁରେ ରହିବାର ମଜ୍ଜା ସତରେ ନିଆରା। ଖରାଦିନେ ଗାଁଘର ଏତେ ଥଣ୍ଡା ଯେ ସେଠାରେ ଗରମ ଅନୁଭୂତ ହୁଏନାହିଁ। ବାରିପଟ ପୋଖରୀରେ ଗାଧୁଆ ସେତେବେଳେ ଆମମାନଙ୍କର ଆଉଏକ ବିଳାସ କହିଲେ ଅତ୍ୟୁକ୍ତି ହେବନାହିଁ। ନଡ଼ିଆ ଗଛରୁ ପଇଡ଼ ପାରି ପାଣି ପିଇବା। ତାଳସଜ ଖାଇବା। ଗଛକୁ ଟେକାମାରି ପାଚିଲା ଆମ୍ବ ଝଡ଼େଇବା। ଏମିତି କେତେ କଣ ମଜ୍ଜା। ପୋଖରୀରେ ମାଛ ଧରାହେଲା ବେଳେ କୂଳରେ ବସି ବାପାଙ୍କ ସାଙ୍ଗରେ ମାଛଧରା ଦେଖିବା ଏସବୁ କଥା ଏବେ ଭାବିଲେ ସେଇ ପୁରୁଣା ସ୍ମୃତିସବୁ ଆଖି ଆଗରେ ଜଳଜଳ ହୋଇ ଦିଶିଯାଏ। ଆଜିକାଲି ଆମ ପିଲାମାନେ କ'ଣ ମାଛ ଚିହ୍ନିପାରିବେ ନା ଗଛ ଚିହ୍ନିପାରିବେ ସେବେକାର ସୁଯୋଗ ଏବେ କାହିଁ।

ଆମେ ଗାଁରେ ପହଞ୍ଚିବାର ଦିନେ କି ଦୁଇଦିନ ହୋଇଥିବ କୁନ୍ଦନାନୀ ତାର ନାତି କି ନାତୁଣୀ ଗୋଟିକୁ ସାଙ୍ଗରେ ଧରି ମୁଣ୍ଡରେ ବୋଝଟିଏ ବୋହି ସୁକୁସୁକୁ ହୋଇ କାନ୍ଦି କାନ୍ଦି ଆସି ଆମଘରେ ପହଞ୍ଚେ। ତାକୁ ଦେଖୁଦେଖୁ ବାପା ଏଡ଼େବଡ଼ ପାଟିଟାଏ କରି ସମସ୍ତଙ୍କୁ ଡାକ ପକାନ୍ତି ଆରେ ଆସରେ ! ମୋ ନାନୀ ଆସିଲାଣି। ବାପାଙ୍କୁ ଦେଖୁଦେଖୁ ନାନୀ ଖୁବ୍ ଧୀରସ୍ୱରରେ କ'ଣ କ'ଣ ସବୁ କହି ବାହୁନେ। ଆମେ ପଛରେ ବୁଝୁ ସେ ବାହୁନାର ବିଷୟବସ୍ତୁ ହେଲା ମୋ ଭାଇକୁ ମୁଁ କେତେଦିନ ହେଲା ଦେଖିନଥିଲି, ମୋ ଭାଇ କେତେ ଶୁଖିଯାଇଛି, ଏତେବଡ଼ ପରିବାର ଚଳଉ ଚଳଉ ନିଜପ୍ରତି ଜମା ଧ୍ୟାନ ଦେଉନି ବାପାଙ୍କୁ ଦେଖି ଏମିତି କେତେକଥା କହି ସେ କାନ୍ଦେ। ସେଇଠୁ ବୋଉ ଆସି କହେ ହଉ ହଉ ହେଲା ନାନୀ ଆଉ କାନ୍ଦନି। ତୁମ ଭାଇଙ୍କୁତ ଦେଖିଲ, ଆଉ କାହିଁ କାନ୍ଦୁଛ ? ଯାହା ହେଉ ଏତେଦିନ ପରେ ଟିକେ ଆସିଲ, ଭଲହେଲା, ତୁମକୁ ମଧ୍ୟ ଆମେ କେତେଦିନ ହେଲା ଦେଖିନଥିଲୁ। ବସବସ ଆଉ କାନ୍ଦନି ତୁନିହୁଅ। କେତେବାଟରୁ ଆସିଲାଣି ? ଲୁଗା କାନୀରେ ଆଖି ପୋଛୁପୋଛୁ ନାନୀ ଚାରିଆଡ଼କୁ ଚାହିଁ ମୁଣ୍ଡରୁ ବୋଝଟାଏ ଓହ୍ଲାଏ। ଆମେସବୁ ନାନୀର ବେତା (ବେତରେ ବୁଣା ଟୋକେଇ) ଭିତରେ କ'ଣ ଅଛି ଦେଖିବାକୁ ଉତ୍ସୁକତାର ସହ ଯାଇ ଠିଆହେଉ। ନାନୀ ତା ବେତାରୁ କେତେ କଣ ଜିନିଷ କାଢ଼େ। ଧାନ ମାପିବାର ଗୌଣିଟିଏ, ଚାଉଳ ମାପିବାର ମାଣ, ଶାଗଧୁଆ ପାଛିଆ, ମାଛଧୁଆ ପାଛିଆ, ତା ବାଡ଼ିଗଛର କଞ୍ଚା ତେନ୍ତୁଳି ପୁଳେ, ତା ବାଡ଼ିର ବାଇଗଣ ଆଉ ସାରୁ ଦି'ଟା, ପୋଇଖାଡ଼ି ଦିଟା ତା ଭିତରେ ଥାଏ ଆଉ ତା ଛୋଟ ନାତିଟି ହାତରେ ଧରିଥାଏ ଛୋଟିଆ ଖାଲେଇଟିଏ (ମାଛ ଧରି ଯେଉଁଥିରେ ରଖାଯାଏ)। ତା ଭିତରେ ପିତାଶୁଖୁଆ ଦିଟା ପୁରୁଣା ସମାଜ ପେପରରେ ଗୁଡ଼ା ହୋଇ ରହିଥାଏ। ସିଏ ପାଳିଥିବା ଦେଶୀ କୁକୁଡ଼ା ଦେଇଥିବା ଅଣ୍ଡା ଦଶବାରଟା ସବୁ ସେଇ ଖାଲେଇ ଭିତରେ ଥାଏ। ଯେତେବେଳେ ସିଏ ସବୁକୁ କାଢ଼ି ଥୁଏ ବାପା ଖୁସିହୋଇ କହନ୍ତି, ଦେଖ ଦେଖ ମୋ ନାନୀ କେତେ କଣ ଆଣିଛି। ଆରେ ନାନୀକୁ ଚା' ଜଳଖିଆ ଦିଅରେ କେତେ ବାଟରୁ ସେ ଆସିଲାଣି ବାପା କହନ୍ତି। ନାକରୁ ସିଙ୍ଘାଣି ବୋହୁଥିବା ତାର ସେ ନାତିଟି ଜେଜେମା ପଛରେ ଠିଆହୋଇ ଖାଲି ଜୁଳୁଜୁଳୁ ହୋଇ ଚାହିଁଥାଏ ଆମ ସମସ୍ତଙ୍କୁ ସତେ ଯେମିତି ଏଭଳିଆ ଲୋକଙ୍କୁ ସେ ଆଗରୁ କେବେ ଦେଖିନଥିଲା। ଜେଜେମାର ଶାଢ଼ିକାନିକୁ ପାଟିରେ ପୁରେଇ କାମୁଡୁ କାମୁଡୁ ସଂକୁଚିତ ହୋଇ ଠିଆ ହୋଇଥାଏ ପିଲାଟା। ବାପା ପଚାରି ପକାନ୍ତି ଏଇଟା କହାପୁଅ ବଡ଼ର ନା ମଝିଆର ? ନାନୀ ହସିପକେଇ କହେ ସେଇ ବଡ଼ ସଦାର ପୁଅପରା ଏଇଟା। ଆ ଉପରେ ଝିଅଟାଏ ବାରବର୍ଷର ହେଲାଣି। ମଝିଆ ଗଦାର ପରା କିଛି ପିଲାପିଲି ହେଇନାହାନ୍ତି। ପାଞ୍ଚବର୍ଷ ହେଇଗଲାଣି ତା ବାହାଘର ଆଜିଯାଏ ପିଲା ବକଟେ ନାହିଁ। ସବା ସାନ ସନା ତ ବାହା ହେଇନାହିଁ ଘରେ ଜମିବାଡ଼ି ବସିଛି। ମୁଁ ଆଜି ତାକୁ ଡାକିଲି କହିଲି ଆ

ମାମୁଁଘରକୁ ଯିବା ହେଲେ ଜମା ଆସିବାକୁ ମଙ୍ଗିଲାନି । ଓଲଟି କହିଲା ମାମୁଁ ପଚାରିବେ କ'ଣ କରୁଛୁ ? ମୁଁ କଣ କହିବି ମତେ ଲାଜ ମାଡ଼ିବ । ମାମୁଁଙ୍କୁ କହିବୁ ମୋପାଇଁ କଟକରେ କିଛି କାମ ବୁଝିଦେବେ ।

ସେତେବେଳକୁ ବୋଉ ଚା' ଗିଲାସେ ଆଉ ତା ସାଙ୍ଗରେ କିଛି ମୁଢ଼ି ଉଖୁଡ଼ା ମିଶେଇ ନାନୀକୁ ଖାଇବାକୁ ଦିଏ । ତା ନାତିଟି ମଧ୍ୟ ଜେଜେମା ପାଖରେ ବସି ଖାଏ । ବାପା କହନ୍ତି ଆଜି ମାଛ ତରକାରୀ କର ନାନୀ ଆସିଛି ମୁଁ ଯାଉଛି ନହେଲେ ମାଛ ନେଇ ଆସେ । ଏତେଦିନେ ନାନୀ ଆସିଛି । ବୋଉ କହେ କାଲି ପରା ଆଣିଥିଲ ମାଛଭଜା ଅଛି ମୁଁ ତରକାରୀ କରିଦେଉଛି । ବୋଉତାର ଦୁଇଖଣ୍ଡ ପୁରୁଣା ଶାଢ଼ି କାଢ଼ି ନାନୀକୁ ଦିଏ । କହେ ନାନୀ ଯାଅ ଲୁଗାଟା ବଦଳି ପକାଅ । ପଛଖଞ୍ଜା ଢିଙ୍କିଚାଳିଆ ପାଖରେ ଯାଇ ନାନୀ ତାର ଆସ୍ଥାନ ଜମାଏ । ପୁରୁଣା କନ୍ଥାଟିଏ, ମଶିଣାଟିଏ, ତକିଆଟାଏ ଆଗରୁ ସେଇ ଢିଙ୍କିଚାଳିଆ ପାଖରେ ଟଙ୍ଗା ହୋଇଥାଏ । ନାନୀଯାଇ ସେସବୁକୁ ଖରାରେ ପକାଏ ଆଉ ଶୋଇବାପାଇଁ ତାର ବିଛଣା ସଜ କରିଦିଏ । ବୋଉର ଲୁଗା ପିନ୍ଧିପକେଇଲେ ନାନୀ ଜମା ଛୋଟଜାତି ଘରର ସ୍ତ୍ରୀଲୋକ ପରି ଲାଗେନାହିଁ । ଭାରି ସୁନ୍ଦର ଦିଶେ । ଛୋଟଜାତି ଘରେ ଜନ୍ମହେଲେ କଣ ହେଲା ତାର ଚେହେରାଟି ଭାରି ସୁନ୍ଦର । କଳା ମୁଗୁନିପଥର ମୂର୍ତ୍ତିପରି ଦିଶେ ସିଏ । କଳା ହେଲେ ମଧ୍ୟ ମୁହଁର ଗଢ଼ଣଟି ଭାରି ସୁନ୍ଦର । ନାକରେ ଛୋଟ ପିତ୍ତଳର ମାଛିଟିଏ ଲଗେଇଥାଏ । କେବରେ ସରୁ କାଚର ମାଳିଟିଏ । ହାତରେ ମୁଠାଏ ଲେଖା କାଚଚୁଡ଼ି ତା ହାତକୁ ବେଶ୍ ମାନେ । ନୀଳ କି ମାଟିଆ ରଙ୍ଗର କସ୍ତା ଶାଢ଼ିଟିଏ ମୁଣ୍ଡରେ ଓଢ଼ଣା ପକେଇ ପିନ୍ଧିଥାଏ । ସାୟା ନାହିଁକି ବ୍ଲାଉଜ୍ ନାହିଁ ତଥାପି ଖାଲି ଶାଢ଼ି ଖଣ୍ଡିକ ଏତେ ସୁନ୍ଦର ଭାବରେ ପିନ୍ଧିଥାଏ ଯେ ହାତ ଯୋଡ଼ିକ ଛଡ଼ା ଆଉ ତାର କିଛି ବାହାରକୁ ଦିଶେନାହିଁ । ଭାରି ମାର୍ଜିତ ଧୀରସ୍ଥିର ସ୍ତ୍ରୀଲୋକଟିଏ ନାନୀ । ଭାରି ସ୍ନେହୀ । ଆମ ପିଲାମାନଙ୍କୁ ଦେଖି ସେ ଭାରି ଖୁସିହୁଏ । କିଏ କ'ଣ ପାଠ ପଢୁଛୁ ସମସ୍ତଙ୍କୁ ପଚାରି ପକାଏ । ବାପାଙ୍କ ପ୍ରତି ତାର ସ୍ନେହ ଦେଖିଲେ ଆମକୁ ଲାଗେ ବାପାଙ୍କର ସିଏ ଯେମିତି ନିଜ ମା' ପେଟର ଭଉଣୀ । ଆମର ଦୁଇ ପିଉସୀ ବାସନାନୀ ହେମନାନୀ ଆସିଲେ ଆମେ ଯେତେ ଖୁସି ନହେଉ ତାଠାରୁ ବେଶୀ ଖୁସିହେଉ କୁନ୍ଦନାନୀ ଆସିଲେ ।

ସେ ଆସିବା ଦିନରୁ କାମରେ ଲାଗିଯାଏ । ଧାନ ଉଷେଇଁବା ଠାରୁ ଘରଦ୍ୱାର ଲିପାପୋଛା ପର୍ଯ୍ୟନ୍ତ । ବାଡ଼ିବଗିଚାର ଘାସ ସଫାକରିବା, ନଡ଼ିଆ ପତ୍ର ଡଂଛି ଖଡ଼ିବା ବାହାର କରିବା ପର୍ଯ୍ୟନ୍ତ ସବୁ ବାହାର କାମ କରିଲାଗେ । ତାର ଖାଇବା ପିଇବା ସବୁ ତା ମନ ପସନ୍ଦର ବୋଉ କରି ତାକୁ ଖୁଆଏ । ନାନୀ ପନ୍ଦରଦିନ ଯେମିତି ହେଲେ ଆମଘରେ ରହେ । ତା ସହିତ ଆସିଥିବା ତା ନାତିଟି ଆମଘରେ ସଫାସୁତୁରାରେ ରହି ଖାଇପିଇ ଡଉଲଡାଉଲ ଦିଶେ । ସବୁବେଳେ ନାନୀ ବୋଉକୁ କହେ, ନିଆଁଲଗା ଛୋଟ କୂଳରେ ତ ଆମେ ଜାତ, ନହେଲେ ଏ ଘରେ କେତେ କାମ, ମୋ ଭାଉଜ କେତେ ହଇରାଣ ହେଉଛି । ଛୁଆଁଛୁଇଁ ବାରଣ ନଥିଲେ ମୁଁପରା ସବୁ କରିପକାନ୍ତି । ବୋଉ କହେ ହଇରାଣ ଆଉ କଣ ନାନୀ, ନିଜପିଲା ନିଜ ଘରକାମ ତ ? ତୁମେ ଆସିବା ଦିନୁ କୋଉ ବସିଛି ଯେ ? ସବୁ ବାହାର କାମତ ତମେ କରୁଛ । ନହେଲେ ସେସବୁ କାମ ପୁଣି କିଏ କରିଥାନ୍ତା । ତୁମଭାଇଙ୍କୁ ତ ଦେଖୁଛ ଅଫିସ୍ କାମରୁ ତାଙ୍କୁ ଫୁରୁସତ୍ ନାହିଁ । ସିଏ ଅବା କଣ କରିପାରିବେ । ଆମେ ଗାଁରେ ଥିଲେ ବାପା ସବୁଦିନେ ବସ୍‌ରେ ଯିବାଆସିବା କରି ଅଫିସ୍ ଯିବା ଦେଖି ନାନୀ କେତେ ମନଦୁଃଖ କରି କହେ, ମୋ ଭାଇ କେତେ ହଇରାଣ ହଉଛି ସବୁଦିନେ ଯାଇଆସି କଳାକାଠ ପଡ଼ିଗଲାଣି । ଏମିତି କେତେକଣ କହି ସନ୍ତାପି ହୁଏ । ଆମେ ସବୁ ପିଲାମାନେ ନାନୀକଥା ଶୁଣି ହସିହସି ଗଡ଼ିଯାଉ । ବାପାଙ୍କ ପ୍ରତି ଆମ ଘରପ୍ରତି ତାର ଅନାବିଳ ସ୍ନେହଶ୍ରଦ୍ଧା ଦେଖି ବାପା ଆମକୁ କହନ୍ତି, ଦେଖୁଛ ପିଲେ ଏ କୁନ୍ଦନାନୀ, ସ୍ନେହ ଶ୍ରଦ୍ଧା ଭଲପାଇବାକୁ ଦେଖ । ତାର ଯୋଉ ଆପଣାପଣ ତା ପ୍ରତିଦାନରେ ଆମେବା ତାକୁ କଣ ଦେଇପାରିବା ? ଆଜିକାଲି ଏଭଳି ଲୋକଟିଏ ଦୁନିଆରେ ବିରଳ ।

ସିଏ ଅନେକ ଦିନ ତଳର କଥା । ମୋ ଜେଜେମା କୁଆଡ଼େ କଥାରେ କଥାରେ ଏଇ କୁନ୍ଦନାନୀକୁ ଝିଅ କରିଥିଲା । ସେଇ ସଂପର୍କକୁ କୁନ୍ଦନାନୀ ଆଜି ପର୍ଯ୍ୟନ୍ତ ତା ମନ ଭିତରେ ବଞ୍ଚେଇ ରଖିଛି । ଜେଜେମା ମରିବା ଯା ଭିତରେ କୋଡ଼ିଏବର୍ଷ ହେଇଗଲାଣି ତଥାପି ତାର ସଂପର୍କ ଆମ ସହିତ ଛିଣ୍ଡିନାହିଁ । କୁନ୍ଦନାନୀ ଯେତେବେଳେ ନୂଆନୂଆ ବାହାହୋଇ ଆମ ଗାଁ ପାଖ କାଜିପୁର ଗାଁକୁ ବୋହୂହୋଇ ଆସିଥାଏ ତା ଶାଶୁ ଶ୍ୱଶୁରଙ୍କ ସାଙ୍ଗରେ ବାଉଁଶ ଆଉ ବେତ କାଟିବାକୁ ଆମ ବାଡ଼ିକୁ ଆସେ । ସେମାନଙ୍କର ବେଉସା ହେଲା ବାଉଁଶ ଆଉ ବେତରେ ଟୋକେଇ ପାଛିଆ ବୁଣିବା । ଆମର ବିରାଟ ବଡ଼ ବାଉଁଶ ବାଡ଼ି ସାଙ୍ଗକୁ ସେତେବେଳେ ବେତବାଡ଼ି ମଧ୍ୟ ଥିଲା । ଶାଶୁ ଶ୍ୱଶୁରଙ୍କ ସାଙ୍ଗରେ ନୂଆବୋହୂ କୁନ୍ଦ ଆସେ ସେମାନଙ୍କୁ ସାହାଯ୍ୟ କରିବାପାଇଁ । କୁନ୍ଦର ଶ୍ୱଶୁର ଗଜିଆ ବାଉଁଶ କାଟି ସଫା କରିଦେଲା ପରେ ଶାଶୁବୋହୂ ତାକୁ ଚିରି ସରୁସରୁ ବତାକରି ଘରକୁ ନିଅନ୍ତି । ସେମିତି କଣ୍ଟା ବେତଗଛ କାଟି ସଫାକରନ୍ତି । ବର୍ଷଯାକ ଆମଘରେ ଯେତେ ଟୋକେଇ ପାଛିଆ ଦରକାର ସବୁ ଆଣି ତାକୁ ଦେଇଯାଆନ୍ତି । ମୋ ଜେଜେମା ଭାରି ଉଦାର ସ୍ୱଭାବର । ବାଉଁଶ ବେତ ନେଲେବି ବର୍ଷଜାକର ଜେତେ ଟୋକେଇ, ପାଛିଆ, ଡାଟି ସବୁ ଘରପାଇଁ ସେଇମାନେ କରିଦିଅନ୍ତି । ତଥାପି ଜେଜେମା ତାଙ୍କ ମଜୁରୀ ବାବଦ ଚାଉଳ, ଧାନ, ପଇସା ଦବୁଦିଏ କାରଣ ଜେଜେମା ଜାଣେ ସେମନଙ୍କ ଘରର ଅବସ୍ଥା । ଗାଁ ଦାଣ୍ଡରେ ଏ ହାତକାମର ମୂଲ୍ୟ ଆଉ କିଏ ବୁଝେ ? ପଇସାପତ୍ର ସେମାନଙ୍କ ପାଇଁ ସାତସପନ । ଶାଶୁଶ୍ୱଶୁରଙ୍କ ସହିତ କୁନ୍ଦ ଆମ ଘରକୁ ଆସେ । ସେତେବେଳକୁ ତା ବୟସ ଚଉଦ କି ପନ୍ଦର । ଶ୍ୟାମଳ ରଙ୍ଗର ନକନକିଆ ଚେହେରାର ଝିଅଟିଏ । ସିଏ ପୁଣି ବାହାହୋଇ ବୋହୂ । ମୁଣ୍ଡରେ ହାତେ ଓଢ଼ଣା ଟାଣି ଶାଶୁଶ୍ୱଶୁରଙ୍କ ପଛେପଛେ ଆସେ । ଜେଜେମା ତାକୁ ଦେଖି କହେ, ଆଲୋ ଏଡ଼େ ଛୋଟ ଝିଅଟା ତାକୁ ତା ବାପ କେମିତି ବାହା କରିଦେଲାରେ ଗଜି, ଠିକ୍‌ରେ ଚାଲିପାରୁନି ଛୁଆଟା । ଦଶହାତିଆ କସ୍ତା ଶାଢ଼ିଖଣ୍ଡେ ପିନ୍ଧି ଚାଲୁଚାଲୁ ଦଶଥର ଝୁଣ୍ଟିପଡ଼େ । କୁନ୍ଦନାନୀର ଶ୍ୱଶୁର ଗଜିଆ କିନ୍ତୁ ଭାରି ସୁଧାର ମଣିଷଟିଏ । ତା ସ୍ତ୍ରୀ ପାର ମଧ୍ୟ ସେମିତି । ଘରେ କେହି ରହନ୍ତି ନାହିଁ ବୋଲି ବୋହୂକୁ ସେମାନେ ସାଙ୍ଗରେ ଧରି ଆସନ୍ତି । ପୁଅଯାଇ କୋଉ ଦୂରଗାଁରେ କାହାଘରେ ହଳିଆ ରହିଛି । ପନ୍ଦରଦିନ ମାସକରେ ଥରେ ଘରକୁ ଆସେ । କୁନ୍ଦକୁ

ଦେଖି ମୋ ଜେଜେମାର ଭାରି ଶ୍ରଦ୍ଧା। ବୁଢ଼ାବୁଢ଼ୀ ବାଉଁଶ କାଟିଲାବେଳେ କୁନ୍ଦ ଆମ ବାଡ଼ି ଦୁଆରମୁହଁରେ ବସିରହେ। ଜେଜେମା ସାଙ୍ଗରେ କାହିଁ କେତେ କଥା ଗପେ। ତା ମା' ନଥିବାର କଥା ତା ଭାଇଭଉଣୀଙ୍କ କଥା ଏମିତି କେତେ କଣ। ଜେଜେମା ତା କଥା ସବୁ ଶୁଣେ। ଘରୁ ମୁଢ଼ି ଉଖୁଡା ଚାଉଳ ମାଣେ, ଡାଲି ପୁଞ୍ଜାଏ, ପରିବା ଦି'ଟା ଏମିତି ତା କାନିରେ ଅଜାଡ଼ି ଦିଏ। ସେଥିପାଇଁ କୁନ୍ଦ ଯେତେବେଳେ ଆସେ ଖାଲି କ'ଣ ବସେ? ବାରିଘର ଓଳାଓଳି କରିଦିଏ, ଜାଳକୁଟା ସଜାଡ଼ି ଥୋଇଦିଏ, ଘସି ପାରିଦିଏ ଏମିତି ଛୋଟ ଛୋଟ କେତେ କାମ କରିପକାଏ। ଜେଜେମାକୁ ମା' ବୋଲି ଡାକେ। ବେଳେବେଳେ ତା ମା' ନଥିବାର ଦୁଃଖ କହୁକହୁ କାନ୍ଦେ। ତା କାନ୍ଦଦେଖି ଦିନେ ଜେଜେମା କହିଲା, ତୋର ମା' ନଥିଲେ କ'ଣ ହେଲା ମୋତେପରା ମା' ଡାକୁଛ। ଆଜିଠୁ ମୋ ଦି'ଝିଅଙ୍କ ଭଳି ତୁ ମଧ୍ୟ ମୋର ଗୋଟେ ଝିଅ। ଜେଜେମା କଥା ଶୁଣି ଆହୁରି କାନ୍ଦିଲା କୁନ୍ଦ। ମା' ସାଆନ୍ତାଣିଙ୍କ ଭଳିଆ ଲୋକ ପୁଣି ମୋ ଭଳି ଅଛବକୁ ଝିଅବୋଲି କହିଲେ ସେତିକି ମୋପାଇଁ ବଡ଼। ସେଇଦିନୁ ଜେଜେମା କୁନ୍ଦନାନୀକୁ ଝିଅବୋଲି ଡାକେ ଆଉ ତାର ସବୁ ଭଲମନ୍ଦ ବୁଝେ।

ମା' ନାହିଁ ବୋଲି କୁନ୍ଦନାନୀର ଗରିବ ବାପଘର ବାହାଘର ପରେ ଆଉ ଦିନେହେଲେ ତାକୁ ପଚାରନ୍ତି ନାହିଁ କି ଆସନ୍ତି ନାହିଁ। ଚାରିଚାରିଟା ଭାଇ ସମସ୍ତେ ଅଛନ୍ତି ହେଲେ ବୁଢ଼ା ବାପଟି ବି କଣ କରିବ। ବାପ ପାଖରେ ବା କଣ ଅଛି ଯେ ଧରିକରି ଝିଅ ଘରକୁ ଆସିବ। ଚାରିଭାଇ ସମସ୍ତେ ଭିନ୍ନେଭାନ୍ନେ। ଯଦି କେବେ କୁନ୍ଦ ବୁଢ଼ାବାପଟାକୁ ଦେଖିବାକୁ ଯାଏ ତାକୁ ଦେଖି କେହି ଖୁସି ହୁଅନ୍ତି ନାହିଁ। ବାପକୁ ତ ପୁଅମାନେ ପାଳିକରି ଗଣ୍ଡେଗଣ୍ଡେ ଖାଇବାକୁ ଦିଅନ୍ତି, ଝିଅକୁ ଦେଖିଲେ କିଏ ବା ଖୁସିହେବ ନା ପଚାରିବ! କୁନ୍ଦ ଯେମିତି ଯାଇଥାଏ ବାପକୁ ଦେଖି ସେମିତି ଗୋଡ଼େଗୋଡ଼େ ଫେରିଆସେ। କୋଉ ଭାଇ କି ଭାଉଜ ତାକୁ କହନ୍ତି ନାହିଁ ଗଣ୍ଡେ ଖାଇଦେଇ ଯା ବୋଲି କି ଦିନଟାଏ ରହ ବୋଲି। କୁନ୍ଦ ଏକଥା କହୁକହୁ ଜେଜେମା ଆଗରେ ବିଳକ ହୋଇ କାନ୍ଦି ପକାଏ। ଜେଜେମା ଆମର ଭାରି ଦୟାଳୁ କୁନ୍ଦର ଦୁଃଖରେ ସିଏ ମଧ୍ୟ ବିଗଳିତ ହୋଇଯାଏ। କହେ ତୋର ବାପଘର ନଥିଲେ କ'ଣ ହେଲା ଏଇ ବାପଘର ପରା ଅଛି। ତୋର ଯେତେବେଳେ ମନ ହେବେ ଆସି ଏଠି ଦୁଇ ଚାରିଦିନ ରହିଯିବୁ। ମୁଁ ଚାଲିଗଲେ ବି ତୋର ଭାଇଭଉଣୀମାନେ ତତେ ପଚାରିବେ।

ଇଏ ଆଜିକୁ ପଚାଶବର୍ଷ ତଳର କଥା ହେଲାଣି। ଜେଜେମା ଯିବା ମଧ୍ୟ ଆଜିକୁ କୋଡ଼ିଏବର୍ଷ ହେଇଗଲାଣି। ଜେଜେ ତା ଆଗରୁ ଗଲେଣି ମାତ୍ର କୁନ୍ଦନାନୀର ସଂପର୍କ ଏଘରେ ଯେମିତି ଥିଲା ସେମିତି ଅଛି। ଏତେବର୍ଷ ପରେ ମଧ୍ୟ କୁନ୍ଦନାନୀ ବର୍ଷକୁ ଦୁଇ ଚାରିଥର ଆମଘରକୁ ଆସେ। ଆଠଦଶ ଦିନ ରହେ। ଗଲାବେଳେ ବାପା ଝିଅକୁ ବିଦା କଲାଭଳି ନୂଆଁଲୁଗା ଠାରୁ ତା ନାତିନାତୁଣୀଙ୍କ ପାଇଁ ନୂଆଁ ଡ୍ରେସ୍, ଚାଉଳ, ବିରି, ଡାଲି, ପରିବା ନଡ଼ିଆ ସହିତ କିଛି ଟଙ୍କା ମଧ୍ୟ ଦିଅନ୍ତି। ନାନୀ ଯୋଉ ବେତାଟି ଧରି ଆସିଥାଏ ସେଇ ବେତାଟି ପୁଣି ପୂରଣ କରି ଘରକୁ ଫେରେ। ନାନୀର ଅଭାବୀ ସଂସାର। ବାପାବୋଉ ଜାଣନ୍ତି ତାର ଅସୁବିଧା କଥା। ତା ସ୍ୱାମୀ ଯିବାର ଯାଭିତରେ ପାଞ୍ଚବର୍ଷ ହେଲାଣି। ତିନିଟିନିଟା ପୁଅରେ ତାର ଘରସଂସାର। ଆମଘରକୁ ବାପଘର କହିବା ତାପାଇଁ ଗୋଟେ ଗର୍ବର କଥା। ସେ କଥାର ମୂଲ୍ୟ ସେ ବୁଝେ। ଅମେ ମଧ୍ୟ ବୁଝୁ ତାର ସ୍ନେହଶ୍ରଦ୍ଧା ଭଲ ପାଇବାର କଥା। କୁନ୍ଦନାନୀ ପନ୍ଦରବର୍ଷର ହୋଇଥିଲା ବେଳେ ତାର ଆମଘର ସହିତ ସଂପର୍କ। ଆଜି କୁନ୍ଦନାନୀ ସତୁରୀ ପାଖାପାଖି ବୟସରେ ପହଞ୍ଚିଲାଣି ମାତ୍ର ତାକୁ ଏତେ ବୟସ ବୋଲି କିଏ କହିବ ନାହିଁ। ଛୋଟିଆ ଗେଡ଼ାହୋଇ ଶ୍ୟାମଳ ରଙ୍ଗର ମୂର୍ତ୍ତିଟିଏ ଭଳି ଚେହେରା। ଛୋଟକୂଳରେ ଜନ୍ମ ହୋଇଥିଲେ ବି ତାର ବୁଦ୍ଧି ବିବେକ ମଣିଷପଣିଆ କୋଉ ଉଚ୍ଚଜାତିର ଲୋକଙ୍କ ଭିତରେ ମଧ୍ୟ ନଥିବ।

ନାନୀ ହରିଜନ ଘରର ଝିଅ ହୋଇ, ଆମ ଘରକୁ ଆସେ ବୋଲି ଆମ ଗାଁ ଲୋକ କିଏ କେତେ ପ୍ରକାର ଟିକ୍କା ଟିପ୍ପଣୀ ଦିଅନ୍ତି। ମାତ୍ର ଗାଁ ଭିତରେ ଆମ ଘରର ମର୍ଯ୍ୟାଦା ଭିନ୍ନ। ଚାଲିଚଳନ ମଧ୍ୟ ଭିନ୍ନ। ଜେଜେ ଥିଲେ ସ୍ୱାଧୀନତା ସଂଗ୍ରାମୀ। ଯେତେବେଳେ ଆମ ଘରକୁ ସଂଗ୍ରାମୀମାନେ ଆସନ୍ତି ସେତେବେଳେ ଜାତି ଧର୍ମ ନିର୍ବିଶେଷରେ ଆମଘରେ ପଙ୍ଗତ ବସେ। ରାତି ଅଧରେ ରୋଷେଇ ହୁଏ। ସମସ୍ତେ ଖାଇପିଇ, ସକାଳ ସୁଦ୍ଧା ଚାଲିଯାଆନ୍ତି। ଏସବୁ ଗୁପ୍ତରେ ହୁଏ। ଗାଁର ଚଉକିଆ ପର୍ଯ୍ୟନ୍ତ ଯେମିତି ଏକଥା ନପହଞ୍ଚେ। ସେଥିପାଇଁ ସମସ୍ତେ ସଜାଗ ଥାଆନ୍ତି। ନହେଲେ ସେତେବେଳେ ଇଂରେଜ ଶାସନ। ସ୍ୱାଧୀନତା ସଂଗ୍ରମୀ ଓ ତାଙ୍କ ଘରମାନଙ୍କ ଉପରେ ପୋଲିସ୍‌ର ଆଖି ସବୁବେଳେ ରହିଥାଏ। ଜେଜେ ମଧ୍ୟ ଘରେ ରହନ୍ତି ନାହିଁ। ଆଜି ବିହାର ତ କାଲି ବଙ୍ଗଳା ଏମିତି ଲୁଚି ଲୁଚି ବୁଲନ୍ତି। ଜେଜେମା ଉପରେ ଘରର ସବୁ ଭାର। ବାପା ଗପନ୍ତି ସିଏ ଛୋଟ ଥିଲାବେଳେ କେମିତି ରାତି ଅଧରେ ଗୋଟାଏ ଲେଖା ଛେଳି କଟାଯାଏ। ଦୁଇଟା ଧାନ ଉଷୁଁଆ ହାଣ୍ଡିରେ ଏପଟେ ଭାତ ସେପଟେ ମାଂସ ତରକାରୀ ରନ୍ଧାଯାଏ। କଦଳୀ ପତର ପଡି ସମସ୍ତେ ବସି ଏକାଠି ପଂକ୍ତିରେ ଖାଆନ୍ତି। ସେଥିରେ ବ୍ରାହ୍ମଣ ଠାରୁ ହରିଜନ ପର୍ଯ୍ୟନ୍ତ ସମସ୍ତେ ଖାଆନ୍ତି। ସେମାନେ ସମସ୍ତେ ହେଲେ ସ୍ୱାଧୀନତା ସଂଗ୍ରାମୀ। ତାଙ୍କର ଜାତି ନାହିଁ କି ଗୋତ୍ର ନାହିଁ।

ଏମିତି ହେଲା ଆମର ପରିବାର। ମନର ସଂକୀର୍ଣ୍ଣତାରୁ ଖୁବ୍ ଊର୍ଦ୍ଧ୍ୱରେ। ଆମ ଗାଁରେ ହରିଜନ ଲୋକମାନେ ବ୍ୟବହାର କରିବେ ବୋଲି ସେ ସମୟରେ ଜେଜେ ଆମଘର ପୋଖରୀ ପାଖରେ ଆଉ ଗୋଟିଏ ପୋଖରୀ ଖୋଳାଇଥିଲେ। ଯେଉଁଟାକି ଆମ ଗାଁର ହରିଜନମାନେ ଆଜି ମଧ୍ୟ ବ୍ୟବହାର କରନ୍ତି। ସେ ସମୟରେ ସବର୍ଣ୍ଣ ଲୋକଙ୍କ କୂଅ ପୋଖରୀକୁ ହରିଜନ ଲୋକମାନେ ଛୁଇଁବାକୁ ମଧ୍ୟ ସାହସ କରିପାରୁ ନଥିଲେ, ବ୍ୟବହାର କରିବା ତ ଦୂରର କଥା। ସେଇସବୁ ସଂକୀର୍ଣ୍ଣତାର ଖୁବ୍ ଊର୍ଦ୍ଧ୍ୱରେ ଥିଲା ଆମର ପରିବାର। କୁନ୍ଦନାନୀକୁ ଆଜିବି ଆମେ ଆମର ନାନୀବୋଲି ଭାବୁ, ଏବେ କୁନ୍ଦନାନୀ ଆଉ ନାହିଁ। ମାତ୍ର ତାର ପିଲାମାନେ ଆଜିବି ମାମୁଁଘର ବୋଲି ଆମଘରକୁ ମାନନ୍ତି, ଆସନ୍ତି। ବାପା ବୋଉ ଆଉ ଆମ ଭାଇଭଉଣୀମାନଙ୍କୁ ନିଜର ଆପଣାର ଲୋକ ବୋଲି ଭାବନ୍ତି।

*ସଂଗଠନ ସମ୍ପାଦିକା, ଓଡ଼ିଶା ଲେଖିକା ସଂସଦ*
*ଦୂରଭାଷ: ୯୯୩୭୯୯୩୯୯୭*

# ଆକ୍ୱାରିୟମ

ବିନୋଦ

ଜୀବନ ଜଞ୍ଜାଳରୁ କେବେ ମୁକ୍ତି ମିଳିବ କେଜାଣି ? ଆଉ କେତେ ଦିନ ଏହି ସଂସାରରେ ମିଛ, ମାୟା, ଆଶା, ନିରାଶା, ହସ, କାନ୍ଦ ଆଦି ଭିତରେ ଜୀବନ କଟିବ– ତାହା କିଏ କହିପାରିବ ? ରାତି ପାହିଲେ ନାନା ଚିନ୍ତା ଏ ମୁଣ୍ଡଟିକୁ ଖ୍ୱନଭିନ୍ କରିଦେଉଛି । ପ୍ରତି କ୍ଷଣରେ ଜୀବନ ସଂଘର୍ଷ । ଜାଣିବା ଦିନଠୁ ତ ଅନେକ ଘଟଣା, ଅଘଟଣର ସମ୍ମୁଖୀନ ହେବାକୁ ପଡ଼ିଛି । ଆଉ ଏବେ ବି ତାହାର ଅନ୍ତ ନାହିଁ । ବଡ଼ ପରିବାର, ହେଲେ ତାହାରି ଭିତରେ କେତେ କଥା ତାହା କ'ଣ କେହି ଅଙ୍ଗେ ନ ଲିଭାଇଲେ ଅନୁଭବ କରିପାରିବ ? ନା କହିହେଉଛି ନା ସହିହେଉଛି ।

ଏପରି ନାନା ପ୍ରଶ୍ନ, ଦ୍ୱନ୍ଦ୍ୱ, ଚିନ୍ତା ଭିତରେ ନିତି ସଢୁଥିଲେ ଚନ୍ଦ୍ରମୋହନ । ସେ ଜୀବନରେ କିଛି କମ୍ ପରିଶ୍ରମ କରିନାହାନ୍ତି । ଆଜି ଏଠାକୁ ପରିବାରକୁ ଆଣିବା ଲାଗି ସେ କେତେ କଠିନ ପରିଶ୍ରମ ନ କରିଛନ୍ତି ! ଜୀବନର ହିସାବ ନିକାଶ କରିବାକୁ ମନରେ ଅନେକ ଆଶା ହୁଏ । ମାତ୍ର ଏହା କ'ଣ ସମ୍ଭବ ? ଜୀବନ ନିକିତିରେ ହାର-ଜିତ, ସଫଳତା-ବିଫଳତା, ଲାଭ-କ୍ଷତି, ସୁନାମ-ଦୁର୍ନାମ ଆଦିର ଚିଠା କରି ତାହାର ସମୀକ୍ଷା କରିବା କ'ଣ ସମ୍ଭବ ?

**ସମସ୍ତଙ୍କୁ ବିଦାୟ ଦେଇ ଚନ୍ଦ୍ରମୋହନ ବନ୍ଧୁଙ୍କ ସହ ବୁଲିବାକୁ ବାହାରିଗଲେ । ଶରୀର ସିନା ବାହାରେ, ହେଲେ ମନ ଥାଏ ଘରେ । ପୁଣି କ'ଣ ଯେ ଗୋଟାଏ ପିଲାମାନେ କରିପକାଇବେ ତାହା କହିବା କଷ୍ଟକର । ଦିନେ ସେ କେତେ ଶକ୍ତିଶାଳୀ ଥିଲେ । ସେ କିଛି ନ କହିଲେ ପରିବାରରେ କିଛି ଘଟୁ ନଥିଲା । ହେଲେ ଏବେ ସେ ଘରେ କିଛି ନୁହନ୍ତି । ତାଙ୍କ ନିୟନ୍ତ୍ରଣରେ ଆଉ କେହି ନାହାନ୍ତି ।**

ଚାକିରି ଜୀବନ ଅନ୍ତେ ଚନ୍ଦ୍ରମୋହନ ଭାବିଥିଲେ ପରବର୍ତ୍ତୀ ଜୀବନ ନିଶ୍ଚୟ ସ୍ୱଭାବସୁଲଭ ଭାବେ କଟିବ । ପରିବାରର ମୁହଁଚାହିଁ ସେ ଆନନ୍ଦରେ ଦିନ ଗଣିବେ । ସମସ୍ତଙ୍କୁ ନିଜର କରି ଆଗକୁ ବଢ଼ିବେ । ହେଲେ ସମୟ କ'ଣ ସେସବୁ କରିଦେଉଛି ? ଅତୀତରେ ଯେପରି ଜୀବନ ଚାଲିଥିଲା ଠିକ୍ ସେପରି ଆଜି ବି ଜୀବନ ଚାଲିଛି । ତାହିଁଲେ ବି ସେ ଜୀବନର ଖିଅ କିଛି ନା ଧରିପାରୁଛନ୍ତି ନା ଛାଡ଼ିପାରୁଛନ୍ତି । ନା ଆନନ୍ଦରେ ଦିନ କଟାଇପାରୁଛନ୍ତି ନା ନିଜର ଅବସୋସ, ଦ୍ୱନ୍ଦ୍ୱ, କଳ୍ପନା, ଆଶା ଆଦି ବିଷୟରେ କାହାକୁ ମୁହଁ ଖୋଲି କହିପାରୁଛନ୍ତି । ତାଙ୍କୁ ଲାଗୁଛି ପରିବାରରେ ସେ ଜଣେ ବନ୍ଦୀ ମଣିଷ ପାଲଟିଯାଇଛନ୍ତି । ପିଲାଙ୍କ ହାତ ମୁଣ୍ଡକୁ ପାଇଗଲେ ଯେ, ବାପାଙ୍କ ସବୁ କଥା ପୂରଣ ହୋଇପାରିବ କିମ୍ବା ସେ ଚାହୁଁଥିବା ଅନୁସାରେ ପରିବାର ଆଗକୁ ଯିବ ଏହା ଆଦୌ ସମ୍ଭବ ନୁହେଁ ।

ପରିବାରଟିକୁ ସୁନା କରିବା ଲାଗି ଚନ୍ଦ୍ରମୋହନ କି ଉଦ୍ୟମ କରିନାହାନ୍ତି ! ସେସବୁ ଅତୀତ କଥା ମନେ ପଡ଼ିଗଲେ ତାଙ୍କ ରୁମ ଟାଙ୍କୁରି ଯାଉଛି । ପିଲାଙ୍କ ପଢ଼ାଠାରୁ ଆରମ୍ଭ କରି ସେମାନଙ୍କ ବାହାଘର ଯାଏ- କି ପରିଶ୍ରମ ନ ହୋଇଛି ! ଗୋଟିଏ ଗୋଟିଏ ଘଟଣା ତ ଚନ୍ଦ୍ରମୋହନଙ୍କ ପ୍ରାଣରେ ଆତଙ୍କ ଭରିଦିଏ । ତଥାପି ସେସବୁର ମୁକାବିଲା କରି ସେ ଆଜି ଏହି ସ୍ତରକୁ ପରିବାରକୁ ଆଣିଛନ୍ତି- ତା'ଠାରୁ ବଡ଼ କଥା ଆଉ କ'ଣ ହୋଇପାରେ ?

ବୟସ ବଢ଼ିବା ସହ ଚନ୍ଦ୍ରମୋହନଙ୍କ ଅବସ୍ଥା ବି ସଂକୁଚିତ ହେବାରେ ଲାଗିଥିଲା । ଜୀବନ କାଳ ଭିତରେ ସେ ଭଲ ଘରଟିଏ କରିଛନ୍ତି, ବଗିଚାଟିଏ ବନାଇଛନ୍ତି । ପିଲାଙ୍କ ଲାଗି ପାଣି ପରି ଟଙ୍କା ସାରିଛନ୍ତି । ସମସ୍ତଙ୍କ ମେଳରେ ତାଙ୍କ ପରିବାର ଯେପରି ମୁଣ୍ଡ ଟେକି ଚାଲିପାରିବ ସେଦିଗରେ ସେ ବ୍ରତୀ ହୋଇଛନ୍ତି । ଜୀବନ ଯେ, ଆଦୌ ସ୍ୱାଦମୟ ନୁହେଁ, ବରଂ ସମସ୍ୟା ଓ ସଂଘର୍ଷର ଏକ କ୍ଷେତ୍ର ତାହାକୁ ଠିକ୍ ଠଉରାଇପାରିଥିଲେ ଚନ୍ଦ୍ରମୋହନ ।

ଥରେ ବଜାରକୁ ଯାଇଥିଲେ । ଘର ପାଇଁ କିଛି ଜିନିଷ କିଣିବା ପରେ ସେ ଘର ମୁହାଁ ହୋଇଥିଲେ । ତେବେ ତାଙ୍କ ଆଖିରେ ପଡ଼ିଲା

ଏକ ଆକ୍ୱାରିୟମ ଦୋକାନ। ସେଠାରେ ଭଳିକି ଭଳି ମାଛର ସୁଲଳିତ ବିଚରଣ ତାହା ତାଙ୍କୁ ଅଭିଭୂତ କଲା। ସେ ସେଠାରେ କିଛି ସମୟ ଠିଆ ହୋଇ ରହିଲେ। ହଳଦିଆ, ନାଲି, ନେଳି, କଳା, କସରା, ଟିକି, ବଡ଼ ଆଦି କିସମର ମାଛ ଦେଖି ବେଶ୍ ଆମୋଦିତ ହେଲେ।

ସେ ଅନେକ ଥର ଚିନ୍ତା କରିଥିଲେ ଘରକୁ ଗୋଟିଏ ଆକ୍ୱାରିୟମ ଆଣିବା ଲାଗି। ମାତ୍ର ତାହା ସମ୍ଭବ ହୋଇ ନଥିଲା। ଆଜି କିନ୍ତୁ ଘରକୁ ଗୋଟିଏ ଆକ୍ୱାରିୟମ ନେବା ପାଇଁ ତାଙ୍କ ମନରେ କେଜାଣି କାହିଁକି ଅଜସ୍ର ଉତ୍କଣ୍ଠା ସୃଷ୍ଟି ହେଲା। ସତରେ କି ସୁନ୍ଦର ମାଛଗୁଡ଼ାକ ହୋଇଛନ୍ତି ! କଉତୁକିଆ ମାଛଗୁଡ଼ିକ ଦେଖିଲେ ପେଟ ପୂରିଯିବ। ଘରେ ପିଲାମାନେ ଥାଆନ୍ତୁ କି ନଥାଆନ୍ତୁ ଅନ୍ତତଃ ଏହି ମାଛଗୁଡ଼ିକୁ ଦେଖି ତ ଖୁସିରେ ସମୟ ବିତିଯିବ ! ସେମାନଙ୍କ ମୁକ୍ତ ବିଚରଣ, ଗୋଡ଼ାଗୋଡ଼ି ହୋଇ ଖେଳିବାର ଦୃଶ୍ୟ ସତତେ ତାଙ୍କୁ ନିଶ୍ଚୟ ଆମୋଦିତ କରିବ। ଏହା ଭାବି ଚନ୍ଦ୍ରମୋହନ ନିଷ୍ପତ୍ତି ନେଲେ ଘରକୁ ଆଜି ହିଁ ଏକ ଆକ୍ୱାରିୟମ ଘରକୁ ନେବେ।

ଆକ୍ୱାରିୟମ ଘରକୁ ଆସିବା ପରେ ତାକୁ ନେଇ ଘରେ ବେଶ୍ ଆନନ୍ଦର ମାହୋଲ ତିଆରି ହୋଇଗଲା। ସମସ୍ତେ ବେଶ୍ ଖୁସିହେଲେ। ଏପରି ଏକ ଜିନିଷ ଘରେ ରହିବାର ଆବଶ୍ୟକତା ଥିଲା ବୋଲି ସମସ୍ତେ ବିଚାର କଲେ। ବିଭିନ୍ନ ପ୍ରଜାତିର ମାଛଙ୍କ ଖେଳକୁଦ ସବୁଠାରୁ କିନ୍ତୁ ବେଶ୍ ଆମୋଦିତ କରିଥିଲା ଚନ୍ଦ୍ରମୋହନଙ୍କୁ। କାରଣ ତାଙ୍କର ବିଷାଦ ମୁହୂର୍ତ୍ତଗୁଡ଼ିକୁ ଦୂର କରିବାରେ ଏହି ମାଛଗୁଡ଼ିକ ନିଶ୍ଚୟ ଭୂମିକା ନେବେ।

ସମୟ ବିତିଚାଲିଲା। ଚନ୍ଦ୍ରମୋହନଙ୍କ ବୟସ ବି ବଢ଼ିଚାଲିଲା।

ବାପା ବଞ୍ଚିଥିବାବେଳେ ବାରିପଟେ ଥିବା ପ୍ରାୟ ଦି ଏକର ଜମିରେ ନାନା ପ୍ରକାର ଫସଲ କରାଯାଉଥିଲା। ବର୍ଷା ଦିନେ ଧାନ ତ, ଖରାଦିନେ ପନିପରିବା। ଶୀତ ଦିନେ ଟମାଟୋ, କୋବିର ଫସଲ ଦେଖିଲେ ପେଟ ପୂରିଯାଉଥିଲା। ପୂର୍ବ ଦିଗରେ ଥିବା ଏକ ଛୋଟିଆ ପୋଖରୀରେ ମାଛଚାଷ ବି ହୋଇଥିଲା। ପ୍ରାୟ ଦଶଟି ନଡ଼ିଆ ଗଛ, ପଣସ, ଆମ୍ବ ଆଦି ଗଛରେ ଭରପୂର ଥିଲା ଜମି। ମାତ୍ର ବାପା ଚାଲିଯିବା ପରଠାରୁ ସେହି ଜମି ଉପରେ ନିଘା ରଖି ହେଲାନାହିଁ। ଚନ୍ଦ୍ରମୋହନ ଚାକିରି କରୁଥିବାରୁ ସେ ବିଲ ପ୍ରତି ଧ୍ୟାନ ଦେଇପାରିଲେ ନାହିଁ। ପିଲାମାନେ ବି ସେଥିପ୍ରତି ଆଗ୍ରହୀ ହେଲେ ନାହିଁ। ଏବେ ତାହା ପଡ଼ିଆ ପାଲଟିଗଲାଣି।

ତାକୁ ଠିଆ କରିବାକୁ ଚନ୍ଦ୍ରମୋହନଙ୍କ ଶକ୍ତି ବି ନାହିଁ। ଏବେ ବିଲ ପ୍ରତି ତାଙ୍କର ମୋହ ରହିଛି, ଶ୍ରଦ୍ଧା ରହିଛି। କାରଣ ଚାକିରି କରିବା ଯାଏ ସେ ସେହି ଜମି ପ୍ରତି କି ଯତ୍ନ ନେଇନାହାନ୍ତି ! ବାପାଙ୍କ ସହ ବର୍ଷା, ଶୀତ, ଖରାରେ ସେଠାରେ କାମ କରିଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରିଛନ୍ତି। ହେଲେ ଏବେ ପିଲାମାନେ ତାହା କରିବାକୁ ନାରାଜ। ଏହି ଜମିରେ ଯେପରି ଚନ୍ଦ୍ରମୋହନଙ୍କ ଅଧା ଜୀବନ ସଞ୍ଚିତ ରହିଛି।

ଦିନେ ପୁଅମାନେ ଚନ୍ଦ୍ରମୋହନଙ୍କୁ ଏକ କଠୋର ନିଷ୍ପତ୍ତି ଶୁଣାଇଲେ। ବାରିପଟ ଜମି କିଛି କାମରେ ଆସୁନାହିଁ। ତାକୁ ବିକିଦେବା। ଏହି ପ୍ରସ୍ତାବ ଶୁଣି ଚନ୍ଦ୍ରମୋହନଙ୍କ ମୁଣ୍ଡ ଘୂରିଗଲା। ଏ କି ବିଚିତ୍ର ପ୍ରସ୍ତାବ ? ଏହି ଜମିକୁ ନେଇ ସେ କେତେ ସ୍ୱପ୍ନ ଦେଖିନାହାନ୍ତି ! ପିଲାମାନେ ଯଦି ଏହାର ସଠିକ୍ ଯତ୍ନ ନେବେ ତେବେ ସେମାନଙ୍କ ପରିବାର ଚଳିଯିବେ। ମାତ୍ର ପିଲାଙ୍କ ମୁଣ୍ଡରେ ଏହି ବୁଦ୍ଧି କାହିଁକି ? ସେମାନେ ଉପାର୍ଜନ କରୁଛନ୍ତି। ଆଉ କିଛି ଜମି ପରିବାରରେ ମିଶାଇପାରିଥାନ୍ତେ। ମାତ୍ର ତାହା ନ କରି କଷ୍ଟାର୍ଜିତ ସମ୍ପତ୍ତିକୁ ବିକିବା ଲାଗି ଯୋଜନା କଲେଣି !

ଚନ୍ଦ୍ରମୋହନଙ୍କ ଆଖିରୁ ଲୁହ ବୋହିଗଲା। ହୃଦୟରେ ଅନେକ କ୍ରୋଧ ଜାତ ହେଲା। ମାତ୍ର କରିବେ କ'ଣ ? ପୁଅମାନେ ଏକ ପ୍ରକାର ନିଷ୍ପତ୍ତି ନେଇସାରିଛନ୍ତି। ସେମାନଙ୍କ ସହ କଳହ କଲେ କ'ଣ ଠିକ୍ ହେବ ? ଅଯଥାରେ ପରିବାରରେ ବିତୃଷ୍ଣା ସୃଷ୍ଟି ହେବ।

ଶେଷରେ ପ୍ରାଣପ୍ରିୟ ଜମିଟି ବିକ୍ରି ହୋଇଗଲା। ଜମିଟି ଚାଲିଯିବା ପରେ କିଛି ଦିନ ଧରି ଚନ୍ଦ୍ରମୋହନଙ୍କ ନିଦ ହେଲା ନାହିଁ। ଅଧ ରାତିରେ ନିଦ ଭାଙ୍ଗିଯିବା ପରେ ଏକାକୀ ଜମି ନିକଟକୁ ଚାଲିଯାଆନ୍ତି। ସେଠାରେ କିଛି ସମୟ କଟାନ୍ତି, ଲୁହ ଗଡ଼ାନ୍ତି। ପରେ ଚାଲିଆସନ୍ତି। ମନକଥା କାହାକୁ କହିବେ ? କ'ଣ ବା ଫଳ ଅଛି ?

ପୁଅମାନେ ବେଶ୍ ଭଲ ଆୟ କରୁଛନ୍ତି। ସୁଖରେ ରହୁଛନ୍ତି। ନିଜ ନିଜର ଗାଡ଼ି ବି କରିଛନ୍ତି। ହେଲେ ଚନ୍ଦ୍ରମୋହନଙ୍କ ସେହି ପୁରୁଣା ରାଜଦୂତଟି ଘରେ ରହିଥିଲା। ପ୍ରାୟ ଚାଳିଶ ବର୍ଷର ଗାଡ଼ି। ହେଲେ ଚନ୍ଦ୍ରମୋହନ ତାକୁ ଅନେକ ଯତ୍ନ କରି ରଖିଥିଲେ। ସେହିଗାଡ଼ିଟି ଆଜିଯାଏ ତାଙ୍କୁ କେବେ ଧୋକା ଦେଇନାହିଁ। ବର୍ଷା, ଖରାରେ ସେ ତାଙ୍କର ଚିର ସହଚର ଥିଲା। ଗାଡ଼ିଟି ଖରାପ ହେଲେ ସେ ଅନେକ କଷ୍ଟରେ ଦୂର ମେକାନିକ ପାଖକୁ ନିଅନ୍ତି। ସେହି ମେକାନିକ ଦୀର୍ଘ ବର୍ଷ ଧରି ଗାଡ଼ିର ମରାମତି କରିଆସୁଥିଲା। ସେ ବି ସର୍ବଦା ମାନସିକ ପ୍ରସ୍ତୁତ ଥିଲା ଯେ, ରାଜଦୂତର କ'ଣ ଖରାପ ହେଲେ କିପରି ତାକୁ ମରାମତି କରାଯିବ। ବେଳେବେଳେ କବାଡ଼ିବାଲାଙ୍କଠାରୁ ରାଜଦୂତ ଲାଗି କିଛି କିଛି ଜିନିଷ ସେ ରଖିଦେଇଥାଏ। ବେଳେବେଳେ ଚନ୍ଦ୍ରମୋହନଙ୍କୁ କୁହେ, ଏହି ଗାଡ଼ିଟିକୁ ବିକନ୍ତୁ ନାହିଁ। ଏତେ ବର୍ଷ ସେବା କରିଥିବା ଗାଡ଼ିକୁ କାହିଁକି ଶେଷ କାଳରେ ବିକିବେ ? ଗାଡ଼ିଟି ଆହୁରି କିଛି ବର୍ଷ ସେବା କରିପାରିବ।

ଚନ୍ଦ୍ରମୋହନ ସବୁ ଶୁଣି ହସିଦିଅନ୍ତି। ବୟସ ବଢ଼ିବା ଯୋଗୁ ସେ ଆଜିକାଲି ଗାଡ଼ିଟିକୁ ଅଧିକ ସମୟ ଚଳାଇପାରନ୍ତି ନାହିଁ। ତଥାପି ସାହସ କରି ଚଳାନ୍ତି। ଗର୍ବରେ ଛାତି ଫୁଲାଇ କହନ୍ତି- ଏ ମୋର କଳା ଘୋଡ଼ା। ମଲା ଯାଏ ମୁଁ ତା'ର, ସେ ମୋର। ଜାଣିବା ଶୁଣିବା ଲୋକ ଚନ୍ଦ୍ରମୋହନଙ୍କୁ ପ୍ରଶଂସା କରନ୍ତି।

ଥରେ ଚନ୍ଦ୍ରମୋହନଙ୍କ ଦେହ ଖରାପ ହେଲା। ସେ ହସ୍ପିଟାଲରେ ଭର୍ତ୍ତି ହେଲେ। ପ୍ରାୟ ପନ୍ଦର ଦିନ ପରେ ସେ ଘରକୁ ଫେରିଲେ। ହେଲେ ଘରେ ପଶୁ ପଶୁ ଗୋଟିଏ ବିଚିତ୍ର ଦୃଶ୍ୟ ସେ ଦେଖିବାକୁ ପାଇଲେ। ଯେଉଁ ସ୍ଥାନରେ ଚାଳିଶ ବର୍ଷ ଧରି ରାଜଦୂତ ଠିଆ ହେଉଥିଲା ସେହି ଜାଗାଟି ଖାଲି ପଡ଼ିଥିଲା। ଭାବିଲେ କେଉଁ ପୁଅ ହୁଏତ ନେଇଥିବ। ମାତ୍ର ସେଥିରେ ସେ ବିଶ୍ୱାସ କଲେନି। କାରଣ କୌଣସି ପୁଅ ରାଜଦୂତ ଚଢ଼ିବାକୁ ପସନ୍ଦ କରି ନଥାନ୍ତି ଇଜ୍ଜତ ଚାଲିଯିବା ଭୟରେ।

ଏହାର କାରଣ ପଚାରନ୍ତେ ଚନ୍ଦ୍ରମୋହନ ଯାହା ଶୁଣିଲେ ସେଥିରେ ସେ ପାଗଳ ପ୍ରାୟ ହୋଇଗଲେ। ତାଙ୍କ ଅନୁପସ୍ଥିତିରେ ପ୍ରିୟ ରାଜଦୂତକୁ ପିଲାମାନେ କବାଡ଼ିବାଲାକୁ ବିକି ଦେଇଛନ୍ତି।

ଚନ୍ଦ୍ରମୋହନଙ୍କ ମୁଣ୍ଡ ଘୂରିଗଲା। ସାରା ସଂସାର ତାଙ୍କୁ ଘୃଣାମୟ ବୋଧ ହେଲା। ତାଙ୍କୁ ନ ପଚାରି କିପରି ପିଲାମାନେ ରାଜଦୂତକୁ ବିକ୍ରି କରିଦେଲେ ଯେ !

ସେହି ଦିନଠାରୁ ସେ ସମ୍ପୂର୍ଣ୍ଣ ଅଲଗା ମଣିଷ ପାଲଟିଗଲେ। ପିଲାମାନେ କେତେ ନିର୍ଦ୍ଦୟ ସତେ ! ସମସ୍ତଙ୍କ ପିଲାଦିନ ଏହି ଗାଡ଼ିରେ ହିଁ କଟିଛି। ହସ୍ପିଟାଲ ନେବାଠାରୁ ଆରମ୍ଭ କରି ସ୍କୁଲ କଲେଜ ଯାଏ– କି ସେବା ନକରିଛି ରାଜଦୂତ। ଥିଲା ତ ଥିଲା ତାକୁ କାହିଁକି ବିକିଦେଲେ ? ହଜାରେ ଟଙ୍କାରେ କ'ଣ ପରିବାର ଚଳିଯିବ ନା ସମସ୍ତେ ଧନୀ ହୋଇଯିବେ ? କିପରି ତାଙ୍କୁ ସେମାନଙ୍କ ବିବେକ ବାଧା ଦେଲା ନାହିଁ ? ସେ ଦି ଚାରିଦିନ ଖିଆପିଆ ଛାଡ଼ିଦେଲେ। କାହାରିକୁ ଭରସା କରିପାରିଲେ ନାହିଁ। ପୁଅମାନେ ସାନ୍ତ୍ୱନା ଦେଇ କହିଲେ– ପୁରୁଣା ଗାଡ଼ିଟି ରହିଲେ କ'ଣ ହେବ ? ଅଯଥା ଘରର ସୌନ୍ଦର୍ଯ୍ୟ ନଷ୍ଟ କରୁଛି। ପୁଅମାନଙ୍କ ଗାଡ଼ିରେ ଯାଆସ କଲେ କ୍ଷତି କ'ଣ ? ସେମାନଙ୍କର କୌଣସି କଥାକୁ କିନ୍ତୁ ଗ୍ରହଣ କରିଲେ ନାହିଁ ଚନ୍ଦ୍ରମୋହନ। ଏହି ଅକ୍ଷମଣୀୟ ଅପରାଧ ଲାଗି କାହାକୁ କ'ଣ କ୍ଷମା ଦିଆଯାଇପାରେ ?

କିଛିମାସ ବିତିଗଲା। ନା ଠିକ୍‌ରେ ନିଦ ହେଉଛି ନା ମନରୁ ଦୁଃଖ ଦୂର ହେଉଛି। ପ୍ରତି କ୍ଷଣରେ ନୂଆ ନୂଆ ଚିନ୍ତା ମୁଣ୍ଡରେ ଠୁଳ ହେଉଛି।

ଜଣେ ବନ୍ଧୁଙ୍କ ସହ ବାହାରକୁ ବୁଲିଯିବାକୁ ଦିନେ ଠିକ୍ କଲେ ଚନ୍ଦ୍ରମୋହନ। ଦୀର୍ଘ ଦିନ ଧରି ଘରୁ ବାହାରକୁ ବାହାରିପାରିନାହାନ୍ତି। ଏବେ ଏକ ସୁଯୋଗ ବୋଲି ସେ ଧରିନେଲେ। ପ୍ରାୟ ପନ୍ଦର ଦିନ ପରେ ସେ ଫେରିବା ଲାଗି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିଲା।

ସମସ୍ତଙ୍କୁ ବିଦାୟ ଦେଇ ଚନ୍ଦ୍ରମୋହନ ବନ୍ଧୁଙ୍କ ସହ ବୁଲିବାକୁ ବାହାରିଗଲେ। ଶରୀର ସିନା ବାହାରେ, ହେଲେ ମନ ଥାଏ ଘରେ। ପୁଣି କ'ଣ ଯେ ଗୋଟାଏ ପିଲାମାନେ କରିପକାଇବେ ତାହା କହିବା କଷ୍ଟକର। ଦିନେ ସେ କେତେ ଶକ୍ତିଶାଳୀ ଥିଲେ। ସେ କିଛି ନ କହିଲେ ପରିବାରରେ କିଛି ଘଟୁ ନଥିଲା। ହେଲେ ଏବେ ସେ ଘରେ କିଛି ନୁହନ୍ତି। ତାଙ୍କ ନିୟନ୍ତ୍ରଣରେ ଆଉ କେହି ନାହାନ୍ତି।

ବୁଲାବୁଲି ସାରି ଚନ୍ଦ୍ରମୋହନ ଘରକୁ ଫେରିଲେ। ହେଲେ ସେ ଯେଉଁ ଘରେ ବସାଉଠା, ଶୟନ କରୁଥିଲେ ସେହି ଘରଟି ବୈଠକଖାନା ହୋଇଯାଇଥିଲା। ପିଲାମାନଙ୍କ ବହିପତ୍ର, ସାଜ ସରଞ୍ଜାମ ଆଦି ସେଠାରେ ରହିଥିଲା। ତାଙ୍କର ରୁମ୍‌ଟି ଅନ୍ୟ କୋଠରୀକୁ ସ୍ଥାନାନ୍ତରିତ ହୋଇଯାଇଥିଲା। କାରଣ ଖୋଜନ୍ତେ ପିଲାମାନେ କହିଲେ– ଏହି କୋଠରୀଟା ବଡ଼ ଥିବାରୁ ଏହାକୁ ବୈଠକଖାନା କରିଦେଲୁ। ଅନେକ ସମୟରେ ଘରେ ସ୍ଥାନାଭାବ ଥିବାରୁ ଏହି କୋଠରୀଟିକୁ ବୈଠକଖାନା କରିଦେଲେ ଠିକ୍ ହେବ ବୋଲି ବିଚାର କଲୁ।

ଚନ୍ଦ୍ରମୋହନଙ୍କ ରାଗର ସୀମା ରହିଲା ନାହିଁ। ମନଇଚ୍ଛା ପିଲାମାନଙ୍କୁ ବକିଗଲେ। ଏହି କୋଠରୀରେ ସ୍ତ୍ରୀ ସୁମତି ଆଖିବୁଜିଥିଲେ। ସେହିଦିନଠାରୁ ଏହି କୋଠରୀ ପ୍ରତି ଚନ୍ଦ୍ରମୋହନଙ୍କ ସ୍ୱତନ୍ତ୍ର ମମତା ଥିଲା। ଅନେକ ସୁଖଦୁଃଖର ସାଥୀ ହୋଇ ରହିଥିଲା ଏହି କୋଠରୀ। ହେଲେ ସେ ନଥିବା ଅବସ୍ଥାରେ ଏହି ପରିବର୍ତ୍ତନ ଅତ୍ୟନ୍ତ ମାରାତ୍ମକ ବୋଲି ସେ ଗର୍ଜନ କଲେ। ମାତ୍ର ଏହାକୁ ଶୁଣିବାକୁ ସେଠାରେ କେହି ନଥିଲେ। ଯିଏ ଯା' କୋଠରୀରେ ରହିଯାଇଥିଲେ।

ବିଚାରା ଚନ୍ଦ୍ରମୋହନ କରିବେ କ'ଣ ? ଯାହା ଆଶଙ୍କା କରୁଥିଲେ ତାହା। ସେ ତାଙ୍କ ଲାଗି ରହିଥିବା ଅନ୍ୟ କୋଠରୀକୁ ଗଲେ। କୋଠରୀଟି ଛୋଟଥିବାରୁ ସେଠାରେ ତାଙ୍କର ଅସୁବିଧା ତ ହେବ। ହେଲେ ଏହା ଆଉ କ'ଣ ପରିବର୍ତ୍ତନ କରିବା ସମ୍ଭବ ? ବଡ଼ପୁଅ ତ କହିଥିଲା ବାପାଙ୍କ ଲାଗି ଛୋଟ କୋଠରୀଟିଏ ହେଲେ ଚଳିଯିବ। ଏହାକୁ ଅନ୍ୟମାନେ ସମର୍ଥନ କରିଥିଲେ। ତେଣୁ ଚନ୍ଦ୍ରମୋହନ ନିଜର ଦୁଃଖ ଆଉ କାହାକୁ କହିବେ ?

ସବୁଠାରୁ ବଡ଼ କଥା ହେଲା ତାଙ୍କର ପସନ୍ଦର ଆକ୍ୱାରିୟମଟି ତାଙ୍କ କୋଠରୀରେ ରଖିଦିଆଯାଇଥିଲା।

ହଁ...ସେ ବୁଝିପାରିଲେ ପ୍ରକୃତରେ ଆକ୍ୱାରିୟମ ସହ କ'ଣ ତାଙ୍କର ସମ୍ପର୍କ। ମାଛମାନେ କ'ଣ ସତରେ ଖେଳକୁଦ କରୁଛନ୍ତି ? ସେମାନେ କ'ଣ ପ୍ରକୃତରେ ସ୍ୱାଧୀନ ? ସେମାନଙ୍କ ମନଲୋଭା ରଙ୍ଗ ପଛରେ ସେମାନଙ୍କ ସୁଖ ଓ ଆନନ୍ଦର ସମ୍ପର୍କ ରହିଛି କି ? ଏସବୁର ଉତ୍ତର ନିଜେ ପାଇଗଲେ ଚନ୍ଦ୍ରମୋହନ। ଚନ୍ଦ୍ରମୋହନ ନିଜକୁ ଅନୁଭବ କଲେ ସେ ଆକ୍ୱାରିୟମରେ ବନ୍ଦୀ ଥିବା ଏକ ପ୍ରାଣୀ ପରି। ସେ ବିଚରଣ କରିପାରୁଛନ୍ତି, ମାତ୍ର ପ୍ରକୃତରେ ସେ ବନ୍ଦୀ। ସେ କିଛି କହିପାରୁଛନ୍ତି, ମାତ୍ର ପ୍ରକୃତରେ ଜଣେ ମୂକ। ସେ କିଛି ଦେଖିପାରୁଛନ୍ତି, ମାତ୍ର ସେ କ'ଣ ଦେଖୁଛନ୍ତି ତାହା କହିପାରିବେ ନାହିଁ।

ଏକ ବିଶାଳ ଅବସୋସର ବୋମାରେ ନିଜେ ଯେପରି ହୋଇଯାଉଥିଲେ ଧ୍ୱଂସ। ନିର୍ବାକ, ନିର୍ଜୀବ ପ୍ରାଣୀଟାଏ ପରି ଖଟ ଉପରେ ପଡ଼ିଗଲେ ଚନ୍ଦ୍ରମୋହନ।

*ଦୂରଭାଷ: ୯୪୩୭୧୬୪୭୬୪*

# ତିନୋଟି ମିନି ଗଳ୍ପ

ସୀମାଂଚଳ ଦାଶ

## ଭଲ ଅଛ ନରୋତ୍ତମ

ତ' – ସେ ଶୂନ୍ୟ ଆକାଶକୁ ଗୋଟେ କାତରତା, ଆକୁଳତାଭରା ପେଜୁଆ ଆଖିରେ ଚାହେଁ। ସେ ବୁଝିପାରୁ ନଥିଲା ଲୋକେ କାହାକୁ ଭଲ କହୁଛନ୍ତି। ସେ ଆଦୌ କେବେ ଭଲ ନ ଥିଲା ତ' ଏବେ ବି ନାହିଁ। ପୁଣ୍ଡକୁ ତା' ପିତ୍ତ ଉଠିଲେ ବଡ଼ ମୁହଁରୁ ଯାହା ବାହାରେ ମନଇଚ୍ଛା ବଳି ଚାଲେ। ସାନର ଗଉଁ ସେ କାହିଁର କ'ଣ। ଝିଅ ଘରକୁ ଗଲେ ସବୁଦୁଣୀ ଆରମ୍ଭ କରେ ବାହାଘର ବେଳେ ହେଇଥିବା କୋଉ ଜିନିଷଟା ଭଲ ପଡ଼ିଲା ଆଉ ଖରାପ। ସବୁ ରାଉରାଉ ଭିତରେ ଜଣେ ଭଲ ଜୀବନଟେ ଜୀଇଲେ ତ' ଭଲ ହେବ। ଥୋକେ କିଛି ନ ଜାଣି କାହିଁକି ଶୁଖିଲାଟାରେ ପଚାରନ୍ତି କେଜାଣି, କ'ଣ ଭାଇ ଭଲ ! ଇଏ କୋଉ ଭଲକୁ ପାଏ ବୁଝି ପାରୁ ନଥିବା ନରୋତ୍ତମ ଶୂନ୍ୟ ଆକାଶକୁ ଚାହେଁ ବିକଳିଆ ପଣରେ।

ଭଲ ସେଇମାନଙ୍କ ପାଇଁ- ଯାହା ପାଖରେ ବିଡ଼ାବିଡ଼ା ନୋଟ୍ ଅଛି, ତୁଳା ବିଛା ଶେଯ ଅଛି: ଆଉ ଏ ନରୋତ୍ତମର ତ' କଣା ଭଙ୍ଗା କୁଡ଼ିଆ ଖଣ୍ଡକ ଛଡ଼ା କିଛି ହିଁ ନାହିଁ। ଭତ୍ତା ଟଙ୍କା କିଛି ମିଳୁଥିଲା ଯେ, ସେତକ ବି ଏ ସରକାର ଆଇବା ଦିନୁ କଟିଗଲା। ଓଷଦ ଖାଇବାକୁ ସୁଦ୍ଧା ଫଟା କଉଡ଼ିଟେ ଘରସାରା ଦରାଣ୍ଡିଲେ କୋଉଠୁ ବାହାରିବନି- ଏଥିରେ ପୁଣି ଭଲ।

ଏମିତି ଚାହାଣି ସେ ଚାହୁଁଥିଲା ତା' ପିଲାଏ ଇସ୍‌କୁଲ ବ୍ୟାଗ ପିଠିରେ ପକେଇ ଇସ୍‌କୁଲ, ଟୁସୁନ ଗଲାବେଳେ। ଚାହିଁଥିବ ଯେ ଚାହିଁଥିବ ସେମାନଙ୍କ ଛାଇ ଲୁଚିବା ଯାଏ। ବୁଢ଼ୀ ଆସି ପଛରୁ ଟିକ୍‌ରା ମାରି କହିବ- ଯିବକି ଇସ୍‌କୁଲ, ଟୁସୁନ ପିଲାଙ୍କ ସହ, ଯାଉନ। ସେତିକି ହେଲାନି ବୋଲି ତ' ନରୋତ୍ତମ 'ବାବୁ' ରୁ ସେ ନରୋତ୍ତମକୁ ଓହ୍ଲେଇ ପଡ଼ିଛି। ନହେଲେ ତାକୁ ପାଠ କହ ଶାଠ କହ : କୋଉଥିରେ ଟପିବାକୁ କିଏ ଅଛି ଏ ଗାଁରେ ଆଜିଯାଏ !

ମୁଁ ଯାଏ ଲୋ- ମା' ଏବାୟା ମଣିଷ ବିଳିବିଳେଇଲାଣି ଯେ, କେମିତି ସରିବ ଆଜି ମୋ ଦିନ କହି ବୁଢ଼ୀ ପଶେ ଖନ୍ଦାଶାଳରେ।

ଭଲ ସେଇମାନଙ୍କ ପାଇଁ- ଯାହା ପାଖରେ ବିଡ଼ାବିଡ଼ା ନୋଟ୍ ଅଛି, ତୁଳା ବିଛା ଶେଯ ଅଛି: ଆଉ ଏ ନରୋତ୍ତମର ତ' କଣା ଭଙ୍ଗା କୁଡ଼ିଆ ଖଣ୍ଡକ ଛଡ଼ା କିଛି ହିଁ ନାହିଁ। ଭତ୍ତା ଟଙ୍କା କିଛି ମିଳୁଥିଲା ଯେ, ସେତକ ବି ଏ ସରକାର ଆଇବା ଦିନୁ କଟିଗଲା। ଓଷଦ ଖାଇବାକୁ ସୁଦ୍ଧା ଫଟା କଉଡ଼ିଟେ ଘରସାରା ଦରାଣ୍ଡିଲେ କୋଉଠୁ ବାହାରିବନି- ଏଥିରେ ପୁଣି ଭଲ।

ମନକୁ ମନ ଖିଙ୍କାରି ହୋଇ ପୋଖରୀ ପାଣି ଯିବାକୁ ପଦା ଆଡ଼େ ମୁହାଁଇଲା ତ' ପଛରୁ ନାତି କହୁଥିବା ପଡୁଥିଲା ତା' କାନରେ- କ'ଣ ଭଲ ନରୋତ୍ତମ ! !

## ଶୀତ ବିକୁଥିବା ଝିଅ

ଶୀତ ନେବ ଶୀତ। କାକର ଭିଜା ଶୀତ, କୁହୁଡ଼ି ଲେସା ଶୀତ, ପତ୍ରଭିଜା ଶୀତ, ବାମ୍ଫଉଠା ଶୀତ ଓ କମ୍ବଳ ଉପର ଶୀତ। କାନରେ ଏମିତି ଏକ ଅନିସନ୍ଧିଚ୍ଛୁ ଡାକ ପଡ଼ିବା ପରେ ମୁଁ କମ୍ବଳ ଭିତରୁ ବାହାରି କବାଟ ଖୋଲି ବାହାରକୁ ଆସିଲି। ସତକୁ ସତ ବାହାରେ ପତଳା ନହନହକା ଝିଅଟିଏ ତା' ପାପୁଲିକୁ ଆଞ୍ଜୁଳି କରି କ'ଣ ସବୁ ଧରିଥିଲା। ତା' ଆଡ଼କୁ ଚାହିଁଲି, ତା' ଆଖିସହ ଆଖି ମିଶିଯିବାରୁ ପଚାରିଲା ସେ- ନବ ବାବୁ ! ଆଞ୍ଜୁଳା ଭର୍ତ୍ତି ଶୀତ ଆଣିଛି। ରାସ୍ତାଘାଟ ଶୂନଶାନ କେହି କୁଆଡ଼େ ନ ଥିବାରୁ ଏଯାଏ କିଛି ବିକିନି। ନବ ତମେ, ଯାହା ଟଙ୍କା ଦେଉଛ ଦିଅ ଦେଇଯିବି। ଏ ଜାଡ଼ରେ ମୋ ପାଦ ଆଗକୁ ବଢୁନି।

ତାକୁ ଅତିକ୍ରମ କରି ମୁଁ ବି ପଛକୁ ଫେରିପାରୁ ନଥିଲି। ମନେ ମନେ ଭାବୁଥିଲି କେତେ ଟଙ୍କା ଦେବି ଝିଅକୁ ! !

ରାତି ପାହିଲା।

କେହି ଜଣେ କବାଟରେ ଠକ୍ ଠକ୍ ଆବାଜ କରିବାକୁ କମ୍ବଳ ଭିତରୁ ଉଠିଆସି କବାଟ ଖୋଲିଲି । ଦେଖିଲି- ଅନି ଭାଉଜ । ପଚାରିଲି କ'ଣ ହେଲା, ସେତିକି ଶୁଅମ-ଗଲ ଦେଖିବ ଆମ ବାଡ଼ିପଟ ମୁଣ୍ଡିଆରେ କାହାର ଗୋଟେ ଶବ ପଡ଼ିଛି । ଛାଟପଟାଳ ଲୋକ ଗଦା ହୋଇଛନ୍ତି- କହିଲେ ଅନି ଭାଉଜ ।

ମୋ ପାଟିରୁ ଫିସ୍‌ଫିସ୍ ହୋଇ ବାହାରିପଡ଼ିଲା- କାଲି ରାତିରେ ମୁଁ ଭେଟିଥିବା ସେ ଶୀତ ବିକୁଥିବା ଝିଅ ନୁହେଁ ତ' ! !

## ଦେବଦାରୁ

ଶୁଭୁଛି ତୋତେ-ଦେଖୁଛୁ ତ' ଏବର୍ଷ କେମିତି ଶୀତ ପଡ଼ିଛି । ପଞ୍ଜରା ହାଡ଼ ଥରେଇ ଦେଉଛି । କ୍ଲାସ୍ ସାରି ଆସିଲେ ହଷ୍ଟେଲ ଭିତରେ ତୋ' ରୁମ୍‌ରେ ରହିବୁ । ଜମା ପଦାକୁ କି' ତମ ହଷ୍ଟେଲ ସାମନା ସେ ଦେବଦାରୁ ଗଛମୂଳକୁ ଆସିବୁନି । ସାଙ୍ଗସାଥୀ ଡାକିଲେ ବି ନୁହେଁ । ହୁଁ...ହଁ...ନାଁ... କହି ବୋଉର ଉତ୍ତର ଫେରାଉଥିଲା ସୁଲତା । ୨୦/୨୫ ଦିନ ହେଲା ତା' କଲେଜ ଛୁଟି ଥିଲା, କାଲି ଖୋଲିବ (ହୋଇପାରେ ଯେ କୌଣସି ସହର କଟକ, କେନ୍ଦ୍ରାପଡ଼ା ଅବା ରାଉରକେଲା) । ତାଙ୍କ ଗାଁରୁ ଭୋରରୁ ବାହାରୁଥିବା ବସ୍‌ରେ ଯିବ ସେ । ଯିବା ଆଗରୁ ତାକୁ ତିଆରିବାକୁ ବୋଉର ଏ କସରତ ।

ସାନଭାଇ ଟିଟି କୋଉଠି ବୋଉ ଆଉ ତା' କଥା କାନେଇଥିଲା କେଜାଣି, ପାଖକୁ ଚାଲିଆସି ଚୁପ୍‌କରି ତା' କାନରେ କହିଲା- ଦିଦି ସତରେ ତୁ' ଆଉ ସେ ଦେବଦାରୁ ଗଛ ମୂଳକୁ ଆସିବୁନି !

ମୁଣ୍ଡ ହଲାଇ ମନା କଲା ସେ ।

ଟିଟି କହିଲା- ଦେଲୁ ଦେଲୁ ଫୋନଟା- ମୁଁ ଅର୍ଣ୍ଣବ ଭାଇଙ୍କୁ କହିଦିଏ: ନ ହେଲେ ସେ ଆସି ଦେବଦାରୁ ମୂଳରେ କାକରରେ ଭିଜିଭିଜି ଯିବେ । ଥଣ୍ଡା ସର୍ଦ୍ଦି ହେବନି ତାଙ୍କୁ ! !

ସୁଲତା ରେଗେଡିକି ପୁଳେ ଚିମୁଟି ଦେଲା ଟିଟିକୁ: ତ' ସେ ବୋଉଲୋ...କହି କାନ୍ଦି ଆସିବା ବେଳକୁ ସୁଲତା ଦି'ଟା ଆଙ୍ଗୁଠି ପୂରେଇ ଦେଲା ତା' ପାଟିରେ...

ତାକୁ ଆଉଁସିପାଉଁଶି ପାଟି ଖୋଲିବାକୁ ପାଲଉଥିଲେ ବି' ଖୋଲୁ ନ ଥିଲା ଟିଟି ।

*ଶଗଡ଼ିଆ ସାହି, ନୟାଗଡ଼*




**Looking forward to our association in Rotary**

*Rtn. Jayashree Rtn. Tanmay Mohanty*

**Rotary Club of Bhubaneswar**

**Web:** www.luminousinfoways.com **Email:** jaya@lipl.in, tanmay@lipl.in **Contact No.:** +91 9238426536

Luminous Infoways
Delivering values through qualitative thinking

**Proud to be associated with**

ସୂଚନା ଅଧିକାର
RTI Central Monitoring Mechanism

e-Blood Bank
An Integrated Blood Bank Automation System

e-nirman
Online Project Monitoring System

**Dedicated to Personalized e-Governance**

# ଅବସୋସ

ଆଭା ମିଶ୍ର

ଅନେକ ସମୟରେ ରାଣୀ ଭାବେ ତା'ର କିଛି କଥା ଅଭୟଙ୍କୁ କହିବାର ଅଛି। ହେଲେ କ'ଣ ? ତା'ର ଉତ୍ତର ସେ ପାଏନି। ତେଣୁ ପ୍ରତିଥର ଯେତେବେଳେ ତାକୁ ଅଭୟଙ୍କ ସାଥିରେ କଥା ହବାର ସୁଯୋଗ ମିଳେ ସେତେବେଳେ ପ୍ରତିଥର କଥା ହୋଇ ସାରିବା ପରେ କେମିତି ଏକ ଅବ୍ୟକ୍ତ ଯନ୍ତ୍ରଣାରେ ସେ ଛଟପଟ ହୋଇଥାଏ। କାରଣ ତା'ର କିଛି କହିବାକୁ ଥାଏ, ହେଲେ ସେ ଜାଣିପାରେନି ତା କ'ଣ କହିବାକୁ ଅଛି। ତେଣୁ ସେ କହିପାରେନି। ଆଉ ସେ ସମୟ ଭିତରେ କଥା ସବୁ ସରିଯାଏ।

ବେଳେବେଳେ କେମିତି ଏକ ଅଜବ ଖିଆଲ ପଶେ ରାଣୀର ମନ ଭିତରକୁ। ତା'ର ଇଚ୍ଛା ହୁଏ ପୁଣିଥରେ ଫେରିଯିବାକୁ ଦୂର ଅତୀତକୁ ମାନେ ସେ ବାଳୁତ ବୟସକୁ ଯେତେବେଳେ ଯାହା ଦରକାର ମନ ଖୋଲି କହିହୁଏ। ନିଜ ଇଚ୍ଛା ସବୁକୁ ପୂରଣ କରିବା ପାଇଁ ଜିଦ୍‌ବି କରିହୁଏ। ରାହା ଧରି କାନ୍ଦି ହୁଏ, ନହେଲେ ଇଚ୍ଛା ସବୁକୁ ପୂରଣ କରିବାକୁ ଯାହା ବି ଦରକାର ସେ ସବୁକୁ କରିହୁଏ ଯେଉଁଥିରେ ଘରର ବଡ଼ମାନେ ବାଧ ହୁଅନ୍ତି ସେ ଜିଦ୍ ସବୁକୁ ପୂରଣ କରିବା ପାଇଁ।

> **ସତରେ କ'ଣ ମଣିଷଜୀବନରେ ଥରେ ମାତ୍ର ପ୍ରେମରେ ପଡ଼େ ? ଏହାର ଉତ୍ତର ଖୋଜି ପାଏନି ରାଣୀ। ବାରମ୍ବାର ବା ଥରକୁ ଥର ପ୍ରେମରେ ପଡ଼ିବା ପାପ ନା ପୂଣ୍ୟ ? ଏହାର ଉତ୍ତର ବି ତାକୁ ମିଳେନି। ଏବେ ବି ବେଳେ ବେଳେ ସେ ନିଜକୁ ପଚାରେ କାହିଁକି ତା ଜୀବନରେ ଆରମ୍ଭ ହେଉଥିବା ଏ ଅପରାହ୍ନ ପର୍ଯ୍ୟାୟରେ ଅଭୟ ତାକୁ ଏତେ ଭଲ ଲାଗୁଥିଲେ ?**

ପୁଣି ସେ ବୟସଟା ଏତେ ନିଷ୍ପାପ ବୟସ ଯେ ସେତେବେଳେ ଯଦି ମନଲାଖି ସାଥିଟିଏ ମିଳିଯାଏ ତାହେଲେ ଖୁବ୍ ସହଜରେ ମନଖୋଲି ତା' ଉପରେ ନିଜର ଇଚ୍ଛାକୁ ଲଦି ଦେଇ ହୁଏ। ତାକୁ କହିଦେଇ ହୁଏ ଦେଖ, ତୁ ଖାଲି ମୋ ସାଙ୍ଗେ ସାଙ୍ଗ ହବୁ, ମୋ ସାଙ୍ଗେ ଖେଳିବୁ, ମୋ ସାଙ୍ଗେ ପଢ଼ିବୁ, ଯୁଆଡ଼େ ଯିବୁ ଯାହା ତୁ କରିବୁ ସେସବୁ କେବଳ ଆଉ କେବଳ ମୋ ସାଙ୍ଗରେ ହିଁ କରିବୁ, ଆଉ କାହା ସାଥିରେ ନୁହେଁ। କଥା ହବା ତ ଦୂରର କଥା, ମୋ ଛଡା ତୁ ଯଦି ଆଉ କାହା ଆଡ଼କୁ ଚାହିଁ ବି ଥିବୁ ନା ତାହେଲେ ଦେଖିବୁ। ତୋର ଦିନେ କୁ ମୋର ଦିନେ। ମୁଁ ତୋ ସାଙ୍ଗେ କଟି ପକେଇ ଦେବି। ଜୀବନ ସାରା ଆଉ କେବେ ବି ପଦେ କଥା ହେବିନି।

ହେଲେ ଆଜି ସେ ବୟସ କାହିଁ କେବେଠାରୁ ହାତରୁ ଖସି ଯାଇଥିଲା। ସେ ଯେତେବେଳେ ସେ ବୟସରେ ଥିଲା ମନେ ମନେ ଭାବୁଥିଲା କେବେ ସେ ବଡ ହେବ। ରାଣୀଠାରୁ ଲାଗୁଥିଲା ବଡ ହୋଇଗଲେ ସବୁ ସୁଖ ତା ହାତ ପାଆନ୍ତାକୁ ଆସିଯିବ। ହେଲେ ଆଜି ବଡ ହୋଇଗଲା ପରେ ତା ମନ ଚାହୁଁଥିଲା ପୁଣିଥରେ ଫେରିଯିବାକୁ ସେ ଦୂର ଅତୀତକୁ। ଫେରି ଯିବାକୁ ସେ ବୟସକୁ ଯାହାକି ଅସମ୍ଭବ ଥିଲା।

ସେ ବୟସରେ ମନଟା ଥାଏ ନିଷ୍ପାପ, ହୃଦୟଟା ବି ଥାଏ ନିହାତି କୋମଳ। ନା ମନ, ବା ହୃଦୟ, ନା ମସ୍ତିଷ୍କ କେଉଁଠାରେ ବି ସାମାନ୍ୟତମ ନକାରାତ୍ମକ ଭାବନା ଥାଏ। ଲୋଭ, ହିଂସା, ଇର୍ଷା, ଦ୍ୱେଷ ସେସବୁ କିଛି ବି ପାଖ ମାଡି ନଥାଏ। ଆବଶ୍ୟକତା ବି ଏମିତି ଖାସ୍ କିଛି ନଥାଏ। ଭୋକ ହେଲେ କେହି ଜଣେ ଭଲ କିଛି ଖାଇବା ବାଢ଼ିଦେଲେ ଗଲା। ସେ ସମ ବୟସ୍କ ହେଉ, ଛୋଟ ହେଉ କି ବଡ ହେଉ ସେ ବୟସରେ କେହି ଯଦି ତା'ର ଛୋଟ ଛୋଟ ଆବଶ୍ୟକତା ପୂରଣ କରି ଦେଉଥିଲା, ସେ ତା'ର ଖୁବ୍ ନିଜର ହୋଇଯାଉଥିଲା।

ମନ କହୁଥିଲା ସବୁବେଳେ ତାରି ପାଖେ ରହିବାକୁ।

ହେଲେ ସମୟ ବିତିବା ସହିତ ବୟସ ବଢ଼ିଯାଏ, ପରିସ୍ଥିତି ବଦଳି ଯାଏ। ସେତେବେଳେ କେହି ଜଣେ ଭଲ ଲାଗିଲେ ତାକୁ ଖୋଲିକି କହି ହୁଏନାହିଁ ଯେ ତୁମେ ମତେ ଭଲ ଲାଗ। କାହିଁକି କେଜାଣି ଭୟ ଆସେ। ଭଲ ଲାଗୁଥିବା ମଣିଷଟିକୁ ଅନେକ କଥା କହିବାକୁ ଇଚ୍ଛା ଥିଲେ ସେ ସାମ୍ନାକୁ ଆସି ଗଲେ ସବୁ କଥା ଯେମିତି ଭୁଲି ହୋଇଯାଏ। ପ୍ରତି ମୁହୂର୍ତ୍ତରେ ତାକୁ ପାଖରେ ପାଇବା ପାଇଁ ମନଟା ଛଟପଟ ହେଉଥିଲେ ବି ସେ ପାଖକୁ ଆସିଗଲେ ସାଙ୍ଗସାଥି ତଥା ସମାଜ ଆଗରେ ତା' ସହିତ ଏମିତି କିଛି ଖାସ୍ ସମ୍ପର୍କ ନ ଥିବାର ଅଭିନୟ କରିବାକୁ ହୁଏ। ସତରେ ଯେମିତି କାହାକୁ ଭଲ ପାଇଁ ସେ କିଛି ଗୋଟେ ଅପରାଧ କରି ଦେଇଛି।

ରାଣୀ ପୁଣି କେବେ କେବେ ଭାବେ ସେ ବାଲୁତ ସମୟ ନହେଲା ନାଇଁ ଫେରି ଆସନ୍ତା କି ତା'ର ସେ କୈଶୋର ସମୟ ସବୁ। ପ୍ରତିଟି ମଣିଷ ଜୀବନର କୈଶୋର ସମୟଟା ଏମିତି ଏକ ସମୟ ଯେତେବେଳେ ସେ ବାସ୍ତବତାରେ କମ୍ ବରଂ ସ୍ୱପ୍ନରେ ବେଶୀ ସମୟ ରହିଥାଏ। ସେ ବୟସରେ କିଶୋରଟିଏ ବା କିଶୋରୀଟିଏ ସବୁବେଳେ ତା ମନର ମଣିଷ ସାଥିରେ ସ୍ୱପ୍ନର ଦୁନିଆରେ ଜୀଇଁଥାଏ। ଯେଉଁଠାରେ କେବଳ ସେ ଦୁଇଜଣ ହିଁ ଥାଆନ୍ତି। ଶୟନେ, ସପନେ, ଜାଗରଣେ ଜଣେ ଖାଲି ଅନ୍ୟ ଜଣଙ୍କ କଥା ହିଁ ଭାବୁଥାଏ।

ପ୍ରତିଟି ମଣିଷ ତା' କୈଶୋର ସମୟରେ କବିଟିଏ ହୋଇଥାଏ। ରାତି ରାତି ଅନିଦ୍ରା ରହି ତା' ମନର ମଣିଷ ପାଇଁ ସେ କେତେ ଯେ କବିତା ଲେଖିଥାଏ ତାର ହିସାବ ନଥାଏ। ଯେତେ ଯାହା ଲେଖିଲେ ବି ତାକୁ ଲାଗେ ସେ ଯେମିତି ଠିକ୍‌ରେ ପରିପ୍ରକାଶ କରିପାରୁନି ତା ମନ ତଳର ଭାବନାକୁ। ସେଇ ଅସହାୟତାରେ ସେ କେତେକେତେ ଯେ ଅଧା ଲେଖା କବିତା ଚିରିଥାଏ ନ ହେଲେ ଥରକୁ ଥର କେତେ କେତେ ଯେ ଶବ୍ଦ ଯାହାକି ତା'ର ମନତଳର ଭାବନାକୁ ଏକଦମ୍ ଠିକ୍‌ରେ ପରିପ୍ରକାଶ କରିପାରିବଟା କ'ଣ ଯୋଡା କରୁଥାଏ ସେକଥା କେବଳ ତାକୁ ହିଁ ଜଣାଥାଏ। ତା'ର କଷ୍ଟ, ତା' ଯନ୍ତ୍ରଣା, ତା' ବିବଶତା, ତା' ଅସହାୟତାକୁ କେବଳ ସେ ହିଁ ଅନୁଭବ କରିଥାଏ। ଭୟରେ ହେଉ ବା ଲାଜରେ ହେଉ ନା ସେ ତାହାକୁ କିଛି କହିପାରେ ନା ସହିପାରେ।

ଏମିତି କେତେ କେତେ ରାତି ଅନିଦ୍ରା ରହି, କେତେ କେତେ ଶବ୍ଦ କଟାକଟି ଯୋଡା ଯୋଡି କରିବା ପରେ ଯାଇ ସେ ତା' ମନର ମଣିଷ ପାଇଁ ମନଲାଖି କବିତାଟିଏ ଲେଖିଥାଏ। ତା'ପରେ ପୁଣି ଥରେ ସୁନ୍ଦର ସୁନ୍ଦର ଅକ୍ଷରରେ ଆଉ ଏକ କାଗଜରେ ଉତାରି ଥାଏ। ମନେ ମନେ ସ୍ଥିର କରେ କେବେ ସୁଯୋଗ ପାଇଲେ ନିଜେ ଲେଖିଥିବା କବିତାଟିକୁ ସେ ଧରେଇ ଦେବ ତା' ମନର ମଣିଷ ହାତରେ।

ହେଲେ ଅନେକ ଚେଷ୍ଟା କରିବା ପରେ ବି ସେ ସୁଯୋଗ ଆସେନି। ତା ମନର ମଣିଷଟିକୁ ସେ କେବେ ବି ନିରୋଳାରେ ପାଏନି। ନିରୋଳା ତ ଦୂରର କଥା କେବେ ଯଦି ତାକୁ ସେ ସାଙ୍ଗ ମାନଙ୍କ ଗହଣରେ ବି ଥିବାବେଳେ ଦେଖିଦିଏ ତା'ହେଲେ ଦେହ ହାତ ତାର ଝାଳେଇ ଯାଏ। ପାଟି ଓଠ ଅଠା ଅଠା ହୋଇଯାଏ। ସବୁକଥା ସେ ଭୁଲିଯାଏ। ସେ ଯେ କେତେ କେତେ ରାତି ଅନିଦ୍ରା ହୋଇ ତା ହୃଦୟର କଥା ସବୁକୁ କାଗଜ ଉପରେ କବିତାର ରୂପ ଦେଇ ସଜେଇ ରଖିଛି ତାକୁ ଉପହାର ଦେବାପାଇଁ ସେକଥା ସେ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଏ।

ପୁଣି କେବେ କେବେ ଭାବେ ତାର ସେ କୈଶୋର ସମୟରେ ହେଲେ ଅଭୟ ଆସିଥାନ୍ତେ ତା ଜୀବନର ପରିଧିକୁ। ତାଙ୍କୁ ନେଇ ସେ ସ୍ୱପ୍ନ ଦେଖିଥାନ୍ତା। ପ୍ରତି ରାତିରେ ତାଙ୍କୁ ସାଥିରେ ଧରି ସ୍ୱପ୍ନ ରାଇଜରେ ଘୁରି ବୁଲିଥାନ୍ତା, ତାଙ୍କ ସାଥିରେ ଅସରନ୍ତି ଗପର ପସରା ମେଲାଇ ଦେଇଥାଆନ୍ତା, ହେଲେ ଆଜି ଚାଳିଶ ପଇଁଚାଳିଶ ବର୍ଷ ବୟସରେ ସେସବୁ କରିବା ଅସମ୍ଭବ ହେଲେ ବି ବେଳେବେଳେ ସେ ଏମିତି କିଛି ଅଯଥା ଭାବନା ଭିତରେ ଫସିଯାଏ।

କାହିଁକି କେଜାଣି ଜୀବନର ଚଲାପଥରେ ଚାଲୁ ଚାଲୁ ବେଳେବେଳେ ମଣିଷର ମନ ଓ ହୃଦୟ ଉଭୟ ଜଣ ଜଣଙ୍କ ପାଖରେ ଅଟକି ଯାଏ। କାହିଁକି କେଜାଣି ସେ ଅପରିଚିତ ଥିଲେ ବି ବହୁତ ଭଲ ଲାଗେ, ତାର ସାନିଧ ଭଲ ଲାଗେ। ଆଉ ସେ ଅପରିଚିତ ମଣିଷଟି ଭାରି ନିଜର ନିଜର ଲାଗେ। ଲାଗେ ଠିକ୍ ଏମିତି ଜଣେ ମଣିଷକୁ ସେ କାହିଁ କେଉଁ କାଳୁ ଖୋଜୁଥିଲା। ହେଲେ ପାଇନଥିଲା। ଆଉ ଆଜି ପାଇଲା ବେଳକୁ ସମୟ ସବୁ ହାତ ପାହାନ୍ତାରୁ ଖସି ଯାଇଥିଲା।

ସତରେ କ'ଣ ମଣିଷଜୀବନରେ ଥରେ ମାତ୍ର ପ୍ରେମରେ ପଡ଼େ ? ଏହାର ଉତ୍ତର ଖୋଜି ପାଏନି ରାଣୀ। ବାରମ୍ବାର ବା ଥରକୁ ଥର ପ୍ରେମରେ ପଡ଼ିବା ପାପା ନାର ପୂଣ୍ୟ ? ଏହାର ଉତ୍ତର ବି ତାକୁ ମିଳେନି। ଏବେ ବି ବେଳେ ବେଳେ ସେ ନିଜକୁ ପଚାରେ କାହିଁକି ତା ଜୀବନରେ ଆରମ୍ଭ ହେଉଥିବା ଏ ଅପରାହ୍ନ ପର୍ଯ୍ୟାୟରେ ଅଭୟ ତାକୁ ଏତେ ଭଲ ଲାଗୁଥିଲେ ? ବେଳେବେଳେ ଏମିତି କିଛି ଅଜବ ଅଜବ ଖିଆଲର ଅଡୁଆ ତଡୁଆ ଜାଲ ଭିତରେ ରାଣୀ ଏପରି ଭାବରେ ଫସିଯାଏ ଯେ ଯେତେ ଚେଷ୍ଟା କଲେ ବି ସେଥିରୁ ମୁକୁଳି ପାରେନି।

ଆଜି ଅଭୟଙ୍କୁ ଦେଖିଲେ କି ଫୋନ୍‌ରେ ତାଙ୍କ ସ୍ୱର ଶୁଣିଲେ ବା ହ୍ୱାଟସ୍ ଆପ୍‌ରେ ତାଙ୍କଠାରୁ ବାର୍ତ୍ତାଟିଏ ଆସିଲେ ଏ ବୟସରେ ବି ରାଣୀକୁ ଠିକ୍ ସେମିତି ଲାଗେ ଯେମିତି ଲାଗୁଥିଲା ଦୂର ଅତୀତରେ ତା କୈଶୋର ସମୟରେ ଯେତେବେଳେ ତାର ବୟସ ଥିଲା ମାତ୍ର ସତର କି ଅଠର ବର୍ଷ। ଆଉ ସେତେବେଳେ ମାନସ ତାର ସମଗ୍ର ସତ୍ତାକୁ ଆବୋରି ବସିଥିଲା।

ସ୍କୁଲ ପଢ଼ା ସରି କଲେଜ ପଢ଼ା ସରିବା ଭିତରେ ଅନେକ ପୁଅଙ୍କ ସଂସ୍ପର୍ଶରେ ଆସିଥିଲେ ମଧ୍ୟ ରାଣୀ କେବେହେଲେ କାହା ପ୍ରତି ଏତେ ଆକର୍ଷଣ ଅନୁଭବ କରିନଥିଲା। ଚାକିରୀ କରିବା ପରେ ସେ ଆସିଥିଲା ମାନସର ସଂସ୍ପର୍ଶରେ। ପ୍ରଥମେ ପ୍ରଥମେ ତ ଏମିତି ସୌଜନ୍ୟମୂଳକ କଥାବାର୍ତ୍ତା ତା'ପରେ ଫୋନ୍ ନମ୍ବର ଦିଆନିଆ ଯଦିଓ ସେତେବେଳେ ମୋବାଇଲ୍ ଫୋନ୍ ଆଦୌ ନଥିଲା।

ଧୀରେ ଧୀରେ ଉଭୟଙ୍କ ଭିତରେ ଆକର୍ଷଣ ବଢ଼ିଥିଲା ଆଉ ସେ ଆକର୍ଷଣ କ୍ରମେ ପ୍ରେମର ରୂପ ନେଇଥିଲା। ଅଫିସ୍‌ରେ କଥାହେଲେ କିଏ କାଳେ କିଛି ସନ୍ଦେହ କରିବ ସେଥିପାଇଁ ଅଫିସ୍‌ରେ ସେମାନେ ପରସ୍ପରକୁ ଏମିତି ବ୍ୟବହାର କରୁଥିଲେ ଯେମିତି କାହାର ବି ସେମାନଙ୍କ ଉପରେ

ସାମାନ୍ୟ ସନ୍ଦେହ ଆସିବ ନାହିଁ। ହେଲେ ଅଫିସ୍‌ରୁ ଫେରିବା ପରେ ରାତିର ଏକ ନିର୍ଦ୍ଦିଷ୍ଟ ସମୟରେ ପରସ୍ପର ପରସ୍ପରକୁ ପବ୍ଲିକ୍ ବୁଥ୍‌ରୁ ଫୋନ୍ କରୁଥିଲେ ଆଉ ଗପୁଥିଲେ। ଅନେକ ସମୟ ଅନେକ କଥା ଗପିବାକୁ ଥିଲେ ମଧ ଉଭୟଙ୍କୁ ଖୁବ୍ ଅଳ୍ପ ସମୟ ଭିତରେ କଥା ସବୁକୁ ସାରିବାକୁ ପଡୁଥିଲା। କାରଣ ପବ୍ଲିକ୍ ବୁଥ୍‌ର ସେ ପରିବେଶ ଏକେର ତ ସେମାନଙ୍କୁ ଅଧିକ ସମୟ କଥା ହବାକୁ ସୁଯୋଗ ଦେଉନଥିଲା। ଦୁଇରେ ସେମାନେ ମନଖୋଲି କଥା ବି ହେଇପାରୁନଥିଲେ। ତଥାପି ସେଇ ଯେତିକି ସମୟ କଥା ହୋଇପାରୁଥିଲା ସେଇ ସେତିକି ସମୟ ରାତି ପାହି ସକାଳ ହେବା ପର୍ଯ୍ୟନ୍ତ ରାଣୀ ପାଇଁ ଯଥେଷ୍ଟ ଥିଲା। ଫୋନ୍‌ରେ ମାନସଙ୍କ ସ୍ୱର ରାତି ସାରା ରାଣୀର କାନ ପାଖରେ ପ୍ରତିଧ୍ୱନି ସୃଷ୍ଟି କରୁଥିଲା।

ହେଲେ ପ୍ରେମର ରାସ୍ତାରେ ଚାଲୁ ଚାଲୁ ଅଧା ବାଟରେ ହିଁ ସେମାନଙ୍କ ରାସ୍ତା ଅଲଗା ଅଲଗା ହୋଇଯାଇଥିଲା। ପ୍ରେମ ସେମାନଙ୍କର ସେମିତି ଅଧାରେ ହିଁ ରହିଯାଇଥିଲା। କାରଣ ବିବାହ କଥା ପଡ଼ିବା ମାତ୍ରେ ହିଁ ଜାତିପ୍ରଥାର ଦ୍ୱାହି ଦେଇ ଉଭୟଙ୍କ ପରିବାରରୁ ଉଠିଥିଲା ବିଦ୍ରୋହର ସ୍ୱର। ଯେହେତୁ ଦୁହେଁ ଯାକ ଭିନ୍ନ ଭିନ୍ନ ଜାତିର ଥିଲେ ତେଣୁ ଉଭୟଙ୍କ ପରିବାର ଏ ବିବାହ ପାଇଁ ରାଜି ହୋଇନଥିଲେ। ତେଣୁ ଉଭୟଙ୍କୁ ସେମାନଙ୍କ ରାସ୍ତା ଅଲଗା ଅଲଗା କରିବାକୁ ପଡ଼ିଥିଲା। ତା'ପରେ ପରିବାରର ଇଚ୍ଛା ଅନୁଯାୟୀ ଆଉ କାହାର ହାତ ଧରି ଉଭୟଙ୍କୁ ସେମାନଙ୍କ ଜୀବନର ଚଲାପଥରେ ବାଟ ଚାଲିବାକୁ ପଡ଼ିଥିଲା।

ମାନସ କଥା ତ ସେ ଜାଣିପାରିଲା ନାହିଁ। ହେଲେ ରାଣୀ ଅନେକ ଦିନ ଧରି ମାନସଙ୍କ ଅଭାବବୋଧକୁ ଅନୁଭବ କରିଥିଲା। କିଛି ଗୋଟେ ଅମୂଲ୍ୟ ଜିନିଷକୁ କେଉଁଠି ହଜେଇ ଦେଲାପରି ଲାଗିଥିଲା। କେମିତି ଏକ ଖାଲି ଖାଲି ପଣ ତାକୁ ହତୋସାହିତ କରି ଦେଉଥିଲା। ମାନସଙ୍କୁ ସେ ଯେତେ ଭୁଲିବାକୁ ଚେଷ୍ଟା କରୁଥିଲା, ମାନସ ତାର ସେତେ ଅଧିକ ଅଧିକ ମନେ ପଡ଼ିଥିଲେ।

ବେଳେବେଳେ ଦୀର୍ଘଶ୍ୱାସ ପକାଏ ରାଣୀ। ପରିବାରର ଇଚ୍ଛାରେ ନିଜ ଇଚ୍ଛାକୁ କବର ଦେଇଥିଲା, ନିଜ ପ୍ରେମକୁ ବଳି ଦେଇଥିଲା। ନିଜ ଭଲ ପାଇବାକୁ ଶୂଳୀ ଚଢ଼େଇ ଦେଇଥିଲା, ନିଜ ସ୍ୱପ୍ନ ସବୁକୁ ଭୁଲି ଯିବାକୁ ବାଧ ହୋଇଥିଲା। ଯଦିଓ ସେ ସବୁକୁ ଭୁଲିଯିବା ତା ପାଇଁ ଏକ ପ୍ରକାର ଅସମ୍ଭବ ଥିଲା।

ସମୟ କ'ଣ କେବେ କାହାପାଇଁ ଅଟକି ଯାଏ ନା କ'ଣ ? ନାଁ .... କାହା ପାଇଁ ଅଟକି ଯାଏନି। ତେଣୁ ରାଣୀ ପାଇଁ ବି ଅଟକି ନଥିଲା। ସେ ତା'ର ସେମିତି ତା' ବାଟରେ ଚାଲିଗଲା। କୁଆଡ଼କୁ ବି ଟିକିଏ ଅନେଇଲାନି।

ସମୟ ସହିତ ତାଳଦେଇ ଧୀରେ ଧୀରେ ରାଣୀର ସଂସାର ବଢ଼ିଥିଲା। ତା' ଛଡ଼ା ଅଫିସ୍‌ରେ କାମର ଚାପ ବି ବଢ଼ିଥିଲା। ଘର, ଅଫିସ, ସଂସାର, ପିଲାଛୁଆଙ୍କ ଦାୟିତ୍ୱ ସମ୍ଭାଳୁ ସମ୍ଭାଳୁ କେତେବେଳେ ଯେ ଦିନ ଯାଇ ରାତି ଆସୁଥିଲା। ଆଉ ପୁଣି ରାତି ଯାଇ ଦିନ ଆସୁଥିଲା। ସେକଥା ସେ ଜାଣିପାରୁନଥିଲା। ତାକୁ ଲାଗୁଥିଲା ସେ ଯେମିତି ସଂସାର ଜଞ୍ଜାଳ ଭିତରେ ପେଶୀ ହୋଇଯାଉଛି।

ବେଳେବେଳେ ରାତିର ନିଃଶବ୍ଦ ପ୍ରହରରେ ରାଣୀ ପଛକୁ ଫେରି ଚାହୁଁଥିଲା ତ ନିଜକୁ ନିଜେ ବିଶ୍ୱାସ କରିପାରୁନଥିଲା କି ଏହା ଭିତରେ ଏତେ ଗୁଡାଏ ବର୍ଷ ବିତିଗଲାଣି। ବତିଶ ବର୍ଷ। ବାପରେ...। ସବୁ କିଛି ଯେମିତି ଏଇ କାଲି ଘଟିଥିବା ପରି ଲାଗୁଥିଲା।

ଏଇ ତ ବ୍ୟାଗବସ୍ତାନୀ ଧରି ସେ ଚାଟଶାଳୀ ଯାଉଥିଲା ଯେଉଁଠାରେ ଅଧିକାଂଶ ସମୟ ତା'ର ଖେଳିବାରେ ଯାଉଥିଲା। ତା'ପରେ ନୀଳ ରଙ୍ଗର ଫ୍ରକ୍ ପିନ୍ଧି ସ୍କୁଲ, ପଞ୍ଚମ ଶ୍ରେଣୀ ଯାଏଁ ନୀଳ ରଙ୍ଗର ଫ୍ରକ୍ ଥିଲାତା'ର ସ୍କୁଲର ୟୁନିଫର୍ମ। ଷଷ୍ଠ ଶ୍ରେଣୀରୁ ସ୍କୁଲର ୟୁନିଫର୍ମ ଫ୍ରକ୍‌ରୁ ବଦଳିଗଲା ସାଲୱାର କାମିଜକୁ। ଦଶମ ପରେ କଲେଜ୍। ବିଏ ସରିବା ପରେ ରେଭେନ୍‌ସା କଲେଜରେ ଏମ୍.ଏ.। ତାପରେ ଚାକିରୀ। ଆଉ ସେଇ ଚାକିରୀ ସମୟରେ ହିଁ ମନୋଜଙ୍କ ସହ ପରିଚୟ।

ପ୍ରଥମେ ବନ୍ଧୁତା। ତା'ପରେ ବନ୍ଧୁତାରୁ ପ୍ରେମ। ପ୍ରେମକୁ ବିବାହରେ ପରିଣତ କରିବାକୁ ଚାହିଁଲେ ତ ସେମାନଙ୍କ ସମ୍ପର୍କ ଭିତରକୁ ପଶି ଆସିଲା ଜାତିପ୍ରଥା। ଉଭୟଙ୍କ ଜାତି ଅଲଗା ଅଲଗା ହୋଇଥିବାରୁ ଉଭୟଙ୍କ ପରିବାର ସେମାନଙ୍କ ବିବାହ ପାଇଁ ସ୍ୱୀକୃତି ଦେଇନଥିଲେ। ସେମାନେ ବି ପରିବାର ବିରୋଧରେ ଯିବାକୁ ଚାହିଁ ନ ଥିଲେ। ପରସ୍ପରର ସହମତିରେ ଉଭୟ ଉଭୟଙ୍କଠାରୁ ଦୂରେଇ ଯାଇଥିଲେ।

ସେଇଠୁ ଅଲଗା ହୋଇଯାଇଥିଲା ଉଭୟଙ୍କ ଜୀବନର ଚଲାପଥ। ସେଥିପାଇଁ ଉଭୟ କେହି କାହାକୁ ଦୋଷ ଦେଇନଥିଲେ, ମାନ ଅଭିମାନ କରିନଥିଲେ କିମ୍ବା ରାଗରୁଷା ବି କରିନଥିଲେ।

ଏବେ ବି ବେଳେବେଳେ ଉଭୟ ଉଭୟଙ୍କୁ ଫୋନ୍ କରନ୍ତି। ଢେର୍ ସମୟ ଯାଏଁ କଥା ହୁଅନ୍ତି। ନିଜ ନିଜର ଜୀବନକୁ ନେଇ କାହାର କିଛି ବି ଅବସୋସ ନଥାଏ। ଭାଗ୍ୟ କି ଭଗବାନ କାହା ପାଖରେ କିଛି ବି ଅଭିଯୋଗ ନଥାଏ। କାରଣ ଜୀବନ ସେମାନଙ୍କ ପାଇଁ ଯାହା ଯେମିତି ରଖିଥିଲା ସେମାନେ ତାକୁ ସେମିତି ଗ୍ରହଣ କରିନେଇଥିଲେ।

ଏବେ ଯେବେ ବି ଉଭୟ ଉଭୟଙ୍କ ସହିତ କଥା ହୁଅନ୍ତି ମନୋଜ କେବେ ବି ନିଜ ସ୍ତ୍ରୀ କଥା କୁହନ୍ତିନି କି ରାଣୀ କେବେ ବି ତା' ସ୍ୱାମୀଙ୍କ କଥା କୁହେନି। ସେମାନଙ୍କ ସମ୍ପର୍କ ଭିତରକୁ ଉଭୟ କେହି କାହାରପରିବାରକୁ ଆଣନ୍ତିନି। ଉଭୟଙ୍କ ପରିବାର ନିଜ ନିଜ ଯାଗାରେ ତ ସେମାନଙ୍କ ସମ୍ପର୍କ ଆଉ ଗୋଟେ ଯାଗାରେ। କଥା ହେବାବେଳେ ଉଭୟ ଜାଣନ୍ତି ନାହିଁ ଯେ କ'ଣ କଥା ହୁଅନ୍ତି। ହେଲେ ଥରେ ଫୋନ୍‌ରେ କଥା ଆରମ୍ଭ ହେବା ମାତ୍ରେ ସେକଥା ସରିବାର ନାଁ ନିଏନାହିଁ। ଏମିତି ହିଁ ବାସ୍ ଚାଲିଥିଲା ଉଭୟଙ୍କର ଜୀବନ।

ଆଉ ଆଜି... ? ଜୀବନର ଅପରାହ୍ନ ଆଡ଼କୁ ପାଦ ବଢ଼ଉଥିବା ବେଳେ ରାଣୀ ଆଜି ଭେଟୁଥିଲା ଅଭୟଙ୍କୁ। ସେମିତି ବନ୍ଧୁତାରୁ ହିଁ ଆରମ୍ଭ ହୋଇଥିଲା ଉଭୟଙ୍କ ସମ୍ପର୍କ। ଆଉ ଧୀରେ ଧୀରେ ନିବିଡ଼ରୁ ହୋଇଥିଲା ନିବିଡ଼ତର। ନୂଆ ନୂଆ ତ ଅଭୟଙ୍କୁ ସାମ୍ନାରେ ଦେଖିଲେ ରାଣୀକୁ ଖୁବ୍ ଭୟ ଲାଗେ। ଲାଗେ ଯେମିତି ସେ କିଛି ଭୁଲ୍ କରି ଦେଇଛି ଯାହାକୁ ସେ ଚେତେଇ ଦେବାକୁ ଚାହୁଁଛନ୍ତି। ଆଉ ଏକଥା ବି କହୁଛନ୍ତି ଯେ ଏ ଭୁଲ୍‌ର ଯେମିତି ଆଗକୁ ଆଉଥରେ ପୁନରାବୃତ୍ତି ନହୁଏ।

ଧୀରେ ଧୀରେ ରାଣୀ ଅନୁଭବ କରିଥିଲା ଯେ ସେ ଅଭୟଙ୍କୁ ଯେମିତି ଭାବୁଥିଲା ପ୍ରକୃତରେ ଅଭୟ ସେମିତି ବିଲ୍‌କୁଲ୍ ନୁହଁନ୍ତି। ଉପରକୁ ସେ ଯେତେ ଗମ୍ଭୀର ଲାଗନ୍ତି ପ୍ରକୃତରେ ସେ ସେମିତି ଆଦୌ ନୁହଁନ୍ତି।

ତା'ର ପ୍ରତିଟି କଥା ଅଭୟ ଖୁବ୍ ଧୈର୍ଯ୍ୟ ଧରି ଶୁଣନ୍ତି। ସେ କିଛି ସୁବିଧା ଅସୁବିଧାରେ ପଡ଼ିଲେ ତାକୁ ସମାଧାନର ବାଟ ବତେଇ ଦିଅନ୍ତି। ପ୍ରଥମେ ପ୍ରଥମେ ତ ରାଣୀ ଆଦୌ ଅଭୟଙ୍କୁ ସାଥିରେ ଏତେ ଭଲ ଭାବରେ କଥା ହୋଇ ପାରୁନଥିଲା। ଯେତିକି ଦରକାର ସେତିକିକୁ ପୁଣି କାଣ୍ଟଛାଣ୍ଟ କରି କହୁଥିଲା। ଗୋଟିଏ କଥା କହିବା ଆଗରୁ ସେ ପାଞ୍ଚଥର ଭାବୁଥିଲା ଯେ ସେ ସେକଥା ସବୁକୁ ତାଙ୍କୁ କହିବ କି କହିବନି।

ହେଲେ ଧୀରେ ଧୀରେ ସେ ଅଭୟଙ୍କର ଏତେ ନିକଟକୁ ଚାଲିଯାଇଥିଲା ଯେ ତାକୁ କ'ଣ କହିବାକୁ ହେବ, କ'ଣ କହିବାକୁ ନ ହବ ସେକଥା ଆଉ ଭାବିବାକୁ ପଡୁନଥିଲା। ଯାହା ମନକୁ ଆସୁଥିଲା ସେସବୁ କହି ଦେଉଥିଲା। ପୁଣି ଧୀରେ ଧୀରେ ଏମିତି ସମୟ ବି ଆସିଯାଇଥିଲା ଯେ ସେମାନଙ୍କ ଭିତରେ ଥରେ କଥା ଆରମ୍ଭ ହୋଇଗଲେ ସେ କଥାସବୁ ଆଉ ସରୁନଥିଲା। ଏପଟେ ଏମିତିରେ ତ କଥା ସରୁନଥିଲା। ଆଉ ଯଦି ବା କେବେ କଥା ସରିଯାଉଥିଲା, ତଥାପି ରାଣୀ ଢେର୍ ସମୟ ଧରି ଫୋନ୍‌ଟିକୁ କାନରେ ଜାକି ଧରୁଥିଲା। ଏଇ ଆଶାରେ ଯେକାଳେ ଅଭୟ ତାକୁ ଆଉ କିଛି କହିବେ। ହେଲେ ନା ... ସେ ଫୋନ୍‌ଟାକୁ ବନ୍ଦ କରି ଦେଉଥିଲା।

ପ୍ରତିଥର ଉଭୟଙ୍କ ଭିତରେ କଥାବାର୍ତ୍ତା ଆରମ୍ଭ ହେବାମାତ୍ରେ ରାଣୀ ହିଁ ପ୍ରଥମେ କଥାବାର୍ତ୍ତା ଆରମ୍ଭ କରେ। ପ୍ରତିଥର ସେ ତାଙ୍କୁ ପ୍ରଶ୍ନଟିଏ ପଚାରି ଦିଏ ଯାହାର ଉତ୍ତର ଅଭୟ ଦିଅନ୍ତି। ହେଲେ ଅଭୟ ତା' ପ୍ରଶ୍ନର କି ଉତ୍ତର ଦିଅନ୍ତି ରାଣୀ ସେସବୁକୁ କିଛି ବି ଶୁଣେନି। ଶୁଣେ ତ ସେ ଖାଲି ଫୋନ୍‌ରେ ଅଭୟଙ୍କ ସ୍ୱରକୁ ଶୁଣୁଥାଏ ଯାହାକି ତାକୁ ଜଗଜୀତ୍ ସିଂଙ୍କର କୌଣସି ଗଜଲ ପରି ଶୁଭେ। ଆଖି ମୁଜି ଗୋଟିଏ ଲୟରେ ସେ ଶୁଣୁଥାଏ ତାଙ୍କର ସ୍ୱରକୁ। ଆଉ ଯେତେବେଳେ ସେ ଜାଣିପାରେ ଯେ ତାଙ୍କର ଉତ୍ତର ସରି ସରି ଆସୁଛି ସେତେବେଳେ ସେ ପଚାରି ବସେ ଆଉ ଏକ ପ୍ରଶ୍ନ। ତା'ପରେ ପୁଣି ଥରେ ଅଭୟ ଆରମ୍ଭ କରନ୍ତି ସେ ପ୍ରଶ୍ନର ଉତ୍ତର।

ପ୍ରତିଦିନ ଫୋନ୍‌ରେ ଅଭୟଙ୍କ ସ୍ୱର ଶୁଣିବାଟା ଯେମିତି ରାଣୀର ଅଭ୍ୟାସ ହୋଇଯାଇଥିଲା। ନିୟମିତ ଭାବରେ ନିଶା ଖାଉଥିବା ଲୋକ ଦିନେ ନିଶା ନଖାଇଲେ ଯେମିତି ହୁଏ, ରାଣୀକୁ ଠିକ୍ ସେମିତି ହିଁ ଲାଗୁଥିଲା ଯଦି ସେ କେଉଁ ଦିନ ଅଭୟଙ୍କ ସ୍ୱରକୁ ଶୁଣୁନଥିଲା। ଗୋଟେ ଦିନ ପାଇଁ ବି ଅଭୟଙ୍କ ସାଥିରେ କଥା ନ ହେଲେ ରାଣୀକୁ ଲାଗୁଥିଲା ଯେମିତି ସେ କାହିଁ କେଉଁ କାଳୁ ତାଙ୍କ ସାଥିରେ କଥା ହୋଇନି। ତାକୁ କିଛି ବି ଭଲ ଲାଗୁନଥିଲା। ସବୁ କିଛି ଅସାର ଅସାର ଲାଗୁଥିଲା। ତେଣୁ ମନେ ମନେ ଶପଥ କରୁଥିଲା ଯେ ଏଥର କଥା ହେଲେ ସେ ଅଭୟଙ୍କୁ ଅନେକ କିଛି କହିବ, ମନ ଭରିବା ପର୍ଯ୍ୟନ୍ତ କଥା ହେବ।

ହେଲେ ତାଙ୍କ ସହିତ କଥା ହବାର ସୁଯୋଗ ମିଳିବା ମାତ୍ରେ ରାଣୀ ସବୁକିଛି ଭୂଲି ଯାଉଥିଲା। ତା'ର କିଛି ବି ମନେ ପଡୁନଥିଲା। ଫୋନ୍ ସେପଟରୁ ଅଭୟଙ୍କ ସ୍ୱର ଶୁଣିବାମାତ୍ରେ ହିଁ ସେ ଭୁଲି ଯାଉଥିଲା ତା'ର ତାଙ୍କୁ କ'ଣ କହିବାକୁ ଥିଲା।

ସବୁଥର ତ ସେ ଭାବୁଥିଲା କହିବ, ଅଭୟ, ଥରେ ଚାଲ ଯିବା। ସାଥି ହୋଇ ଗୋଟେ ଲଙ୍ଗ୍ ଡ୍ରାଇଭରେ କୋଣାର୍କ ଆଡ଼େ ଯାଇ ବୁଲି ଆସିବା। ଗଭୀର ରାତିରେ ସମୁଦ୍ର ବେଳା ଭୂମିରେ ପାଖାପାଖି କିଛି ଘଣ୍ଟା ଏକଦମ୍ ଚୁପ୍‌ଚାପ ବସିବା। ସମୁଦ୍ରର ସେ ବେଳାଭୂମିରେ ତୁମ ପାପୁଲିକୁ ମୋ ପାପୁଲି ସହିତ ଛନ୍ଦି ତୁମ କାନ୍ଧ ଉପରେ ମୁଣ୍ଡ ରଖି ଚୁପ୍‌ଚାପ୍ ବସି ମୁଁ ତୁମକୁ ଟିକେ ଅନୁଭବ କରିବି। ତୁମ ଛାତିରେ ମୁଣ୍ଡ ରଖି ମୁଁ ତୁମ ନିଃଶ୍ୱାସ ପ୍ରଶ୍ୱାସକୁ କିଛି ସମୟ ଗଣତି କରିବି। ଏମିତି କାହିଁ କେତେ କଥା ସେ ଭାବିଥାଏ କହିବ ବୋଲି।

ହେଲେ ନା ...। ଏତେ କଥା ଭାବିଥିଲେ ବି କିଛି ବି ସେ କହି ପାରେନି। ଏମିତି ହଠାତ୍ କେବେ ଦେଖା ହୋଇଗଲେ ସେ ତାଙ୍କ ସହିତ କଥା ତ ହୁଏ, ହେଲେ ଯାହା କୁହେ ସେସବୁ କହିବାର କିଛି ଆବଶ୍ୟକତା ନଥାଏ କି ତା'ର ସେସବୁକୁ କହିବା ପାଇଁ ଇଚ୍ଛା ମଧ୍ୟ ନଥାଏ। ଖାଲି ଯାହା ବାଧ୍ୟ ବାଧକତାରେ ସେ ସବୁ କଥା ଗପିଥାଏ। ତେଣୁ ପ୍ରତିଥର ଫୋନ୍ ରଖିବା ପରେ ତାକୁ ଲାଗେ ପ୍ରକୃତରେ ସେ ଅଭୟଙ୍କୁ ଯାହା କହିବାକୁ ଚାହୁଁଥିଲା ସେତକ କହି ପାରିଲା ନାହିଁ। ଆଉ ଯାହା କହିଲା ସେସବୁକୁ ନ କହିଥିଲେ ବି ଚଳିଥାନ୍ତା। ସେସବୁକୁ କହିବାର ଏମିତି କିଛି ଆବଶ୍ୟକତା ବି ନଥିଲା। ଏମିତି କହିବାକୁ ଚାହୁଁଥିବା କଥା ସବୁକୁ କହି ନପାରିବାର ଅବସୋସ ବେଶ୍ କିଛି ସମୟ ଧରି ରାଣୀକୁ ଆଚ୍ଛାଦିତ କରି ରଖେ। ଧୀରେ ଧୀରେ ସେ ନିଜକୁ ସମ୍ଭାଳେ। ମନେ ମନେ ପୁଣି ଥରେ ପ୍ରତିଜ୍ଞା କରେ ଯେ ଯା ପରେ ଯେତେବେଳେ ବି ସେ କଥା ହେବ ସେତେବେଳେ ସେ ସସବୁକୁ କିଛି ଅଭୟଙ୍କୁ କହିଦେବ ଯାହା ସେ କହିବାକୁ ଚାହୁଁଛି।

ହେଲେ ନା ...। ସେମିତି ହୁଏନି। କେବେ ବି ହୁଏନି। ପ୍ରତିଥର ତା' କଥା ସବୁ ସେମିତି ଅକୁହା ହୋଇ ରହିଯାଏ। ସେ ଯାହା କହିବାକୁ ଚାହୁଁଥାଏ ନା ସେ କହିପାରେ ନା ଯାହା ସେ ଅଭୟଙ୍କ ଠାରୁ ଶୁଣିବାକୁ ଚାହୁଁଥାଏ ତାଙ୍କଠାରୁ ଶୁଣିପାରେ। କଥାସବୁ ସେମିତି ଅକୁହା ହୋଇ ରହିଯାଏ। ବେଳେବେଳେ ସେ ଭାବେ, ତା' ହେଲେ କ'ଣ ଅଭୟଙ୍କର ବି ଠିକ୍ ସେମିତି ହେଉଛି ଯାହା ତା' କ୍ଷେତ୍ରରେ ହେଉଛି। ତା'ପରି ସେ ବି କ'ଣ ତାକୁ କହିବାକୁ ଚାହୁଁଛନ୍ତି କିଛି। ହେଲେ କହୁଛନ୍ତି ଆଉ କିଛି । ତା' ହେଲେ କ'ଣ ଠିକ୍ ତା'ପରି ସେ ବି କହିବାକୁ ଚାହୁଁଥିବା କଥାସବୁକୁ କହିନପାରିବାର ଯନ୍ତ୍ରଣାରେ ପ୍ରତି ମୁହୂର୍ତ୍ତରେ ଛଟପଟ ହେଉଛନ୍ତି ? କେଜାଣି ?

*ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ*
*ଲୋକସେବା ଭବନ, ଭୁବନେଶ୍ୱର*

# ସେପ୍‌ଟି ପିନ୍

ଲିପସା ପଟେଲ

ଆଜିକାଲି ତେଜ୍ ଖୁବ୍ ଦାୟିତ୍ୱବାନ୍ ହୋଇଗଲାଣି । ମନେ ମନେ ଖୁସି ହେଉଥିଲେ ପ୍ରଣତିଦେବୀ । ମା ଏତେଦୂରକୁ ଯାତ୍ରା କରିଆସିବ ବୋଲି ଏ.ସି ବସରେ ଆଗୁଆ ଟିକେଟ୍ କରି ଦେଇଛି । ବସ ନମ୍ବର, ସିଟ ନମ୍ବର, ତାରିଖ ..... ପୂରା ଟିକେଟ୍‌ର ଫଟୋ ଉଠାଇ ହ୍ୱାଟସ୍‌ଆପ୍‌ରେ ପଠେଇ ଦେଇଛି । ସେ ହିଁ ପ୍ରଣତିଦେବୀଙ୍କୁ ଶିଖେଇଛି ଏଇସବୁ କଂପ୍ୟୁଟର ଯାଦୁଗରୀ। ଏକୁଟିଆ ରହୁଥିବାରୁ ନିଶ୍ଚିତ ଭାବେ ତେଜ୍ ତାଙ୍କ ପାଇଁ ଟିକେ ଅଧିକ ସମ୍ବେଦନଶୀଳ । ବାରମ୍ବାର ଫୋନ୍‌କରି କହିଛି ସାଥିରେ ପାଣିବୋତଲ, ସାଲ୍ ନେବା ପାଇଁ ; ଏହାଛଡା ପିଲାବେଳୁ ସେ ଦେଖିଛି ମା ଯୁଆଡେ ଯାଆନ୍ତି ତାଙ୍କ ପର୍ସରେ ଥାଏ ମୁଣ୍ଡ ବିନ୍ଧା ବାମ୍, ରୁମାଲ୍, ପାନିଆ ଓ ଗୋଟିଏ ପ୍ୟାକେଟ ସେପ୍‌ଟିପିନ୍ । ବୟସ ହୋଇଯାଇଥିବାରୁ କାଳେ ସେ ଭୁଲି ଯାଉଥିବେ ବୋଲି ମା'କୁ ମନେପକାଇ ଦେଉଛି କ'ଣ ସବୁ ସେ ରଖିବେ ନିଜ ଭ୍ୟାନିଟିରେ । ବସ୍‌ରେ ଏ.ସି ପାଇଁ ସାଲ୍ ବା ଚଦରକୁ ହାତରେ ନେବାପାଇଁ କହିଛି । ରାତିରେ ଥଣ୍ଡାଲାଗିବ । ଯାତ୍ରାଜନିତ କ୍ଳାନ୍ତି ଓ ଥଣ୍ଡାପାଗରେ ମା'ର ମୁଣ୍ଡ ଓ ଦେହ ବିନ୍ଧେ ବୋଲି ସେ ଠି଼କ ଜାଣିଛି । ତେଜ୍‌ର ଏତେ ଯତ୍ନ ଓ ତା'ର ଦାୟିତ୍ୱବୋଧତାକୁ ଦେଖି ପ୍ରଣତିଦେବୀ କୁଣ୍ଢେମୋଟ ହୋଇଯାଉଥିଲେ ।

ଯେଉଁଦିନ ଯାତ୍ରା କରିବାର ଥିଲା ତା' ପୂର୍ବଦିନରୁ ହିଁ ଟିକିଏ ଅଧିକ ଫୋନ୍ କରୁଛି ତେଜ୍ । ଏତେ ବ୍ୟାକୁଳତା ଦେଖି ପ୍ରଣତୀଦେବୀ ଠିକ୍ ବୁଝିପାରୁଥିଲେ କିଛି ସେ କହିବ ନିଶ୍ଚୟ । ଫୋନ୍‌ରେ ପଚାରି ଦେବାରୁ ତେଜ୍ କହିଲା, ସେ ଆସିଲେ ଗୋଟିଏ ସରପ୍ରାଇଜ୍ ଦେବ । ତା' ସହ କାମ କରୁଥିବା ଝିଅଟିଏର ନାଁ ବାରମ୍ବାର ଶୁଣିଛନ୍ତି ତା' ମୁହଁରୁ ପ୍ରଣତୀଦେବୀ । ନିଜ ମନକୁ ସେ ଦୃଢ କରିସାରିଥିଲେ। ଯଦି ତେଜ୍ ନିଜ ବିବାହ ପ୍ରସ୍ତାବ କଥା କହିବ ସେ କୌଣସି ଆପତ୍ତି କରିବେ ନାହିଁ । ଏବେ ତ ତାଙ୍କର କି ତେଜର ଜନ୍ମଦିନ ନାହିଁ ଯେ ସେ ସରପ୍ରାଇଜ୍ ଦେବ। କଥାଟା । ଏଇୟା ହିଁ ହୋଇପାରେ । ତେଜ୍‌ର ମନକଥା ଜାଣିବାକୁ ଆଦୌ ସମୟଲାଗେନି ତାଙ୍କୁ । ପିଲାଦିନୁ ଏକୁଟିଆ ସେ ମଣିଷ କରିଛନ୍ତି ନିଜ ପୁଅକୁ । ସରକାରୀ ଶିକ୍ଷୟିତ୍ରୀ ସେ, ଆଉ ଦେଢବର୍ଷ ରହିଲା ତାଙ୍କ ଚାକିରୀ। ତେଣୁ ସେ ମଧ୍ୟ ତେଜ୍‌ର ବାହାଘର ପାଇଁ ଇଚ୍ଛୁକ । ଯଦି ସେ ନିଜ ଜୀବନସାଥୀ ବାଛି ନେଇଛି ତେବେ ଖୁସିର କଥା । ଆଜିକାଲି ଯୁଗରେ ଏହା ଏକ ସାଧାରଣ ବିଷୟ ହୋଇସାରିଛି ।

> **ତେଜ୍ କବାଟ୍ ଖୋଲି ସ୍ୱାଗତ କଲା ତା'କୁ । ପ୍ରଣତିଦେବୀ ଝିଅଟିକୁ ଦେଖି ସୋଫାରୁ ଛିଡା ହୋଇଗଲେ । ସେଇ ଝିଅ ? ଇଏ ଏଇଠି... ତେଜ୍ ସହ ? ସବୁ ପ୍ରଶ୍ନର ଅନ୍ତ ଘଟାଇ ତେଜ୍ ଦୁହିଁଙ୍କୁ ପରିଚିତ କରାଇଦେଲା । ଝିଅଟି ମଧ୍ୟ ସେଦିନ ଠିକ୍ ଦେଖିଥିଲା ପ୍ରଣତି ଦେବୀଙ୍କୁ । ସେ ମଧ୍ୟ ଚମକି ପଡିଲା । ଚା' କରିଆଣିବାର ବାହାନା କରି ଚାଲିଗଲା ରୋଷେଇ ଘର ପଟେ। ପ୍ରଣତି ଦେବୀ ଜାଣିପାରିଲେ ଯେ ସେ ଏ ଘର ଓ ତେଜ୍ ସହ ବେଶ୍ ପରିଚିତ ହୋଇସାରିଛି । ରୁପଲ୍‌ର ଅଖାଡୁଆ ବ୍ୟବହାର ଦେଖି ତେଜ୍ ମଧ୍ୟ ଦ୍ୱନ୍ଦରେ ଚାଲିଗଲା ରୋଷେଇ ଘରପଟେ। କିଛି କଥାବାର୍ତ୍ତା ।**

ତେଜ୍ ରାଉରକେଲା ଇସ୍ପାତ କାରଖାନାରେ ଇଂଜିନିୟର । ଚାକିରୀ ପାଇଲା ଦିନଠାରୁ ମା'କୁ ତା' ସହ ରହିବା ପାଇଁ କହୁଛି । କିନ୍ତୁ ଏଇ ଦେଢ ଦୁଇ ବର୍ଷ ବିତିଗଲେ ସରିଲା.... ଭାବି ଭାବି ପ୍ରଣତିଦେବୀ ନିଜ କର୍ତ୍ତବ୍ୟ କରି ଚାଲିଛନ୍ତି । ସୁଦୂର ନବରଙ୍ଗପୁରରେ ଏକୁଟିଆ ମା'କୁ ଛାଡିବା ପାଇଁ ତେଜ୍‌ର ମନ ମାନୁନଥାଏ । ସେଇଠି ମଧ୍ୟ ତାଙ୍କର ନିଜ ଘର ଅଛି । ତଥାପି ଏକୁଟିଆ କାହିଁକି ରହିବେ ! ଯାତ୍ରା ଆରମ୍ଭ ନ ହେଉଣୁ ପୁଣି ତେଜ୍‌ର ଫୋନ୍ । କହିବା ମୁତାବକ ସବୁ ଜିନିଷ ନେଇ ଆସିଛନ୍ତି ତ ? ରାସ୍ତାରେ କୌଣସି ଅପରିଚିତଙ୍କ ସହ କଥାବର୍ତ୍ତା ନ କରିବାକୁ ତାଗିଦ୍ କରିଚାଲିଛି ସେ । ଝିଅ ହେଉ କି ପୁଅ, ପୁରୁଷ ହେଉ କି ମହିଳା...... କାହା ସହିତ ନୁହେଁ ମାନେ ନୁହେଁ । କଥାବାର୍ତ୍ତା କରି ଖାଦ୍ୟପେୟ ଯାଚି ଆଜିକାଲି ଏକୁଟିଆ ଲୋକଙ୍କୁ ଖୁବ୍ ହଇରାଣ କରୁଛନ୍ତି ଚୋରମାନେ । ପ୍ରଣତି ଦେବୀ ହସିଲେ ।

ସେ କ'ଣ ଛୋଟ ପିଲା ହୋଇଛନ୍ତି ? ଏକୁଟିଆ ଜୀବନ ଯୁଦ୍ଧରେ ବିଜୟିନୀ ସେ । ତେଜ୍‌ର ବାପା ଚାଲିଗଲା ପରେ ସେ ତ ତା'କୁ ମଣିଷ କରିଛନ୍ତି । ଆଜି ସେଇ ଛଅବର୍ଷର ପିଲା ଏତେ ବଡ ହୋଇ ତାଙ୍କୁ ଶିଖାଉଛି । ହଉ ହଉ ..... କହି ସଠିକ୍ ସମୟରେ ବସ୍‌ରେ ଚଢିଲେ ସେ ।

ଯାତ୍ରା ଆରମ୍ଭ ହେଲା । ଆଜିକାଲି ସୁବିଧାଜନକ ପରିବହନ । ଆରାମଦାୟକ ସିଟ୍, ଏ.ସିଟା ମଧ୍ୟ କାମ କରୁଛି । ଏକୁଟିଆ ମହିଳା ବୋଲି ଆଉ ଜଣେ ମହିଳା ଯାତ୍ରୀଙ୍କୁ ପାଖ ସିଟ୍‌ଟା ଦେଇଛି ବୋଲି କଣ୍ଡକ୍ଟର ପ୍ରଣତିଦେବୀଙ୍କୁ କହିସାରିଥିଲା । ଏତେ ଦୂର ବାଟ । ମଧ୍ୟାହ୍ନ ଭୋଜନ ସାରି ବସ୍ ଧରିବାକୁ ହୁଏ । ତେଣୁ ମଝିରେ ମଝିରେ ତାଙ୍କ ଆଖି ଲାଗିଯାଉଥାଏ; ଢୁଳେଇ ପଡିଲେ ପୁଣି ନିଜକୁ ସମ୍ଭାଳି, ତେଜ୍‌ର କହିବା କଥାକୁ ମନେପକାଉଥିଲେ । ଏମିତି ଏମିତିରେ ବିତିସାରିଥିଲା ସାତଘଣ୍ଟାର ଯାତ୍ରାକାଳ । ସନ୍ଧ୍ୟା ଗଡି, ରାତି ହୋଇସାରିଲାଣି । ଆଖି ଲାଗିଯାଇଥିବାରୁ ସେ ଆଉ ଜାଣିପାରିନଥିଲେ କେତେବେଳେ ତାଙ୍କ ପାଖ ସିଟ୍‌ରେ ଆସି ବସିଯାଇଛି ଝିଅଟିଏ । ରାତ୍ରିଭୋଜନ ପାଇଁ ଗାଡି ଅଟକିଲା ଓ ବସ କର୍ମଚାରୀ ଡାକରେ ଆଖି ଖୋଲିଲା ତାଙ୍କର । ଝିଅଟି କାନରେ ଇୟରଫୋନ୍ ଲଗାଇ କେତେବେଳେ ଗପୁଛି ତ ପୁଣି କେତେବେଳେ ଗୀତ ଶୁଣୁଛି । ଝର୍କାପଟେ ପ୍ରଣତି ଦେବୀ ବସିଥିବାରୁ ତା'କୁ ଉଠେଇଲେ ହିଁ ସେ ଯାଇପାରିବେ ବାହାରକୁ । ଝିଅଟିକୁ ଦେଖିଲେ ଗୋଟିଏ ଦୃଷ୍ଟିରେ, ସେ କିନ୍ତୁ ସେମିତି ହିଁ ନିଜ ଢଙ୍ଗରେ ଥିଲା । ଟିଫିନ୍‌ରୁ କିଛି ଖାଇଦେଇ ଝର୍କାପଟୁ ହାତ ଧୋଇବାକୁ ବାଧ୍ୟ ହେଲେ ସେ । ମନେ ମନେ ଖୁବ୍ ବିରକ୍ତ ହେଉଥିଲେ ଝିଅଟିକୁ । ତଥାପି ... କରିବେ କ'ଣ ? ଆଖି ବନ୍ଦ କରି ଏମିତି ଧ୍ୟାନସ୍ଥ ମୁଦ୍ରାରେ ଅଛି ସତେକି ଜଣେ ତପସ୍ୱିନୀ । ତା'କୁ ଟିକେ ହଲାଇଥିଲେ ମଧ୍ୟ ; ମାତ୍ର ସେ ମଧ୍ୟ ନ ଶୁଣିଲା ପରି ହୋଇ ସେମିତି ବସିରହିଥିଲା ।

ଯାତ୍ରାଜନିତ କ୍ଲାନ୍ତିଠାରୁ ଏବେ ସେ ଝିଅଟି ସହ ବସି ଏତେଦୂର ଯିବାର ଚିନ୍ତା ଘାରିଲା ପ୍ରଣତିଦେବୀଙ୍କୁ । ତା' ଠାରୁ ଆରମ୍ଭ କରି ତା' ମା, ବାପା, ତା'ର ସଂସ୍କାର, ପାଠପଢା ସବୁକୁ ସେ ଶୋଧିଲେ ମନେ ମନେ । ମଝିରେ ମଝିରେ ଝିଅଟି ଆଖି ଖୋଲି ଦେଖେ ; କିନ୍ତୁ କିଛି କୁହେନି । ରାତି ହୋଇସାରିଥିଲା । ଅଧିକାଂଶ ଯାତ୍ରୀ ଶୋଇ ପଡିଥିଲେ । ପାହାନ୍ତା ସମୟରେ ସେ ପହଞ୍ଚିବେ ବସ୍‌ଷ୍ଟାଣ୍ଡରେ, ସେଇଠୁ ତେଜ୍ ଆସି ନେଇଯିବ ତାଙ୍କୁ । ଝିଅଟିର ବ୍ୟବହାର ତାଙ୍କୁ ଆହୁରି ବିରକ୍ତ କରି ଦେଉଥିଲା । ଚଦରଟାକୁ ସଳଖେଇ ପୁଣି ଶୋଇପଡିଲେ ପ୍ରଣତି ଦେବୀ । ସେ ଝିଅ ପ୍ରତି ଆଉ ତାଙ୍କର ଖିଆଲ୍ ନଥିଲା । ବସ୍‌ଟା ଗନ୍ତବ୍ୟସ୍ଥଳ ପ୍ରତି ଆଗେଇ ଚାଲିଥିଲା ।

ପ୍ରଣତିଦେବୀ ରାଉରକେଲା ବସଷ୍ଟାଣ୍ଡରେ ପହଞ୍ଚିଲା ବେଳକୁ ଝିଅଟି ଓହ୍ଲେଇସାରିଥିଲା । ଟିକିଏ ଖୋଜିଲା ଢଙ୍ଗରେ ଗୋଟିଏ ଦୃଷ୍ଟି ଫେରାଇ ଆଣିଲେ ପ୍ରଣତି ଦେବୀ ; କିନ୍ତୁ ତା'କୁ ପାଇଲେନି । ତେଜ୍ ଆସି ଅପେକ୍ଷା କରିଥିଲା । ବଡଦିନ ଛୁଟିଟା ଏବେ ମା, ପୁଅ କିଛି ଦିନ ଭଲରେ କାଟିବେ ବୋଲି ତେଜ୍ ଅନେକ ଜିନିଷ ଯୋଜନା କରିଥିଲା । ଘରେ ସବୁ ସଉଦା ଆଣି ରଖିସାରିଥିଲା । କେବଳ ବାକି ରହିଲା, ସେଇ ତାର ସରପ୍ରାଇଜ୍ । ପ୍ରଣତି ଦେବୀ ଜାଣିଶୁଣି ନିଜପଟୁ କିଛି ପଚାରୁନଥିଲେ । ଭୁଲିଗଲା ପରି ତାଙ୍କର ସାମାନ୍ୟ ବ୍ୟବହାର ଥିଲା ।

ଶୁକ୍ରବାର ତେଜ୍‌ର ଅଫ୍ ଡେ' । ସକାଳୁ ମା'କୁ କେମିତି କହିବ ଭାବି, ଭାବି ଶେଷରେ କହିଲା । ସନ୍ଧ୍ୟାରେ ତା'ର ଜଣେ ସାଙ୍ଗ ଘରକୁ ଆସିବ ମା' କୁ ଦେଖାକରିବା ପାଇଁ । କିଏ ? ବୋଲି ପ୍ରଶ୍ନକଲାରୁ ଜାଣିଲେ ଯେ ଝିଅଟିଏ ଆସିବ । ନାଁ ତା'ର ରୁପଲ୍ । ମୃଦୁହସରେ ସ୍ୱୀକୃତି ଦେଲେ । ଠିକ୍ ସନ୍ଧ୍ୟା ଛ' ଟାରେ ପହଞ୍ଚିଲା ଝିଅଟି । ତେଜ୍ କବାଟ୍ ଖୋଲି ସ୍ୱାଗତ କଲା ତା'କୁ । ପ୍ରଣତିଦେବୀ ଝିଅଟିକୁ ଦେଖି ସୋଫାରୁ ଛିଡା ହୋଇଗଲେ । ସେଇ ଝିଅ ? ଇଏ ଏଇଠି... ତେଜ୍ ସହ ? ସବୁ ପ୍ରଶ୍ନର ଅନ୍ତ ଘଟାଇ ତେଜ୍ ଦୁହିଁଙ୍କୁ ପରିଚିତ କରାଇଦେଲା । ଝିଅଟି ମଧ୍ୟ ସେଦିନ ଠିକ୍ ଦେଖିଥିଲା ପ୍ରଣତି ଦେବୀଙ୍କୁ । ସେ ମଧ୍ୟ ଚମକି ପଡିଲା । ଚା' କରିଆଣିବାର ବାହାନା କରି ଚାଲିଗଲା ରୋଷେଇ ଘର ପଟେ । ପ୍ରଣତି ଦେବୀ ଜାଣିପାରିଲେ ଯେ ସେ ଏ ଘର ଓ ତେଜ୍ ସହ ବେଶ୍ ପରିଚିତ ହୋଇସାରିଛି । ରୁପଲ୍‌ର ଅଖାଡୁଆ ବ୍ୟବହାର ଦେଖି ତେଜ୍ ମଧ୍ୟ ଦ୍ୱନ୍ଦରେ ଚାଲିଗଲା ରୋଷେଇ ଘରପଟେ । କିଛି କଥାବାର୍ତ୍ତା ହେଲେ ଓ ରୁପଲ ଟ୍ରେ' ରେ ଚା' ସଜାଡି ନେଇଆସିଲା । ପ୍ରଣତିଦେବୀ କିଛି କହିବା ପୂର୍ବରୁ ତେଜ୍ କହିଲା, ଆଗରୁ ତୁମେ ଦୁହେଁ ଦେଖାହୋଇ ସାରିଛ ନା ? ମୁଣ୍ଡପୋତି ସେମିତି ଛିଡା ହୋଇଥିଲା ରୁପଲ । ସେ ଚା' ଭଲ ବନାଏ କହି ତେଜ୍ ଗୋଟିଏ କପ୍ ବଢାଇଦେଲା ମା' ପଟେ । ପ୍ରଣତିଦେବୀଙ୍କ ଅନିଚ୍ଛା ଓ ମୁହଁରେ ବିରକ୍ତିଭାବ ସ୍ପଷ୍ଟ ଜଣାପଡୁଥିଲା । ଶେଷରେ ତେଜ୍ ଏମିତି ଝିଅଟିକୁ ପସନ୍ଦ କଲା, ଏତିକି ଅଭିଯୋଗ ଥିଲା ତାଙ୍କର ।

ଚା' ପିଉ ପିଉ ତେଜ୍ କହିଲା, ଆରେ ! ରୁପଲ୍ ତୁମେ ସେଦିନ ଯେଉଁ ଅଡୁଆ ପରିସ୍ଥିତିରେ ଥିଲ, ତା'ର ସମାଧାନ ତ ମା' ପାଖରେ ହିଁ ଥିଲା । ତୁମେ ଥରୁଟିଏ ତା'କୁ ପଚାରିଥାନ୍ତ ନା ! ଜଳ ଜଳ ହୋଇ ରୁପଲ୍ ଓ ତେଜ୍‌କୁ ଅନାଇଥିଲେ ପ୍ରଣତିଦେବୀ । ଚା'ଟ୍ରେକୁ ରୋଷେଇଘରେ ରଖିଦେବା ପାଇଁ ଚାଲିଗଲା ତେଜ୍ । ଜାଣିଶୁଣି ସେ ଚାଲିଗଲା । ପ୍ରଣତିଦେବୀ ଓ ରୁପଲ୍ କଥା ହୋଇପାରିବେ ବୋଲି ସୁଯୋଗ ଦେଇଗଲା । ରୁପଲ୍, ପ୍ରଣତିଦେବୀଙ୍କ ପାଖରେ ଆସି ବସିଲା । କି ଅସୁବିଧା ଥିଲା କି ତୋ'ର ସେଦିନ ? ପ୍ରଣତିଦେବୀଙ୍କ ପ୍ରଶ୍ନରେ ରୁପଲ୍ କିଛି କ୍ଷଣ ଚୁପ୍ ରହିଲା । ବସ୍‌ରେ ଯାତ୍ରାବେଳେ ଜିନ୍ସ୍ କିମ୍ବା ଅନ୍ୟକିଛି ପିନ୍ଧିବାକୁ ଭଲ ଲାଗେନି ବୋଲି ସବୁବେଳେ ସେ ସାଲ୍‌ୱାର ପିନ୍ଧେ । ସେଦିନ ରାତିରେ ତରତର ହୋଇ ବସ ଚଢିଲାବେଳେ ହିଁ ସେ ଜାଣିପାରିଲା, ତା' ସାଲ୍‌ୱାରର ଫିତା... ! ଓଃ, ସେଇଥିପାଇଁ ତୁ ଆଖି ମୁଜିଦେଇ ସେମିତି ବସି ରହିଥିଲୁ ? ହଁ ! ମୁଁ ଜାଣିଥିଲି ଆପଣ ମୋ ପାଇଁ ଅସୁବିଧା ଭୋଗୁଛନ୍ତି, ତଥାପି ମୋର ଉପାୟ ନଥିଲା । ମୋତେ ନିତାନ୍ତ ଜରୁରୀ ଥିଲା ଗୋଟିଏ ସେଫ୍‌ଟିପିନ୍ । ମୋବାଇଲରେ ମା'ଙ୍କୁ ମେସେଜ୍ ଦେଇଥିଲି । ପାନ୍‌ପୋଷ ଛକରେ ଓହ୍ଲେଇବା ପୂର୍ବରୁ ମା' ଆସିଥିଲେ । ଅସୁବିଧା କିଛିଟା ଦୂର ହୋଇଯାଇଥିଲା । ଦୂରରୁ ଥାଇ ହସୁଥିଲା ତେଜ୍ । କଥାଯୋଡି କହିଲା, କହିଥିଲି ନା, ତୁମର ସମସ୍ୟାର ସମାଧାନଟା ମା'ର ଭ୍ୟାନିଟିରେ ହିଁ ଥିଲା । ଟିକିଏ ସଙ୍କୋଚ ନ କରି କହିଥିଲେ ଏଇ ରାଗରୁଷା ତ ଅନ୍ତତଃ ନଥାନ୍ତା । ପ୍ରଣତିଦେବୀ ସେଇଠି କହି ଉଠିଲେ, କି ରାଗରୋଷ ଯେ ! ତୁ କହିଥିଲୁ ବୋଲି ଝିଅଟିକୁ ମୁଁ କିଛି ପଚାରିପାରିନଥିଲି । ନଚେତ୍ ତା' ଅସୁବିଧାକୁ ସେଇଠି ସମାଧାନ କରିଦେଇ ନଥାନ୍ତି । ରୁପଲ୍ ତ ମୋର ଝିଅ କହି କୁଣ୍ଢେଇ ଧରିଲେ ତା'କୁ ।

*ଇରିଗେସନ କଲୋନୀ, ଭବାନୀପାଟଣା*
*ଦୂରଭାଷ: ୯୪୩୯୪୦୦୩୪୮*

# ଭୁଲି ହୁଏନା

## ଉମାଶଙ୍କର ଷଡଙ୍ଗୀ

ଜଣେ ସାୟର କହିଲେ ଅତୀତରେ ଯାହା ଘଟିଥିଲା ଓ ହେବ ତାହା ତୁମ ଭାଗ୍ୟ ଅନୁସାରେ ହେବ। କିନ୍ତୁ ବର୍ତ୍ତମାନର ଜୀବନ ଭରପୁର ବଞ୍ଚିବା ପାଇଁ ଚେଷ୍ଟାକର।

ଏହାକୁ ପଢ଼ିବା ପରେ ବିନୟ ଭାବିଲେ ସତରେ କ'ଣ ଅତୀତର ଘଟଣାଗୁଡିକୁ ଭୁଲିହୁଏ। ତାଙ୍କ ଜୀବନରେ ଘଟିଥିବା ଘଟଣା ଏବେ ବାଧ ଅଲିଭା ଗାର ହୋଇ ତାଙ୍କ ହୃଦୟରେ ଅଛି।

ସେତେବେଳେ ବିନୟଙ୍କ ବୟସ ପଚିଶ ବର୍ଷ ହେବ। ଏକ ଘରୋଇ କମ୍ପାନୀରେ ଚାକିରୀ ଖଣ୍ଡେ ମିଳି ଯାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରନ୍ତି। ଗୋଟିଏ ବୁଲେଟ ମଟର ସାଇକେଲରେ ସବୁଦିନ ଅଫିସ ଯିବା ଆସିବା କରନ୍ତି। ଅଫିସକୁ ଗଲା ବାଟରେ ଏକ ସ୍ଲମ୍ ଭିତର ଦେଇ ଯିବାକୁ ହୁଏ। ସ୍ଲମର ସେ ଜୀବନ ଧାରଣର ପ୍ରଣାଳୀ ଅଳ୍ପ ବହୁତ ଜାଣି ସାରିଛନ୍ତି। ସବୁ ଦିନର ଏ ରୁଟିନ୍ ଭିତରେ ବିନୟ ଏକ ପରିବର୍ତ୍ତନ ଲକ୍ଷ୍ୟ କଲେ। ତାଙ୍କ ମଟରସାଇକେଲ ଯିବା ସମୟରେ ଘର ଭିତରକୁ ଦଉଡ଼ି ଆସି ଏକ ତିନି ଚାରି ବର୍ଷର ଝିଅଟିଏ ହସିବା ସହିତ ହାତ ହଲାଏ। ବିନୟ ଭାବିଲେ ଏହା ସାମୟିକ ଏବଂ ଏଥିପ୍ରତି କୌଣସି ଗୁରୁତ୍ୱ ଦେଇନଥିଲେ। ପ୍ରତିଦିନ ଏପରି ଘଟିବା ଫଳରେ ମନରେ ଭାବିଲେ ଝିଅଟି ବୋଧହୁଏ ବୁଲେଟ୍ ଶବ୍ଦରେ ଆକର୍ଷିତ ହୋଇ ଠିକ୍ ସମୟରେ ଆସି ଏପରି କରୁଛି। ଖୋଲା ଖିଲି ଖିଲି ହସ, ଚିରାଫଟା ପୋଷାକ, ନୁଖୁରା ଅସଂଯତ ମୁଣ୍ଡବାଳ ଓ ଦୁର୍ବଳ ଚେହେରା। ଝିଅଟିର ଫଟୋ ଯେପରି ଆଙ୍କି ହୋଇଗଲା ବିନୟଙ୍କ ମନରେ। ଆସ୍ତେ ଆସ୍ତେ ସବୁଦିନର ଏ ଦେଖା ବଦଳିଗଲା ଏକ ଦୁର୍ବଳତାରେ। ବିନୟ ବ୍ୟଗ୍ର ଓ ବ୍ୟସ୍ତ ହୋଇ ପଡ଼ିଲେ ଯେତେବେଳେ ଝିଅଟିକୁ ହାତ ହଲାଇବାର ତିନି ଦିନ ଧରି ଦେଖି ନଥିଲେ। ନିଜକୁ ସମ୍ଭାଳି ନ ପାରି ଚତୁର୍ଥ ଦିନ ଘରେ ପଶି ଯାଇଥିଲେ ବୁଝିବା ପାଇଁ ଝିଅଟି କାହିଁକି ଦେଖା ହେଉନାହିଁ। ସେଦିନ ଗଲାବେଳେ ଝିଅଟି ପାଇଁ ଚକୋଲେଟ ନେଇଥିଲେ ତାକୁ ଖୁସି କରିବା ପାଇଁ। ଘରେ ତା' ମା କହିଲେ ତାକୁ ଦୁଇ ଦିନ ହେବ ଜ୍ୱର ହେଉଥିଲା ଡାକ୍ତର କହିଲେ ଚିକିତ୍ସା ପାଇଁ ଡାକ୍ତରଖାନାରେ ରଖିବାକୁ ପଡ଼ିବ। ଡାକ୍ତର କହୁଛନ୍ତି ତା'ର ବଞ୍ଚିବାର ଆଶା ବହୁତ କମ୍। ଏତିକି କହି ମା'ଟି ବିକଳ ହୋଇ କାନ୍ଦିବା ସଙ୍ଗେ ସଙ୍ଗେ ତାଙ୍କ ଆର୍ଥିକ ଦୟନୀୟ ଅବସ୍ଥା ବର୍ଣ୍ଣନା କରିଥିଲେ। ଏସବୁ ଶୁଣିବା ପାଇଁ ବିନୟଙ୍କ ପାଖରେ ଧୈର୍ଯ୍ୟ ନଥିଲା। ସେ ଡାକ୍ତରଖାନାର ଠିକଣା ବୁଝି ଅଫିସ ନ ଯାଇ ଝିଅଟିକୁ ଦେଖିବା ପାଇଁ ଆସିଲେ। ସେଠାରେ ଚିକିତ୍ସାରେ ଅବହେଳା ଦେଖି ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ ଏବଂ ଏକ ଭଲ ଚିକିତ୍ସା ପାଇଁ କର୍ପୋରେଟ ଡାକ୍ତରଖାନାରେ ଯୋଗାଯୋଗ କରିଥିଲେ। ସେ ଜାଣିଥିଲେ ସରକାରଙ୍କ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା ଅନୁଯାୟୀ ସେ ବିପିଏଲ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ହୋଇ ପାରିବେ ଓ ସମସ୍ତ ଖର୍ଚ୍ଚ ସରକକାର ବହନ କରିବେ। ତୁରନ୍ତ ଏହି ଯୋଜନାରେ କିମ୍ସ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ଉଚ୍ଚକୋଟୀର ଚିକିତ୍ସା ପାଇ ଝିଅଟି ସୁସ୍ଥହୋଇ ଘରକୁ ଫେରିଥିଲା। ସେହି ଦିନଠାରୁ ସେ ଘରେ ବିନୟ ଭଗବାନ ଭଳି ସମ୍ମାନ ପାଇଲେ।

**ଉଭୟଙ୍କ ପ୍ରେମ ସମୟରେ ସହରର କୋଣ ଅନୁକୋଣରେ ସ୍ମୃତିଗୁଡିକ ବିନୟକୁ ବ୍ୟସ୍ତ ବିବ୍ରତ କରିଥିଲା। ଏହି ସମୟରେ ସେ ଥଇଥାନ କରିବାକୁ ଯୋଜନା କରିଥିବା ଦମ୍ପତ୍ତି ତାର ଯତ୍ନ ନେଇ ସେ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଚେତାଇଥିଲେ। ଆସ୍ତେ ଆସ୍ତେ ମାନସିକ ସ୍ତରରେ ସୁସ୍ଥ ହୋଇ ସେ ମଧ୍ୟ ଚାକିରୀ ଛାଡ଼ି ଗାଁକୁ ଫେରିଯିବା ପାଇଁ ନିଷ୍ପତ୍ତି ନେଲେ।**

କୁନି ଝିଅଟିର ଭବିଷ୍ୟତ ନେଇ ବିନୟଙ୍କ ଚିନ୍ତା ବଢ଼ିବାକୁ ଲାଗିଲା। ପରିବାରଟିର ଆର୍ଥିକ ଦୃଷ୍ଟିରୁ ଥଇଥାନ କରିବା ପାଇଁ ସେ ଅନେକ ବିକଳ୍ପ ଭାବିବା ପାଇଁ ଲାଗିଲେ। ତାଙ୍କର ହୃଦବୋଧ ହେଲା ଯେ ଏମାନଙ୍କ ଶିକ୍ଷାଗତ ଯୋଗ୍ୟତା ଯାହା ଏ ସହରରେ ବର୍ତ୍ତମାନଠାରୁ ଅଧିକ ରୋଜଗାର କରିବା ଅସମ୍ଭବ। ଗାଁରେ ଜମିବାଡ଼ି ନଥିବାରୁ କିଛି ରୋଜଗାର କରିବା ଆଶାରେ ସହରକୁ ଆସିଛନ୍ତି। ପୁଣି ଏମାନଙ୍କୁ ଗାଁକୁ ଫେରାଇ ନେଲେ କିପରି ହୁଅନ୍ତା। ଅନେକ ଚିନ୍ତା ପରେ ଗାଁକୁ ଫେରିଯାଇ ତାଙ୍କ ଯୋଜନା ସମ୍ପର୍କରେ ତାଙ୍କୁ କହିଥିଲେ। ଏହା ଏପରି ଥିଲା – 'ମୋର ଗାଁରେ ପଚିଶ ଏକର ଜମି ଅଛି। ଗାଁରେ ଚାଷୀ ଅଭାବରୁ କେତେବେଳେ ଚାଷ ହୁଏ କେତେବେଳେ ହୁଏନା। ସେ ଜମିଗୁଡାକ ବିକି ଦେବା ପାଇଁ ଭାବୁଥିଲି କିନ୍ତୁ ତୁମ ପରିବାରକୁ ଉଚିତ ରୂପେ ଥଇଥାନ କରିବାର ଏକ ବାଟ ମୋତେ ଦେଖାଦେଉଛି। ଆଜିକାଲି ଗାଁରେ ଆଉ ଲଙ୍ଗଳରେ ଚାଷ ହେଉନାହିଁ। ମୁଖ୍ୟତ ଭଡାରେ ଟ୍ରାକ୍ଟର ଆଣି ଅଧିକାଂଶ ଜମି ଚାଷ ହେଉଛି। ତୁମେ ସପରିବାରେ ମୋ ଗାଁକୁ ଚାଲିଯାଅ। ସେଠାରେ ମୋର ଘର ଅଛି ଯେଉଁଥିରେ ତୁମେ ରହିପାରିବ। ଝିଅଟିର ପାଠପଢ଼ାର ଦାୟିତ୍ୱ ମୋର। ଆମ ଗାଁ ଦେଇ ସବୁଦିନ ଇଂରାଜୀ ମାଧ୍ୟମ ସ୍କୁଲ ବସ୍ ଯାଉଛି। ତୁମ ଝିଅ ଏକ ଉନ୍ନତ ସ୍କୁଲରେ ପଢ଼ିବ। ତୁମେ ସେଠାରେ ମୋର ହଳିଆ ବା ମୂଲିଆର ପରିଚୟ ନେଇ ବଞ୍ଚିବ ନାହିଁ। ସେଠାରେ ତୁମର ପରିଚୟ ହେବ ଟ୍ରାକ୍ଟର ଡ୍ରାଇଭର। ମୋର ଟ୍ରାକ୍ଟର ଚଲାଇବ ଏବଂ ଭଡାରେ ଗଲେ ତୁମକୁ ରୋଜଗାର ମଧ୍ୟ ମିଳିବ। ତୁମ ସ୍ତ୍ରୀ ଏ ଅଇଁଠା ବାସନ ମଜା କାମ ଛାଡ଼ି ଚାଷ କାମରେ ସହଯୋଗ କଲେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ। ବିଲରେ ଧାନ ରୋଇବା, ବଛା ଓ ଖେଳୁଆ ଆଦି କାମ ଶିଖିଗଲେ କିଛି ରୋଜଗାର ମଧ୍ୟ କରିପାରିବେ। ଗାଁରେ ଜୀବନ କିନ୍ତୁ ସହରଠାରୁ କମ ନୁହେଁ। ଯଦି ରାଜି ବୋଲି କହିବ କାଲିଠାରୁ ତୁମର ଟ୍ରାକ୍ଟର ଚଳାଇବା ଟ୍ରେନିଂ ଆରମ୍ଭ କରିବା। ଭାବି କରି ମୋତେ କାଲି କୁହ।"

ସହରରେ କୁଲି କାମ ଓ ସ୍ତ୍ରୀର କାମବାଲି କାର୍ଯ୍ୟ ଅନୁଯାୟୀ ଏହା ଅତି ଉନ୍ନତ ଥିଲା। ଏ ସ୍ୱପ୍ନ ସବୁଠାରୁ ତାଙ୍କୁ ଆକର୍ଷିତ କରିଥିଲା। ପୁନଃ ଗ୍ରାମୀଣ ଜୀବନକୁ ପ୍ରତ୍ୟାବର୍ତ୍ତନ ଓ ତାଙ୍କ ଅଲିଅଳ ଝିଅର ଉନ୍ନତମାନର ଶିକ୍ଷା ଏହା ସବୁକୁ ପ୍ରଭୁକୃପା ଭାବି ଦୁହେଁ ରାଜି ହୋଇଯାଇଥିଲେ।

ଏତେ ସୁସ୍ଥ ଚିନ୍ତାଧାରା ବହନ କରୁଥିବା ବିନୟଙ୍କ ଜୀବନରେ ଦେଖା ଦେଇଥିଲେ ସୁପ୍ରିୟା ପ୍ରେମିକା ରୂପରେ। ଦୁହେଁ ଗୋଟିଏ ଅଫିସରେ କାମ କରୁଥିଲେ। ବିନୟଙ୍କ ନିର୍ମଳ ଓ ପରୋପକାରୀ ଚିନ୍ତାଧାରା ଓ ସ୍ୱଚ୍ଛ ସ୍ୱଭାବ ସୁପ୍ରିୟାଙ୍କ ମନକୁ ଛୁଇଁଥିଲା। ଶାରୀରିକ ସମ୍ପର୍କକୁ ଛାଡ଼ି ଦୁହେଁ ପ୍ରେମର ସମସ୍ତ ପାହାଚ ଚଢ଼ି ସାରିଥିଲେ। ବିବାହ କରିବାକୁ ନିଷ୍ପତ୍ତି ନେଇ ସମାଜକୁ ସ୍ୱାମୀ ସ୍ତ୍ରୀର ପରିଚୟ ଦେଇଥିଲେ। ଅତି ସୁଖମୟ ଥିଲା ସେମାନଙ୍କର ଦାମ୍ପତ୍ୟ ଜୀବନ। ଉଭୟ ରାଜି ହୋଇଥିଲେ ନିଜର ସୃଷ୍ଟିକୁ ଧରା ପୃଷ୍ଠକୁ ଆଣିବାକୁ। ଦୀର୍ଘସ୍ଥାୟୀ କରିବାକୁ ଯୋଜନା କରୁଥିବା ଏ ଦାମ୍ପତ୍ୟ ଜୀବନ ଅକାଳରେ ସମାପ୍ତ ହୋଇଗଲା। ଦିନେ ମୋଟରସାଇକେଲରେ ଅଫିସ ଯିବା ସମୟରେ ଅସାବଧାନତାବଶତଃ ସୁପ୍ରିୟା ତଳେ ପଡ଼ି ମୁଣ୍ଡରେ ଗଭୀର କ୍ଷତ ହେଲା। ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେବା ଅବସ୍ଥାରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଏ ଘଟଣା ପରେ ବିନୟ ପାଗଳପ୍ରାୟ ହୋଇଯାଇଥିଲା। ସ୍ତ୍ରୀର ଜୀବନ ନେଇଥିବା ସେ ମୋଟରସାଇକେଲଟିକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ନଷ୍ଟ କରିଥିଲେ। ଉଭୟଙ୍କ ପ୍ରେମ ସମୟରେ ସହରର କୋଣ ଅନୁକୋଣରେ ସ୍ମୃତିଗୁଡିକ ବିନୟକୁ ବ୍ୟସ୍ତ ବିବ୍ରତ କରିଥିଲା। ଏହି ସମୟରେ ସେ ଥଇଥାନ କରିବାକୁ ଯୋଜନା କରିଥିବା ଦମ୍ପତ୍ତି ତାର ଯତ୍ନ ନେଇ ସେ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଚେତାଇଥିଲେ। ଆସ୍ତେ ଆସ୍ତେ ମାନସିକ ସ୍ତରରେ ସୁସ୍ଥ ହୋଇ ସେ ମଧ୍ୟ ଚାକିରୀ ଛାଡ଼ି ଗାଁକୁ ଫେରିଯିବା ପାଇଁ ନିଷ୍ପତ୍ତି ନେଲେ।

ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଦୁଇ ଚରିତ୍ର ରଘୁ ଓ ସାବିତ୍ରୀ ଗ୍ରାମୀଣ ପରିବେଶରେ ନିଜକୁ ଉତ୍ତମ ରୂପେ ଖାପ ଖୁଆଇ ନେଇଥିଲେ। ପ୍ରଥମେ ଟିକେ ବ୍ୟସ୍ତ ବିବ୍ରତ ହୋଇଥିଲେ। ତାଙ୍କର ସବୁ କିଛିର ଯତ୍ନ ନେଇ ସେମାନଙ୍କୁ ରୋଜଗାରକ୍ଷମ କରିବା ପରେ ଆନନ୍ଦିତ ହୋଇଥିଲେ। ସବୁଠାରୁ ତାଙ୍କ ଜୀବନରେ ସନ୍ତୋଷ ଥିଲା ଯେ ତାଙ୍କ ଝିଅ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ୁଛି। ସେ ସୁଯୋଗ ବିନୟ ଦେଇଥିବାରୁ ତାଙ୍କ ପ୍ରତି କୃତଜ୍ଞତା ଓ ଆନୁଗତ୍ୟ ବଢ଼ିଥିଲା। କିଛି ଦିନ ପରେ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିଲା। ବିଲ କାମ କରି ସାବିତ୍ରୀ କିଛି ରୋଜଗାର କରିବା ପାଇଁ ସକ୍ଷମ ହେଲା। ରଘୁ ଭଡାରେ ଟ୍ରାକ୍ଟର ଚଲାଇ ପାରିଶ୍ରମିକ ବାବଦ ଭଲ ପଇସା ରୋଜଗାର କଲା। ବିନୟ ବାବୁ ଖୁସି ଥିଲେ। ସେମାନଙ୍କୁ ସହରର ସେ ପରିବେଶରୁ ଆଣି ସେମାନଙ୍କୁ ଖୁସି ଦେଇ ପାରିଥିଲେ। ସେମାନେ କାହା ଉପରେ ବୋଝ ହୋଇନାହାନ୍ତି। ସେ ଚିନ୍ତାଧାରା ସେମାନଙ୍କୁ ମାନସିକ ସ୍ତରରେ ଆହୁରି ସୁସ୍ଥ କରିଦେଲା। ଆସ୍ତେ ଆସ୍ତେ ରଘୁର ରୋଜଗାର ବଢ଼ିବାରୁ ସେ ଝିଅର ପଢ଼ା ଖର୍ଚ୍ଚ ଆଂଶିକ ବହନ କଲା। ଏଥିରେ ବିନୟ ବାରଣ କରିବାରୁ ରଘୁ କହିଲା – "ମୋ ଝିଅର ପାଠପଢ଼ା ପାଇଁ କିଛି ସାହାଯ୍ୟ କରିପାରିଲେ ମୁଁ ଗର୍ବ ଅନୁଭବ କରିବି। ବାବୁ ମୋତେ ସେଥିରୁ ବଞ୍ଚିତ କରନ୍ତୁ ନାହିଁ।" ରଘୁର ଏ ସ୍ପଷ୍ଟବାଦିତା ବିନୟକୁ ସେ ଦିନ ବହୁତ ଭଲ ଲାଗିଥିଲା। ଏକ ପରିବାରକୁ ଥଇଥାନ କରିଥିବାରୁ ବହୁତ ସନ୍ତୁଷ୍ଟ ଥିଲେ।

ଏଭଳି ସମୟ ଗଡ଼ି ଚାଲିଲା। ଦୀପ୍ତି (ଝିଅଟିର ନାମ) ଜଣେ ମେଧାବୀ ଛାତ୍ରୀ ଥିଲା। ଇଂଜିନିୟର ହୋଇ ଯେତେବେଳେ ଆମେରିକାରେ ଚାକିରୀରେ ଯୋଗଦେବା ପାଇଁ ପ୍ରସ୍ତୁତ ହେଲା ହଁ ନାହିଁର ଦ୍ୱନ୍ଦ୍ୱ ଭିତରେ ଜଣେ ସହଯୋଗୀ ସାଙ୍ଗରେ ଚାକିରୀରେ ଯୋଗଦେବାକୁ ସେ ଚାଲିଗଲା। ସେ ଯିବାର ପୂର୍ବ ରାତ୍ରି ରଘୁ, ସାବିତ୍ରୀ ଓ ଦୀପ୍ତି, ବିନୟର ପାଦ ଧରି କାନ୍ଦି କାନ୍ଦି କୃତଜ୍ଞତା ପ୍ରକାଶ କଲେ। ବିନୟ ସନ୍ତୁଷ୍ଟ ଥିଲା। ସୁପ୍ରିୟା ସିନା ଛାଡ଼ି ଚାଲିଗଲା। ପରେ ଏ ପରିବାରଟିକୁ ନିସ୍ତାର

ସହ ଥଇଥାନ କରିବାରେ ତା'ରୀ ଜୀବନ କଟିଗଲା। ସମାଜର ଗୋଟିଏ ଦରିଦ୍ର ପରିବାରକୁ ଏ ସ୍ତରରେ ପହଞ୍ଚାଇବା ପାଇଁ ସେ ନିଷ୍ଠା ବିରଳ ଥିଲା। ଏହା ବଦଳରେ ସେ କିଛି ଚାହିଁ ନଥିଲେ। ଏକ କର୍ତ୍ତବ୍ୟ ଭାବି ସେ ଆଗେଇ ଯାଇଥିଲେ। ଅତି ସୁନ୍ଦର ଓ ମଧୁମୟ ଥିଲା ସେ ଅନୁଭୂତି। ପ୍ରାପ୍ତିର ସେ ଆନନ୍ଦରେ ବିନୟ ବିଭୋର ହୋଇ ଯାଇଥିଲେ।

ଦୀପ୍ତି ଆମରେିକାରେ ପହଞ୍ଚି ଚାକିରୀରେ ଯୋଗଦେଇ ଏକ ଲମ୍ବା ଚିଠି ଲେଖିଥିଲା। ସେ ଚିଠିର ବର୍ଣ୍ଣନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ପିଲାଟା ଏତେ ବଡ ହୋଇଗଲାଣି ସେ ଚିଠିର ପ୍ରତ୍ୟେକ ଶବ୍ଦରେ ପ୍ରକାଶ ପାଉଥିଲା। ଜଣେ ଆମେରିକୀୟ ଓ ଜଣେ ଭାରତୀୟ ଭିତରେ ପାର୍ଥକ୍ୟର ବର୍ଣ୍ଣନା ମନଛୁଆଁ ଥିଲା। ଚିଠିରେ ଦୁଇଟି ସ୍ତମ୍ଭ କରି ଆମେରିକୀୟ ଓ ଭାରତୀୟ ଭିତରେ ପାର୍ଥକ୍ୟ ଥିଲା। ଏଥିରେ ଦୁଇ ଦେଶର ଲୋକଙ୍କର ଭିନ୍ନ ଚିନ୍ତାଧାରା, ମନୋଭାବ, ଆକାଂକ୍ଷା, ସାମାଜିକ ବ୍ୟବହାର, ବୈବାହିକ ସମ୍ପର୍କ ଓ ସଫଳତାର ଦୃଢ଼ତା ଏତେ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାବରେ ଲେଖା ହୋଇଥିଲା ପଢ଼ିଲେ ଆଶ୍ଚର୍ଯ୍ୟ ଲାଗିବ। ଏତେ ଅଳ୍ପ ଦିନ ଭିତରେ ଏତେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଆହରଣ କରିବା ସହଜ ନୁହେଁ। ଦୀପ୍ତିର ସେ ଅନୁସନ୍ଧିତ୍ସୁ ଚିନ୍ତାଧାରା ଅତି ଗବେଷଣାମୂଳକ ତଥ୍ୟ ଭଳି ଜଣାପଡ଼ିଲା। ସେ ଚିଠି ପଢ଼ି ବାପା ମାଙ୍କ ମୁହଁରେ ସେ ଚମକ ଓ ଆଶ୍ଚର୍ଯ୍ୟ ଏବେ ମଧ ସ୍ପଷ୍ଟ ଅଛି।

ସମୟ କାହାକୁ ଅପେକ୍ଷା କରେନା, ବାର୍ଦ୍ଧକ୍ୟର ଦ୍ୱାରସ୍ଥ ହୋଇ ଉଭୟ ମାତ୍ର ୧୫ ଦିନ ଅନ୍ତରରେ ଆଗପଛ ହୋଇ ଚଳିଗଲେ। ଛୁଟି ନ ମିଳିବାରୁ ଦୀପ୍ତି ମଧ ବାପାଙ୍କର ଶେଷ ଦର୍ଶନ ପାଇଁ ଆସିପାରିଲା ନାହିଁ। ଏକ ନିଶାରେ ଆଗେଇ ଆସିଥିବା ବିନୟ ପୁଣି ଏକୁଟିଆ ହୋଇଯାଇଥିଲା। ଏକ ମାତ୍ର ଖୁସି ଖବର ଥିଲା ଯେ ଦୀପ୍ତି ଆମେରିକା ବୁଲିଯିବା ପାଇଁ ବିନୟକୁ ନିମନ୍ତ୍ରଣ କରିଥିଲା। ପ୍ରଥମେ ଏକୁଟିଆ ଆମେରିକା ଯିବା ପାଇଁ ସାହସ ଜୁଟାଇ ନ ପାରି ଦୀପ୍ତିକୁ ମନା କରିଦେଇଥିଲେ। ଦୀପ୍ତି ତାଗିଦ କରି ଲେଖିଥିଲା।

ସାନ ବାପା – ଜୀବନଟା ସାରା ମୋତେ ମଣିଷ କରି ରୋଜଗାରକ୍ଷମ କରିବା ପାଇଁ ଆପଣଙ୍କର ଆଉ ସେ ନିଷ୍ଠା ମୋ ପ୍ରତି ନାହିଁ। ସବୁବେଳେ ଭାବେ ଯଦି ଆପଣ ମୋ ପଛରେ ଠିଆ ହୋଇ ନଥାନ୍ତେ ତେବେ କାହାଘରେ ବାସନ ମାଜୁଥାଆନ୍ତି। ମୋ ଜୀବନରେ ଏ ପରିବର୍ତ୍ତନ ସବୁ ତୁମରି ଦାନ। ବାପ ମାଙ୍କୁ ତ ଅନ୍ତିମ କାଳରେ ଦେଖି ପାରିଲି ନାହିଁ। ତୁମକୁ ଯଦି ଦେଖି ନପାରେ ମୁଁ ପୂରା ଭାଙ୍ଗି ପଡ଼ିବି। ବାପା ଭଳି ମୋ ସାଙ୍ଗରେ ବିତାଇଥିବା ଦିନଗୁଡିକ ମନେ ପକାଇ ନିଶ୍ଚୟ ଆସିବେ। ଆପଣଙ୍କ ଅପେକ୍ଷାରେ ଇତି।

ଚିଠିର ଭାଷାରେ ଏତେ ଆକର୍ଷଣ ଥିଲା ଯେ ବିନୟ ଆମେରିକା ଯିବା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଲେ। ଯେଉଁ ଦିନ ଆମେରିକାରେ ପହଞ୍ଚିଲେ ଓ ଦୀପ୍ତି ତାଙ୍କୁ ନେବା ପାଇଁ ଏୟାରପୋର୍ଟ ଆସିଥିବାର ଦେଖିଲେ ସେଦିନ ହୃଦବୋଧ ହେଲା ଯେ ବୋଧହୁଏ ପ୍ରଭୁ ଏସବୁର ଆୟୋଜକ।

ଆମେରିକା ଏତେ ବଡ଼ ଦେଶ ଓ ଦର୍ଶନୀୟ ସ୍ଥାନରେ ପରିପୂର୍ଣ୍ଣ। ତଥାପି ସେଥି ମଧରୁ ବାଛି ବାଛି ଯାଗାକୁ ମୋତେ ନେଇ ବୁଲିବା ପାଇଁ ଯାଇଥିଲା। ଲେଖିଲେ ଏକ ସୁନ୍ଦର ଆମେରିକାର ଭ୍ରମଣ କାହାଣୀ ହେବ। କିଛି ଦିନ ପାଇଁ ଦର୍ଶନୀୟ ସ୍ଥାନ ବୁଲିବା ସ୍ଥଗିତ ରଖି ଘରେ ସମୟ କଟିଲା।

ଦିନେ ଅଫିସରୁ ଫେରିବା ବେଳେ ଦୀପ୍ତି ସାଙ୍ଗରେ ଜଣେ ଯୁବକଙ୍କୁ ନେଇ ଆସିଥିଲା। ବିନୟଙ୍କୁ ପରିଚୟ କରାଇ ଦେଲା ଯେ ସେ ତା'ର ଏକ ବନ୍ଧୁ। ଆଜି ତାଙ୍କ ଘରେ ଅସୁବିଧା ଥିବାରୁ ସେ ଏହି ଘରେ ରାତ୍ରିଟି ରହିବେ। ଯୁବକଟି ଦେଖିବାକୁ ସୁନ୍ଦର ଓ ତାର ଦୃଢ଼ ଆଖିରେ ଆତ୍ମବିଶ୍ୱାସର ଝଲକ ଥିଲା। ମୁହଁରେ ଏକ ସହଜ ହସ। ଶତ୍ରୁ ମନକୁ ଆକର୍ଷଣ କଲା ଭଳି ତାର ଶିଷ୍ଟ ଆଚରଣ। ବିନୟଙ୍କ ପାଦଛୁଇଁ ମୁଣ୍ଡିଆ ମାରିଲା। ପ୍ରଥମେ ବିନୟ ଭାବିଲେ ଏସବୁ ବୋଧହୁଏ ଦୀପ୍ତି ଶିଖାଇଛି। ବିନୟଙ୍କୁ ମୁହଁରେ ଅନେକ ପ୍ରଶ୍ନବାଚୀ ଦେଖି ଦୀପ୍ତି କହିଲା ଏହାଙ୍କ ଘର ଭୋପାଳରେ ଓ ସେ ୨ବର୍ଷ ହେବ ମୋ ଅଫିସରେ କାମ କରନ୍ତି। ସମସ୍ତ ଭାରତୀୟ ଚାଲିଚଳନରେ ବିଶ୍ୱାସ କରନ୍ତି।

ରାତ୍ରି ଭୋଜନ ପରେ ସେମାନେ ସମସ୍ତେ ଅଲଗା ଅଲଗା ରୁମ୍‌ରେ ଶୋଇବାକୁ ଗଲେ। ବିନୟଙ୍କୁ କିନ୍ତୁ ନିଦ ହେଲା ନାହିଁ ତାଙ୍କ ଅଭିଭାବକ ମନ ସବୁ ଜାଣିବାକୁ ଚାହୁଁଥିଲା। ଏମାନଙ୍କ ସମ୍ପର୍କ କେତେ ନିବିଡ଼। ରାତ୍ରିରେ ଏମାନେ କିଭଳି ବ୍ୟବହାର କରୁଛନ୍ତି ଜାଣିବା ପାଇଁ ସେ ଅଧିକ ଉତ୍ସୁକ ଥିଲେ। ରାତି ସାରା ନ ଶୋଇ ପ୍ରାୟ ଦଶଥର ବାହାକୁ ଆସି ସେମାନଙ୍କ ଗତିବିଧି ଉପରେ ନଜର ରଖିଥାଆନ୍ତି। ସକାଳୁ ସନ୍ତୁଷ୍ଟ ଥିଲେ ଯେ ଦୀପ୍ତିର ଭାରତୀୟ ଢଙ୍ଗରେ ଲାଳନ ପାଳନ ଓ ସଂସ୍କାର ଏବେ ମଧ ଜୀବିତ ଅଛି। ଯାହା ହେଉ ସେ ଯେଉଁ ଭାବୁଥିଲେ କିଛି ଅପ୍ରୀତିକର ହେଲେ ସେ ଯଦି ଦୀପ୍ତିକୁ ଗାଳି ଦିଅନ୍ତି ଓ ସେ ଉତ୍ତରରେ ତାଙ୍କୁ ଭର୍ତ୍ସନା କରେ ତେବେ ସହିବା କଷ୍ଟକର ହୋଇପଡ଼ିବ।

ସେମାନେ ଅଫିସ ଚାଲିଯିବା ପରେ ଦିନଯାକ ବସି ଭାବିଲେ ଯେ ବର୍ତ୍ତମାନ ଦୀପ୍ତିକୁ ଥଇଥାନ କରିବାର ଉପାୟ ଆସିଛି। ଶେଷ କର୍ତ୍ତବ୍ୟ ଦୀପ୍ତିର ବାହାଘର କରିଦେଲେ ଜୀବନରେ ଅନେକ ଶାନ୍ତି ମିଳିବ ଓ ଏକ ସଫଳ ଜୀବନ ବଞ୍ଚିଥିବା ହୃଦବୋଧ ହେବ।

ଦୀପ୍ତିକୁ ପଚାରି ଯୁବକଟିର ପିତାମାତାଙ୍କୁ ଆମେରିକା ଡକାଗଲା। ଜଗନ୍ନାଥ ମନ୍ଦିରରେ ସେମାନଙ୍କର ବାହାଘର ସମ୍ପନ୍ନ ହେଲା। ବିନୟଙ୍କ ମନରେ ଏକ ଗର୍ବ ଥିଲା ଯେ ଦୀପ୍ତିର ବାପାମାଙ୍କ ଅନୁପସ୍ଥିତିରେ ସେ ସାନବାପା ହୋଇ କନ୍ୟାଦାନ କରିଥିଲେ। ଆମେରିକାରୁ ବିଦାୟ ନେବା ବେଳେ ଝିଅ, ଜ୍ୱାଇଁଙ୍କୁ କୁଣ୍ଢାଇ ଧରି ଏ ସଫଳ ଜୀବନ ବଞ୍ଚିବାର ଗର୍ବରେ ସେ ଆନନ୍ଦିତ ଥିଲେ।



# ଫେରିଯାଅ

**ଭଗବାନ ଜୟସିଂହ**

ଏଥର ଫେରିଯାଅ ବତ୍ସ, ଆଗକୁ
ଯାଆନି, ସାବଧାନ !
ଆଗରେ ସର୍ପସଂକୁଳ ବନସ୍ତ
ଅମରତ୍ୱରେ
ସର୍ପାଘାତର ଭୟ ।

ଆଗରେ
ବାଘ ସିଂହ ଭଳି ଶ୍ୱାପଦଙ୍କ
ଆଶଙ୍କା ଆକ୍ରମଣର
ପ୍ରାଚୀନ ଅଧିବାସୀଙ୍କ ତୀରାଘାତ
ଭୋଗର ଶେଷ ବିପର୍ଯ୍ୟୟ ।

ଆଗରେ ଅଛି କ'ଣ
ଶୂନ୍ୟରେ ଜଳ ? ସିମନ୍ତରେ ସ୍ୱର୍ଗ
ବିଶ୍ୱାସରେ ବିସ୍ମୟ ?
ଯାହା ତମର ନୁହଁ ।

ଏଇଠୁ ଫେରିଯାଅ ଦୂରକୁ,
ଯାହା ଦିଶୁନି ଦୂରରୁ,
ଜନ୍ମମୟ ରାତିର ତମସା ଭିତରେ
ହଜିଯାଅ
କିଏ ଜାଣେ କେତେବେଳେ କଣ !

ଅବଶ୍ୟ ବହୁତ ଜୀଇଲଣି,
ଭୋଗିଲଣି ନାରଖାର ଜୀବନର ଫଳ
ଏଥର ଆଉ କେଉଁ ଭିକ୍ଷା
କେଉଁ ଆଶୀର୍ବାଦ
ଜୀବନଠୁଁ ?
ଏବେ ଏଇଠୁ ଫେରିଯାଅ ।

*ଅଚ୍ୟୁତ ଆଶ୍ରମ ନିକଟ, ସେଣ୍ଟ୍ରାଲ ସ୍କୁଲ ରୋଡ଼, ତାଳବଣିଆ,*
*ପୁରୀ-୭୫୨୦୦୨*

# ମନସ୍ତତ୍ତ୍ୱ

**କୃଷ୍ଣ ମିଶ୍ର**

ଲୋକଟା କ'ଣ ଗୋଟେ ଅସାଧ୍ୟ ରୋଗ
ଭୋଗୁଥିଲା କେଜାଣି
ଯାହାକି ଗୋଟେ ନିଦାନ କି ଚିକିତ୍ସା ନଥିଲା ।
କେବଳ ଗୋଟେ ଅପମୃତ୍ୟୁକୁ ଅପେକ୍ଷା କରିବା ଛଡ଼ା
ସେ ଆଉ କିଛି କରି ପାରୁନଥିଲା ।
ସେ ଅବା ଯମକୁ ସିଧାସଳଖ ଡାକିଦିଅନ୍ତା
ତାକୁ ଏ କଳବଳରୁ ଛଡ଼େଇ ନେବାକୁ
ଏକଥା କିନ୍ତୁ ସତ, ଯମ ଆସି ପହଞ୍ଚିଯିବା ମାତ୍ରେ
ତାକୁ ଦେଖି ସେ ନିଶ୍ଚୟ ଘାବରେଇ ଯିବ ଏବଂ
କାକୁତି ମୀନତି ହୋଇ
ଆଉ କିଛି ଦିନ ମହଲତ ମାଗିବ ।
ମୃତ୍ୟୁ କି ଅପମୃତ୍ୟୁ ଆସିବ ଜାଣି ମଧ୍ୟ
ସେ କତରା ଘୋଡ଼ିହୋଇ ଶୋଇଲା ବାଲା ନା ।
ଅପମୃତ୍ୟୁ କେତେବେଳେ ଆସିବ
ତାର ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ସମୟ ନଥିଲା,
ତା', ଆଖିରେ ପଡ଼ିଲା
ତା' ଶୋଇବା ଘର ଝରକାକୁ ଲାଗି
ଯୋଉ ଆମ୍ବ ଡାହିଟି ଥିଲା, ସେଥିରେ ଝଡ଼ିବ ଝଡ଼ିବ ହୋଇ
ଦି'ଟା କ୍ରମଶଃ ଶୁଖି ଆସୁଥିବା ପତ୍ର ଉପରେ ।
ତାକୁ ଲାଗିଲା, ଯୋଉଦିନ ପତ୍ର ଦୁଇଟି ଝରିପଡ଼ିବ
ସେଇଦିନ ହିଁ ସେ ଆରପାରିକୁ ଚାଲିଯିବ ।
ଏବେ ପ୍ରାୟ ସବୁଦିନ ଭୟରେ ସେ
ଝରକା ବନ୍ଦ କରି ରଖିଲା ଏବଂ ତାର ଏଇ ଗୁପ୍ତ ତଥ୍ୟ
ସେ ତାର ଜଣେ ବନ୍ଧୁକୁ ଜଣାଇଲା ।
କେଜାଣି ତାର ସେଇ ବନ୍ଧୁ ଜଣକୁ
ଏମିତି ଜଣେ ଶିଳ୍ପୀ ଥିଲେ କି କ'ଣ, ଯିଏ ଦିନେ
ରାଜାଙ୍କ ଘୋଡ଼ାକୁ ଦେଖି ଏମିତି ଘୋଡ଼ାଟେ ଗଢ଼ିଦେଲେ ଯେ
ସକାଳେ ନିଜ ଘୋଡ଼ା ଭାବି ରାଜା ବାଉଳାରେ
ତା' ଗଢ଼ିଥିବା ଘୋଡ଼ାକୁ ଆଉଁସି ଦେଇଥିଲେ କି କ'ଣ ?

ଦିନେ ରାତିରେ ଲୋକଟାର ଶିଳ୍ପୀ ବନ୍ଧୁ ସନ୍ତର୍ପଣରେ
ଆମ୍ବ ଡାହିରୁ ଶୁଖିଲା ପତ୍ର ଦୁଇଟି ଝଡ଼େଇ ତା' ଜାଗାରେ
ଅବିକଳ ସେମିତିକିଆ ପତ୍ର ଦୁଇଟି ଗଢ଼ି ଥାପିଦେଲେ।
ସେଦିନ ରାତିରେ ପ୍ରବଳ ଝଡ଼ ବହିଲା।
ଲୋକଟା ଭାବିଲା ପତ୍ର ବୋଧେ ଝଡ଼ି ଯାଇଥିବ
ଏବଂ ଅପମୃତ୍ୟୁ ସଜ ହୋଇ ବସିଥିବ ତାକୁ ଝାମ୍ପିନେବାକୁ।
ସେ ଭୟରେ ଝରକା ଖୋଲିଲା।
ହେଲେ ପତ୍ର ଦୁଇଟି ସେମିତି ଥିଲା।
ସେଇ ଦିନଠୁଁ କ୍ରମେ ସେ ସୁସ୍ଥ ହେବାକୁ ଆରମ୍ଭ କଲା।

*ଯୋତ, ଅଲଣାହାଟ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୮୧୬୦୦୭୪*

# ମୋ ଗାଁ ନେଳି ଆକାଶ ତଳେ

**ଡଃ. ଗୋପବନ୍ଧୁ ଦାଶ**

ଦିନ ଶେଷେ ଢଳିଯାଏ
କର୍ମକ୍ଲାନ୍ତ ସୁନେଲି ସୁରୁଜ
ନେଳି ନେଳି ପରଦା ଉହାଡୁ
ମାଡ଼ିଆସେ ଡାଆଣିଆ ସଂଜ ॥

ବର୍ଷାଭିଜା ଗହନ ରାତିରେ
ଶୁଭୁଥାଏ କପୋତିର କାନ୍ଦ
ଗାଁ ନିଆଁ ଧାସପାଶେ
ଜୀବନଟା ନୁହେଁ ଦହଗଂଜ ॥

ସଂଜଦୀପ ଶିଖା ଲିଭେ
ଗୋଟେ ଫୁଙ୍କା ତୁଣ୍ଡ ପବନରେ
କୋଉ ଦୂର ବାଉଁଶ ବୁଦାରୁ
ବଂଶୀ ସ୍ୱନ ଆସଇ ବେଗରେ ॥

ଫର ଫର ଜ୍ୟୋତ୍ସ୍ନାର ଚାଦର
ଲୋଟିଯାଏ ନୀଳ ଆକାଶରେ
ଫେରିବାର ବାଟ ଭୁଲେ ଚାନ୍ଦ
କାହା ଚୋରା ଚାହାଣି ଜାଲରେ ॥

ଆକାଶରେ ଲୁଚିଯାଏ କାହିଁ
ନୀଳାମ୍ବର ନୀଳତର ନୀଳ
କୋକେଇର ନିଷ୍ଫଳ ଶବରେ
ପାତିଦିଏ ପବନ ତା' କୋଳ ॥

ସ୍ୱପ୍ନଗୀତ ଝରା ବଉଳର
ଅସମ୍ଭାଳ କୁହୁଡ଼ି କପଟ
ଲୁହର ବି ନିଆଁ ଥାଏ କେବେ
ପୀଡ଼ା ଦେହେ ବିଦ୍ରୋହ ଚମକ ॥

ବୁଢ଼ା ହେଲା ପାହାଡ଼ଟା ଆସି
ଆକାଶର ନୀଳ ନୀଳିମାରେ
କେତେ ସ୍ୱପ୍ନ ବିଞ୍ଛି ହୋଇଅଛି
ତଥାପି ତା' ପଥର ଦେହରେ ॥

# ଅନୁଭବରେ ବାପା

**ଡକ୍ଟର ନାରାୟଣ ପଣ୍ଡା**

କର ଲେଉଟାଇଲେ ଛାଇ
ଝୁଡ଼ିଧରି ବାପା ଧରନ୍ତି ଘର
ଉଡିଆଣି ସଂଜରେ
ଗାଁ ଭାଗବତ ଗାଦିରେ
ଜାଳନ୍ତି ଦୀପ।

ଅଣ୍ଡାଳନ୍ତି
କଣ ମାଛିରେ ଡୋର ଲଗା
କାଚଫଟା ଚଷମା
ପଢ଼ାହୁଏ ଜେଜେବାପା ଅମଳର
ମନବୋଧ ଚଉତିଶା।
ଝିପିଝିପି ବରଷାରେ
ଝାମ୍ପିମୁଣ୍ଡେଇ କେହି ଜଣେ ଆସିଥାଏ
ପାଖଗାଁର ନେବାକୁ କାଟପାଣି।

ପାଟିବାରି ଉଠନ୍ତି ବାପା
ଖଣ୍ଡିକାଶରେ ଅପସରିଯାଏ
ବୋଉର ଛାଇ।
ଗୁଣୁଗୁଣୁ ହୋଇ
ମନ୍ତୁରନ୍ତି ଲୁଣ।
ପାନଖିଆ ପାଟିରେ
ଦରଫୁଟିଲା ଫୁଲପରି ହସିଦେଇ
ରଇତକୁ ଚେତେଇ ଦିଅନ୍ତି

ଝଳପାଇଁ ଆଣିବାକୁ ଛଣ ।

ଅଂଧକାର ରାତିରେ
ତାରାମାନଙ୍କୁ ଝହିଁଲେ
ଅନୁଭବରେ ଆସନ୍ତି ବାପା
ବଦଳିଯାଏ ଅଭାବର ନକ୍‌ସା ।

*ବଉଳପଦା, ବଳରାମପୁର, ଆଠଗଡ଼,*
*କଟକ-୭୫୪୨୯୫*

# ସନେଟ୍ ନୁହେଁ ସନେଟ୍ ପରି

**ଭିକାରୀ ଧଳ**

॥ ମନେ ଅଛି ସବୁକଥା ॥
ମନେ ଅଛି ସବୁକଥା ଭୁଲିନାହିଁ ଗୋଟିଏ ମୁହୂର୍ତ୍ତ
ଘଟିଥିବା ସେଇକାଲୁ ଆଜିଯାଏଁ ଯେତେ ମିଛସତ
ଭୁଲିନାହିଁ କମା ବିନ୍ଦୁ ପୂର୍ଣ୍ଣଚ୍ଛେଦ ଗଲ ସମୟର
ମନେଅଛି ସୁଖ ଦୁଃଖ ଆବୋରିବା ପ୍ରତିଟି କଥାର ।

ବନ୍ୟାବାତ୍ୟା ଭୂମିକମ୍ପ ମହାମାରୀ ଯୁଦ୍ଧ ଓ ବିଗ୍ରହ
ଘଟିଛି ଅନେକ କିଛି ଅତୀତ ଏ ସାତ ସଶନ୍ଧିରେ
ରାଜନୀତି କ୍ଷୟକ୍ଷତି ସମାଜର ଯେତେକ ଦୁର୍ଗତି
ସବୁକୁ ଦେଖିଛି ଆଖି ସହି ସହି ପଥର ଛାତିରେ ।

ଈର୍ଷା ଅପମାନ ଆଉ ଦୂରାଚାରୀ ମଣିଷଙ୍କ ଖେଦ
କେମିତି ଭୁଲିଥାଆନ୍ତି ଅଙ୍ଗେନିଭା ଦୁଃଖ ଅବସାଦ
ଜୀବନରେ ଘଟିଥିବା ଭେଟିଥିବା କଳାମେଘ ଛାଇ
ଭୁଲିବାକୁ ଇଚ୍ଛାକରି ପଛକଥା ଭୁଲିପାରି ନାହିଁ ।

ଏବେବି ଶୁଭୁଛି କାନେ ଲୋକଙ୍କର ନିନ୍ଦା ଅପବାଦ
ସବୁକୁ ଶୁଣୁଛି କାନେ ଗଣୁନାହିଁ କେବେ ଯେ ପ୍ରମାଦ ।

॥ କିଛି ଆଉ ବାକିନାହିଁ ॥
କିଛି ଆଉ ବାକି ନାହିଁ ହେବ ଯାହା ହୋଇସାରିଅଛି
ବିବେକ ମଣିଷ ସିଏ ତା' ବିଚାରେ ସବୁକୁ ଗଢ଼ିଛି
ଦେଖୁନାହିଁ ଚାରିପାଖ ଆଖିବୁଜି ବିରାଡ଼ିଟି ପରି
ଦୁଗ୍ଧପାନ କରୁଅଛ ପାପପୁଣ୍ୟ କିଛି ନବିଚାରି ।

ଏହା ଯଦି ଧର୍ମହୁଏ ଏ ସମୟେ ସଭ୍ୟ ମଣିଷର
କାହାକୁ କହିବା କହ କିଏ ଆଉ କରିବ ବିଚାର
ସଭିଏଁ ଲୁଟିବା ପାଇଁ ପାତିଥାନ୍ତି ହାତ ଯେ ଆନକୁ
ସୁବିଧା ସୁଯୋଗ ଦେଖି ଲୁଟୁଥାନ୍ତି ନିଜେ ସେ ନିଜକୁ ।

କାହିଁକି ଯେ ଏ ସଂସାର ହୁଏ ଏକ ଉଚ୍ଛୃଙ୍ଖଳ ନଦୀ
ସମୟ ବାଉଳା ହୁଏ ମଣିଷର ଦେଖି ଏ ପ୍ରବୃତ୍ତି
ଭାଇ ବନ୍ଧୁ କୁଟୁମ୍ବ ଯେ ରହିଲେଣି କାହିଁ କେତେଦୂରେ
କି ସଭ୍ୟତା ମଥାଟେକେ ଆଧୁନିକ ସଭ୍ୟଜଗତରେ ?

ବାକି ନାହିଁ ହେବା ପାଇଁ ଯାହା ତୁମେ କରିବ ଭାବିଛ !
ସବୁତ ସାରିଛି ହୋଇ ଅନ୍ୟକଥା ଭାବିବାଯେ ମିଛ ।

*କାବ୍ୟଲୋକ, ନିଜିଗଡ଼କୁରୁଖି, ହରିରାଜପୁର, ଜଟଣୀ,*
*ପୁରୀ-୭୫୨୦୫୦*
*ଦୂରଭାଷ: ୯୪୩୭୨୮୩୯୦୭*

# ପ୍ରାକ୍ତନ

**ଦେବାଶିଷ ଚକ୍ରବର୍ତ୍ତୀ**

ମେଘକୁ ମେଖଳା କରି ନାଉଥିବା
ଘର ପାଇଁ ଯେପରି ପୁରୁଣା ଆସବାବ, ବାସନ
ମନେ ହୁଅନ୍ତି ରଙ୍ଗଛଡ଼ା
ସ୍ୱାର୍ଥୀ ମଣିଷଙ୍କ ପାଇଁ ସେହିପରି
ଜନ୍ମକଲା ବାପା ମାଆ ବି
ମନେ ହୁଅନ୍ତି ଅଲୋଡ଼ା ।

ଏଇଲେ ସମାଜ ରେ ସିନା
ପତିଆରା ହରେଇଛି ପୁରାତନ
ହେଲେ ଜୋର୍ ଧରିଛି ପ୍ରାକ୍ତନ
ଏଇ ଯେମିତି ପ୍ରାକ୍ତନ ଜିଲ୍ଲାପାଳ
କୁଳପତି କି ସଦସ୍ୟ ସମୁକ କମିଟିର
ଏଇମିତି ଆପଣାର ଢୋଲପିଟି
ନିଜକୁ ବୋନସାଇ ସଜାଉଥିବୁ କେତେକାଳ ?

ସତରେ ଆମେ କ'ଣ ଏତେ ଅପାଂକ୍ତେୟ ପରିଚୟହୀନ ?
ଜୀବନସାରା ଯାହା କରିଛୁ ତାହା
କଣ ଥିଲା କେବଳ ପଣ୍ଡଶ୍ରମ ?
ସାରଳାଙ୍କ ଠାରୁ ଆରମ୍ଭ କରି
କବିସୂର୍ଯ୍ୟ ଯାଏଁ ଶହଶହ ବର୍ଷରେ
କେତେ ଜଣ ଜୀଇଁଛନ୍ତି

ଇତିହାସ ପୃଷ୍ଠାରେ
ସେମାନଙ୍କ ସଂଖ୍ୟା ତ ତିନିଅଙ୍କ ଭିତରେ
ଅତି ବେଶୀରେ।

ଆପଣାର ପ୍ରତିପତ୍ତି, ପତିଆରା
ଏସବୁ ତ ଖଜୁରି ଗଛର ଛାଇ
ଏଇଅଛି ଏଇନାହିଁ
ତେବେ ଆମେ କାଞ୍ଚନମଣି କାଚ ପଛରେ
ବାଇ ହେଉଛୁ କାହିଁପାଇଁ ?
ଯଦିକେହି ଅର୍ଜି ପାରିଛି ଶାଶ୍ୱତ ପରିଚୟ
ନିରୁତା ମଣିଷର
ତେବେ ସେତିକିରେ ମହମହ ହେବନି କି
ତମାମ୍ ଆୟୁଷ୍କାଳ ?

*ମଣ୍ଡୁଆ, କେନ୍ଦୁଝରଗଡ଼*
*ଦୂରଭାଷ: ୯୪୩୭୭୫୨୩୯୫*

# ପାଂଚଜନ୍ୟ

**ଡଃ ସରୋଜିନୀ ଷଡ଼ଙ୍ଗୀ**

ହେ ନୀଳ ସମୁଦ୍ର ତମେ
କେବେଠାରୁ ଡାକିଲଣି
କବିତାର ଢେଉ ହୋଇ
ମୋ ରକ୍ତକୋଷରେ
କେବେଠାରୁ ଶୁଭିଲାଣି
ସଂଗୀତର ମଧୁମୟ ଧ୍ୱନିଟିଏ
ମୋ ସ୍ନାୟୁସ୍ରୋତରେ-

ଅନନ୍ତ ଆକାଶ ତମେ
କେବେଠାରୁ ବ୍ୟାପିଲଣି
ଚନ୍ଦ୍ରାତପ ହୋଇ
ମୋ ଆତ୍ମାର ଦିଗ ଦିଗଂତରେ

ସବୁଜ ପୃଥିବୀ ତମେ
କେବେଠାରୁ ଜୀବନ୍ୟାସ ପାଇଲଣି
ମୋ ହରିତ ଶବ୍ଦମାନଙ୍କରେ-

ପ୍ରୀତିର ଝରଣା ହୋଇ
କେବେଠାରୁ ଝରିଲଣି
ମୋ ଯୁଗଯୁଗାନ୍ତରର ପ୍ରତୀକ୍ଷାରେ
ମୋ ଅଜାଣତରେ।

କିଛି ତାରା କିଛି ଫୁଲ
କିଛି ଇନ୍ଦ୍ରଧନୁ ରଙ୍ଗ
ଆଜି ହିଁ ତ ଦିଶିଲାଣି
ମୋ ଆଖିରେ ବିଚିତ୍ର ବର୍ଣ୍ଣରେ-

ଉଜ୍ଜଳ ବରଦାନରେ
ସଂଜୀବନୀ ମନ୍ତ୍ରଟିଏ
କିଏ କଲା ଉଚ୍ଚାରଣ
କେବେଠାରୁ ମିଳିଗଲା
ନିବିଡ଼ ନିଃଶ୍ୱାସଟିର
ମୁଗ୍ଧ ନିମନ୍ତ୍ରଣ ? ?

ବର୍ଷା ପରି ଆତ୍ମାଟିଏ
ବିଭୋର ହେଲାଣି ଏବେ
ଦିଗ୍‌ବିଦିଗ ବ୍ୟାପିଥିବା
ଆର୍ଦ୍ର ଆଶ୍ଳେଷରେ-
ତନ୍ମୟ ହେଲାଣି ଏବେ
ଚିନ୍ମୟ ଚେତନା ମୋର
ଯେବେଠାରୁ ବାଜିଲାଣି
କବିତାର ପାଂଚଜନ୍ୟ
ମନ ମନ୍ଦିରରେ।

*ଲିଙ୍କ୍‌ରୋଡ଼, କଟକ-୧୨*
*ଦୂରଭାଷ: ୯୪୩୭୦୫୫୦୦୭*

# ଚାଳିଶି ବର୍ଷର ସମୟ

**ମନୋରଞ୍ଜନ ପାଣିଗ୍ରାହୀ**

ଦୀର୍ଘ ଚାଳିଶି ବର୍ଷ ଧରି ଅବିରାମ ଗତିରେ
ଧାଉଁଥିଲା ଗୋଟେ ଟ୍ରେନ
ବର୍ଷ ବର୍ଷ ଧରି ପାହାଡ଼ ଫଟେଇ ଦିନରାତି
କଟାଯାଉଥିଲା ପଥର
ଦୋ ଫସଲି ଜମିକୁ ଚିରି ବିଦାରି
ଫି ସନ ଅମଳ ହେଉଥିଲା
ମୁଗ, ବିରି, ଧାନ
ବର୍ଷ ବର୍ଷ ଧରି ଫଳନ୍ତି ବୃକ୍ଷରୁ ତୋଳା ଯାଉଥିଲା
ଫୁଲ, ଫଳ, ପତ୍ର।

ଆଜି ସେ ଟ୍ରେନ ପହଞ୍ଚିଯାଇଛି
ତାର ଇପ୍ସିତ ଶେଷ ଷ୍ଟେସନରେ
ମୁଁ ଓହ୍ଲେଇ ଆସୁଛି, ମୋ ସାଥୀରେ ନେଇ ଅବସର
ଆଉ ବିତିଯାଇଥିବା ଚାଳିଶି ବର୍ଷର ସମୟ।

ଦାଢ଼ି ଉଠିନଥିବା ଗୋଟେ କଞ୍ଚା ମୁହଁକୁ ନେଇ
ବୃତ୍ତିର ଦାୟରେ ଦୂର ସହରକୁ
ଚାଳିଶି ବର୍ଷ ତଳେ
ମୁଁ ଚଢ଼ିଥିଲି ସେ ଦିନ ସକାଳର ପ୍ରଥମ ଟ୍ରେନ।

ନନା ବସିଥିଲେ ନୀରବ, ଆରାମ ଚୌକିରେ ଦାଣ୍ଡ ଘରେ
ଦର ଆଉଜା କବାଟ ସନ୍ଧିରୁ ବୋଉ ଦେଇଥିଲା ବିଦାୟ
ଚାକିରୀ ପାଇବାର ଖୁସି, ତାକୁ ଛାଡ଼ିଯିବାର ଦୁଃଖ
ଲୁହ ବୁନ୍ଦା ହେଇ ଝଟକୁଥିଲା ତାର ଆଖିରେ।

ଯାତ୍ରା ଚାଲିଥିଲା ଅବିରତ, ବିରାମ ହୀନ
ତୁଠ ପଥରରେ ରହିଯାଉଥିଲା
ସମୟର ପାଣି ବହିଯିବାର ଚିହ୍ନ,
ଦେହ ଭିତରେ ବାହାରେ ବହିଚାଲିଥିଲା
ପାଣି, ଝାଳ ଓ ରକ୍ତର ବୈଶାଖୀ ଝଡ଼
ମୂଳାଧାରରୁ ସହସ୍ରାର....
ସାମୁଦ୍ରିକ ପବନରେ ଉଡୁଥିଲା ଅଙ୍ଗାର ଓ ଅମ୍ଳର ପାଉଁଶ।

ସେ ଯାତ୍ରା ଭିତରେ ବଡ଼ ହେଲି, ପ୍ରେମ କଲି, କବିତା ଲେଖିଲି
ବାହା ହୋଇ ଆସିଲା ବି ସ୍ତ୍ରୀ ପିଲା ଛୁଆର ସଂସାର
ପଦୋନ୍ନତି, ଇଂକରିମେଣ୍ଟ, ଗାଡ଼ି ଘୋଡ଼ା, ଚାକର ବାକର
ଖାଲି ଟ୍ରେନିଂ, ମିଟିଙ୍ଗ, କନଫରେନ୍ସ, ଟୁର ଏ ସହରରୁ ଆର ସହର।

ଧୀରେ ଧୀରେ ଯୌବନର ଖରା ମହଳଣ ହେଲା
ଅଗଣାକୁ ଓହ୍ଲେଇ ଆସିଲା ପ୍ରୌଢତ୍ୱର ମଳିଛିଆ ସଂଜ
ତାରାହୀନ ଜହ୍ନହୀନ ରାତି
କୁଟୁମ୍ବ ପୋଷୁ ପୋଷୁ ସରିଗଲା ବୃତ୍ତି
କବିତା ଖାତାର ପୃଷ୍ଠା ସବୁ ଖାଲି।

ଅବସର ନେଇ ଏବେ ଫେରି ଆସିଛି
ସେ ଦିନର ସେ ଗାଁ ନାହିଁ, ସେ ସହର ନାହିଁ
ନନା ବୋଉଙ୍କର ଚନ୍ଦନ ଚର୍ଚ୍ଚିତ ଫୋଟୋ
ଘର କାନ୍ଥରେ ଝୁଲୁଛି
ସେ ଛୁକ ଛୁକ ଟ୍ରେନ ନାହିଁ, ଗାଁ ଶେଷର ସେ ସବୁଜ ପାହାଡ଼ ନାହିଁ
ସେ ବିଲମାଳ, କ୍ଷେତ, ପଡ଼ିଆ ନାହିଁ
ବାରିପଟର ସେ ବୁଢ଼ା ଆମ୍ବ ଗଛ ନାହିଁ
ବୋଉ ଆଜି ବେଶୀ ବେଶୀ ମନେ ପଡୁଛି
ମୋ ପାଖରେ କେବଳ କିଛି ଟଙ୍କା, କିଛି ଦୀର୍ଘଶ୍ୱାସ
ନୀଳ ରଙ୍ଗର ପେନସନ ବହି
ଆଉ ସ୍ୱର୍ଗକୁ ଯିବା ପାଇଁ
ଶବ୍ଦର ଏକ ଅଧା ଗଢ଼ା ସିଢ଼ି।

*ଏଲ. ବି. ୩୯, ଭୀମଟାଙ୍ଗୀ*
*ଭୁବନେଶ୍ୱର -୨*
*ଦୂରଭାଷ: ୭୦୦୮୨୯୨୬୬୮*

# ପ୍ରତାରକ ନର

**ପାଣ୍ଡବ ନାୟକ (ଶିଶୁ)**

ସୁନ୍ଦର ଏ ନୀଳଭୁଇଁ ସସାଗରା ଧରା
ପ୍ରକୃତି ଈଶ୍ୱରୀର
ଜୀବ ପାଇଁ ବିସ୍ତାରିଛି
ଜଳ ଚଟାଣରେ ଖଣ୍ଡେ ଖଣ୍ଡେ ଚଡ଼ା
କାଳଚକ୍ର ଘୁରାଇ
ପଂଚ ମହାଭୁତ ଉପାଦାନ ଚକଟି
ଗଢ଼ଇ ପିତୁଳା ଭୁଇଁରେ।
ଉପତ୍ୟକା ମରୁପ୍ରାନ୍ତର
ବନାନୀ ତଟିନୀ ଜଳର ପାହାଚ
ପଶୁପକ୍ଷୀ କୀଟ ନର
ସବୁ ଏ ଧରାର।
ଫୁଲ ପ୍ରଜାପତିର ପ୍ରେମ ଚୁମ୍ବନ
ପ୍ରମୋଦରେ ସୂର୍ଯ୍ୟସ୍ନାନ
ତରୁରେ ଦୋହଲେ ଲତିକା
ତାରା ଅନ୍ଧାରରେ କର ଲେଉଟାଏ
ଜ୍ୟୋତ୍ସ୍ନାରେ ଆଙ୍କିଦିଏ ଦେବୀ
ସୃଷ୍ଟିର ଚିତ୍ର ଝଲକା।
ଜୀବେ ଶ୍ରେୟ ନର
ଏସବୁ ଉପହାର
ଟେକିଦିଏ ତା'ର କରେ
ସେ ଜଗୁଆଳ ତା'ର।
ନରର ଚେତନା
ଯେତେ ଭାଷାଭାଷୀ ଚଢ଼ାର
ସଭିଏଁ ବିଶ୍ୱ ପରିବାର।

ଚେତନାର ଏ କି ବିଡ଼ମ୍ବନା
ଚିତ୍ ଥରାଇ ଦିଏ
ଲୋଭର ସ୍ୱାର୍ଥରେ ମଣିଷ
ପରିବାର ବାଡ଼ ଭାଙ୍ଗିଦିଏ।
ପ୍ରତାରକ ନର
ବିଶ୍ୱ ସିଂହାସନ ଅକ୍ତିଆରରେ
ଠିଆ ବାରୁଦ ଗଦାରେ।
ହେ ପ୍ରତାରିତ ନର
ଯେତେ ବିସ୍ତାରବାଦୀ ପୋଡ଼ିଛନ୍ତି ଭୂଇଁ
ସେ ଭୂଇଁରେ ଠିଆ ହୋଇ
ମାତନା ବିଶ୍ୱ ଯୁଦ୍ଧେ
ପୋଡିଦିଅନା ନରର ସଭ୍ୟତା
ସଭିଏଁ ପିତୁଳା ଏ ମରଣ ଭୂଇଁର।
ଚେତନାକୁ କଳୁଷିତ କରନି
ଦୌଡ଼ନାହିଁ ନର୍କର ଗୁହାକୁ
ଅଗ୍ନିଶିଖାରେ ପତଙ୍ଗ ପରାଏ
ନିଜକୁ ଦହନ କରନି।
ଜୀବନର ପ୍ରମୋଦ ପୁର
ଏ ବସୁନ୍ଧରା
କୁସୁମ ମାଳାରେ ସଜାଇ ଦିଅ ତାକୁ
ଶୁଭୁଥାଉ ବିଶ୍ୱରେ ଶାନ୍ତି ପ୍ରମୋଦା ବନ୍ଦନା।

*ସା / ପୋ- ଗୋଡିସାହି, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୭୦*
*ଦୂରଭାଷ: ୯୮୬୧୯୮୧୬୫୬*

# ଲୋହିତ ନିଦ୍ରା

**ଇଂରାଜୀ : ଲୁଇସ୍ ଗ୍ଲୁକ୍**
**ଅନୁସୃଜନ: ଡ. ବିଦ୍ୟୁତ୍ ପ୍ରଭା ଗନ୍ତାୟତ**

ଚିନ୍ତା ନ କରିବା, ଭାବ ନ ରହିବା
ସବୁଠାରୁ ଭଲ
ଓଃ ଏ ଭାବନା!
ଏ ସମ୍ବେଦନା!
ମୋର ସମ୍ବେଦନା ଅଛିବୋଲି
ସେମାନେ ମୋ ଉପରେ ଜୁଲୁମ୍ କରନ୍ତି, ହୁକୁମ ଚଲାନ୍ତି

କିନ୍ତୁ ମୋର ଜଣେ ଭଗବାନ ଅଛନ୍ତି ସେ ସୂର୍ଯ୍ୟ
ମୋର କିଛି କଥା ତାଙ୍କ ପାଖରେ ଅଛପା ନାହିଁ
ମୋ ଭିତରର ନିଆଁ ସେ ଦେଖିଛନ୍ତି
ଠିକ୍ ତାଙ୍କ ଭିତରର ଉଷ୍ମତା ପରି
କିନ୍ତୁ ଏତେ ତେଜର ମୂଲ୍ୟ କ'ଣ
ଯଦି ହୃଦୟଟିଏ ନାହିଁ
ହେ ମୋର ଭାଇ ଓ ଭଉଣୀମାନେ
ତୁମେମାନେ ବି କଣ ମୋ ପରି ଥିଲ ?
ଅନେକ ପୂର୍ବରୁ,
ମଣିଷ ବୋଲାଇବା ଆଗରୁ!

ତୁମେମାନେ କଣ ଜାଣିଶୁଣି ନିଜକୁ ବନ୍ଦୀ କରି ଦେଇଥିଲ ?
ଅନ୍ତତଃ ଥରଟିଏ ପାଇଁ
କେବେ ବି ମୁକ୍ତ ହୋଇ ପାରିବନି ବୋଲି ଜାଣି ବି!
ସତରେ ମୁଁ ବି ଠିକ୍ ତୁମମାନଙ୍କ ଭଳି ସହଜରେ କଥାବାର୍ତ୍ତା କରୁଛି
ହେଲେ ଭିତରେ ଭିତରେ
ମୁଁ ଖୁବ୍ ବିବ୍ରତ
ଖୁବ୍ ଅସହଜ।

*ଦୂରଭାଷ: ୭୯୭୮୬୨୮୨୨୦*

# ମିଛ ତୁମ ରତ୍ନ ସିଂହାସନ

**ଡାଃ ମନୋରଞ୍ଜନ ଦାଶ**

ତୁମେ ଏକା ମୋ ସାହା ମହାପ୍ରଭୁ!
ତୁମକୁ ଯେ ଭଲ ପାଇଛି।
ଅଧମର ସାହା ତୁମେ ମୋ କାଳିଆ
ଏଇ ଭରସା ମୁଁ ରଖିଚି।
ତୁମ ଶ୍ରୀମନ୍ଦିର ବେଢ଼ା ଚାରିପଟେ କେତେ ଯେ ସମୟ
ମୋର ବିତିଚି।
ହୃଦୟ କାଗଜରେ ସାରାଜୀବନ ପାଇଁ ସେ ସବୁକୁ
ସାଇତି ରଖିଚି।
ଭଙ୍ଗା ହୃଦୟର ଅକୁହା କଥାକୁ
ସବୁ ତୁମ ଠିଁ ବଖାଣିଚି।
ଶୁଣିଛି ମୁଁ, ମିଛ ତୁମ ରତ୍ନ ସିଂହାସନ...
ଥାଅ ତୁମେ ଭକ୍ତର ହୃଦୟରେ।
ପୁଣି ଭକ୍ତର ଅଧୀନରେ ତୁମେ,
ଥାଅ ତୁମେ ଭକ୍ତର ନିଷ୍ଠା ଆବେଗରେ।

ମୁଁ କ'ଣ ନୁହେଁ ପ୍ରଭୁ ! ତୁମରି ଭକ୍ତ
ବାଇଶି ପାହାଚେ ପଡ଼ିଚି...

*ପ୍ରଭାବତି ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ, ଜି: କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୭୩୧୭୭୨୨*

ସପନ ତ କେବେ ସତ ମୋ ହୋଇନି
ବାଜୁଛି ପୁରୁଣା ଗୀତ ।

*ସମ୍ପାଦିକା-ଶିଳାଶ୍ରୀ, ଭୀମଟାଙ୍ଗୀ, ଭୁବନେଶ୍ୱର*
*ଦୂରଭାଷ: ୯୮୫୩୯୯୩୯୯୩*

# ନା ମା ଅଛି ନା ଗାଆଁ ଅଛି

**ବାସନ୍ତୀ ଦାସ**

ନା ମାଆ ଅଛି ନା ଗାଁଆ ଅଛି
ନା ଅଛି ବଞ୍ଚିବାର ମୋହ
ନିଃସ୍ୱ ଆଜି ମୁଁ ଏ ବିଶ୍ୱ ଦୁଆରେ
କାହାକୁ କହିବି କହ
ଜୀବନ ଜୀବିକା ଉଜୁଡ଼ି ଯାଇଛି
ସମୟ ଖସୁଛି ହାତୁ
କାହାପାଇଁ ଆଉ ଲୋଡ଼ା ପଡ଼େନାହିଁ
ବିବେକ ସାଜିଛି ସେତୁ ।

ସମୟ ସୁଅରେ ପତ୍ର ପରି ଭାସେ
ଜୀବନର ଅବସୋସ
ଯେତେ କଳପନା ଯେତେ ସଂରଚନା
ହୋଇଗଲା ସବୁ ଶେଷ
ତୁହାଇ ତୁହାଇ କିଏ ବାହୁନୁଛି
ହୃଦକୁ ପଥର କରି
ତୁଟି ଗଲାପରେ ଛୋଟ ପକ୍ଷୀବସା
ଆସିବ କି କେହି ଫେରି ?

ନଦୀରେ ହଜାଇ ବଧୁଲି ହସକୁ
ପୋଖରୀ ଜଳରେ ଖୋଜେ
ବରଷାର ଝର ବହିଗଲା ପରେ
କାକର ଟୋପାରେ ଭିଜେ
ଅମାସ୍ୟାରେ ଭାବେ ଆସିବ ଜୋଛନା
କାଳେ ଭୁଲିଯାଇ ପଥ
ପୁନେଇଁର ମିଠା ଅନୁଭବ ଦେବ
ଚଳିବ ଜୀବନ ରଥ !

ନିଜକୁ କେବଳ ବୁଝାଏ ସିନା ମୁଁ
ଜାଣିଛି ଏସବୁ ମିଛ


# ଦେହ ବ୍ୟାପାର..

**ମନୋଜ କୁମାର ବେହେରା**

ସମସ୍ତ ବିଶ୍ୱରେ ଚାଲିଛି
ଜମେଇ କରି କାରବାର
ଗୋଟିଏ ଅବଳାର ଦେହ ଏବେ
ବିବଶ ହେଇଛି ବ୍ୟାପାର ।
ହେଇଛି ନର୍କ ଭଳି ଜୀବନ
ନା'ଏଥିରେ କୌଣସି ସମ୍ମାନ !
ପିଉଛି ବିଷଭଳି ଗୋଟିଏ ଢୋକ
ଆଜୀବନ ଅପମାନ ।
କିଏ ଗରିବରୁ ବିବଶ ହୋଇ
ତ ଆଉ କେହି ଷଡଯନ୍ତ୍ରରେ ଲାଚାର !
କାହାକୁ ଧୋକାରେ ଅଣାଯାଇଛି
ଆଉ କେହି ତାହାର ନିଜ ଦ୍ୱାରା ।
ଜାଲ ବିଛେଇ ବୁଲିଥାନ୍ତି,
ସଂସାରରେ ବହୁତ ଶିକାରୀ
ଆଖି ଫାଡି ବସିଥାନ୍ତି !
କନ୍ୟା ଥିବ କୁମାରୀ ।
ଏହି ଦଳ ଦଳରେ ଯିଏ ଫସିଲା
ବାହାରକୁ ବାହାରିବା ବହୁତ କଷ୍ଟ !
ପଶ୍ଚାତ୍ତାପର ନିଆଁରେ
ଆଜୀବନ ସେ ଜଳିଥାଏ ।
ସ୍ୱପ୍ନ ସବୁ ଭାଙ୍ଗିଯାଏ
ସଂଗ ଛାଡିଥାନ୍ତି ନିଜର ଲୋକ !
ଶରୀରବି ବଶ ହୋଇଯିବ
ଲାଗିଥିବ ଲୋକଙ୍କ ବଣ୍ଟାରେ ।
ରାଜିନାମା କରିବାକୁ ପଡିଥାଏ
ମିଳି ନଥାଏ କୌଣସି ବିକଳ୍ପ !
ସାହସ ଆଉକିଛି ବଞ୍ଚି ନାହିଁ
ନେବା ପାଇଁ କୌଣସି ସଂକଳ୍ପ ।
ଆସିଥାନ୍ତି ଭୋକିଲା ଗଧିଆ

ନିତି ପ୍ରତିଦିନ ଲୋକମାନେ !
ଭୋକ ମେଣ୍ଟେଇ ନିଜର
ବିଚାରୀ ଦେହର ଭୋକ ।
ନଥାଏ ଦୟା ମନରେ ତାଙ୍କର
ନଥାଏ ତାଙ୍କର ଲାଜ !
ଭୁଲିଯାନ୍ତି ନିଜର ନୈତିକତା
ଆଉ ନିଜର ଧର୍ମ ।
ଲୋକେ ବୁଝିଥାନ୍ତି ସେ ପାପୀ
ହୋଇଚାଲିଥାଏ ମଇଳା ତାର ଲୁଗା, ଶରୀର
ବୋଝ ଲାଗିଥାଏ ନିଜକୁ ନିଜେ
କଷ୍ଟ ଭରା ଏ ଜୀବନ ।
କହିଥାଏ ସେ ଈଶ୍ୱରଙ୍କୁ
ଯିଏ ଏହା ଭିତରକୁ ଠେଲିଛି !
ଶକ୍ତ ଦଣ୍ଡ ଦେବ ତାକୁ
ବନ୍ଦକରୁଏହି ଖେଳ !
କେତେଦିନ ଆଉଏହି ଦଳଦଳରେ
ଫସିରହିଥିବ ନାରୀ !
ଫସିଥାଏ ଆଜୀବନ ଦୁଃଖରେ
ଚିଲ୍ଲାଉ ଥିବ ବିଚାରୀ ।
ସଂସାରରେ ବିତିଚାଲିଛି
ଏହି ବ୍ୟାପାର ଅନୈତିକର !
କାହିଁକି ଏମାନେ ସବୁ ନାରୀକୁ
ବସ୍ତୁ ବୁଝନ୍ତି ଭୌତିକ ।
ଜଗତର ଏହି ଦୃଷ୍କୃତ୍ୟ ଉପରେ
ଦୁନିଆ ଲଗାଉ ପ୍ରତିବନ୍ଧ !
ଘୃଣିତ ଦେହ ବ୍ୟାପାର ଏହା
ମୂଳରୁ ଓପାଡି ଫୋପାଡି ଦେଉ ।

*ପ୍ଲଟ ନମ୍ବର-୨୧୬/ପି,*
*ବାୟାବାବାମଠଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*
*ଦୂରଭାଷ-୭୯୭୮୮୩୦୬୧୧*



# ଋତୁ ରାଜ ବସନ୍ତ

**କାଳିନ୍ଦୀ ଚରଣ ଭଞ୍ଜ**

ଋତୁ ଚକ୍ରର ଆବର୍ତ୍ତନେ ଋତୁପରେ ଋତୁ
ଧରାପୃଷ୍ଠେ ଅବତରଣ କରେ,
ମଞ୍ଜୁଳ ରୂପ ଛବିଳ ରଙ୍ଗରେ
ପ୍ରକୃତି ନୂଆ ନୂଆ ରୂପ ଧରେ।
ଶୀତ ଋତୁ ଅନ୍ତେ ବରଷର ଅନ୍ତିମ ପର୍ଯ୍ୟାୟରେ
ମଧୁମୟ ବସନ୍ତ ଧାରେ ନୂତନ ଛନ୍ଦରେ
ଅପୂର୍ବ ପୁଲକରେ ବିପୁଳ ସୁଷମା ନେଇ
ପ୍ରବେଶେ ଧରାରେ।

ମଧୁ ଅମୃତ ବୃଷ୍ଟିରେ ପାଦପଲ୍ଲରୀ ପଲ୍ଲବିତ ହୁଏ
ଜୀବନ, ଚମ୍ପକ, ପଦ୍ମ, ବକୁଳ ପ୍ରସ୍ଫୁଟିତ କୁସୁମର
ମହକେ, ପ୍ରାଣ ସୁରଭିତ ହୁଏ,
ବୃକ୍ଷଲତା ନବଯୌବନ ଲାଭ କରେ
ବାସନ୍ତୀର ରୂପ ଲାବଣ୍ୟରେ
ସୁଷମାନ୍ୱିତ ଚତୁର୍ଦ୍ଦିଗ ହୋଇଉଠେ ପ୍ରସ୍ଫୁଟିତ
ପୁଷ୍ପର ଦୀପ୍ତି କାନ୍ତି ଛଟାରେ,
ପ୍ରତ୍ୟୁଷ, ପ୍ରଦୋଷ ଦିବାନିଶି ମଧୁବୋଳା
ପ୍ରୀତିରେ ମୋ ବଗିଚାର ଥୁଣ୍ଟା
ତରାଟ ବୃକ୍ଷେ ପତ୍ର ବି ଗଜୁରେ।

ଭ୍ରମରର ଗୁଣୁଗୁଣୁ ସମୀରଣ ପରଶେ
ବନ ଉପବନେ ପୁଷ୍ପ କଳିକା ଦୋଳାୟିତ ହୁଏ
ମଧୁମକ୍ଷିକା ପୁଷ୍ପପାଖେ ସକରୁଣେ କରେ ପ୍ରେମ ନିବେଦନ
ସମୀରଣ ପ୍ରବାହକୁ ପୁଷ୍ପରାଜିର ଥାଏ ନୀରବ ସମର୍ଥନ
ରଙ୍ଗ ବେରଙ୍ଗ ପ୍ରଜାପତିଙ୍କ ସ୍ୱଚ୍ଛନ୍ଦ ଉଡ଼ାଣ
ଉନ୍ମତ୍ତେ ମଧୁ ଶୋଷଣେ ହୁଅଇ ମିଳନ
ଏହା ହିଁ ପୃଥିବୀର ସର୍ଜନ।

ଆମ୍ର କୁଞ୍ଜେ ପତ୍ର ଉହାଡ଼େ
କୋକିଳର ଉଦ୍ଦୀପକ କୁହୁତାନ
ମୃତବତ ପ୍ରକୃତି ଲଭେ ନବଯୌବନ,
ଉର୍ଦ୍ଧ୍ୱରେ ନିର୍ମଳ ନିର୍ମେଘ ନିମ୍ନରେ ମଧୁପ
ପରିବେଶ ବନ ଭୂମିରେ ପ୍ରାଣୀଜଗତ
ସ୍ୱଚ୍ଛନ୍ଦେ ଅତି ଉତ୍ସୁକେ କରନ୍ତି ବିଚରଣ।

ଦେଖି ଦୃଶ୍ୟପଟ୍ଟ,
ପ୍ରେମ ବିରହିଣୀ ନବବଧୂ ମନ

ହୁଅଇ ଉଚ୍ଚାଟ, ସ୍ୱାମୀର ଆଗମନକୁ
ଚାହିଁ ବସେ ବାଟ।

କର୍ମକାନ୍ତି ଜନଜୀବନକୁ ସରସତା ପାଇଁ
ନାନା ପର୍ବ ପାଳନ ହୁଏ ଏ ଋତୁରେ
ଶୈବପୀଠେ ଦୀପ ଜାଳନ୍ତି ରାତ୍ରି ଉଜାଗରେ
ମନ ଉଲ୍ଲାସେ ପ୍ରୀତି ହରଷେ ମୁହେଁ
ଫଗୁ ବୋଳନ୍ତି ମେଳନରେ,
ଉନ୍ମାଦିତ ହୁଅନ୍ତି ହୋଲି ରଙ୍ଗ ଖେଳରେ
ସୂର୍ଯ୍ୟଙ୍କ ଅମୃତବୋଳା କିରଣ,
ଚନ୍ଦ୍ରଙ୍କ ମଧୁବୋଳା ଜୋଚ୍ଛନା, ଋତୁର
ମାଧୁର୍ଯ୍ୟ ଲାବଣ୍ୟରେ କବି, ଭାବୁକ
ହୋଇ ବିମୋହିତ ଋତୁରାଜ ବସନ୍ତ
ପଦବୀରେ କରିଛନ୍ତି ଭୂଷିତ।

*୬୮୯, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬*
*ଦୂରଭାଷ: ୯୩୩୬୮୮୬୮୯୮*
*୯୮୬୧୨୫୭୩୩୩*

# ଝିଅ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ସେ ରକ୍ତ ମାଂସର ସଉାଟିଏ
ଇଜମାଇଲ ସମ୍ପତ୍ତି ନୁହଁ ଯେ
କେହି ବି ଆଖି ଉଠାଇ ଦେଖି ନେବ
ଛୁଇଁବାକୁ ହାତ ବଢ଼ାଇବ
ଅଶ୍ଳୀଳ ଇଙ୍ଗିତ କରିବ।

ଝିଅ ସିଏ ଘିଅ ନୁହଁ
ତାକୁ ଶଳିତାରେ ଢାଳି କିଏ ଜାଳି ଦେବ
କାମନା ଅନଳରେ ଇନ୍ଧନ କରି
ନିଜ ଶୋଷ ମେଣ୍ଟାଉଥିବ।

ତା' ଇଚ୍ଛା ବିରୁଦ୍ଧରେ ତାକୁ
ପ୍ରେମ ନିବେଦନ କରିବ
ସଫଳ ନହେଲେ,
କବଳିତ କରି ଧର୍ଷଣ କରିବ।

ପୁଣି ଏମିତି ଅସହାୟା କରି ଦିଆଯିବ ଯେ
ସେ ନିଜେ ଜଳି ଯିବାକୁ ବାଧ୍ୟ ହେବ।

ତା'ର ସହିବାର ସୀମା ଅଛି
କହିବାର ସ୍ୱତନ୍ତ୍ରତା ଅଛି
ଇଚ୍ଛା ଅନିଚ୍ଛା ବ୍ୟକ୍ତ କରିବା ସ୍ୱାଧୀନତା ଅଛି
ସର୍ବୋପରି ସସମ୍ମାନେ ବଞ୍ଚିବାର
ସମସ୍ତ ଅଧିକାର ରହିଛି।

ତାକୁ ବାନ୍ଧି ଦିଅ ନାହିଁ କେଉଁ
ପରମ୍ପରାର ଦୁହାଇ ଦେଇ।

ଛନ୍ଦି ଦିଅ ନାହିଁ ସଂଭ୍ରମ, ସଂସ୍କାର ଓ
ସହନଶୀଳତାର ବେଡ଼ି ପକାଇ।

ତାକୁ ଠିଆ କରାଇ ଦିଅନା ଏକ ତରଫା
ବିଚାରର କାଠଗଡ଼ାରେ ନେଇ।

ତାକୁ ବଳି ପକାଅନା ବାସନାର ଯୂପ କାଠରେ
ଭ୍ରମିତ କର ନାହିଁ ପ୍ରତିଶ୍ରୁତିର ମିଛ ପ୍ରଲୋଭନରେ।

ତା' ପଥ ଓଗାଳି ଠିଆ ହୁଅନାହିଁ
ତୁମ ସୁଖ ସମ୍ମାନ ସ୍ୱାର୍ଥ ପାଇଁ।

ଝିଅ ସେ ଅବଳା ନୁହଁ ସବଳା
ସେ ସର୍ବଂସହା ନୁହଁ ସର୍ବନାଶୀ ପ୍ରଳୟଙ୍କରୀ
ସେ କେବଳ ସୁକୁମାରୀ ପୁଷ୍ପଗୁଚ୍ଛ ନୁହଁ
ତୀକ୍ଷ୍ଣ ତରବାରି।

ସେ ହୋଇପାରେ ମୋ ଝିଅ ତୁମ ଝିଅ
ଅବା ଝିଅ ଏଇ ମାଟିର ଦେଶର ପୃଥ୍ୱୀର।

ତାକୁ ସ୍ନେହ ଦିଅ ସମ୍ମାନ ଦିଅ
ସମ୍ବେଦନାର ସହ ତା' ଅସ୍ତିତ୍ୱକୁ
ସ୍ୱୀକାରୁ ଥାଅ।

*ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର,*
*ଭୁବନେଶ୍ୱର-୭୫୧୦୦୬*
*ଦୂରଭାଷ: ୯୯୬୮୨୮୦୮୯୬*



# ନବଜାତକ

**ଶର୍ମିଷ୍ଠା ପାଣିଗ୍ରାହୀ**

ମନରେ ଜୀଏଁ ଯିଏ
ଗତି ତାର ସର୍ବଦା ମନ୍ଥର
ପବନରୁ ଶୋଷୁଥାଏ
ପୀୟୁଷର ଜଳକଣା
ସଦା ଯିଏ ଅସ୍ଥିର।

ପଡ଼ୋଶୀର ପଡ଼ିଆ ଜମିରୁ
ଯଦି ଉଠିଆସେ ଅନାବନା ଗଛଡାଳ
ତାକୁ ରଞ୍ଜାଦେଇ ଆଡ଼କେଞ୍ଚା ନକରି
ବରଂ ମାଡ଼ିବାକୁ ଦିଅ ଘରସାରା
ତମ ଡ୍ରଇଂରୁମ୍ କାଚ କବାଟ ଓ
ଝରକା ଦେଇ ପଶିଆସୁ
କିଛି ତାଜା ସବୁଜ ଖୁବ୍
ହାଲ୍କା ମିଠା ମିଠା ବାସ୍ନା।

କମ୍‌ସେ କମ୍ ତମେ ତ
ହସର ହଳଦିଆ ପଡ଼ିଆସୁଥିବା
ପତ୍ରମାନଙ୍କୁ ମାହେନ୍ଦ୍ର ମୁହୂର୍ତ୍ତ ଦେଖି
ବିସର୍ଜ୍ଜି ଦେଇପାରିବ।

ଅଦିନ ମେଘ ହେଉ କି ମନ
ଢାଙ୍କିହୋଇ ରହିଥିବା ଯାଏଁ କୁହୁଡ଼ିରେ
ସୂର୍ଯ୍ୟର ପ୍ରଖର ପ୍ରଚଣ୍ଡ ରଶ୍ମୀ
ଭେଦି ପାରିବନି ତମ ମିଛ କାୟାକଳ୍ପ।

ଏବେ ବନ୍ଦ ହୋଇଥିବା ଚେତନାର
ଦିବ୍ୟ ଆଖିମାନଙ୍କୁ ଧିରେ ଧିରେ ଖୋଲିଦିଅ
ଅଗୁରୁ, ଚନ୍ଦନ, ଝୁଣା, ଧୂପର
ଅପୂର୍ବ ମହକରେ
ତମେ ପାଲଟିଯିବ ଏକ ନବଜାତକ।

ଭୟ, କ୍ରୋଧ, ଅସୂୟା, ଅଗ୍ରାହ୍ୟତାର
ଦାଗମାନଙ୍କରେ ଅଣନିଃଶ୍ୱାସୀ
ହୋଇପଡୁଥିବା ହୃତ୍‌ପିଣ୍ଡକୁ
କୋମଳ ପଦ୍ମଫୁଲ ପରି
ହାତରେ ଧରି ରଖିବାର ଏବେ ସମୟ।

ଖୋଲିଦିଅ ଖୋଲିଦିଅ
ଯେତେ ସବୁ କଣ୍ଟାବାଡ଼
ତମ ଘରିପାଖର
ହସିବ ସୂର୍ଯ୍ୟ, ହସିବ ଚନ୍ଦ୍ର
ହସିବ ଦଶଦିଗ।

*ଗୋଲାପଲ୍ଲୀ ସାହି, ବ୍ରହ୍ମପୁର*
*ଦୂରଭାଷ: ୯୬୯୨୧୭୧୫୬୫*


# ଗଣତି ମଣତି

**ଶ୍ରୀ ଭୁବନେଶ୍ୱର ବିଶି**

ସବୁ ଜାଣିଛ ସାଆନ୍ତେ
ଆମ ପାପଭାର କେତେ ବଢ଼ିଲା
ଆଉ ବାକି ରହିଛି କେତେ
କିଏ ମାରିଦେଲା ମନ୍ଦିରର ମୁଣ୍ଡି
କିଏ ଭାଙ୍ଗିଦେଲା
ମେଘନାଦ ପାଚେରି।
କୁଆଡ଼େ ଗଲା
ରତ୍ନ ଭଣ୍ଡାରର ଋବି
କେମିତି ଉଭାନ ହେଲା
ସୁନାର କିରିଟି।
ତମେ କଣ ଭୁଲିଗଲକି
ରତ୍ନ ଭଣ୍ଡାରକୁ ଘେରି ରହିଥିବା
କଳା ବାଦୁଡ଼ି କି କାଳ ଭୁଜଙ୍ଗ।
ସବୁ ବାଣ୍ଟିଛ ସାଆନ୍ତେ
ଗଣତିରେ ଭୁଲ ହେଲାକି
ମଣତିରେ
ମୁଁ ହିଁ ଜାଣେ
ମୁଁ କେଉଁଠି କେଉଁଠି କରିଛି ଗଲତି।
ସବୁ ଦେଖିଛ ସବୁ ଜାଣୁଛ
ବେଳ ଅବେଳରେ
ଚକା ଆଖି ଖୋଲି ଦେଖୁଛ।
ଯେଉଁଦିନ
ସେର ପୁରିବ ମାଣ ପୁରିବ
ଝପଟି ଆସି ମାଡ଼ି ବସିବା ପାଇଁ
କାଳ ଦଉଡ଼ି ପଠାଇ ଦେବା ପାଇଁ
ସେଇ ଦିନକୁ କି
ଋହିଁ ବସିଛି ? ! !

*ରେଲବାଇ କଲୋନୀ, ଜୟପୁର, କୋରାପୁଟ--୭୬୪୦୦୨*
*ଦୂରଭାଷ: ୭୫୮୭୪୪୫୮୦୩*

ତନ୍ମାତ୍ର




# ବର୍ଡ଼ର-୨

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ମୁକ୍ତିଲାଭ କରିଛି କଥାଚିତ୍ର "ବର୍ଡ଼ର-୨"। ଦ୍ୱିତୀୟ ସଂସ୍କରଣ ବର୍ଡ଼ର-୨, ୧୯୯୭ ରେ ମୁକ୍ତିଲାଭ କରିଥିବା ଜେ.ପି. ଦତ୍ତଙ୍କର ବର୍ଡ଼ର କଥାଚିତ୍ରର ଅନୁସରଣରେ ତା'ର ପରବର୍ତ୍ତୀ ସମ୍ଭାବ୍ୟ କାହାଣୀକୁ ଭିତ୍ତିକରି ନିର୍ମିତ ହୋଇଛି। ଭାରତ ପାକିସ୍ତାନ ଯୁଦ୍ଧର କାହାଣୀକୁ ନେଇ ଚଳଚ୍ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ସମ୍ମିଳିତ ଭାବରେ ଟି-ସିରିଜ ଫିଲ୍ମସ୍‌ର ଭୂଷଣ କୁମାର ଓ କ୍ରିସନ କୁମାର ଏବଂ ଜେ.ପି. ଫିଲ୍ମସ୍‌ର ଜେ.ପି. ଦତ୍ତ ଓ ନିଧି ଦତ୍ତ। ନିଧି ଦତ୍ତଙ୍କର କାହାଣୀକୁ ଅନୁରାଗ ସିଂହ ନିର୍ଦ୍ଦେଶନା ଦେଇ ଚଳଚ୍ଚିତ୍ର ରୂପ ଦେଇଛନ୍ତି। ୨୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟ ପରଦାରେ ୧୯୯ ମିନିଟ୍‌ର ପ୍ରଦର୍ଶନ ପାଇଁ ପ୍ରସ୍ତୁତ। ପ୍ରଥମ ସପ୍ତାହର ୪ ଦିନ ମଧ୍ୟରେ ଏହା ବକ୍ସ ଅଫିସ୍‌ରେ ପ୍ରାୟ ୧୮୦ କୋଟି ଟଙ୍କାର ଆୟକୁ ଛୁଇଁ ସାରିଲାଣି। ପୂର୍ବ ବର୍ଡ଼ର ଚଳଚ୍ଚିତ୍ରର ଧାରାବାହିକତା ଅବଲମ୍ବନ ପୂର୍ବକ ସନ୍ନି ଦେଓଲ ପୁନରାୟ ଅବତୀର୍ଣ୍ଣ ହୋଇଛନ୍ତି ଲେଫ୍‌ଟାଣ୍ଟ କର୍ଣ୍ଣେଲ ଫତେ ସିଂହ କାଲେର ଭୂମିକାରେ ଯାହାକି ଆଧାରିତ ଏକ ସତ ଚରିତ୍ର ମେଜର ଜେନେରାଲ ହରଦେବ ସିଂ କାଲେରଙ୍କ ଜୀବନ କଥା ଉପରେ।

୧୯୭୧ ରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ସୈନ୍ୟବାହିନୀ ଅପୂର୍ବ ସାହସିକତାର କାହାଣୀର କଥାବସ୍ତୁକୁ ନେଇ ଏଥିରେ ପ୍ରଦର୍ଶିତ ହୋଇଛି ଭାରତୀୟ ଜଳ, ସ୍ଥଳ ଓ ଆକାଶ ବାହିନୀର ସମ୍ମିଳିତ ଅଭିଯାନର ସଫଳତା। ସନ୍ନି ଦେଓଲ ଚଳଚ୍ଚିତ୍ରଟିର କାହାଣୀରେ ମୁଖ୍ୟ ଚରିତ୍ରର ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ୨୭ ବର୍ଷ ତଳେ ମୁକ୍ତିଲାଭ କରିଥିବା ବର୍ଡ଼ର ଚଳଚ୍ଚିତ୍ରରେ ତାଙ୍କର ଚରିତ୍ରକୁ ସ୍ମରଣ କରାଇଦେଇଛନ୍ତି। ସନ୍ନି ଦେଓଲଙ୍କ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ, ଆହାନ ସେଟ୍ଟୀ, ମୋନା ସିଂହ, ସୋନମ ବାଜୱା, ଅନ୍ୟା ସିଂହ ଓ ମେଧା ରାଣା ପ୍ରମୁଖ। ଭାରତୀୟ ପ୍ରତିରକ୍ଷା ବିଭାଗର ଝାନ୍‌ସୀ, କାଣ୍ଟନମେଣ୍ଟ, ବବିନା କାଣ୍ଟନମେଣ୍ଟ ଓ ଖଡ଼ଗ୍ ଭାସଲା ଜାତୀୟ ଏକାଡେମୀ ଭଳି କିଛି ବଛା ବଛା ସ୍ଥାନରେ ଚଳଚ୍ଚିତ୍ରଟିର ସୁଟିଂ କରାଯାଇଛି। ଗୋପନୀୟତା ରକ୍ଷାକରି କିଛି ସାମରିକ ଉଡ଼ାଜାହାଜ ଘାଟୀକୁ ମଧ୍ୟ ସୁଟିଂରେ ଅନ୍ତର୍ଭୁକ୍ତ କରାଯାଇଛି ଯାହାକି ଚଳଚ୍ଚିତ୍ରର କାହାଣୀକୁ ନିଖୁଣ ଭାବରେ ବାସ୍ତବତାର ରୂପରେ ସଜାଇଦେଇଛି। ଚଳଚ୍ଚିତ୍ରରେ ନିଛକ ବାସ୍ତବତା ଆଣିବା ପାଇଁ ପଞ୍ଜାବ, ଉତ୍ତରାଖଣ୍ଡ ଓ ରାଜସ୍ଥାନର କିଛି ରଣଭୂମି ସମେତ ଆଇ.ଏନ୍.ଏସ୍. ବିକ୍ରାନ୍ତରେ ମଧ୍ୟ ସୁଟିଂ କରାଯାଇଛି। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସମ୍ମିଳିତ ଭାବରେ ଅନୁ ମଲିକ, ମିଥୁନ, ସଚେତ୍ ପରଂପରା, ବିଶାଲ ମିଶ୍ର, ଗୁରମୋହ।

ବର୍ଡ଼ର-୨ ବକ୍ସ ଅଫିସ୍‌ରେ ସୁପରହିଟ୍ ହେବା ଆପାତତଃ ସୁନିଶ୍ଚିତ।

**ଖେଳ ଓ ଖେଳାଳୀ**

# ସନ୍ଧିକ୍ଷଣରେ ଭାରତୀୟ କ୍ରୀକେଟ

ଭାରତୀୟ କ୍ରୀକେଟ ଏବେ ଏଭଳି ଏକ ସନ୍ଧିକ୍ଷଣ ଦେଇ ଗତିକରୁଛି ଯାହା ପୂର୍ବେ କେବେବି ହୋଇନଥିଲା। ଅତୀତରେ ପଚାଶ ଷାଠିଏ ଦଶକରେ ଦୁର୍ବଳ ଥିବା ଦଳର ଟେଷ୍ଟ କ୍ରୀକେଟ୍‌ରେ ନୂତନ ଅଭ୍ୟୁଦୟ ସଂଗଠିତ ହୋଇଥିଲା ସତୁରୀ ଦଶକରେ। ଅଶୀ ଦଶକରେ ଭାରତର ଏକଦିବସୀୟ କ୍ରୀକେଟ୍‌ରେ ମଧ୍ୟ ଅଭୂତପୂର୍ବ ଅଭ୍ୟୁଦୟ ଘଟି ବିଶ୍ୱରେ ଏକ ପ୍ରମୁଖ କ୍ରୀକେଟ ଖେଳୁଥିବା ଶକ୍ତିର ସ୍ୱୀକୃତି ପାଇଥିଲା। ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଟି-୨୦ କ୍ରୀକେଟର ଆଗମନ ପରେ ଭାରତ କ୍ରୀକେଟର ତିନୋଟିଯାକ ବିଭାଗରେ ଯଥା ଟେଷ୍ଟ, ଏକଦିବସୀୟ ଓ ଟି-୨୦ ରେ ବିଶ୍ୱର ଶ୍ରେଷ୍ଠ ଦୁଇଦଳ ମଧ୍ୟରେ ସ୍ଥାନ ବଜାୟ ରଖିଲା ଲଗାତାର ଭାବରେ। ୨୦୧୧ ବିଶ୍ୱକପ୍ ବିଜୟଠାରୁ ଆରମ୍ଭ କରି ୨୦୨୪ ଟି-୨୦ ବିଶ୍ୱକପ୍ ବିଜୟ ଦୁଇଥର ଚାମ୍ପିୟାନସ୍ ଟ୍ରଫି ବିଜୟ ଏବଂ ପାଞ୍ଚଥର ଏସିଆ କପ୍ ବିଜୟ ପର୍ଯ୍ୟନ୍ତ ସମୟ ଭାରତୀୟ କ୍ରୀକେଟର ସୁବର୍ଣ୍ଣଯୁଗ ରୂପେ ପରିଗଣିତ ହେଲା। ଏହି ସମୟ ମଧ୍ୟରେ ଦୁଇଟି ବିଶ୍ୱକପ୍ (ଗୋଟିଏ ଏକଦିବସୀୟ ଓ ଗୋଟିଏ ଟି-୨୦) ବିଜୟ ସହ ଥରେ ଲେଖାଏଁ ଉଭୟ ଫର୍ମାଟରେ ରନର୍ସ ଅପ୍ ମଧ୍ୟ ପାଇଛି। ଏପରିକି ଏକଦିବସୀୟ କ୍ଷେତ୍ରରେ ୨୦୨୫ ରେ ଏହା ସର୍ବାଧିକ ମାନ୍ୟତା ସହ ବିଶ୍ୱର ଶ୍ରେଷ୍ଠତମ କ୍ରୀକେଟ ଦଳର କୀର୍ତ୍ତିମାନ ଅର୍ଜନ କରିଛି। ଏହି ସମୟ ମଧ୍ୟରେ ଦୁଇଥର ଟେଷ୍ଟ ଚାମ୍ପିୟାନସିପ୍‌ରେ ରନର୍ସ ଟ୍ରଫି ହାସଲ କରି ଏହା ବିଶ୍ୱର ୨ୟ ଶ୍ରେଷ୍ଠ ଟେଷ୍ଟ ଦଳର ସ୍ୱୀକୃତି ପାଇବା ସହିତ ଟି-୨୦ କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ମଧ୍ୟ ପ୍ରାୟତଃ ବିଶ୍ୱର ଶ୍ରେଷ୍ଠତମ ଦଳର ସ୍ଥାନ ହାସଲ କରିଛି। ବର୍ତ୍ତମାନ ଆପାତତଃ ଏଇ ସୁବର୍ଣ୍ଣଯୁଗର ସମାପ୍ତି ଘଟିଛି ବୋଲି କହିବାରେ କିଛି ଭୁଲ ହେବନାହିଁ କାରଣ ଟେଷ୍ଟ କ୍ରୀକେଟରେ ଭାରତର ମାନ୍ୟତା ଗତବର୍ଷର ପରାଜୟ ସହ ଚଳିତ ଚାମ୍ପିୟାନସିପ୍‌ରେ ବିଫଳତା ନିମନ୍ତେ ନିମ୍ନଗାମୀ ହୋଇସାରିଛି। ନିକଟରେ ନ୍ୟୁଜିଲାଣ୍ଡ ଠାରୁ ଶୃଙ୍ଖଳା ହାରିବା ପରେ ଏକଦିବସୀୟରେ ମାନ୍ୟତା ମଧ୍ୟ ବିଗିଡ଼ି ଯାଇଛି। ଏଇ ଦୁଇଟିଯାକ ଫର୍ମାଟରେ ଉନ୍ନତି ନ ଘଟିଲେ ଆଗାମୀ ଦିନରେ ଭାରତ ତା'ର ସୁବର୍ଣ୍ଣଯୁଗର କୃତିତ୍ୱକୁ ଅଚିରେ ହରାଇବସିବ।

ଏଠି ସ୍ମରଣ କରାଇଦିଆଯିବା ଉଚିତ ମନେ କରାଯାଏ ଯେ ଦୁଇବର୍ଷ ତଳେ ସୁବର୍ଣ୍ଣଯୁଗର ଶେଷ ବେଳକୁ କ୍ରୀକେଟ ବିଶେଷଜ୍ଞମାନେ ଟିପ୍‌ପଣୀ ଦେଉଥିଲେ ଯେ ଭାରତୀୟ ଦଳରେ ସାମିଲ ହୋଇନପାରି ବାହାରେ ଅପେକ୍ଷା କରିଥିବା ଖେଳାଳୀମାନଙ୍କୁ ନେଇ ଦଳଟି ପୃଥିବୀର ଅନ୍ୟ ଯେକୌଣସି ଦେଶର ଦଳର ସମକକ୍ଷ ଅର୍ଥାତ୍ ଭାରତୀୟ କ୍ରୀକେଟ ପ୍ରତିଭାରେ ଭରପୂର ଥିଲା ଏବଂ ଅନ୍ୟାନ୍ୟ ଦେଶ ସେଥି ନିମନ୍ତେ ଈର୍ଷାନ୍ୱିତ ଥିଲେ। ରୋହିତ ଓ ବିରାଟଙ୍କ ଅବସର ଘୋଷଣା ହୋଇଥିଲା ଗୌତମ ଗମ୍ଭୀର କୋଚିଂ ଦାୟିତ୍ୱ ନେବାର କିଛି ଦିନ ପରେ। କ'ଣ ଏଭଳି ଘଟିଥିଲା ଯେ ଏକା ସମୟରେ କୋହଲୀ, ରୋହିତ ଓ ଅଶ୍ୱିନ ଅବସର ନେଇଯିବା ଶ୍ରେୟସ୍କର ମନେ କଲେ ? ଯଦି ପ୍ରତିଭାରେ ଭରପୂର ଥିଲା ଆମ କ୍ରୀକେଟ୍ କେଉଁଥିପାଇଁ ସେମାନଙ୍କର ଶୂନ୍ୟସ୍ଥାନ ପୂରଣ ହୋଇପାରିଲାନି ଏବଂ ଦଳ ଦୁର୍ବଳ ହୋଇଗଲା ? କେଉଁ କାରଣରୁ ଋଷଭ ପନ୍ତ, ସମ୍ମି ଓ ଯଶସ୍ୱୀଙ୍କ ଭଳି ଖେଳାଳୀ ଉପେକ୍ଷିତ ? ଖେଳାଳୀ ମାନଙ୍କୁ ବାରମ୍ବାର ପରୀକ୍ଷା ନିରୀକ୍ଷା କରି ଚୟନ କରିବା ଓ ଅପ୍ରତ୍ୟାଶିତ ବିଦାୟ ଦେବା କେଉଁ ରଣନୀତିର ଅଂଶ ବିଶେଷ ? ବାମହାତି ଓ ଡାହାଣ ହାତି ବ୍ୟାଟର୍ ଓ ବୋଲର ମାନଙ୍କୁ ଉପଯୁକ୍ତ ଭାବରେ ସନ୍ତୋଳିତ କରି ଚୟନ କରିବା ଏବଂ ଦଳରେ ବ୍ୟାଟିଂ କ୍ରମ ସ୍ଥିର କରି ବ୍ୟାଟରମାନଙ୍କୁ ମନୋବୈଜ୍ଞାନିକ ପ୍ରୋତ୍ସାହନ ଦେବା କାହିଁକି ଏପର୍ଯ୍ୟନ୍ତ ହୋଇପାରିନି ? ଆଇ.ପି.ଏଲ୍. ରେ ନିର୍ଦ୍ଦିଷ୍ଟ ଦଳରୁ ଖେଳୁଥିବା ଖେଳାଳୀମାନଙ୍କୁ ଅଗ୍ରାଧିକାର ଦେଇ ଅନ୍ୟ ପ୍ରତିଭାମାନଙ୍କୁ ଉପେକ୍ଷା କରିବା କିଭଳି ଯୁକ୍ତିଯୁକ୍ତ ? ଦ୍ରାବିଡ଼ ଓ ଶାସ୍ତ୍ରୀଙ୍କ ବିଦାୟ ପରେ ଗମ୍ଭୀରଙ୍କର କୋଚିଂ ଦକ୍ଷତାରେ କିଛି ପକ୍ଷପାତିତା ନାହିଁ ବୋଲି କେହି ଜୋର ଦେଇ କହିପାରିବେକି ? ଗୋଟିଏ ସ୍ଥିର ଓ ସଫଳତାର ଶୀର୍ଷରେ ଥିବା ଦଳକୁ ଭବିଷ୍ୟତ ଯୋଜନା ରଖି ଦଳ ଗଠନ କରିବାର ଦୋହିଦେବା ଦ୍ୱାରା ଏଭଳି ଦଳକୁ ଭାଙ୍ଗିରୁଜି ଚୂରମାର କରିଦେବାର ଏକ ଉଦ୍ୟମ ବୋଲି କାହିଁକି କୁହାଯାଇପାରିବନି ? ଅଧିକ ପରୀକ୍ଷା ନିରୀକ୍ଷା ଓ ଖେଳାଳୀମାନଙ୍କ ମନରେ ଭରସାର ଅଭାବ ସୃଷ୍ଟି କରିବା କଣ ଏକ ଭଲ ଲକ୍ଷଣ କି ? ଫୁଟବଲରେ ୪୦ ବର୍ଷୀୟ ରୋନାଲଡୋ ଓ ୩୮ ବର୍ଷୀୟ ମେସି ସେମାନଙ୍କ ଜାତୀୟ ଦଳରେ ଏବେବି ସ୍ଥାନ ପାଉଥିଲା ବେଳେ କିନ୍ତୁ ୩୮ ବର୍ଷୀୟ ରୋହିତ ଓ ୩୭ ବର୍ଷୀୟ କୋହଲୀ ସଂପୂର୍ଣ୍ଣ ଫିଟ୍ ଥିବାବେଳେ ଜାତୀୟ ଦଳ ପାଇଁ ବୟସାଧିକ୍ୟ ଦୃଷ୍ଟିରୁ ଚୟନ କରାନଯିବାର ଚିନ୍ତାଧାରା କେଉଁ ସୁସ୍ଥ ମାନସିକତାର ପରିଚାୟକ ?

ଏତେ ଗୁଡ଼ିଏ ପ୍ରଶ୍ନର ସଠିକ ଉତ୍ତର ପାଇବା କଷ୍ଟକର। ସେଇଥିପାଇଁ ଆମେ କହୁଛୁ ଯେ ଏଭଳି ମାନସିକତା ଓ ସନ୍ଦେହର ବାତାବରଣ ଆଜି ଭାରତୀୟ କ୍ରୀକେଟକୁ ଏକ ସନ୍ଧିକ୍ଷଣରେ ପହଞ୍ଚାଇଦେଇଛି।

Postal Regd. No. CK (C)/91/2024-2026
The Samaroha February - 2026, Vol. - 35, Issue - 5
RNI Regd. No. : 034056/1981

# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

**₹ 25/-**

Date of Publication : 03.02.2026
Facebook: The Samaroha
E-mail: thesamaroha@gmail.com, Website: www.samaroha.in